- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-259 ♦BHUBANESWAR ♦THURSDAY ♦14 MARCH 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୫୯ ♦ଭୁବନେଶ୍ୱର ♦ଗୁରୁବାର ♦୧୪ ମାର୍ଚ୍ଚ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦




ବାୟୋପିକ୍‌କୁ ନେଇ ବିମୁଖ ଜିନତ୍

▶ଭିତର ପୃଷ୍ଠାରେ...

# ଆଉ ୨୨ ନୂଆ ଏନ୍‌ଏସି



## ମୁଖ୍ୟମନ୍ତ୍ରୀଙ୍କ ବଡ଼ ନିଷ୍ପତ୍ତି

## ପୌରପାଳିକାକୁ ଉନ୍ନୀତ ହେଲା ଭଞ୍ଜନଗର ବିଜ୍ଞାପିତ ଅଞ୍ଚଳ ପରିଷଦ

**ଜିଲ୍ଲା ଗସ୍ତ ବେଳେ '୫-ଟି' ଅଧ୍ୟକ୍ଷଙ୍କୁ ପ୍ରସ୍ତାବ ଆଧାରରେ ନିଷ୍ପତ୍ତି**

**ଗତମାସରେ ଘୋଷଣା ହୋଇଥିଲା ୩୫ ଏନ୍‌ଏସି, ୫ ମ୍ୟୁନିସିପାଲିଟି**

■ **ଭୁବନେଶ୍ୱର, ୧୩।୩ (ସମିସ):** ଜିଲ୍ଲାସ୍ତରରେ ବିକାଶ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଉ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ୧୩ଟି ଜିଲ୍ଲାରେ ୨୨ଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି) ଗଠନ ସହ ଗଞ୍ଜାମର ଭଞ୍ଜନଗର ଏନଏସିକୁ ମ୍ୟୁନିସିପାଲିଟିକୁ ଉନ୍ନୀତ କରାଯିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଗତମାସରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ନୂଆ ୩୫ଟି ଏନଏସି ଏବଂ ୫ଟି ନୂଆ ମ୍ୟୁନିସିପାଲିଟି ଘୋଷଣା କରିଥିଲେ। ଆଜି ନୂତନ ଭାବରେ ଆଉ ୨୨ ନୂଆ ଏନ୍‌ଏସି ଘୋଷଣା ପରେ ନବଗଠିତ ଏନ୍‌ଏସି ସଂଖ୍ୟା ୫୭ ଓ ମ୍ୟୁନିସିପାଲଟି ସଂଖ୍ୟା ୬ରେ ପହଞ୍ଚିଛି ।

ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ବୌଦ୍ଧ ଜିଲ୍ଲାର ମନମୁଣ୍ଡା, ପୁରୁଣା କଟକ ଓ ବାଉଁଶୁଣୀ, ବଲାଙ୍ଗିର ଜିଲ୍ଲାର ଲୋଇସିଂହା ଓ ସିନ୍ଧେକେଲା, ବରଗଡ ଜିଲ୍ଲାର ସୋହେଲା, ବାଲେଶ୍ୱର ଜିଲ୍ଲାର ବାଲିଆପାଳ ଓ ଖଇରା, ଭଦ୍ରକର ଧାମରା, ଢେଙ୍କାନାଳର ରାସୋଳ, ଜଗତସିଂହପୁର ଜିଲ୍ଲାର କୁଜଙ୍ଗ, କଳାହାଣ୍ଡିର ନର୍ଲା ଓ ମଦନପୁର ରାମପୁର ବିଜ୍ଞାପିତ ଅଞ୍ଚଳର ମାନ୍ୟତା ପାଇଛି। ସେହିପରି ଖୋର୍ଦ୍ଧା ଜିଲ୍ଲାର ବୋଲଗଡ, ନୟାଗଡ଼ର ଶରଣକୁଳ, ପୁରୀର ସାକ୍ଷୀଗୋପାଳ ଓ କାକଟପୁର, ସମ୍ବଲପୁରର ରେଙ୍ଗାଲି ଓ ବାମଣ୍ଡା ଏବଂ ସୁବର୍ଣ୍ଣପୁର ଜିଲ୍ଲାର ସୁବଳୟା ,ଉଲୁଣ୍ଡା ଓ ରାମପୁର ଆଦି ସ୍ଥାନକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ବିଭିନ୍ନ ଜିଲ୍ଲା ଗସ୍ତ ଓ ଜନଶୁଣାଣି ଅବସରରେ ଜନସାଧାରଣଙ୍କ ପ୍ରସ୍ତାବ ଏବଂ ବିକାଶର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି।

ଜନସାଧାରଣଙ୍କ ଦାବି, କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ କରାଯାଇଛି। ସ୍ଥାନୀୟ ଅଞ୍ଚଳର ସାମଗ୍ରିକ ବିକାଶ କ୍ଷେତ୍ରରେ ନବଗଠିତ ପରିଷଦ ଗୁଡ଼ିକ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ପରେ ରାଜ୍ୟବ୍ୟାପୀ ଖୁସିର ମାହୋଲ ଖେଳିଯାଇଛି। ନିଜ ଅଞ୍ଚଳର ଦୀର୍ଘଦିନର ଦାବି ପୂରଣ ହୋଇଥିବାରୁ ସଂପୃକ୍ତ ଅଞ୍ଚଳର ଲୋକେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅନ୍ୟପକ୍ଷରେ ବୁଦ୍ଧିଜୀବୀ ମହଲ ମୁଖ୍ୟମନ୍ତ୍ରୀଙ୍କ ଉପରୋକ୍ତ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଏବଂ ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ନୂଆ ଏନଏସି ଏବଂ ମୁନିସିପାଲଟିର ଯଥେଷ୍ଟ ଆବଶ୍ୟକତା ଥିଲାବୋଲି ସେମାନେ ମତବ୍ୟକ୍ତ କରିଛନ୍ତି।

# କନିଷ୍ଠ ଶିକ୍ଷକଙ୍କ ଦରମା ୨୦ ହଜାର

**ଉପକୃତ ହେବେ ସାରା ରାଜ୍ୟର ୧୨୭୮୪ କନିଷ୍ଠ ଶିକ୍ଷକ**

**ପିଛିଲା ଭାବେ ୨୦୨୩ ଜାନୁଆରୀ ପହିଲାରୁ ହେବ ଲାଗୁ**

**'୫-ଟି' ଅଧ୍ୟକ୍ଷଙ୍କ ଜିଲ୍ଲା ଗସ୍ତ ଅବସରରେ ମିଳିଥିଲା ପ୍ରସ୍ତାବ**

■ **ଭୁବନେଶ୍ୱର, ୧୩।୩ (ସମିସ):** ରାଜ୍ୟରେ ଶିକ୍ଷା ଭିତ୍ତିଭୂମିର ରୂପାନ୍ତରଣ ସହ ଶିକ୍ଷକମାନଙ୍କର ହିତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିକଟରେ ଏକାଧିକ ପଦକ୍ଷେପ ନେଇଛନ୍ତି। ଏହିକ୍ରମରେ ରାଜ୍ୟରେ କାର୍ଯ୍ୟରତ ପ୍ରାୟ ୧୨୭୮୪ ଜଣ କନିଷ୍ଠ ଶିକ୍ଷକଙ୍କ ଦରମା ବୃଦ୍ଧି ଭେଟି ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ରାଜ୍ୟରେ ଥିବା ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ ନିୟୋଜିତ ହୋଇଥିବା କନିଷ୍ଠ ଶିକ୍ଷକ (ଯେଉଁମାନେ ଯୋଜନା ଭିତ୍ତିକ ପଦବୀରେ ୩ ବର୍ଷ କାର୍ଯ୍ୟ କରିସାରିଛନ୍ତି) ସେମାନଙ୍କର ବିଭିନ୍ନ ଦାବିକୁ ବିଚାରକୁ ନେଇ ସରକାର ତାଙ୍କ ମାସିକ ପାରିଶ୍ରମିକ ୧୩,୮୦୦ ପରିବର୍ତ୍ତେ ୨୦,୦୦୦ ଟଙ୍କା କରିବା ପାଇଁ ସ୍ଥିର କରିଛନ୍ତି । ଏହି ବୃଦ୍ଧି ପିଛିଲା ଭାବେ ୨୦୨୩ ମସିହା ଜାନୁଆରୀ ପହିଲାଠାରୁ ଲାଗୁ ହେବ। ଏହା ଦ୍ୱାରା ରାଜ୍ୟର କାର୍ଯ୍ୟରତ ୧୨,୭୮୪ ଜଣ କନିଷ୍ଠ ଶିକ୍ଷକ ଉପକୃତ ହେବେ। ଏଥିପାଇଁ ଅତିରିକ୍ତ ୯୫ କୋଟି ଟଙ୍କା ବାର୍ଷିକ ଖର୍ଚ୍ଚ ହେବ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ଅବସରରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ନିୟୋଜିତ ଥିବା କନିଷ୍ଠ ଶିକ୍ଷକମାନେ ସେମାନଙ୍କ ଅସୁବିଧା ସଂପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ୫-ଟି ଅଧ୍ୟକ୍ଷ ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବା ପରେ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି।

## ବଢ଼ିଲା ପୌର ପ୍ରତିନିଧିଙ୍କ ଭତ୍ତା ଓ ପାରିତୋଷିକ

# ମେୟରଙ୍କୁ ୫୦ ହଜାର, ପୌରାଧ୍ୟକ୍ଷଙ୍କୁ ୧୫ ହଜାର

**ଡେପୁଟି ମେୟରଙ୍କୁ ୨୦ ହଜାର, ପୌର ଉପାଧ୍ୟକ୍ଷଙ୍କୁ ୧୦ ହଜାର**

**ଏନ୍‌ଏସି ଅଧ୍ୟକ୍ଷଙ୍କୁ ମାସିକ ୧୦ ହଜାର, ଉପାଧ୍ୟକ୍ଷଙ୍କୁ ୭୫୦୦**

**ମୃତ୍ୟୁ ଓ ସ୍ଥାୟୀ ଅକ୍ଷମତା କ୍ଷେତ୍ରରେ ୨ ଲକ୍ଷ ଟଙ୍କା ଅନୁକମ୍ପା ରାଶି**

■ **ଭୁବନେଶ୍ୱର, ୧୩।୩ (ସମିସ):** ସହରାଞ୍ଚଳବାସୀଙ୍କୁ ଉତ୍ତମ ସେବା ଯୋଗାଇଦେବା କ୍ଷେତ୍ରରେ ସହରାଞ୍ଚଳର ଲୋକ ପ୍ରତିନିଧିଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଦୀର୍ଘଦିନ ହେଲା ସେମାନେ ସେମାନଙ୍କର ଭତ୍ତା ଓ ପାରିତୋଷିକ ବୃଦ୍ଧି ପାଇଁ ଦାବି କରି ଆସୁଥିଲେ। '୫-ଟି' ଅଧ୍ୟକ୍ଷଙ୍କ ଜିଲ୍ଲା ଗସ୍ତ ସମୟରେ ବିଭିନ୍ନ ଅଞ୍ଚଳର ସହରାଞ୍ଚଳର ନିର୍ବାଚିତ ଲୋକ ପ୍ରତିନିଧି ଏ ଦିଗରେ ବିଚାରବିମର୍ଶ କରିବାକୁ ଅନୁରୋଧ କରିଥିଲେ। ହୋଲି ପୂର୍ବରୁ ସହରାଞ୍ଚଳର ଲୋକ ପ୍ରତିନିଧିମାନଙ୍କ ଭତ୍ତା ଓ ପାରିତୋଷିକ ବୃଦ୍ଧି ଉପହାର ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ରାଜ୍ୟର ମହାନଗର ନିଗମ, ପୌର ପରିଷଦ ଓ ବିଜ୍ଞପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ର ମେୟର, ଡେପୁଟି ମେୟର, ଅଧ୍ୟକ୍ଷ, ଉପାଧ୍ୟକ୍ଷ, କର୍ପୋରେଟର ଓ କାଉନସିଲରଙ୍କ ପାରିତୋଷିକ ଓ ଭତ୍ତା ବୃଦ୍ଧି ନିମନ୍ତେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ପଞ୍ଚମ ରାଜ୍ୟ ଅର୍ଥ କମିଶନଙ୍କ ସୁପାରିଶ ତଥା ଓଡ଼ିଶା ମ୍ୟୁନିସିପାଲ କର୍ପୋରେସନ ରୁଲ୍ସ- ୨୦୦୪ ଓ ଓଡ଼ିଶା ମ୍ୟୁନିସିପାଲିଟି ରୁଲ୍ସ-୧୯୫୩ ରେ ସଂଶୋଧନ ଆଣି ଏହି ବୃଦ୍ଧି କରାଯାଇଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

ମହାନଗର ନିଗମମାନଙ୍କର ମେୟରମାନେ ପାରିତୋଷିକ ଭାବରେ ପୂର୍ବରୁ ପାଉଥିବା ୮ ହଜାର ଟଙ୍କା ବଦଳରେ ଏଣିକି ମାସିକ ୫୦ ହଜାର ଟଙ୍କା ପାଇବେ। ସେହିପରି ଡେପୁଟି ମେୟରମାନଙ୍କ ପାରିତୋଷିକ ମାସିକ ୫ ହଜାର ଟଙ୍କାରୁ ୨୦ ହଜାର ଟଙ୍କା, ପୌରପରିଷଦ ▶ପୃଷ୍ଠା-୮

# ପଦ୍ମ ସମ୍ମାନପ୍ରାପ୍ତ ଓଡ଼ିଆଙ୍କୁ ମାସିକ ୨୫ ହଜାର ଟଙ୍କା

■ **ଭୁବନେଶ୍ୱର, ୧୩।୩ (ସମିସ):** ସମାଜକୁ ବଳିଷ୍ଠ ଅବଦାନର ସ୍ୱୀକୃତି ସ୍ୱରୂପ ପଦ୍ମ ସମ୍ମାନପ୍ରାପ୍ତ କୃତୀ ବ୍ୟକ୍ତି ବିଶେଷଙ୍କୁ ମାସକୁ ୨୫ ହଜାର ଟଙ୍କା ଲେଖାଏଁ ଅର୍ଥ ରାଶି ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଚଳିତ ବର୍ଷ ଅପ୍ରେଲ ମାସ ଠାରୁ ଏହି ସମ୍ମାନ ରାଶି ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

ପଦ୍ମ ପୁରସ୍କାର ଦେଶର ଗୌରବମୟ ବେସାମରିକ ସମ୍ମାନ। ବିଭିନ୍ନ କ୍ଷେତ୍ରରେ ଦେଶକୁ ଗୌରବାନ୍ୱିତ କରିଥିବା ବ୍ୟକ୍ତିବିଶେଷଙ୍କୁ ଏହି ସମ୍ମାନ ମିଳିଥାଏ। ପଦ୍ମ ପୁରସ୍କାରପ୍ରାପ୍ତ କୃତୀ ସନ୍ତାନ ମାନେ ସେମାନଙ୍କ ପ୍ରତିଭା ଓ ସେବା କାର୍ଯ୍ୟ ଦ୍ୱାରା ଓଡ଼ିଶାର ଗୌରବ ବୃଦ୍ଧି କରିଛନ୍ତି। ତେଣୁ ସେମାନଙ୍କୁ ସମ୍ମାନ ସ୍ୱରୂପ ଏହି ଅର୍ଥରାଶି ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି ।




ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-259 ♦BHUBANESWAR ♦THURSDAY ♦14 MARCH 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୫୯ ♦ଭୁବନେଶ୍ୱର ♦ଗୁରୁବାର ♦୧୪ ମାର୍ଚ୍ଚ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦


# ପୁଲିସ ସହ ଗୁଳିବିନିମୟ; ଜଣେ ମାଓବାଦୀ ମୃତ

■ **ମାଲକାନଗିରି,୧୩।୩(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲାରେ ପୁଲିସକୁ ମିଳିଛି ବଡ଼ ସଫଳତା। ମାଓଦମନ ନିମନ୍ତେ ତଲାସୀ ଅଭିଯାନରେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିବାବେଳେ ଏଥିରେ ଜଣେ ମାଓବାଦୀର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ବିଜାପୁର ଜିଲ୍ଲା ଗଙ୍ଗାଲୁର ଥାନା ଅନ୍ତର୍ଗତ ଦାନ୍ତେୱାଡ଼ାର ପିଡ଼ିଆ ଜଙ୍ଗଲରେ ଡିଆରଜି, ବସ୍ତର ଫାଇଟର୍ସ, ଦାନ୍ତେୱାଡ଼ା, ବିଜାପୁର ଏବଂ ସୁକୁମା ସ୍ପେଶାଲ ଟାସ୍କଫୋର୍ସ ଏବଂ ସିଆରପିଏଫର କୋବ୍ରା ବାଟାଲିୟନ ମିଳିତ ଭାବେ ମାଓଦମନ ନିମନ୍ତେ ତଲାସୀ ଅଭିଯାନ କରୁଥିବାବେଳେ ଜଙ୍ଗଲ ମଧ୍ୟରେ ମାଓବାଦୀଙ୍କ ଉପସ୍ଥିତି ଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇ ତଲାସୀ ଅଭିଯାନକୁ ଜାରି ରଖିଥିଲେ। ଏହି ସମୟରେ ମାଓବାଦୀମାନେ ଯବାନଙ୍କ ଉପରକୁ ଗୁଳିଚାଳନା କରିଥିଲେ। ପରେ ଯବାନମାନେ ମଧ୍ୟ ଏହାର ପ୍ରତି ଉତ୍ତର ଦେଇଥିବାବେଳେ ଉଭୟଙ୍କ ମଧ୍ୟରେ ଗୁଳିବିନିମୟ ଘଟିଥିଲା। ଏହି ଗୁଳିବିନିମୟରେ ଯବାନଙ୍କ ଆକ୍ରମଣକୁ ସାମ୍ନା କରି ନ ପାରି ମାଓବାଦୀମାନେ ଜଙ୍ଗଲ ମଧ୍ୟରେ ଛତ୍ରଭଙ୍ଗ ଦେଇଥିଲେ। ଏହା ପରେ ଯବାନମାନେ ପୁନଃ ସର୍ଚ୍ଚ ଅପରେସନ ସମୟରେ ଜଣେ ମାଓବାଦୀଙ୍କ ମୃତଦେହ ଯବାନମାନେ ଜବତ କରିଥିଲେ। ଏଥିସହ ଘଟଣାସ୍ଥଳରୁ ବିପୁଳ ପରିମାଣର ଗୁଳି, ବାରୁଦ ଇତ୍ୟାଦି ମଧ୍ୟ ଜବତ କରିଥିବା ବିଜାପୁର ଏସପି ଚନ୍ଦ୍ରକାନ୍ତ ଗବର୍ଣ୍ଣା ସୂଚନା ଦେଇଛନ୍ତି।






# କ୍ରୀଡ଼ା କ୍ଷେତ୍ରରେ ସବୁ ରାଜ୍ୟ ପାଇଁ ଓଡ଼ିଶା ମଡେଲ: ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର,୧୩।୩(ସମିସ):** କୋରାପୁଟ ଜିଲ୍ଲା ଜୟପୁରଠାରେ ଏକ ଅତ୍ୟାଧୁନିକ ସ୍ପୋର୍ଟସ କମ୍ପ୍ଲେକ୍ସର ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ୧୧ ଏକର ପରିମିତ ଏହି ଜୟପୁରର ସ୍ପୋର୍ଟସ କମ୍ପ୍ଲେକ୍ସରେ ଏକ ପ୍ରାକୃତିକ ଫୁଟବଲ ପଡ଼ିଆ ଓ ସିନ୍ଥେଟିକ୍ ଆଥଲେଟିକ୍ ଟ୍ରାକ୍ ରହିଥିବା ବେଳେ ଏଠାରେ ୫୦୦ ଦର୍ଶକ ବସିବାର କ୍ଷମତା ରହିଛି। ଏଠାରେ ଅନ୍ତର୍ଜାତୀୟ ମାନର ଉପକରଣ ସହିତ ଏକ ଜିମ୍ନାଷ୍ଟିକ୍ ସେଣ୍ଟର, ଅଲିମ୍ପିକ୍ ଆକାରର ସୁଇମିଂ ପୁଲ୍, ଦୁଇଟି ସିନ୍ଥେଟିକ୍ ଟେନିସ୍ କୋର୍ଟ ଏବଂ ଗୋଟିଏ ବାସ୍କେଟବଲ୍ କୋର୍ଟ ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ୧୨ ଜିଲ୍ଲାରେ ୨୬ଟି ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମର ମଧ୍ୟ ଶୁଭାରମ୍ଭ କରିଛନ୍ତି।

ଏହା ବ୍ୟତୀତ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଏବଂ କ୍ରୀଡ଼ା ପରିବେଶ ସୃଷ୍ଟି ଦିଗରେ ଓଡ଼ିଶା ନିଜର ପ୍ରୟାସକୁ ଅଧିକ ସୁଦୃଢ଼ କରିବା ସହିତ ୧୨ଟି ଜିଲ୍ଲାରେ ୨୬ ଟି ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କରାଯାଇଛି। ଯେଉଁଥିରେ ବ୍ୟାଡମିଣ୍ଟନ, ଟେବୁଲ ଟେନିସ, ଯୋଗ, ଚେସ୍, ଭାରୋତ୍ତୋଳନ ଓ ଜିମ୍ ଆଦି କ୍ରୀଡ଼ା ପାଇଁ ସୁବିଧା ରହିଛି। ଗାଁଠାରୁ ସହର ପର୍ଯ୍ୟନ୍ତ ରାଜ୍ୟର ସବୁ ସ୍ଥାନରେ ବୃତ୍ତିଗତ କ୍ରୀଡାର ବିକାଶ ପାଇଁ ୫-ଟି ଉପକ୍ରମ ଅଧୀନରେ ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ କରାଯାଇଛି। ଏହି ପ୍ରକଳ୍ପ ଗୁଡିକର ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜୟପୁରର ସ୍ପୋର୍ଟସ କମ୍ପ୍ଲେକ୍ସ କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାର ଯୁବ ପ୍ରତିଭାମାନଙ୍କୁ କ୍ରୀଡା କ୍ଷେତ୍ରରେ ଉତ୍ସାହିତ କରିବ।

**■ ଜୟପୁରରେ ସ୍ପୋର୍ଟସ କମ୍ପ୍ଲେକ୍ସ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ**
**■ ୧୨ଟି ଜିଲ୍ଲାରେ ୨୬ଟି ବହୁମୁଖୀ ଇନ୍‌ଡୋର୍ ଷ୍ଟାଡିୟମର ଶୁଭାରମ୍ଭ**

ଦକ୍ଷିଣ ଓଡ଼ିଶାରେ କ୍ରୀଡାର ବିକାଶ ପାଇଁ ଏହି କମ୍ପ୍ଲେକ୍ସ ପ୍ରମୁଖ ଭୂମିକା ଗ୍ରହଣ କରିବ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏକ ଦକ୍ଷ ଯୁବ ସମାଜ ଗଠନ ପାଇଁ ଆମେ କ୍ରୀଡା ଉପରେ ଅଧିକ ଗୁରୁତ୍ୱ ଦେଉଛୁ। ଏହା ଦ୍ୱାରା ଓଡ଼ିଶା ଆଜି ସାରା ବିଶ୍ୱରେ କ୍ରୀଡା କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛି। କ୍ରୀଡା କ୍ଷେତ୍ରରେ ଆଜି ସବୁ ରାଜ୍ୟ ଓଡ଼ିଶା ମଡେଲକୁ ଅନୁସରଣ କରୁଛନ୍ତି। ଇନ୍‌ଡୋର ଷ୍ଟାଡିୟମ ଉଦଘାଟନ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ସବୁ ଇନଡୋର୍ ଷ୍ଟାଡିୟମ ରାଜ୍ୟରେ କ୍ରୀଡା ସଂସ୍କୃତିକୁ ଆହୁରି ଆଗକୁ ନେବ। ବିଶେଷ କରି ବୃତ୍ତିଗତ କ୍ରୀଡା କ୍ଷେତ୍ରରେ ଏହା ଆମ ପିଲାମାନଙ୍କ ପାଇଁ ବହୁ ସୁଯୋଗ ସୃଷ୍ଟି କରିବ। ଗାଁ ଓ ଛୋଟ ସହରର ପିଲାମାନେ ବହୁ ସଂଖ୍ୟାରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଭାଗ ନେଇ ପାରିବେ ଏବଂ ଓଡ଼ିଶାରେ କ୍ରୀଡ଼ା ସଂସ୍କୃତିର ବିକାଶ ପାଇଁ ଆମର ପ୍ରୟାସ ଗୁଡିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।




ଏହି ଅବସରରେ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଥିବା ସବୁ ସ୍ପୋର୍ଟସ୍ କମ୍ପ୍ଲେକ୍ସ ଗୁଡିକ ଓଡ଼ିଶାବାସୀଙ୍କ ଟଙ୍କାରେ ତିଆରି ହୋଇଛି। ଏହା ଆପଣମାନଙ୍କର ସମ୍ପତ୍ତି, ରାଜ୍ୟବାସୀଙ୍କ ସମ୍ପତ୍ତି। ଆପଣମାନଙ୍କ ସମ୍ପତ୍ତି ହୋଇଥିବାରୁ ଏଗୁଡିକୁ ସଠିକ୍ ଭାବେ ଉପଯୋଗ କରିବା ଏବଂ ଉପଯୁକ୍ତ ରକ୍ଷଣାବେକ୍ଷଣ କରିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଜୟପୁରଠାରେ ଯୋଗଦେଇ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା କ୍ରୀଡାକୁ ସର୍ବୋଚ୍ଚ ସ୍ତରକୁ ନେବା ପାଇଁ ରାଜ୍ୟ ସରକାର ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି ଏବଂ ବିଭିନ୍ନ କ୍ରୀଡା ଭିତ୍ତିଭୂମି ନିର୍ମାଣ ଓ ଉନ୍ନତ ତାଲିମ ପ୍ରଦାନ ଜରିଆରେ ଓଡ଼ିଶା ଏକ କ୍ରୀଡା ପ୍ରୋତ୍ସାହକ ରାଜ୍ୟ ଭାବେ ଆଗ ଧାଡିରେ ରହି ଆସିଛି ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବ ସେବା ବିଭାଗର କମିଶନର ତଥା ଶାସନ ସଚିବ ଆର. ଭିନୀଲ କ୍ରିଷ୍ଣା ସ୍ୱାଗତ ଭାଷଣ ଦେଇ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଏବଂ ଯୁଗପୋଯୋଗୀ

**ସ୍ପୋର୍ଟସ୍ କମ୍ପ୍ଲେକ୍ସଗୁଡ଼ିକ ରାଜ୍ୟର ସମ୍ପତ୍ତି; ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଆପଣମାନଙ୍କର: ପାଣ୍ଡିଆନ**

ମାର୍ଗ ଦର୍ଶନ ପାଇଁ ଓଡ଼ିଶା ଆଜି କ୍ରୀଡା କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି କହିଛନ୍ତି। ଜୟପୁରଠାରେ କ୍ରୀଡା ବିଭାଗର କୋଚ ସୁମନ୍ତ ନାରାୟଣ ସାହୁ ତାଙ୍କ ଅଭିଜ୍ଞତା ବର୍ଣ୍ଣନା କରି ଏହି ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଦ୍ୱାରା ଅବିଭକ୍ତ କୋରାପୁଟ ଜିଲ୍ଲାର ବହୁ କ୍ରୀଡାବିତ ଅଭ୍ୟାସ ଜରିଆରେ ଉପକୃତ ହେବେ ଏବଂ ସେମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ରାଜ୍ୟ ପାଇଁ ସୁନାମ ଆଣିବେ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବରଦାନ ସାଜିଲା ବିଏସ୍‌କେୱାଇ

## ମହିଳାଙ୍କ ପେଟରୁ ବାହାରିଲା ୭ କେଜିର ଟ୍ୟୁମର୍



■ **ବାଲେଶ୍ୱର, ୧୩।୩(ସମିସ):** ଭୋଗରାଇ ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଅଞ୍ଚଳର ଜଣେ ମହିଳା ଏହି ବିଏସ୍‌କେୱାଇ କାର୍ଡ ଜରିଆରେ ଚିକିତ୍ସିତ ହୋଇ ପେଟ ଯନ୍ତ୍ରଣାରୁ ମୁକ୍ତି ପାଇଛନ୍ତି। ସୂଚନା ଅନୁସାରେ, ଭୋଗରାଇ ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଅଞ୍ଚଳର ସଞ୍ଜୁଲତା ଘୋଷ ଦୀର୍ଘ ତିନିବର୍ଷ ଧରି ପେଟରେ ଯନ୍ତ୍ରଣା ଅନୁଭବ କରୁଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ସେ ସ୍ଥାନୀୟ ଆଇଟିଆଇସ୍ଥିତ ଜୟଶ୍ରୀ ହେଲଥ କେୟାରରେ ଭର୍ତ୍ତି ହୋଇଥିଲେ। ସେଠାରେ ଡାକ୍ତର ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ପେଟରେ ଟ୍ୟୁମର୍ ହୋଇଥିବା ଜଣାପଡ଼ିଥିଲା। ଡା. ଜ୍ୟୋତି ନାରାୟଣ ପୁହାଣ, ଡା. ଚନ୍ଦ୍ରକାନ୍ତ ମଲ୍ଲିକଙ୍କ ସମେତ ସହଯୋଗୀମାନେ ଦୀର୍ଘ ୫ ଘଣ୍ଟା ଧରି ଉକ୍ତ ମହିଳାଙ୍କ ଅସ୍ତ୍ରୋପଚାର କରି ତାଙ୍କ ପେଟରୁ ୭ କେଜି ଓଜନର ଏକ ଟ୍ୟୁମର୍ ବାହାର କରିଥିଲେ। ଅସ୍ତ୍ରୋପଚାର ପରେ ସଞ୍ଜୁଲତା ସୁସ୍ଥ ରହିଥିବା ନେଇ ଜୟଶ୍ରୀ ହସପିଟାଲର ନିର୍ଦ୍ଦେଶକ ଶ୍ରୀକାନ୍ତ ମହାପାତ୍ର କହିଛନ୍ତି।

# ଆଞ୍ଚଳିକ ବିକାଶକୁ ତ୍ୱରାନ୍ୱିତ କରୁଛି 'ଲକ୍ଷ୍ମୀ' ବସ୍

■ **ମାଥିଲି,୧୩।୩(ସମିସ):** ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ଗମନାଗମନରେ ଯୋଡ଼ିବା ପାଇଁ ଲକ୍ଷ୍ମୀ ବସ୍ ସେବା ଶୁଭାରମ୍ଭ କରି ଏକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି ରାଜ୍ୟ ସରକାର। ଲକ୍ଷ୍ମୀ ବସ ସେବାର ଶୁଭାରମ୍ଭ କରି ଗ୍ରାମାଞ୍ଚଳର

**ବ୍ୟବସାୟ, ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଓ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ସଂଖ୍ୟା ବୃଦ୍ଧି**

ଲୋକଙ୍କ ଗମନାଗମନର ସୁବିଧା କରିବା ଦ୍ୱାରା ସେଠାକାର ଲୋକମାନଙ୍କ ଆର୍ଥିକ, ସ୍ୱାସ୍ଥ୍ୟ ଓ ଶିକ୍ଷା ସହିତ ବିଭିନ୍ନ ପ୍ରକାର ଉନ୍ନତି ହୋଇଥିବା ଦେଖିବାକୁ ମିଳିଛି। ଲକ୍ଷ୍ମୀ ବସ ସେବା ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଥମେ ୧୨ ଅକ୍ଟୋବର ୨୦୨୩ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉପାନ୍ତ ମାଲକାନଗିରି ଜିଲ୍ଲାରେ ଶୁଭାରମ୍ଭ ହୋଇଥିଲା। ଜିଲ୍ଲାରେ ମୋଟ ୭ ବ୍ଲକ ପାଇଁ ୩୬ଟି ଲକ୍ଷ୍ମୀ ବସ୍ ଚାଲୁ ହୋଇଥିବାବେଳେ ଆଦିବାସୀ ବହୁଳ ମାଥିଲି ବ୍ଲକର ୨୦ଟି ପଞ୍ଚାୟତ ପାଇଁ ୭ଟି ସାଧାରଣ ଲକ୍ଷ୍ମୀ ବସ୍ ଓ ବ୍ଲକ ସଦର ମହକୁମାରୁ ଜିଲ୍ଲା ମୁଖ୍ୟାଳୟକୁ ଗୋଟିଏ ଶୀତତାପ ନିୟନ୍ତ୍ରଣ ବସ୍ ଯୋଗାଇ ଦିଆଯାଇଥିଲା। ସୀମାନ୍ତ ଛତିଶଗଡ଼ ରାଜ୍ୟର ପଞ୍ଚାୟତ କମାରପାଲ୍ଲୀ, ମହୁପଦର, ଟେମୁରୁପାଲ୍ଲୀ, ସାଲିମି, କିଆଙ୍ଗ, କର୍ତ୍ତନପାଲ୍ଲୀ, କୁରୁଣୀପାଲ୍ଲୀ, ଧୁଙ୍ଗିଆପୁଟ, ଉଦୁଲିବେଡ଼ା, ଦଳପତିଗୁଡ଼ା ଚେଡ଼େଙ୍ଗା, ମେକ୍କାର କାଳିଆଗୁଡ଼ା, ଚାଉଳମେଦୀ, ଅମ୍ବାଗୁଡ଼ା, ପାଙ୍ଗାମ, ଭେଜାଗୁଡ଼ା, କତ୍ତାପଲ୍ଲୀ, ଭଣ୍ଡାରୀ ପାଙ୍ଗାମ ସମସ୍ତ ପଞ୍ଚାୟତ ସଦର ମହକୁମାରରୁ ଲକ୍ଷ୍ମୀ ବସ ଚାଲିବ। ଯାହାଦ୍ୱାରା ଉଚ୍ଚ ଶିକ୍ଷା କରୁଥିବା ଛାତ୍ରଛାତ୍ରୀମାନେ ସହଜ ଓ ସୁଲଭ ମୂଲ୍ୟରେ ନିଜ ବିଦ୍ୟାଳୟକୁ ପ୍ରତିଦିନ ଆସିପାରୁଛନ୍ତି । ଯାହା ଫଳରେ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ



ଉପସ୍ଥାନ ଦିନକୁ ଦିନ ବୃଦ୍ଧି ପାଇଛି ବୋଲି କର୍ତ୍ତୃପକ୍ଷମାନେ ମତପ୍ରକାଶ କରିଛନ୍ତି। ସେହିପରି ପୂର୍ବରୁ ଗମନାଗମନ ସୁବିଧାସୁଯୋଗ ନଥିବାରୁ ଗ୍ରାମାଞ୍ଚଳର ଲୋକମାନେ ରୋଗଗ୍ରସ୍ତ ହେଲେ ଗୁଣି ଓ ଦିଶାରୀ ଉପରେ ନିର୍ଭର କରୁଥିଲେ। ଯାହା ଫଳରେ ଅକାଳରେ ମୂଲ୍ୟବାନ ଜୀବନ ଚାଲି ଯାଉଥିଲା। କିନ୍ତୁ ବର୍ତ୍ତମାନ ଲକ୍ଷ୍ମୀ ବସ୍ ଚାଲିବା ଫଳରେ ଲୋକମାନେ ଆଉ ଗୁଣି ଦିଶାରୀ ପାଖକୁ ନଯାଇ ସିଧାସଳଖ ଏହି ବସରେ ବସି ମାଥିଲି ଉପଖଣ୍ଡ ଚିକିତ୍ସାଳୟକୁ ଚାଲି ଆସୁଛନ୍ତି। ଲକ୍ଷ୍ମୀ ବସ୍ ଚାଲିବା ପୂର୍ବରୁ ମାଥିଲି ଉପଖଣ୍ଡ ଚିକିତ୍ସାଳୟରେ ରୋଗୀସଂଖ୍ୟା ଦିନକୁ ୨୦୦ରୁ ୨୫୦ ଆସୁଥିବାବେଳେ ବର୍ତ୍ତମାନ ଲକ୍ଷ୍ମୀ ବସ ଚାଲିବା ପରେ ରୋଗୀ ସଂଖ୍ୟା ଦିନକୁ ୩୦୦ ରୁ ୩୫୦ କୁ ବୃଦ୍ଧି ପାଇଛି ବୋଲି ମାଥିଲି ଉପଖଣ୍ଡ ଚିକିତ୍ସାଳୟର ଚିକିତ୍ସା ଅଧିକାରୀ ଡା.ଅମୟକୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ସେହିପରି ମାଥିଲି ବଜାରରେ ବ୍ୟବସାୟୀମାନଙ୍କ ମଧ୍ୟ ବ୍ୟବସାୟ ବୃଦ୍ଧି ପାଇଛି ବୋଲି ଜଣାପଡ଼ିଛି।

## ଲୋକକଥା



ଭୋଅଟ ପୂର୍ବରୁ ମେଣ୍ଟ ଭାଙ୍ଗିଗଲା
ଖସିଲା ଖଟ୍ଟର ପଗଡ଼ି,
ହରିଆଣା ଦେଖେ ବିଜେପି-ଜେଜେପି
ହଉଚନ୍ତି ଗଡ଼ାଗଡ଼ି !
ସ୍ଥିତି ତ ଗଲା ବିଗିଡ଼ି,
ମାଉସୀ ଲୋ ଟିକେ ପିଣ୍ଡା ଦେ' କହି
ଘରକୁ ବସିଲେ ମାଡ଼ି !!

# ଟ୍ରେଲରକୁ ଧକ୍କାଦେଲା ଗୋରୁ ଗାଡ଼ି; ୨ ମୃତ

■ **ବାଲେଶ୍ୱର/ବସ୍ତା,୧୩।୩(ସମିସ):** ୬୦ନମ୍ବର ଜାତୀୟ ରାଜପଥର ବସ୍ତା ଥାନା ହଳଦୀପଦା ନିକଟରେ ବୁଧବାର ଭୋର ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦ୍ରୁତଗତିରେ ଯାଉଥିବା ଗୋରୁ ବୋଝେଇ ପିକଅପ ଭ୍ୟାନ ସମ୍ମୁଖରୁ ଆସୁଥିବା ଏକ ୧୮ଚକିଆ ଟ୍ରେଲରକୁ ଧକ୍କା ଦେଇଥିଲା। ଫଳରେ ପିକ୍‌ଅପ ଭ୍ୟାନ୍‌ଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇ ଥିବା ବେଳେ ଅନ୍ୟ ଏକ ଗାଡ଼ିର ତେଲ ଟାଙ୍କି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ଦୁର୍ଘଟଣା ଯୋଗୁଁ ପିକ୍‌ଅପ ଭ୍ୟାନରେ ଥିବା ୩ଜଣ ବ୍ୟକ୍ତି ଗାଡ଼ି ମଧ୍ୟରେ ଚାପି ହୋଇ ରହିଯାଇଥିଲେ। ଦୀର୍ଘ ସମୟ ପରେ ତିନି ଜଣଙ୍କୁ ଉଦ୍ଧାର କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏଥିରେ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ସୋର ଅଞ୍ଚଳର ସେକ ନବାବ ଧ୍ୱନୀ(୨୪) ଏବଂ ସେକ ସରୁଜୁ(୨୫)। ଅନ୍ୟ ଜଣେ ଗୁରୁତର ସେକ ବଗଦାତ(୩୫)ଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁସାରେ, ଭୋର ପ୍ରାୟ ୫ଟାରେ ସୋର ଅଞ୍ଚଳରୁ ଉକ୍ତ ପିକ୍‌ଅପ ଭ୍ୟାନ୍ ଗୋରୁ ବୋଝେଇ କରି ଦ୍ରୁତଗତିରେ ଜଳେଶ୍ୱର ଅଭିମୁଖେ ଯାଉଥିଲା। ହଳଦୀପଦା ରେଲୱେ ବାଇପାସ ପୋଲ ଉପରେ ରାସ୍ତାକାର୍ଯ୍ୟ ଚାଲୁଥିବା ବେଳେ ଡାଇଭର୍ସନ କରାଯାଇଥିଲା। ସେଠାରେ ପିକଅପ୍ ଭ୍ୟାନଟି ଜଳେଶ୍ୱର ପଟୁ ଆସୁଥିବା ଟ୍ରେଲରକୁ ଜେନା ଢାବା ସମ୍ମୁଖରେ ପିଟିଥିଲା। ଉକ୍ତ ପିକ୍‌ଅପ ଭ୍ୟାନରେ ଥିବା ଗୋରୁ ଗୁଡିକ ମଧ୍ୟ ଆହତ ହୋଇଛନ୍ତି। ଗୋରୁଗୁଡ଼ିକୁ ପୁଲିସ ଉଦ୍ଧାର କରି ନିକଟସ୍ଥ ଗୋଶାଳାକୁ ପଠାଇଛି।



# ପୃଥକ୍ ଦୁର୍ଘଟଣାରେ ୩ ମୃତ

■ **ବାଙ୍ଗିରିପୋଷି/କଳାବାଡ଼ିଆ, ୧୩।୩ (ସମିସ):** ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅଞ୍ଚଳରେ ମଙ୍ଗଳବାର ରାତିରେ ପୃଥକ ଦୁର୍ଘଟଣାରେ ୩ ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ଜାତୀୟ ରାଜପଥ ୧୮ନମ୍ବର କଳାବାଡ଼ିଆ ପଞ୍ଚାୟତ ଜଗନ୍ନାଥଖୁଣ୍ଟା ସୁବର୍ଣ୍ଣରେଖା କେନାଲର ୨୫ ଫୁଟ୍ ତଳକୁ ଏକ ମାଲ୍‌ବୋଝେଇ ଟ୍ରକ୍ ବିଳମ୍ବିତ ରାତିରେ ଖସିପଡ଼ିବାରୁ ଚାଳକ ଓ ହେଲ୍‌ପରଙ୍କ ମୃତ୍ୟୁ ଘଟିଛି। ଏହି ଟ୍ରକଟି ପ୍ଲାଏଉଡ୍ ନେଇ ବିଶାଖାପାଟଣାରୁ ନେପାଳ ଯାଉଥିବାବେଳେ ଭାରସାମ୍ୟ ହରାଇ ପ୍ରଥମେ ପୋଲର ଡିଭାଡର୍‌ରେ ଧକ୍କା ଦେଇ ୨୫ଫୁଟ ତଳ ସୁବର୍ଣ୍ଣରେଖା କେନାଲକୁ ଖସି ପଡ଼ିଥିଲା। ତେବେ ଚାଳକର ଆଖି ଲାଗିଯାଇଥିବା ସନ୍ଦେହ କରାଯାଉଛି। ଖବରପାଇ ଦମକଳବାହିନୀ ଓ ପୁଲିସ ପହଞ୍ଚି ଚାଳକ ଏବଂ ହେଲ୍‌ପରକୁ ରାତି ୨.୩୦ ମିନିଟରେ ବାରିପଦା ପଠାଇଥିଲେ; ହେଲେ ରାସ୍ତାରେ ଉଭୟଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଡ୍ରାଇଭର୍ ଆଜ୍ ନାରାୟଣା (୫୦), ହେଲ୍‌ପର କୟାନା ଚିନାରାଓ (୪୦)। ଉଭୟଙ୍କ ଘର ଆନ୍ଧ୍ର ପ୍ରଦେଶର ବସୁନ୍ଧରା, ଶ୍ରୀକାକୁଲମ ବୋଲି ଜଣାପଡ଼ିଛି। ସେହିପରି ମଙ୍ଗଳବାର ରାତି ୯ଟାରେ ବାଙ୍ଗିରିପୋଷି ଥାନା ଅଧୀନ ୪୯ନମ୍ବର ଜାତୀୟ ରାଜପଥର କତରା ଛକ ନିକଟରେ ଏକ ଦ୍ରୁତଗାମୀ ମାଲବୋଝେଇ ଟ୍ରକ ବାଇକକୁ ଧକ୍କା ଦେଇ ପ୍ରାୟ ଏକ କିଲୋମିଟର ଯାଏ ଘୋଷାଡି ନେଇ ଯିବାରୁ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ବିପିନ କୁମାର ସାହୁ (୭୫)। ସେ ବାଇକ ଯୋଗେ ନିଜ ଗ୍ରାମ ଗୋଷାଣିପାଳରୁ ଜାତୀୟ ରାଜପଥ ପାର ହେଉଥିବାବେଳେ ଦୁର୍ଘଟଣା ଘଟିଥିଲା। ଟ୍ରକ ଚାଳକକୁ

**■ ସୁବର୍ଣ୍ଣରେଖା କେନାଲ ତଳକୁ ଖସିପଡ଼ିଲା ଟ୍ରକ୍**
**■ ଟ୍ରକ୍ ଡ୍ରାଇଭର୍, ହେଲ୍‌ପର ଓ ବାଇକ୍ ଚାଳକ ମୃତ**



ପୁଲିସ ଗିରଫ କରିଛି। ଏହି ଘଟଣା ପରେ ରାତିରେ ଉତ୍ତେଜିତ ଗ୍ରାମବାସୀ ଜାତୀୟ ରାଜପଥ ଅବରୋଧ କରିଥିଲେ। ଉଭୟ ଘଟଣାରେ ବାଙ୍ଗିରିପୋଷି ପୁଲିସ ପୃଥକ୍ ମାମଲା ରୁଜୁ କରିବା ସହିତ ୩ଟି ଶବ ବ୍ୟବଚ୍ଛେଦ କରାଇ ଦୁଇଟି ଟ୍ରକକୁ ଜବତ କରି ଅଧିକ ତଦନ୍ତ ଚଳାଇଛି।

INDIAN RAILWAYS
IRCTC

# ବିକଶିତ ଭାରତ ପାଇଁ ରେଳବାଇର ଆଧୁନିକୀକରଣ
# ମୋଦୀ ସରକାରଙ୍କ ଗ୍ୟାରେଣ୍ଟି










## ସଫଳତାର ଝଲକ

### ସୁଲଭ ପର୍ଯ୍ୟଟନ

**ଭାରତ ଗୌରବ ଟ୍ରେନ୍ :** • ଫେବ୍ରୁଆରୀ ୨୦୨୩ରୁ ୧ ଲକ୍ଷରୁ ଅଧିକ ଯାତ୍ରୀଙ୍କୁ ସୁଲଭ ମୂଲ୍ୟରେ ପର୍ଯ୍ୟଟନ ଓ ତୀର୍ଥଯାତ୍ରାର ଦିବ୍ୟ ଅନୁଭୂତି ପ୍ରଦାନ କରାଯାଇଛି ।

• "ଦେଖୋ ଅପ୍ନା ଦେଶ" ଲକ୍ଷ୍ୟ ଆଧାରରେ **ଆଇଆରସିଟିସି** ଦ୍ୱାରା ବିଭିନ୍ନ ଥିମ୍ ଆଧାରିତ ସର୍କିଟ ଯଥା - ଶ୍ରୀ ରାମାୟଣ ଯାତ୍ରା, ଜୈନ ସର୍କିଟ, ବୌଦ୍ଧ ସର୍କିଟ, ଗାର୍ଭି ଗୁଜରାଟ, ଶ୍ରୀଜଗନ୍ନାଥ ପୁରୀ ଯାତ୍ରା, ପ୍ରବାସୀ ଭାରତୀୟ ଭ୍ରମଣ, ଉତ୍ତର-ପୂର୍ବ ସର୍କିଟ ଇତ୍ୟାଦିରେ ଏହି ଟ୍ରେନ ଚଳାଚଳ କରୁଛି ।

**ଆସ୍ଥା ଟ୍ରେନ୍ :** ସାରା ଦେଶରେ ସାଢ଼େ ୪ ଲକ୍ଷରୁ ଅଧିକ ତୀର୍ଥଯାତ୍ରୀ ଅଯୋଧ୍ୟା ଦର୍ଶନ କରିଛନ୍ତି ।

ସାଂସ୍କୃତିକ ସଙ୍ଗମ ଏବଂ ଏକାଡେମିକ ଆଦାନପ୍ରଦାନ ଉପରେ ଧ୍ୟାନ ଦେଇ କାଶୀ ତାମିଲ ସଙ୍ଗମମ୍, ସୌରାଷ୍ଟ୍ର ତାମିଲ ସଙ୍ଗମମ୍‌କୁ କରାଯାଇଥିବା ଯୁବ ସଙ୍ଗମ ଭ୍ରମଣରେ ୧୦,୦୦୦ରୁ ଅଧିକରୁ ଅଧିକ ପ୍ରତିନିଧି/ ଛାତ୍ରଛାତ୍ରୀ ଯୋଗ ଦେଇଛନ୍ତି ।

### ଇଣ୍ଟରନେଟ୍ ଟିକେଟିଂ - ଡିଜିଟାଲ ଇଣ୍ଡିଆ

**ଆଇଆରସିଟିସି**ର ସେବାକୁ ବ୍ୟବହାର କରି ପ୍ରତି ୫ ଜଣ ଯାତ୍ରୀଙ୍କ ମଧ୍ୟରୁ ୪ ଜଣ ଟିକେଟ ବୁକିଂର ସୁବିଧା ଉପଭୋଗ କରୁଛନ୍ତି ।

ପିକ୍ ଟାଇମ୍ ଟିକେଟ୍ ବୁକିଂ ଚାହିଦାକୁ ପୂରଣ କରିବା ପାଇଁ **ଆଇଆରସିଟିସି**ର ପୋର୍ଟାଲର କ୍ଷମତା ୧୪ ଗୁଣା ବୃଦ୍ଧି କରାଯାଇଛି ।

**ଆଇଆରସିଟିସି** ଦ୍ୱାରା "ଆସ୍କ ଦିଶା" ଚାଟ୍‌ବଟ୍ ମାଧ୍ୟମରେ ୨୪ ଘଣ୍ଟିଆ ଗ୍ରାହକ ସହାୟତା ପାଇଁ ଅଭିନବ ସମାଧାନ ବ୍ୟବସ୍ଥା ।

ମୋବାଇଲ୍ ଭିତ୍ତିକ ପ୍ଲାଟଫର୍ମ ଦ୍ୱାରା "ଅନ୍ ଦି ଗୋ" ଟିକେଟ୍ ବୁକିଂ ସୁବିଧାକୁ ସକ୍ଷମ କରାଯାଇଛି ।

**କେଦାରନାଥ ହେଲିଯାତ୍ରା**, ବିଳାସପୂର୍ଣ୍ଣ ଟ୍ରେନ୍, ରିଟାୟରିଂ ରୁମ୍, ହୋଟେଲ, ବସ୍, ଫ୍ଲାଇଟ୍ ଏବଂ ଲାଉଞ୍ଜ ବୁକିଂ ପାଇଁ **ଆଇଆରସିଟିସି** ପକ୍ଷରୁ ଅନ୍‌ଲାଇନ୍ ସେବାର ବ୍ୟବସ୍ଥା ।

### କ୍ୟାଟରିଂ - ସ୍ୱତନ୍ତ୍ର ଉଲ୍ଲେଖ

କୋଭିଡ୍ ମହାମାରୀ ସମୟରେ ଫସି ରହିଥିବା ୨୧ ଲକ୍ଷରୁ ଅଧିକ ଲୋକଙ୍କୁ ରାଜ୍ୟ, ରେଳବାଇ ଏବଂ ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସହଯୋଗରେ ଆଇଆରସିଟିସି ଦ୍ୱାରା ନିର୍ଦ୍ଧାରିତ ବେସ୍ କିଚେନ୍‌ରୁ ଖାଦ୍ୟ ଦିଆଯାଇଥିଲା ।

ରେଳ ନୀର୍ ପ୍ଲାଣ୍ଟରେ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରି ଯାତ୍ରୀଙ୍କୁ ସ୍ୱାସ୍ଥ୍ୟକର, ଉନ୍ନତ ମାନର ଓ ସୁଲଭ ମୂଲ୍ୟରେ ପାନୀୟ ଜଳ ଯୋଗାଣ ।

ଆଇଆରସିଟିସିର ମାର୍କେଟ କ୍ୟାପ୍ ତାଲିକାଭୁକ୍ତ ହେବା ତାରିଖ (୧୪.୧୦.୨୦୧୯) ରେ ୧୧,୬୫୭ କୋଟି ଟଙ୍କା ଥିବା ବେଳେ ଏହା ୫୩୨% ହାରରେ ବୃଦ୍ଧି ପାଇ (୧୨.୦୩.୨୦୨୪ ସୁଦ୍ଧା) ୭୩,୬୫୨ କୋଟି ଟଙ୍କାରେ ପହଞ୍ଚିଛି; ଯାହାଦ୍ୱାରା ନିବେଶକଙ୍କ ସମ୍ପତ୍ତି ବୃଦ୍ଧି ପାଇଛି ।









# ତାପମାତ୍ରା ୩୯ ଡିଗ୍ରୀ ଟପିଲା

## ବର୍ଷା ଯୋଗୁଁ ମିଳିପାରେ ସାମାନ୍ୟ ଆଶ୍ୱସ୍ତି

**ଭୁବନେଶ୍ୱର, ୧୩।୩(ସମିସ):** ରାଜ୍ୟରେ ତାପମାତ୍ରା ଉପର ମୁହାଁ ହୋଇଛି। ଫଳରେ ବୁଧବାର ପ୍ରଥମଥର ପାଇଁ ରାଜ୍ୟରେ ତାପମାତ୍ରା ୩୯ ଡିଗ୍ରୀ ଅତିକ୍ରମ କରିଛି। ଗତ ୨-୩ ଦିନ ହେବ ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଯାହାର ପରିଣାମ ସ୍ୱରୂପ ଚଳିତ ବର୍ଷ ଗ୍ରୀଷ୍ମ ଋତୁରେ ପ୍ରଥମଥର ପାଇଁ ତାପମାତ୍ରା ୩୯ ଡିଗ୍ରୀ ଅତିକ୍ରମ କରିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବୁଧବାର ବୌଦ୍ଧରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୯.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ ହୋଇଥିବା ବେଳେ ଭବାନୀପାଟଣାରେ ସର୍ବୋଚ୍ଚ ଦିନ ତାପମାତ୍ରା ୩୯.୪ ଡିଗ୍ରୀ ରେକର୍ଡ ହୋଇଛି। ଏହି ଦୁଇ ସହର ବ୍ୟତୀତ ରାଜ୍ୟର ଅନ୍ୟ ୬ ଟି ସହରରେ ତାପମାତ୍ରା ୩୮ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ ହୋଇଛି। ଏଥିରେ ବଲାଙ୍ଗୀରରେ ୩୮.୯, ସୋନପୁର ୩୮.୭, ଝାରସୁଗୁଡ଼ା ୩୮.୬, ଟିଟିଲାଗଡ଼ ୩୮.୫ ଡିଗ୍ରୀ ରହିଥିବା ବେଳେ ମୋଟ୍ ୧୪ଟି ସହରରେ ତାପମାତ୍ରା ୩୭ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ କାରଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ଆହୁରି ୨-୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ହେବାର ସମ୍ଭାବନା ରହିଛି। ମାତ୍ର ଏହା ପରେ ତାପମାତ୍ରାରେ ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ ବୋଲି ପାଣିପାଗ କେନ୍ଦ୍ର କହିଛି। ବର୍ତ୍ତମାନ ଆଭ୍ୟନ୍ତରୀଣ ଓଡ଼ିଶାରୁ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ପର୍ଯ୍ୟନ୍ତ ଏକ ଟ୍ରଫଲାଇନ ପଡ଼ିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ କିଛି କିଛି ବର୍ଷା ଜାରି ରହିଛି।


ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-259 ◆BHUBANESWAR ◆THURSDAY ◆14 MARCH 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୫୯ ◆ଭୁବନେଶ୍ୱର ◆ଗୁରୁବାର ◆୧୪ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦







## 'ସୁରକ୍ଷିତ ଓଡ଼ିଶା' ପାଇଁ ଆଉ ଏକ ପଦକ୍ଷେପ

# ୨୯ ଥାନା, ଫାଣ୍ଡି ଓ ଏସ୍‌ଡିପିଓ ବିଲ୍ଡିଂ ଉଦ୍‌ଘାଟିତ

**ଭୁବନେଶ୍ୱର,୧୩।୩(ସମିସ):** ରାଜ୍ୟରେ ୨୯ ଟି ଥାନା, ଫାଣ୍ଡି ଓ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟର ନୂଆ ବିଲ୍ଡିଂ ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବୁଧବାର ଭିଡିଓ କନଫରେନ୍ସ ମାଧ୍ୟମରେ ଏହି ନବ ନିର୍ମିତ ବିଲ୍ଡିଂଗୁଡ଼ିକର ଉଦ୍‌ଘାଟନ କରି ଓଡ଼ିଶା ପୁଲିସକୁ ଲୋକଙ୍କ ସହ ବୃତ୍ତିଗତ ବ୍ୟବହାର ପ୍ରଦର୍ଶନ ସହ ଉତ୍ତମ ସେବା ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ଥାନା, ଫାଣ୍ଡିଗୁଡ଼ିକର ଭିତ୍ତିଭୂମି ବିକାଶ ସହ ବୈଷୟିକ ଭାବେ ଦକ୍ଷ କରାଯାଇଛି। ଏଥିପାଇଁ ରାଜ୍ୟରେ ସୁରକ୍ଷା ସୁନିଶ୍ଚିତ ହେବା ସହ 'ସୁରକ୍ଷିତ ଓଡ଼ିଶା'କୁ ବାସ୍ତବରେ ପରିଣତ କରିବା ପାଇଁ ପ୍ରୟାସ କରୁଥିବା ସମସ୍ତ ପୁଲିସ ଫୋର୍ସ ଓ ଏଥିରେ ନିୟୋଜିତ ସମସ୍ତ କର୍ମକର୍ତ୍ତାଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇନ୍ତି।

ବୁଧବାର ଉଦ୍‌ଘାଟିତ ହୋଇଥିବା ଏହି ବିଲ୍ଡିଂଗୁଡ଼ିକ ପାଇଁ ୫୩ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ଏହା ନାଗରିକ-କୈନ୍ଦ୍ରିକ ଓଡ଼ିଶା ଗଠନ ପାଇଁ ଏକ ପ୍ରମୁଖ ପଦକ୍ଷେପ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। '୫-ଟି' ପଦକ୍ଷେପ ଗ୍ରହଣ କରି ଏହି ଭିତ୍ତିଭୂମି ଲୋକମାନଙ୍କ ପାଇଁ ଏକ ନିରାପଦ ପରିବେଶ ସୃଷ୍ଟି କରିବା କ୍ଷେତ୍ରରେ ସହାୟକ ହେବ। ଏହାସହିତ ଆମର ପ୍ରତିବଦ୍ଧତା ଓ ପୁଲିସ ଏବଂ ଜନସାଧାରଣଙ୍କ ମଧ୍ୟରେ ସକରାତ୍ମକ ସମ୍ପର୍କ ସ୍ଥାପନ କରିବ। ସେହିପରି ରାଜ୍ୟର ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଉତ୍ସର୍ଗୀକୃତ ମନୋଭାବକୁ ମଧ୍ୟ ପ୍ରତିପାଦିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୋ ସରକାର ସର୍ବଦା ଲିଙ୍ଗଗତ ସମ୍ବେଦନଶୀଳତାର ଗୁରୁତ୍ୱକୁ ସ୍ୱୀକୃତି ଦେଇଛି। ଏଥିପାଇଁ ପ୍ରତ୍ୟେକ ବିଲ୍ଡିଂରେ ପୀଡିତାଙ୍କ ପାଇଁ କାଉନସେଲିଂ ରୁମ୍ ସହିତ ମହିଳା ଏବଂ ଶିଶୁଙ୍କ ପାଇଁ ପୃଥକ



ନେଟୱାର୍କ ସହିତ ସମନ୍ୱିତ ବ୍ୟବସ୍ଥା ଓ ସିସିଟିଭି କ୍ୟାମେରା ଭଳି ଅତ୍ୟାଧୁନିକ ସୁବିଧା ଉପରେ ଗୁରୁତ୍ୱ ଦେଉଛନ୍ତି। ଟେକ୍ନୋଲୋଜି ବ୍ୟବହାର ଦ୍ୱାରା ଦକ୍ଷ ତଥା ପ୍ରଭାବଶାଳୀ ଆଇନ ପ୍ରଣୟନ ବ୍ୟବସ୍ଥା ସୁନିଶ୍ଚିତ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। କାର୍ଯ୍ୟକ୍ରମରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଯୋଗ ଦେଇ କହିଛନ୍ତି ଯେ 'ମୋ ସରକାର' ନୀତିକୁ

■ **ଅତ୍ୟାଧୁନିକ ସେବା ସହ ବିଲ୍ଡିଂ ପାଇଁ ଖର୍ଚ୍ଚ ହୋଇଛି ୫୩ କୋଟି ଟଙ୍କା**
■ **ବୃତ୍ତିଗତ ବ୍ୟବହାର ସହ ଲୋକଙ୍କ ସେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ**
■ **'ମୋ ସରକାର' ନୀତିର ଉତ୍ତମ ପାଳନ କରୁଛି ଓଡ଼ିଶା ପୁଲିସ: ପାଣ୍ଡିଆନ୍**

ଡେସ୍କ ବ୍ୟବସ୍ଥା କରାଯାଇଛି। ଓଡ଼ିଶାରେ ରାଜ୍ୟ ସରକାର "ଅନ୍ତର୍ଭୁକ୍ତୀକରଣ'କୁ ମୌଳିକ ନୀତି ଭାବେ ଗ୍ରହଣ କରୁଛନ୍ତି। ତେଣୁ ଉଦ୍‌ଘାଟିତ ହୋଇଥିବା ପ୍ରତ୍ୟେକ ଅଟ୍ଟାଳିକାରେ "ସମସ୍ତଙ୍କ ପାଇଁ ଉପଲବ୍ଧତା'କୁ ସୁନିଶ୍ଚିତ କରାଯାଇ ଭିନ୍ନକ୍ଷମଙ୍କ ପାଇଁ ରାମ୍ପ ବ୍ୟବସ୍ଥା କରାଯିବା ଖୁସିର କଥା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ଲୋକଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର କ୍ରାଇମ୍ ଏବଂ କ୍ରାଇମବ୍ରାଞ୍ଚ ଟ୍ରାକିଂ ଓଡ଼ିଶା ପୁଲିସ ଆନ୍ତରିକତାର ସହ ଅନୁପାଳନ କରୁଛି। ବିଭିନ୍ନ ସ୍ଥାନରୁ ସଂଗ୍ରହ ହେଉଥିବା ମତାମତ ବହୁତ ଭଲ ରହୁଛି। ଏହା ବ୍ୟତୀତ ଆଗାମୀ ଦିନରେ ମଧ୍ୟ ପୁଲିସ ପ୍ରଶାସନ ଲୋକମାନଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ଆଭିମୁଖ୍ୟ ରଖି କାର୍ଯ୍ୟ କରିବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଗୃହମନ୍ତ୍ରୀ ତୁଷାରକାନ୍ତି ବେହେରା ପୁଲିସ ଡିଜି ଅରୁଣ କୁମାର ଷଡ଼ଙ୍ଗୀ ଏବଂ ଗୃହ ବିଭାଗର ବରିଷ୍ଠ ଅଧିକାରୀ ଏବଂ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।




# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-259 •BHUBANESWAR •THURSDAY •14 MARCH 2024 •PAGE-20 •₹ 6.00

•ବର୍ଷ-୪୧ •ସଂଖ୍ୟା-୨୫୯ •ଭୁବନେଶ୍ୱର •ଗୁରୁବାର •୧୪ ମାର୍ଚ୍ଚ ୨୦୨୪ •ପୃଷ୍ଠା-୨୦ •ଟ.୬.୦୦


# ଭି-ସାଟ୍ ନଜରରେ ରହିବ ଶିମିଳିପାଳ

■ **ବାରିପଦା, ୧୩।୩(ସମିସ):** ପ୍ରାକୃତିକ ସୁଷମାରାଜିରେ ଭରପୂର ଏସିଆ ମହାଦେଶର ଦ୍ୱିତୀୟ ବୃହତ ଜୈବ ମଣ୍ଡଳ ଭାବେ ପ୍ରସିଦ୍ଧି ଲାଭ କରିଥିବା ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା ବ୍ୟବସ୍ଥାରେ ଗୋଟିଏ ପରେ ଗୋଟିଏ ନୂତନ ଫର୍ଦ୍ଦ ଯୋଡ଼ି ହେଉଛି। ସେହି କ୍ରମରେ ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା ନିମନ୍ତେ ଉପଗ୍ରହ 'ଭି-ସାଟ୍' ନଜରରେ ରହିବ। ଏ ନେଇ ବନ ବିଭାଗ

**ଶିକାରୀଙ୍କ ପ୍ରାଦୁର୍ଭାବରୁ ସମ୍ପୂର୍ଣ୍ଣ ମୁକ୍ତ କରିବାକୁ ପଦକ୍ଷେପ**



ପକ୍ଷରୁ ବ୍ୟବସ୍ଥା କରାଯାଉଛି ବୋଲି ରାଜ୍ୟ ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ (ପିସିସିଏଫ୍) ୱାଇଲ୍ଡ ଲାଇଫ୍ ସୁଶାନ୍ତ କୁମାର ନନ୍ଦ ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ଦୁଇଟି ଅଭୟାରଣ୍ୟ ଯୋଡ଼ି ହୋଇଥିବା ବେଳେ ସେଥିରେ ଶିମିଳିପାଳ ରହିଛି। ସମ୍ପ୍ରତି ବନ୍ୟପ୍ରାଣୀ ସୁରକ୍ଷା ଲାଗି ଡିଜିଟାଲ ଅଭିନବତ୍ୱକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ। ସୂଚନା ଅନୁଯାୟୀ, ଅଭୟାରଣ୍ୟର ସୁରକ୍ଷା ନିମନ୍ତେ ସମ୍ପ୍ରତି ନୂତନ ବୈଷୟିକ ଜ୍ଞାନକୌଶଳ ଉପଯୋଗିତାକୁ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଚଳିତ ମାସରେ ଶିମିଳିପାଳ ଅଭୟାରଣ୍ୟରେ ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି 'ଭି-ସାଟ୍' ବ୍ୟବସ୍ଥା କରାଯିବା ସହ ୨୩ଟି ସେଣ୍ଟରକୁ ଯୋଡ଼ାଯିବ। ଏ ନେଇ ପୂର୍ବରୁ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଶିମିଳିପାଳ ଅଭୟାରଣ୍ୟର ବଫର ଜୋନରୁ କୋର୍ ଜୋନକୁ ପ୍ରବେଶ ନିମନ୍ତେ ଥିବା ପ୍ରବେଶ ପଥ ଓ ଅନ୍ୟାନ୍ୟ ସ୍ଥାନ ପ୍ରମୁଖରେ 'ଉପଗ୍ରହ' ସହିତ ଯୋଡ଼ାଯିବାର ବ୍ୟବସ୍ଥା କରାଯିବ। ଯଦ୍ଦ୍ୱାରା ଶିମିଳିପାଳର ପ୍ରତି ମୁହୂର୍ତ୍ତରେ କ'ଣ ସବୁ ଘଟୁଛି, ତାହାର ଟିକିନିଖି ଖବର ରଖାଯିବ। ଏଥିସହିତ 'ଭିଓଆଇପି ଫୋନ୍' ବ୍ୟବସ୍ଥା କରାଯିବ। ଶିମିଳିପାଳର ବହୁତ ଅଞ୍ଚଳରେ ମୋବାଇଲ ନେଟୱାର୍କ ବ୍ୟବସ୍ଥା ଠିକ୍‌ଭାବେ ପହଞ୍ଚି ପାରୁନାହିଁ। ତେଣୁ ଏହାକୁ ଦୃଷ୍ଟିରେ ରଖି ଏହି ଫୋନ ବ୍ୟବସ୍ଥା କରାଯାଇଛି। ଏହି ଫୋନ ଦ୍ୱାରା ବନ୍ୟପ୍ରାଣୀଙ୍କ ଗତିବିଧି ଉପରେ ନଜର ରଖାଯିବା ସହିତ ଶିକାରୀଙ୍କ କ୍ଷେତ୍ରରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ଅଭୟାରଣ୍ୟର ସୁରକ୍ଷା ନିମନ୍ତେ ଏସ୍‌ଟିପିଏଫ ମୁତୟନ ସମେତ ବନ କର୍ମଚାରୀଙ୍କୁ ବନ୍ଧୁକ ଦିଆଯିବା ପରେ ଏହା ଆଉ ଏକ ପଦକ୍ଷେପ ଭାବେ ବନବିଭାଗ ଗ୍ରହଣ କରିବାକୁ ଯାଉଛି। ଅଭୟାରଣ୍ୟରେ ଶିକାରୀଙ୍କ ପ୍ରାଦୁର୍ଭାବକୁ ସମ୍ପୂର୍ଣ୍ଣ ଭାବେ ରୋକିବା ଏହାର ମୂଳଲକ୍ଷ୍ୟ ରହିଛି। ଅନ୍ୟପଟେ ଶିମିଳିପାଳ ଅଭୟାରଣ୍ୟକୁ ସୁରକ୍ଷା ଦେବା ପାଇଁ ବନ ବିଭାଗ ପକ୍ଷରୁ କରାଯାଉଥିବା ପ୍ରୟାସ ପ୍ରଶଂସନୀୟ ଏବଂ ସ୍ୱାଗତଯୋଗ୍ୟ ବୋଲି ପରିବେଶପ୍ରେମୀମାନେ ମତପ୍ରକାଶ କରିଛନ୍ତି।

# ବିବାହ ଶୋଭାଯାତ୍ରାରେ ଛୁରାମାଡ଼; ଯୁବକ ମୃତ

■ **ମୋହନା,୧୩।୩(ସମିସ):** ବିବାହ ଶୋଭାଯାତ୍ରା ଛୁରାମାଡ଼ରେ ଚନ୍ଦ୍ରଗିରି ଗାଁର ପ୍ରଶାନ୍ତ ପ୍ରଧାନ (୩୨)ଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ପରେ ଗଜପତି ଜିଲ୍ଲା ମୋହନା ଥାନା ଚନ୍ଦ୍ରଗିରିରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଉତ୍ତ୍ୟକ୍ତ ଲୋକେ ଅଭିଯୁକ୍ତର ଘର ପୋଡ଼ିଦେବା ସହ ତାର ଭାଇ ଓ ସମ୍ପର୍କୀୟଙ୍କ ଗାଡି, ଦୋକାନ ମଧ ଜାଳି ଦେଇଛନ୍ତି। ଛୁରାମାଡ଼ କରିଥିବା ଅଭିଯୁକ୍ତ ଶ୍ରୀହରି ପ୍ରଧାନକୁ ପୁଲିସ ଗିରଫ କରିଛି।

ମଙ୍ଗଳବାର ରାତିରେ ଚନ୍ଦ୍ରଗିରିରେ ଜଣେ ଯୁବକଙ୍କ ବିବାହ ଶୋଭାଯାତ୍ରା ଚାଲିଥିଲା। ଏହି ସମୟରେ ଚନ୍ଦ୍ରଗିରିର

**■ ଅଭିଯୁକ୍ତଙ୍କ ଘର ଜାଳିଦେଲେ ଉତ୍ତ୍ୟକ୍ତ**
**■ ୧୯ ଘଣ୍ଟା ପରେ ହଟିଲା ରାସ୍ତାରୋକ**

ପ୍ରଶାନ୍ତ ପ୍ରଧାନଙ୍କୁ ଅତର୍କିତ ଭାବେ ଛୁରାମାଡ କରିଥିଲା ଶ୍ରୀହରି ପ୍ରଧାନ। ଗୁରୁତର ଅବସ୍ଥାରେ ପ୍ରଶାନ୍ତକୁ ଚନ୍ଦ୍ରଗିରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ଗାଁ ଲୋକେ। ହେଲେ ଡାକ୍ତର ପ୍ରଶାନ୍ତକୁ ମୃତ ଘୋଷଣା କରିଥିଲେ। ହତ୍ୟାକାରୀ ଯୁବକଙ୍କୁ ହସ୍ତାନ୍ତର ଦାବି ସହ ୮ ଦଫା ଦାବିରେ ମଙ୍ଗଳବାର ରାତି ଠାରୁ ଚନ୍ଦ୍ରଗିରିରେ ରାସ୍ତା ଅବରୋଧ କରିଥିଲେ ସ୍ଥାନୀୟ ଲୋକେ। ଏଥିଯୋଗୁଁ ମୋହନା - ପାରଳାଖେମୁଣ୍ଡି ୩୨୬ନମ୍ବର ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଥିଲା। ଦାବି ପୂରଣ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଚେତାବନୀ ଦେଇଥିଲେ ଆନ୍ଦୋଳନକାରୀ। ମୃତ ଯୁବକ ପ୍ରଶାନ୍ତ ଗତ ଫେବୃଆରୀ ୨୭ ତାରିଖରେ ବିବାହ କରିଥିଲେ। ତାଙ୍କ ବିବାହକୁ ମାତ୍ର ୧୫ଦିନ ହୋଇଛି। ତେଣୁ ତାଙ୍କ ପରିବାର ଉଜୁଡ଼ି ଯାଇଛି। ଅଭିଯୁକ୍ତଙ୍କ ବିରୋଧରେ କଡ଼ା ପଦକ୍ଷେପ ଦାବି କରିଛନ୍ତି ମୃତକଙ୍କ ପରିବାର ଲୋକେ। ରାତିରେ ହତ୍ୟା ଖବର ପାଇ ମୋହନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲା। ସ୍ଥିତି ନିୟନ୍ତ୍ରଣ ପାଇଁ ଆର.ଉଦୟଗିରି ଏସ୍‌ଡିପିଓ ଅଶ୍ୱିନୀ ନାୟକ, ତହସିଲଦାର ସତ୍ୟବାନ ନାୟକ, ମୋହନା ଥାନା ଅଧିକାରୀ ବସନ୍ତ ସେଠୀ ଘଟଣା ସ୍ଥଳରେ ପହଞ୍ଚି



ଲୋକଙ୍କୁ ବୁଝାସୁଝା କରିଥିଲେ। ଘଟଣାଟି ଅତି ସମ୍ବେଦଶୀଳ ଥିବା ଯୋଗୁଁ ୪ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ଅଭିଯୁକ୍ତ ଶ୍ରୀହରୀ ପ୍ରଧାନଙ୍କୁ ପୁଲିସ ଗିରଫ କରିଥିବା ବେଳେ ଘଟଣାରେ ଯିଏ ସମ୍ପୃକ୍ତ ଥିଲେ ତାଙ୍କୁ ମଧ ଗିରଫ କରାଯିବ ବୋଲି ଏସ୍‌ଡିପିଓ କହିଛନ୍ତି।

ଅନ୍ୟ ପକ୍ଷରେ ସ୍ଥିତି ଜଟିଳ ହେଉଥିବା ଦେଖି ଗଜପତି ଅତିରିକ୍ତ ଜିଲ୍ଲାପାଳ ବିରେନ୍ଦ୍ର ଦାସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ଲୋକେ ରାସ୍ତାରୋକରୁ ହଟିଥିଲେ। ଫଳରେ ଦୀର୍ଘ ୧୯ ଘଣ୍ଟା ପରେ ଉକ୍ତ ରାସ୍ତାରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଛି।

## 'ଚ-ଟି' ଅଧ୍ୟକ୍ଷଙ୍କୁ ଭେଟି କୃତଜ୍ଞତା ଜଣାଇଲେ ୧୯ ସଂଗଠନ

# ମିଳିମିଶି ଗଢ଼ିବା ନୂଆ ଓଡ଼ିଶା: ପାଣ୍ଡିଆନ

■ **ଭୁବନେଶ୍ୱର,୧୩।୩(ସମିସ):** ଦେଶର ସବୁଠାରୁ ପଛୁଆ ରାଜ୍ୟ ଥିବା ଓଡ଼ିଶା ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଶିଖର ଛୁଇଁଛି। 'ଚ-ଟି' ଉପକ୍ରମରେ ରାଜ୍ୟର ପ୍ରତି କ୍ଷେତ୍ରରେ ରୂପାନ୍ତରଣ ସୁନିଶ୍ଚିତ କରାଯାଉଛି। ସେଥିପାଇଁ ମୁଖ୍ୟମନ୍ତ୍ରୀ ଏବଂ 'ଚ-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି ବିଭିନ୍ନ ସଂଘ ଓ ସଙ୍ଗଠନର କର୍ମକର୍ତ୍ତା।

ଆଜି ପ୍ରାୟ ୧୯ଟି ସରକାରୀ ଏବଂ ବେସରକାରୀ ସଂଗଠନ 'ଚ-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ସେମାନଙ୍କର ଦାବି ପୂରଣ କରିଥିବାରୁ ସାଧୁବାଦ ଜ୍ଞାପନ

**ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପ ଆମକୁ କଠିନ ପରିଶ୍ରମ ପାଇଁ ପ୍ରେରଣା ଯୋଗାଇଛି**



କରିଛନ୍ତି। ଅପରପକ୍ଷେ ଶ୍ରୀ ପାଣ୍ଡିଆନ ମୁଖ୍ୟମନ୍ତ୍ରୀଙ୍କ ଅଭିଳଷିତ 'ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା' ଗଠନ ନିମନ୍ତେ ମିଳିତ ଭାବେ ଉଦ୍ୟମ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଜଣାଇଛନ୍ତି । ରାଜ୍ୟକୁ ପ୍ରତିଟି କ୍ଷେତ୍ରରେ ମଡେଲ ରାଜ୍ୟରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ବହୁ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏଥିରେ ଆମେ ସମସ୍ତେ ହାତକୁ ହାତ ମିଶାଇ, କାନ୍ଧକୁ କାନ୍ଧ ମିଶାଇ କାର୍ଯ୍ୟ କରିବାକୁ ଶ୍ରୀ ପାଣ୍ଡିଆନ କହିଛନ୍ତି।

କଟକ ମହାନଗର ନିଗମ ମେୟର ସୁବାସ ସିଂଙ୍କ ନେତୃତ୍ୱରେ ଏଆଇଟିୟୁସି, ସିଟୁ ଏବଂ ବିଏମଏସ(ସ୍ୱାସ୍ଥ୍ୟ କ୍ଷେତ୍ର)ର ପ୍ରତିନିଧିମାନେ ନବୀନ ନିବାସରେ ଶ୍ରୀ ପାଣ୍ଡିଆନଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିଥିଲେ। ସେହିପରି ସୁବାସ ନେତୃତ୍ୱରେ ବିଜୁ ଶ୍ରମିକ ସାମ୍ମୁଖ୍ୟର କର୍ମକର୍ତ୍ତା 'ଚ-ଟି' ଅଧ୍ୟକ୍ଷଙ୍କୁ ସାକ୍ଷାତ କରିଥିଲେ। ସୁବୋଧ ରଣାଙ୍କ ନେତୃତ୍ୱରେ ଅଲ୍ ଓଡ଼ିଶା ସରପଞ୍ଚ ସଂଘ, ଦେବାଶିଷ ପଟ୍ଟନାୟକଙ୍କ ନେତୃତ୍ୱରେ ଅଲ୍ ଓଡ଼ିଶା ଜିଲ୍ଲା ପରିଷଦ ସଦସ୍ୟ ସଂଘର କର୍ମକର୍ତ୍ତାମାନେ 'ଚ-ଟି' ଅଧ୍ୟକ୍ଷଙ୍କୁ ସାକ୍ଷାତ କରିବା ସହ ସେମାନଙ୍କର ବହୁଦିନର ଦାବି ମୁଖ୍ୟମନ୍ତ୍ରୀ ପୂରଣ କରିଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ।

ଅପରପକ୍ଷେ ରଞ୍ଜିତ ନାୟକଙ୍କ ନେତୃତ୍ୱରେ ଓଡ଼ିଶା ପୁଲିସ ସେବା ସଂଘ, ଏସ୍‌କେ ନିଜାମୁଦ୍ଦିନଙ୍କ ନେତୃତ୍ୱରେ ଭୁବନେଶ୍ୱର କବରସ୍ତାନ କମିଟି ସହ ଖୋର୍ଦ୍ଧା ଜିଲ୍ଲା ତରାରୁଆ ଏବଂ ସରହଦପୁରର ଏମପିସିସି ଲାଭାର୍ଥୀ, ପୁରୀ ଜିଲ୍ଲା ବ୍ରହ୍ମଗିରି ଅନ୍ତର୍ଗତ ମାଣିକପାଟଣା ଓ ପଲଙ୍କ, ଖୋର୍ଦ୍ଧା ଜିଲ୍ଲା ବୋଲଗଡ ଅନ୍ତର୍ଗତ ମାଣିକଗୋଡ଼ା, ପୁରୀ ଜିଲ୍ଲା ପିପିଲି ଅନ୍ତର୍ଗତ ଗୁଆଳସାହି, ଖୋର୍ଦ୍ଧା ମେଣ୍ଢାଶାଳର ଏମପିସିସି ଲାଭାର୍ଥୀ ଏବଂ କେନ୍ଦ୍ରାପଡ଼ା ମୁସଲିମ ସଂଖ୍ୟାଲଘୁ ନେତାମାନେ ଯେଉଁମାନେ ଏମପିସିସିର ଲାଭ ପାଉଛନ୍ତି, ଏମାନେ ସମସ୍ତେ 'ଚ-ଟି' ଅଧ୍ୟକ୍ଷଙ୍କୁ ଭେଟି ଧନ୍ୟବାଦ ଜ୍ଞାପନ କରିଥିଲେ।

ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କ ନୂଆ ଓଡ଼ିଶା ସଶକ୍ତ ଓଡ଼ିଶା ସ୍ୱପ୍ନକୁ ସାକାର କରିବା ଲକ୍ଷ୍ୟରେ ରାଜ୍ୟ ସରକାର କାମ କରୁଛନ୍ତି। 'ଚ-ଟି' ଅଧ୍ୟକ୍ଷ ଜିଲ୍ଲା ପରିଦର୍ଶନ କରି ଜନସାଧାରଣ ଏବଂ ବିଭିନ୍ନ ସଂଗଠନର ସମସ୍ୟା ଶୁଣିଥିଲେ ଆଉ ସେହି ଅନୁସାରେ ସମସ୍ୟା ଦୂର ପାଇଁ ସରକାର ପ୍ରତି ଦିନ ନୂଆ ନୂଆ ଘୋଷଣା କରୁଛନ୍ତି। ଏକ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ପାଇଁ ଗ୍ରାମାଞ୍ଚଳରୁ ନେଇ ରାଜ୍ୟ ମୁଖ୍ୟାଳୟ ପର୍ଯ୍ୟନ୍ତ, ସରକାରୀ ଅନୁଷ୍ଠାନରୁ ନେଇ ବେସରକାରୀ ଅନୁଷ୍ଠାନଙ୍କ ଦାବି ପୂରଣ ତଥା ପ୍ରସ୍ତାବ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରୋତ୍ସାହନ ମୂଳକ ପଦକ୍ଷେପ ନେଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପ ରାଜ୍ୟର ବୃହତ୍ତର ସ୍ୱାର୍ଥ ହାସଲ ନିମନ୍ତେ ଆମ ସମସ୍ତଙ୍କୁ କଠିନ ପରିଶ୍ରମ କରିବା ପାଇଁ ପ୍ରେରଣା ଦେଇଛି ବୋଲି ନବୀନ ନିବାସ ଆସିଥିବା ବିଭିନ୍ନ ସଂଗଠନର କର୍ମକର୍ତ୍ତା ପ୍ରକାଶ କରିଛନ୍ତି।


## କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତଙ୍କ ପ୍ରୟାସ

କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ
କନ୍ଧମାଳ ଜିଲ୍ଲା ପ୍ରଶାସନର ସହଯୋଗରେ

କନ୍ଧମାଳ ସଂସଦୀୟ କ୍ଷେତ୍ରରେ
**ମେଗା ନିଯୁକ୍ତି ମେଳା ୨୦୨୪**




୨୦୦୦୦ ପ୍ରାର୍ଥୀଙ୍କ ଯୋଗଦାନ

ପ୍ରଥମ ପର୍ଯ୍ୟାୟରେ ଗୋଟିଏ ଦିନରେ ୧୦, ୦୦୦ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ

ମାସିକ ବେତନ ୧୨,୦୦୦/- ରୁ ୩୫,୦୦୦/- ଟଙ୍କା

ବିଭିନ୍ନ ଭାରତୀୟ କମ୍ପାନୀ ଦ୍ୱାରା **୧୦ ହଜାର ପ୍ରାର୍ଥୀ ମନୋନୀତ**

ଓଡ଼ିଶା କମ୍ପାନୀ ଦ୍ୱାରା **୩୫୦୦ ପ୍ରାର୍ଥୀ ମନୋନୀତ**

- ୨୦୨୪ ଜାନୁଆରୀ ୨୧ରେ ବିରାଟ ନିଯୁକ୍ତି ମେଳା ଆୟୋଜିତ
- ୧୦୦ରୁ ଊର୍ଦ୍ଧ୍ୱ କମ୍ପାନୀଙ୍କ ଯୋଗଦାନ
- ୨୦ ହଜାର ଯୁବକଯୁବତୀଙ୍କ ପଞ୍ଜୀକରଣ
- ପ୍ରଥମ ପର୍ଯ୍ୟାୟରେ ୧୦ ହଜାର ଯୁବକଯୁବତୀଙ୍କୁ ନିଯୁକ୍ତିପତ୍ର ବଣ୍ଟନ
- ଦ୍ୱିତୀୟ ପର୍ଯ୍ୟାୟରେ ୩ ହଜାର ୫ଶହ ଜଣଙ୍କୁ ବଣ୍ଟନ ହେବ
- କୌଣସି ସାଂସଦଙ୍କ ବ୍ୟକ୍ତିଗତ ପ୍ରୟାସରେ ଏଭଳି ପଦକ୍ଷେପ ବିରଳ
- ଗୋଟିଏ ଦିନରେ ୧୦ ହଜାର ଯୁବକଯୁବତୀଙ୍କ ତତ୍କାଳ ସାକ୍ଷାତକାର (Walk-in-Interview) ଓ ନିଯୁକ୍ତି ହେବା ଭାରତରେ ପ୍ରଥମ
- ଏହି ପ୍ରୟାସ ପାଇଁ ସାଂସଦ ସାମନ୍ତଙ୍କୁ କନ୍ଧମାଳ ସଂସଦୀୟ କ୍ଷେତ୍ରର ସମସ୍ତ ପିତାମାତା ଓ ଅଭିଭାବକଙ୍କ ଧନ୍ୟବାଦ

"ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୂଆ ଓଡ଼ିଶା-ନବୀନ ଓଡ଼ିଶା ଲକ୍ଷ୍ୟର ଏହା ଅନ୍ୟଏକ ପ୍ରୟାସ। ଯୁବକଯୁବତୀମାନେ ଶିକ୍ଷିତ, ସଶକ୍ତ ହୋଇ ରୋଜଗାରକ୍ଷମ ହେବା ନେଇ ମୁଖ୍ୟମନ୍ତ୍ରୀଙ୍କ ଯେଉଁ ଉଦ୍ଦେଶ୍ୟ ରହିଛି ତାହା ଏଠାରେ କାର୍ଯ୍ୟକାରୀ କରାଯାଇଛି। ଏହା ଦ୍ୱାରା ଓଡ଼ିଶା ସମେତ ସମଗ୍ର ଭାରତରୁ ୧୨୦ କମ୍ପାନୀ ଫୁଲବାଣୀ ସହରକୁ ଆସିପାରିଛନ୍ତି। ଏଭଳି ସଫଳ ଆୟୋଜନ ପଛରେ ଜିଲ୍ଲା ପ୍ରଶାସନ ଓ କିଟ୍ କର୍ମଚାରୀଙ୍କ ଅକୁଣ୍ଠ ସହଯୋଗ ପାଇଁ ସେମାନଙ୍କୁ ଧନ୍ୟବାଦ। ନିର୍ବାଚନ ସମୟରେ କନ୍ଧମାଳବାସୀଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଓ ପର୍ଯ୍ୟଟନର ବିକାଶ ନେଇ ଦେଇଥିବା ପ୍ରତିଶ୍ରୁତି ପାଳନ କରିବା ପାଇଁ ଏହା ଏକ ପ୍ରଚେଷ୍ଟା। ନିଯୁକ୍ତି ପତ୍ର ପାଇଥିବା ସମସ୍ତ ପ୍ରାର୍ଥୀ/ପ୍ରାର୍ଥିନୀଙ୍କୁ ଅନୁରୋଧ ସେମାନେ ନିଜନିଜ କମ୍ପାନୀରେ ଯୋଗଦେଇ ଚାକିରି କଲେ ସେମାନେ ଓ ସେମାନଙ୍କ ପରିବାର ପାଇଁ ଭଲ ହେବ।

– ଅଚ୍ୟୁତ ସାମନ୍ତ



ବି.ଦ୍ର.: କନ୍ଧମାଳ ସଂସଦୀୟ କ୍ଷେତ୍ରର ୪ଟି ଜିଲ୍ଲାର ୨୦ଟି ବ୍ଲକ୍‌ରେ ବିଡିଓମାନଙ୍କ ଜରିଆରେ ନିଯୁକ୍ତିପତ୍ର ବଣ୍ଟନ କରାଯାଉଛି।

## ବିହାରରେ ୨୪ଲକ୍ଷ ଭୂତ ଛାତ୍ର



ପାଟନା, ୧୩।୩(ଏଜେନ୍ସି): ବିହାରର ଶିକ୍ଷା ବିଭାଗ ୨୦୨୩-୨୪ରେ ସ୍କୁଲ ରେଜିଷ୍ଟାରରୁ ୨୩ ଲକ୍ଷ ୯୭ହଜାର ଛାତ୍ରଛାତ୍ରୀଙ୍କ ନାମ କାଟିଛି। ଏହି ଛାତ୍ରଛାତ୍ରୀମାନେ ଦୀର୍ଘ ଦିନ ଧରି ସ୍କୁଲ ଆସିନଥିଲେ। ଏମାନେ ଲଗାତାର ଅନୁପସ୍ଥିତ ରହୁଥିଲେ। ନାମ କଟିଯିବା ପରେ ଏମାନଙ୍କ ମଧ୍ୟରୁ ମାତ୍ର ୩ଲକ୍ଷ ୯୮ ହଜାର ଛାତ୍ରଛାତ୍ରୀ ପୁଣି ନାମଲେଖାଇବାକୁ ଆସିଥିବା ବେଳେ ନାମ କଟିଥିବା ପ୍ରାୟ ୨୦ଲକ୍ଷ ଛାତ୍ରଛାତ୍ରୀ କିମ୍ବା ସେମାନଙ୍କ ଅଭିଭାବକ ପ୍ରଧାନଶିକ୍ଷକ ଓ ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ କୌଣସି ଯୋଗାଯୋଗ କରିନାହାନ୍ତି। ଏ ସମ୍ପର୍କରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଡିଇଓମାନଙ୍କୁ ପତ୍ର ଲେଖି ଜଣାଇଛନ୍ତି ଯେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅଧିକ ଦେଖାଇବା ପାଇଁ ଅସଲରେ ନଥିବା ପିଲାଙ୍କ ନାମ ସ୍କୁଲ ରେଜିଷ୍ଟାରରେ ଲେଖାଯାଉଛି। ଯାଞ୍ଚରୁ ଜଣାପଡ଼ିଛି ଯେ ପାଖାପାଖି ୨୪ଲକ୍ଷ ଛାତ୍ରଛାତ୍ରୀ ସ୍କୁଲକୁ ଆଦୌ ଆସୁନଥିଲେ। ସେମାନେ ଅନ୍ୟତ୍ର ନାମ ଲେଖାଇଥାଇପାରନ୍ତି କିମ୍ବା କେବଳ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫରର ଲାଭ ଉଠାଇବାକୁ ନାମ ଲେଖାଇଥିଲେ। ତେଣୁ ସ୍କୁଲରେ ପିଲାଙ୍କ ନାମ ଲେଖା ବେଳେ ଜନ୍ମ ପ୍ରମାଣପତ୍ର, ଅଙ୍ଗନବାଡ଼ି ରେକର୍ଡ ଓ ପିତାମାତାଙ୍କ ଅଣ୍ଡରଟେକିଂ ଯାଞ୍ଚ କରାଯିବା ଆବଶ୍ୟକ। ଆଧାର କାର୍ଡକୁ ମଧ୍ୟ ନାମଲେଖା ପାଇଁ ପରିଚୟ ପ୍ରମାଣ ଭାବେ ଗ୍ରହଣ କରାଯାଇପାରେ। ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ, ସାଇକେଲ, ଖାତା ପୁସ୍ତକ, ପୋଷାକ ଆଦି ମାଗଣାରେ ଦିଆଯାଉଥିବାରୁ ସ୍କୁଲଗୁଡ଼ିକର ରେଜିଷ୍ଟରରେ ଅଧିକ ସଂଖ୍ୟକ ପିଲାଙ୍କ ନାମ ଯୋଡ଼ିଦିଆଉଛି ଓ ସେହି କାଳ୍ପନିକ ଛାତ୍ରଛାତ୍ରୀଙ୍କ ପାଇଁ ସରକାର ଯୋଗାଉଥିବା ଖାଦ୍ୟଦ୍ରବ୍ୟ, ଉପକରଣ ତଥା ଅନ୍ୟ ପ୍ରୋତ୍ସାହନ ସାମଗ୍ରୀ ସ୍କୁଲର ଶିକ୍ଷକ ଓ କର୍ମଚାରୀ ଆତ୍ମସାତ କରୁଛନ୍ତି।

## ବଣ୍ଡ ତଥ୍ୟ ଠିକ୍ ସମୟରେ ପ୍ରକାଶ କରିବୁ: ସିଇସି

ନୂଆଦିଲ୍ଲୀ,୧୩।୩(ଏଜେନ୍ସି): ନିର୍ବାଚନୀ ବଣ୍ଡଜନିତ ସମସ୍ତ ତଥ୍ୟ ଭାରତୀୟ ଷ୍ଟେଟ ବ୍ୟାଙ୍କ ନିର୍ବାଚନ ଆୟୋଗଙ୍କ ନିକଟରେ ଦାଖଲ କରିସାରିଛି। ତେବେ ଠିକଣା ସମୟରେ ଏହାର ତଥ୍ୟ ସାର୍ବଜନୀନ କରାଯିବ ବୋଲି ମୁଖ୍ୟ ନିର୍ବାଚନ କମିସନର ରାଜୀବ କୁମାର ବୁଧବାର କହିଛନ୍ତି। ଆସନ୍ତା ୧୫ ତାରିଖ ସୁଦ୍ଧା ଏହି ତଥ୍ୟ ସାର୍ବଜନୀନ କରିବାକୁ ପୂର୍ବରୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁସାରେ ଠିକଣା ସମୟରେ ଏହାକୁ ଦେଶବାସୀଙ୍କ ଲାଗି ଉନ୍ମୁକ୍ତ କରାଯିବ ବୋଲି ରାଜୀବ କୁମାର କହିଛନ୍ତି। ଅନ୍ୟପକ୍ଷରେ ନିର୍ବାଚନ ଆୟୋଗଙ୍କ ନିକଟରେ ତଥ୍ୟ ଦାଖଲ କରିବା ନେଇ ଏସବିଆଇ ବୁଧବାର ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରିଛି।

ନିର୍ବାଚନୀ ବଣ୍ଡଜନିତ ସମସ୍ତ ତଥ୍ୟ ଭାରତୀୟ ଷ୍ଟେଟ ବ୍ୟାଙ୍କ ନିର୍ବାଚନ ଆୟୋଗଙ୍କ ନିକଟରେ ଦାଖଲ କରିସାରିଛି। ତେବେ ଠିକଣା ସମୟରେ ଏହାର ତଥ୍ୟ ସାର୍ବଜନୀନ କରାଯିବ ବୋଲି ମୁଖ୍ୟ ନିର୍ବାଚନ କମିସନର ରାଜୀବ କୁମାର ବୁଧବାର କହିଛନ୍ତି। ଅନ୍ୟପକ୍ଷରେ ନିର୍ବାଚନ ଆୟୋଗଙ୍କ ନିକଟରେ ତଥ୍ୟ ଦାଖଲ କରିବା ନେଇ ଏସବିଆଇ ବୁଧବାର ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରିଛି। ଏସ୍‌ବିଆଇ ଅଧ୍ୟକ୍ଷ କହିଛନ୍ତି ଯେ ଇସିଆଇଙ୍କୁ ପେନ୍‌ଡ୍ରାଇଭରେ ୨ଟି ଫାଇଲ ଦିଆଯାଇଛି। ଗୋଟିଏ ଫାଇଲରେ ବଣ୍ଡ କିଣିଥିବା ଲୋକଙ୍କ ତଥ୍ୟ ରହିଛି। ଅନ୍ୟ ଫାଇଲରେ

**କିଣାଯାଇଛି ୨୨,୨୧୭ ବଣ୍ଡ**

ବଣ୍ଡକୁ କ୍ୟାସ୍‌ରେ ପରିବର୍ତ୍ତନ କରିଥିବା ଦଳଙ୍କ ତଥ୍ୟ ଅଛି। ଏସ୍‌ବିଆଇ ସତ୍ୟପାଠ ଅନୁଯାୟୀ ୨୦୧୯ ଏପ୍ରିଲ ୧ରୁ ୨୦୨୪ ଫେବୃଆରୀ ୧୫ ପର୍ଯ୍ୟନ୍ତ ୨୨, ୨୧୭ ଇଲେକ୍ଟୋରାଲ ବଣ୍ଡ କିଣାଯାଇଛି। ଏଥିରୁ ୨୨, ୦୩୦ ବଣ୍ଡର ଟଙ୍କାକୁ ରାଜନୈତିକ ଦଳ କ୍ୟାସ୍‌ରେ ବଦଳାଇ ଦେଇଛନ୍ତି।

## ଜାପାନର ପ୍ରଥମ ଘରୋଇ ମହାକାଶ ଅଭିଯାନ ବିଫଳ

ଟୋକିଓ, ୧୩।୩ (ଏଜେନ୍ସି): ଜାପାନର ପ୍ରଥମ ଘରୋଇ ମହାକାଶ ଅଭିଯାନ ବିଫଳ ହୋଇଛି। ଉଡ଼ାଣ ଆରମ୍ଭ କରିବାର ୫ ସେକେଣ୍ଡ ପରେ ଘରୋଇ କମ୍ପାନୀ 'ସ୍ପେସ୍ ୱାନ'ର ରକେଟ୍‌ରେ ବିସ୍ଫୋରଣ ହୋଇଛି। ଗତ ସପ୍ତାହରେ ଅଭିଯାନର ସମସ୍ତ ପରୀକ୍ଷଣ ସମ୍ପୂର୍ଣ୍ଣ ହୋଇସାରିଛି ଏବଂ ଚୂଡ଼ାନ୍ତ ପର୍ଯ୍ୟାୟକୁ ଅପେକ୍ଷା କରାଯାଇଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଥିଲା। ଏହି ରକେଟ 'କାଇରୋସ'ର ଲମ୍ବ ୫୯ ଫୁଟ ଥିଲା। ବୁଧବାର ସକାଳ ୧୧ଟା ୧ ମିନିଟ୍‌ରେ କାଏ କ୍ଷେତ୍ରର ସମୁଦ୍ର କୂଳରେ ଥିବା ଲଞ୍ଚ ପ୍ୟାଡ୍‌ରୁ ଏହାର ଉତ୍କ୍ଷେପଣ କରାଯାଇଥିଲା। କିଛି କ୍ଷଣ ପରେ ବିସ୍ଫୋରଣ ହୋଇ ରକେଟ ସମୁଦ୍ରରେ ଖସି ପଡ଼ିଥିଲା। ଏହି ରକେଟ ସବୁଠାରୁ ଉନ୍ନତ ଥିଲା ବୋଲି କୁହାଯାଇଥିଲା। ଏବେ ମାମଲାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

## ଭାରତ ମହାସାଗରରୁ ବାଂଲାଦେଶ ଜାହାଜ ହାଇଜାକ୍

ମୋଗାଦିଶୁ, ୧୩।୩ (ଏଜେନ୍ସି): ଭାରତ ମହାସାଗରରୁ ଏକ ବାଂଲାଦେଶୀ ଜାହାଜକୁ ସୋମାଲିଆ ଜଳଦସ୍ୟୁ ହାଇଜ୍ୟାକ କରିନେଇଛନ୍ତି। ମୋଗାଦିଶୁରୁ ପ୍ରାୟ ୧୧୦୦ କିମି ଦୂରରେ ଥିବାବେଳେ ଏହି ଜାହାଜ 'ଅବଦୁଲ୍ଲାହ' ଉପରେ ଆକ୍ରମଣ କରାଯାଇଥିଲା। ପରେ ଏହାକୁ ସୋମାଲିଆ ଅଭିମୁଖେ ନିଆଯାଇଥିଲା। ଏହା ମୋଜାମ୍ବିକରୁ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଯାଉଥିଲା। ଏଥିରେ ୫୦ ହଜାର ଟନ୍ କୋଇଲା ଥିଲା। ରିପୋର୍ଟ ଅନୁଯାୟୀ ମଙ୍ଗଳବାର ପ୍ରାୟ ୧୫-୨୦ ସଶସ୍ତ୍ର ଲୁଟେରା ଜାହାଜ ଉପରେ ଆକ୍ରମଣ କରିଥିଲେ। ଏ ସମୟରେ ଜାହାଜରେ ୨୩ ଜଣ ବାଂଲାଦେଶୀ କ୍ରୁ ସଦସ୍ୟ ଥିଲେ। ଏବେ ସମସ୍ତେ ସୁରକ୍ଷିତ ଅଛନ୍ତି। ସମସ୍ତଙ୍କ ସହ ଯୋଗାଯୋଗ କରିବାକୁ ପ୍ରୟାସ କରାଯାଉଛି ବୋଲି ଜାହାଜର ମାଲିକ କମ୍ପାନୀ 'କବିର ଷ୍ଟିଲ ରି-ରୋଲିଂ' ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ ଗତ ୪ ମାସରେ ୨୦ ଜାହାଜକୁ ଅପହରଣ ଉଦ୍ୟମ କରାଗଲାଣି।

• ବିଜେପିର ୨ୟ ପର୍ଯ୍ୟାୟ ତାଲିକାରେ ୭୨ ପ୍ରାର୍ଥୀ

## ନାଗପୁରରୁ ଗଡ଼କରୀ, କର୍ଣ୍ଣଲରୁ ଲଢ଼ିବେ ଖଟ୍ଟର

ନୂଆଦିଲ୍ଲୀ, ୧୩।୩(ଏଜେନ୍ସି)

ଭାରତୀୟ ଜନତା ପାର୍ଟି(ବିଜେପି) ତାହାର ପ୍ରଥମ ପ୍ରାର୍ଥୀ ତାଲିକାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ସମେତ ୧୯୫ ପ୍ରାର୍ଥୀଙ୍କ ନାମ ପ୍ରକାଶ କରିସାରିଥିବା ବେଳେ ବୁଧବାର ଦ୍ୱିତୀୟ ତାଲିକା ଘୋଷଣା କରିଛି। ଏଥିରେ ବହୁ ପ୍ରମୁଖ ନେତାଙ୍କ ସହ ୭୨ ଜଣ ପ୍ରାର୍ଥୀଙ୍କ ନାମ ପ୍ରକାଶ କରିଛି। ପ୍ରକାଶିତ ୨ୟ ତାଲିକାରେ କେନ୍ଦ୍ର ମନ୍ତ୍ରୀ ନୀତୀନ ଗଡ଼କରୀ, ପୀୟୂଷ ଗୋୟେଲ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ଏମଏଲ ଖଟ୍ଟରଙ୍କ ନାମ ରହିଛି। ବିଜେପି ଏଯାଏ ଉତ୍ତରପ୍ରଦେଶର ୫୧, ପଶ୍ଚିମବଙ୍ଗର ୨୦, ମଧ୍ୟପ୍ରଦେଶର ୨୪, ଗୁଜରାଟର ୧୫, ରାଜସ୍ଥାନର ୧୫, କେରଳର ୧୨, ତେଲେଙ୍ଗାନାର ୯, ଆସାମର ୧୧, ଝାରଖଣ୍ଡର ୧୧, ଛତିଶଗଡ଼ର ୧୧, ଦିଲ୍ଲୀର ୫, ଉତ୍ତରାଖଣ୍ଡର ୩, ଜମ୍ମୁ-କଶ୍ମୀରର ୨, ଅରୁଣାଚଳ ପ୍ରଦେଶର ୨ ଓ ଗୋଆ, ଡାମନ ଡିଉ, ଆଣ୍ଡାମାନ ନିକୋବର ଏବଂ ତ୍ରିପୁରର ଜଣେ ଲେଖାଏ ପ୍ରାର୍ଥୀଙ୍କ ନାମ ପ୍ରକାଶ କରିସାରିଲାଣି।



### ଏଲଜେପି ସହ ଆସନ ବୁଝାମଣା ଚୂଡ଼ାନ୍ତ

୨୦୨୪ ଲୋକସଭା ନିର୍ବାଚନ ପାଇଁ ବିଜେପି ଚିରାଗ ପାଶୱାନଙ୍କ ନେତୃତ୍ୱାଧୀନ ଦଳ ଏଲଜେପି(ରାମ ବିଳାସ)ସହ ବୁଝାମଣା ଚୂଡ଼ାନ୍ତ କରିଛି। ବୁଧବାର ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ ପି ନଡ୍ଡାଙ୍କ ସହ ଆଲୋଚନା କରି ଚିରାଗ ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେଇଥିବା କହିଛନ୍ତି। ଏ ସମ୍ପର୍କରେ ସେ ଏକ୍ସ'ରେ ସୂଚନା ଦେଇଥିଲା ବେଳେ ବିଜେପି ସହ ହୋଇଥିବା ବୁଝାମଣାକୁ ନେଇ ବିସ୍ତୃତ ଭାବେ ଖୁବଶୀଘ୍ର ପ୍ରକାଶ କରାଯିବ ବୋଲି ସେ କହିଛନ୍ତି।

## ଆସ୍ଥା ଭୋଟ ଜିତିଲେ ନାୟବ ସିଂ



ଚଣ୍ଡିଗଡ଼,୧୩।୩(ଏଜେନ୍ସି): ହରିୟାଣାର ନୂତନ ମୁଖ୍ୟମନ୍ତ୍ରୀ ଭାବେ ଗତକାଲି ଶପଥ ନେଇଥିବା ନୟାବ ସିଂ ସାଇନି ବୁଧବାର ଆସ୍ଥା ଭୋଟରେ ବିଜୟୀ ହୋଇଛନ୍ତି। ସ୍ୱତନ୍ତ୍ର ବିଧାନସଭା ଅଧିବେଶନରେ ନୟାବ ସିଂ ସରକାରଙ୍କ ପାଇଁ ଆସ୍ଥା ଭୋଟ୍ ପ୍ରସ୍ତାବ ଅଣାଯାଇଥିଲା। ଏଥିରେ ସରକାରଙ୍କ ସପକ୍ଷରେ ୪୮ ଭୋଟ୍ ମିଳିଥିଲା। ୯୦ ଆସନ ବିଶିଷ୍ଟ ହରିୟାଣା ବିଧାନସଭାରେ ବିଜେପିର ୪୧ ଜଣ ବିଧାୟକ ରହିଥିଲା ବେଳେ ୭ ସ୍ୱାଧୀନ ବିଧାୟକଙ୍କ ମଧ୍ୟରୁ ସରକାରଙ୍କ ସପକ୍ଷରେ ୬ ବିଧାୟକ ଭୋଟ୍ ଦେଇଥିଲେ। ସେହିପରି ହରିୟାଣା ଲୋକହିତ ପାର୍ଟିର ଜଣେ ବିଧାୟକ ମଧ୍ୟ ନୟାବ ସିଂଙ୍କ ସମର୍ଥନରେ ଭୋଟ୍ ଦେଇଥିଲେ। ଅନ୍ୟପକ୍ଷରେ ମେଣ୍ଟରୁ ଓହରିଯାଇଥିବା ଜନନାୟକ ଜନତା ପାର୍ଟିର ବିଧାୟକମାନେ ଭୋଟ୍ ଦେବାରୁ ନିବୃତ ରହିଥିଲେ। ବିଧାୟକମାନଙ୍କ ଉପରେ ଦଳୀୟ ହ୍ୱିପ୍‌କୁ ନେଇ ସେମାନେ ବିଧାନସଭା ଆସି ନଥିଲେ। ଏହାସତ୍ତ୍ୱେ ନୟାବ ସିଂ ସରକାର ସହଜ ବିଜୟଲାଭ କରିଛି।

## ଏମ୍‌ଏସ୍‌ପି ଗ୍ୟାରେଣ୍ଟି ଦାବି: ଆଜି 'କିଷାନ ମହାପଞ୍ଚାୟତ'

ନୂଆଦିଲ୍ଲୀ,୧୩।୩(ଏଜେନ୍ସି): ଏମଏସପି ଗ୍ୟାରେଣ୍ଟି ଦାବିରେ ପଞ୍ଜାବ-ହରିୟାଣା ସୀମାରେ ଆନ୍ଦୋଳନ ଚଳାଇଥିବା ଚାଷୀମାନେ ଆସନ୍ତାକାଲି ଦିଲ୍ଲୀ ରାମଲୀଳା ମଇଦାନ ଠାରେ କିଷାନ ମହାପଞ୍ଚାୟତ କରିବେ। ଏହି ମହାସଭାରେ ପଞ୍ଜାବରୁ ୫୦ ହଜାରରୁ ଅଧିକ ଚାଷୀ ଯୋଗ ଦେବା ସହିତ ଉତ୍ତରପ୍ରଦେଶ, ରାଜସ୍ଥାନ ଏବଂ ହରିୟାଣାରୁ ମଧ୍ୟ ଚାଷୀମାନେ ବହୁ ସଂଖ୍ୟାରେ ଯୋଗ ଦେବେ ବୋଲି ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ କୁହାଯାଇଛି। ତେବେ ଚାଷୀଙ୍କ ଏହି ମହାସଭାକୁ ନେଇ ଦିଲ୍ଲୀରେ ଟ୍ରାଫିକ୍ ବ୍ୟବସ୍ଥା ବ୍ୟାହତ ହେବାର ଆଶଙ୍କା ରହିଛି। ଯାହାକୁ ନେଇ ଦିଲ୍ଲୀ ଟ୍ରାଫିକ୍ ପୁଲିସ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। କୌଣସି କାରଣରୁ ଯେଭଳି ଟ୍ରାଫିକ୍ ସମସ୍ୟା ନ ଉପୁଜେ ଏବଂ ସାଧାରଣ ଲୋକ ହଇରାଣ ନ ହୁଅନ୍ତି ତାହାକୁ ଦୃଷ୍ଟିରେ ରଖି ବିଭିନ୍ନ ରୁଟ୍‌ରେ ପରିବର୍ତ୍ତନ କରାଯାଇଛି। ଏହାବ୍ୟତୀତ ସୁରକ୍ଷା ବ୍ୟବସ୍ଥା ମଧ୍ୟ କଡ଼ାକଡ଼ି କରାଯାଇଛି।



## ଟିକସ ବିରୋଧରେ ଜାରି ରହିବ ଆଇଟି କାର୍ଯ୍ୟାନୁଷ୍ଠାନ

• କଂଗ୍ରେସ ବିରୋଧରେ ଜାରି ରହିବ ଆଇଟି କାର୍ଯ୍ୟାନୁଷ୍ଠାନ

## ୨୧୦ କୋଟିର ଜରିମାନା ଉପରେ କଟକଣାକୁ ନା

ନୂଆଦିଲ୍ଲୀ, ୧୩।୩ (ଏଜେନ୍ସି): କଂଗ୍ରେସ ଦଳକୁ ବଡ଼ ଝଟ୍‌କା ଲାଗିଛି। ବ୍ୟାଙ୍କ ଖାତା ଉପରେ ଆୟକର ବିଭାଗ (ଆଇଟି)ର କାର୍ଯ୍ୟାନୁଷ୍ଠାନ ଉପରେ କଟକଣା ଲଗାଇବାର ଆବେଦନକୁ ବୁଧବାର ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଇନକମ୍ ଟ୍ୟାକ୍ସ ଅପିଲେଟ ଟ୍ରିବ୍ୟୁନାଲ (ଆଇଟିଏଟି) ର ନିଷ୍ପତ୍ତିକୁ ଏଡ଼ାଇଦେବାର କୌଣସି କାରଣ ନାହିଁ। ଏଥିରେ କୌଣସି ତ୍ରୁଟି ନାହିଁ ବୋଲି ଜଷ୍ଟିସ ଯଶୋବନ୍ତ ବର୍ମା ଏବଂ ଜଷ୍ଟିସ ପୁରୁଷେନ୍ଦ୍ର କୁମାର କୌରବଙ୍କ ଖଣ୍ଡପୀଠ କହିଛନ୍ତି। ସୂଚନା ଅନୁଯାୟୀ ଫେବୃଆରୀ ୧୩ରେ ବକେୟା ଟିକସ ବାବଦକୁ ୧୦୫ କୋଟି ଟଙ୍କା ପୈଠ କରିବା ପାଇଁ ଆଇଟି ବିଭାଗ କଂଗ୍ରେସକୁ ନୋଟିସ ଜାରି କରିଥିଲା। ଏହା ସହିତ ବିଭାଗ କଂଗ୍ରେସ ଉପରେ ୨୧୦ କୋଟି ଟଙ୍କାର ଜରିମାନା ଲଗାଇ ବ୍ୟାଙ୍କ ଖାତାକୁ ଜବତ କରିନେଇଥିଲା।

## ରାଜନୀତି ପାଇଁ ଭାଇ ସହ ସମ୍ପର୍କ ଛିନ୍ନ କଲେ ମମତା

କୋଲକାତା, ୧୩।୩ (ଏଜେନ୍ସି)

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ରାଜନୀତି ପାଇଁ ତାଙ୍କ ସାନ ଭାଇ ବାବୁନ ବାନାର୍ଜୀଙ୍କ ସହ ସବୁ ସମ୍ପର୍କ ଛିନ୍ନ କରିଦେଇଛନ୍ତି। ପରିବାର ସହର ତାଙ୍କର ସମ୍ବନ୍ଧ ତୁଟି ଯାଇଛି ବୋଲି କହିଛନ୍ତି। ହାୱଡ଼ା ଆସନର ଟିଏମ୍‌ସି ପ୍ରାର୍ଥୀ ପ୍ରସୁନ ବାନାର୍ଜୀଙ୍କୁ ବିରୋଧ କରିବା ପରେ ଦିଦି ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ଦିଦି କ୍ରୋଧ ପ୍ରକାଶ କରି କହିଛନ୍ତି ଯେ ପ୍ରତି ଥର ନିର୍ବାଚନ ପୂର୍ବରୁ ବାବୁନ ସମସ୍ୟା ସୃଷ୍ଟି କରନ୍ତି। ସେ ଲୋଭୀଙ୍କୁ ପସନ୍ଦ କରନ୍ତି ନାହିଁ। ବଂଶବାଦ ରାଜନୀତିରେ ବିଶ୍ୱାସ ରଖନ୍ତି ନାହିଁ। ସେଥିପାଇଁ ସେ ତାଙ୍କୁ ନିର୍ବାଚନରେ ଟିକଟ ଦେଇଥିଲେ। ଏବେ ସେ ବାବୁନଙ୍କ ସହ ସବୁ ସମ୍ପର୍କ ତୁଟାଇ ଦେଇଛନ୍ତି। ଏହା ପୂର୍ବରୁ ବାବୁନ କହିଥିଲେ ଯେ ପ୍ରସୁନ ହାୱଡ଼ା ପାଇଁ ସଠିକ୍ ବିକଳ୍ପ ନୁହେଁ। ଅନେକ ଭଲ ପ୍ରାର୍ଥୀ ଥିଲେ। ମାତ୍ର ସମସ୍ତଙ୍କୁ ଅଣଦେଖା କରାଯାଇଛି। ଦଳ ଆଦୌ ଠିକ୍ କରିନାହିଁ। ସେ ଟିଏମ୍‌ସି ଛାଡ଼ିବେ ନାହିଁ କି ବିଜେପିରେ ସାମିଲ ହେବନି। ମାତ୍ର ଆବଶ୍ୟକତା ପଡ଼ିଲେ ଟିଏମ୍‌ସି ପ୍ରାର୍ଥୀଙ୍କ ବିରୋଧରେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଟିଏମ୍‌ସି ଏବେ ମେଘାଳୟରେ ତୁରା ସଂସଦୀୟ ଆସନରୁ କଂଗ୍ରେସ ବିରୋଧରେ ପ୍ରାର୍ଥୀ ଦେଇଛି। କଂଗ୍ରେସ ପ୍ରାର୍ଥୀ ସାଲେଙ୍ଗ ଏ ସାଙ୍ଗମାଙ୍କ ବିରୋଧରେ ପୂର୍ବତନ ମନ୍ତ୍ରୀ ଜେନିଥ ସାଙ୍ଗମାଙ୍କୁ ଛିଡ଼ା କରାଇଛି।



• 'ନାରୀ ନ୍ୟାୟ' ଗ୍ୟାରେଣ୍ଟି ଯୋଜନା ଘୋଷଣା କଲା କଂଗ୍ରେସ

## ମହିଳାଙ୍କୁ ବର୍ଷକୁ ଲକ୍ଷେ ଟଙ୍କା ଦେବାକୁ ପ୍ରତିଶ୍ରୁତି

ନୂଆଦିଲ୍ଲୀ, ୧୩।୩ (ଏଜେନ୍ସି)

ଲୋକସଭା ନିର୍ବାଚନ ଘୋଷଣା ପୂର୍ବରୁ ବୁଧବାର କଂଗ୍ରେସ ୫ଟି ଗ୍ୟାରେଣ୍ଟି ଦେଇଛି। ନିର୍ବାଚନ ଜିତିଲେ 'ନାରୀ ନ୍ୟାୟ' ଗ୍ୟାରେଣ୍ଟି ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଘୋଷଣା କରିଛନ୍ତି। ଏହା ଅଧିନରେ ଥିବା 'ମହାଲକ୍ଷ୍ମୀ ଗ୍ୟାରେଣ୍ଟି' ଯୋଜନାରେ ଗରିବ ମହିଳାଙ୍କୁ ବର୍ଷକୁ ଲକ୍ଷେ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦେବାକୁ ପ୍ରତିଶ୍ରୁତି ଦିଆଯାଇଛି। ଏହା ସହିତ 'ଅଧା ଜନସଂଖ୍ୟା-ସମ୍ପୂର୍ଣ୍ଣ ହକ୍'ରେ ମହିଳାଙ୍କୁ ସରକାରୀ ଚାକିରିରେ ଅଧା ହକ୍ ଦିଆଯିବ ବୋଲି କୁହାଯାଇଛି। ସେହିପରି 'ଶକ୍ତିର ସମ୍ମାନ' ଯୋଜନାରେ ଅଙ୍ଗନବାଡ଼ି, ଆଶା, ମଧ୍ୟାହ୍ନ-ଭୋଜନ କର୍ମଚାରୀଙ୍କ ମାସିକ ଦରମାରେ କେନ୍ଦ୍ର ସରକାରଙ୍କ ଯୋଗଦାନକୁ ଦ୍ୱିଗୁଣିତ କରାଯିବ। 'ଅଧିକାର ମୈତ୍ରି' ଯୋଜନାରେ ପ୍ରତି ପଞ୍ଚାୟତର ମହିଳାଙ୍କୁ ତାଙ୍କ ହକ୍ ପାଇଁ ସଚେତନ କରାଯିବ। ଜରୁରୀ ସହାୟତା ପାଇଁ ପାରା-ଲିଗାଲ ଅର୍ଥାତ୍ ଆଇନ ସହାୟକ ନିଯୁକ୍ତି କରାଯିବ। ଏହା ବ୍ୟତୀତ 'ସାବିତ୍ରୀ ବାଇ ଫୁଲେ ହଷ୍ଟେଲ' ଯୋଜନାରେ କର୍ମଜୀବୀ ମହିଳାଙ୍କ ପାଇଁ ସବୁ ଜିଲ୍ଲା ମୁଖ୍ୟାଳୟରେ ଅତିକମରେ ଗୋଟିଏ ଲେଖାଏଁ ହଷ୍ଟେଲ ବନାଯିବ। ସାରା ଦେଶରେ ଏହି ହଷ୍ଟେଲ ସଂଖ୍ୟା ଦ୍ୱିଗୁଣିତ କରାଯିବ। ଏହି ସବୁ ଘୋଷଣା କରି କଂଗ୍ରେସ ଦେଇଥିବା ପ୍ରତିଶ୍ରୁତି ଫମ୍ପା ନୁହେଁ ବୋଲି ଖଡଗେ କହିଛନ୍ତି।



• ରାମେଶ୍ୱରମ୍ କାଫେ ବିସ୍ଫୋରଣ

## ଏନଆଇଏ ହାତରେ ମୁଖ୍ୟ ଅଭିଯୁକ୍ତ !

ବେଙ୍ଗାଲୁରୁ,୧୩।୩(ଏଜେନ୍ସି)

ରାମେଶ୍ୱରମ୍ କାଫେରେ ଗତ ୧ ତାରିଖରେ କମ୍ ଶକ୍ତିଶାଳୀ ଇମ୍ପ୍ରୋଭାଇଜଡ ଏକ୍ସପ୍ଲୋସିଭ୍ ଡିଭାଇସ(ଆଇଇଡି) ବିସ୍ଫୋରଣ ଘଟାଇଥିବା ସାବିର ନାମକ ସନ୍ଦିଗ୍ଧ ବ୍ୟକ୍ତିକୁ ଆଜି ଜାତୀୟ ତଦନ୍ତ ସଂସ୍ଥା (ଏନଆଇଏ) କର୍ଣ୍ଣାଟକର ବେଲାରୀ ଜିଲ୍ଲାରୁ ଧରିଛି। ବର୍ତ୍ତମାନ ତାକୁ ଅଟକ ରଖାଯାଇ ପଚରାଉଚୁରା ଚାଲିଛି ଓ ତା'ର ପରିଚୟ ଯାଞ୍ଚ କରାଯାଉଛି। ଅଟକ ଯୁବକ ଜଣକ ହିଁ ସିସିଟିଭି ଫୁଟେଜରେ ଥିବା ବ୍ୟକ୍ତି ଏହା ଏପର୍ଯ୍ୟନ୍ତ ସାବ୍ୟସ୍ତ ହୋଇନାହିଁ। ଏନଆଇଏ ପକ୍ଷରୁ କିଛି ଦିନ ତଳେ ସନ୍ଦିଗ୍ଧ ବିସ୍ଫୋରଣକାରୀର ସ୍କେଚ ଓ ସିସିଟିଭି ଫୁଟେଜରୁ ପ୍ରାପ୍ତ ଫଟୋ ଜାରି କରାଯାଇଥିଲା। ସେଥିରେ ବିସ୍ଫୋରଣ ଘଟାଇଥିବା ବ୍ୟକ୍ତି ଜଣକ ଟୋପି, ଚଷମା, କଳା ପ୍ୟାଣ୍ଟ ଓ କଳା ସୁ' ପିନ୍ଧିଥିବା ଦେଖିବାକୁ ମିଳିଥିଲା। ବିସ୍ଫୋରଣକାରୀ ଅପରାଧୀ ସମ୍ପର୍କରେ ଖବର ଦେଲେ ଖବରଦାତାଙ୍କ ପରିଚୟ ଗୋପନ ରଖାଯିବ ଓ ତାଙ୍କୁ ୧୦ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ଏନଆଇଏ ପକ୍ଷରୁ ଘୋଷଣା କରାଯାଇଥିଲା। ସେଣ୍ଟ୍ରାଲ କ୍ରାଇମ୍ ବ୍ରାଞ୍ଚ ଓ ଏନଆଇଏ ସନ୍ଦିଗ୍ଧ ଅପରାଧୀକୁ ଖୋଜିବାରେ ଲାଗିଥିଲେ। ଗତ ୩ ତାରିଖରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶରେ ଏନଆଇଏ ଏହି ବିସ୍ଫୋରଣ ଘଟଣାର ତଦନ୍ତ ଭାର ହାତକୁ ନେଇଥିଲା। ମାର୍ଚ୍ଚ ୧ ତାରିଖରେ ବେଙ୍ଗାଲୁରୁର ବ୍ରୁକଫିଲ୍ଡ ଅଞ୍ଚଳରେ ଥିବା ରାମେଶ୍ୱରମ୍ କାଫେରେ ମଧ୍ୟାହ୍ନ ଭୋଜନ ପାଇଁ ଗ୍ରାହକଙ୍କ ଗହଳି ଲାଗିଥିବା ବେଳେ ଅଚାନକ ବିସ୍ଫୋରଣ ଘଟି ଅନ୍ୟୂନ ୧୦ଜଣ ଗ୍ରାହକ ଆହତ ହୋଇଥିଲେ। ସିସିଟିଭି ଫୁଟେଜରୁ ଜଣାପଡ଼ିଥିଲା ଯେ ବିସ୍ଫେରଣ ଘଟିବାର ଘଣ୍ଟାକ ପୂର୍ବରୁ ସନ୍ଦିଗ୍ଧ ବ୍ୟକ୍ତି କାଫେରେ ପ୍ରବେଶ କରି ରାୱା ଇଡଲୀ ଏକ ପ୍ଲେଟ ପାଇଁ ଅର୍ଡର ଦେଇଥିଲା, କିନ୍ତୁ ତାହା ନଖାଇ କିମ୍ବା ନନେଇ ସେ ଆସିବାର କିଛି ମିନିଟ ପରେ ହିଁ କାଫେରୁ ବାହାରକୁ ଚାଲିଯାଇଥିଲା। ଯିବା ପୂର୍ବରୁ ସେ କାଫେରେ ଟାଇମର ଯୁକ୍ତ ଆଇଇଡି ଥିବା ବ୍ୟାଗ୍ ଛାଡ଼ିଯାଇଥିଲା। ସିସିଟିଭି ଫୁଟେଜର ସନ୍ଦିଗ୍ଧ ବ୍ୟକ୍ତି ଜଣକ ଲମ୍ବା ଓ ପତଳା ହୋଇଥିବା ବେଳେ ତାର ବୟସ ୩୦ରୁ ୪୦ ଭିତରେ ହେବା ଅନୁମାନ କରାଯାଇଥିଲା।




• ଲଙ୍କା ଚାଷୀଙ୍କ ଲଙ୍କାକାଣ୍ଡ

## ଦର ଖସିବାରୁ ପୋଡ଼ିଦେଲେ ୧୨ ଗାଡ଼ି

ବେଙ୍ଗାଲୁରୁ, ୧୩।୩ (ଏଜେନ୍ସି)

ଭାରତରେ ଲଙ୍କାର ଚାହିଦା ଅନ୍ୟ ଯେକୌଣସି ଦେଶ ତୁଳନାରେ ଅଧିକ ରହିଛି। ଜାତୀୟ ସ୍ତରରେ ଯେତିକି ପରିମାଣର ଲଙ୍କାର ଆବଶ୍ୟକତା ରହିଥାଏ ତାହାର ଅଧିକାଂଶ ଭାଗ ଦକ୍ଷିଣ ଭାରତର ବିଭିନ୍ନ ରାଷ୍ଟ୍ର ଯୋଗାଇ ଥାଏ। ଆନ୍ଧ୍ର ପ୍ରଦେଶ ଠାରୁ ଆରମ୍ଭ କରି ତାମିଲନାଡୁ, ତେଲଙ୍ଗାନା ଏବଂ କର୍ଣ୍ଣାଟକ ଭଳି ରାଜ୍ୟ ଭାରତର ଲଙ୍କା ଚାହିଦାକୁ ପୂରଣ କରିଥାଆନ୍ତି। କିନ୍ତୁ ଲଙ୍କା ଦର ହ୍ରାସକୁ ନେଇ ଏବେ କର୍ଣ୍ଣାଟକରେ ଏକ ଅଦ୍ଭୁତ କାଣ୍ଡ ଦେଖିବାକୁ ମିଳିଛି। ଗୋଟିଏ ଦିନରେ ଲଙ୍କା ଦର ୨୦ ହଜାର ଟଙ୍କାରୁ ୮ ହଜାର ଟଙ୍କାକୁ ଖସି ଆସିବାରୁ ଉତ୍ତ୍ୟକ୍ତ ଚାଷୀମାନେ ପର୍ଯ୍ୟାପ୍ତ ପରିମାଣର ଲଙ୍କା ପୋଡି ଦେବା ସହିତ ବହୁ ୧୨ ରୁ ଅଧିକ ଗାଡି ପୋଡି ଦେଇଛନ୍ତି। କେବଳ ସେତିକି ନୁହେଁ, କର୍ଣ୍ଣାଟକର ହାଭେରି ଜିଲ୍ଲାରେ ଏଥିନେଇ ଦଙ୍ଗା ହଙ୍ଗାମା ମଧ୍ୟ ସୃଷ୍ଟି ହୋଇଥିବା ଖବର ଆସିଛି। ମିଳିଥିବା ଖବର ଅନୁସାରେ କର୍ଣ୍ଣାଟକର ଏହି ଜିଲ୍ଲାର ବ୍ୟାଦାଗି ଟାଉନ ଅଞ୍ଚଳରେ ଚାଷ କରାଯାଉଥିବା ଲଙ୍କା ଏହି ସହର ନାମରେ ଏକ ବ୍ରାଣ୍ଡ ଭାବେ ପରଚିତି ସୃଷ୍ଟି କରିଛି। ଯାହାକି କର୍ଣ୍ଣାଟକ ସମେତ ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା ଏବଂ ତାମିଲନାଡୁରେ ' ବ୍ୟାଦାଗି ଲଙ୍କା' ଭାବେ ପରିଚିତ। ଏହି କିସମର ଲଙ୍କା ପାଇଁ ଏହି ଟାଉନରେ ସ୍ୱତନ୍ତ୍ର ମଣ୍ଡି ରହିବା ସହିତ ଏହିସବୁ ରାଜ୍ୟରୁ ଆସିଥିବା ବଡ଼ ବଡ଼ ବେପାରୀଙ୍କ ଦ୍ୱାରା କୋଟି କୋଟି ଟଙ୍କାର ବ୍ୟବସାୟ ହୋଇଥାଏ। ତେବେ ବୁଧବାର ଲଙ୍କା ବ୍ୟବସାୟ ଆରମ୍ଭ ହେବା ମାତ୍ରେ ଏହି କିସମର ଲଙ୍କା ଦର କ୍ୱିଣ୍ଟାଲ ପିଛା ୨୦ ହଜାର ଟଙ୍କା ଡାକ ରହିଥିଲା। ଏହି ଦରରେ ମଧ୍ୟ କିଣାବିକା ଆରମ୍ଭ ହୋଇଥିଲା। କିନ୍ତୁ କିଛି ଘଣ୍ଟା ପରେ ଅଚାନକ ଭାବେ ଲଙ୍କା ଦର ୨୦ ହଜାରରୁ ୮ ହଜାର ଟଙ୍କାକୁ ଖସି ଆସିଥିଲା। କର୍ଣ୍ଣାଟକ ସୀମାକୁ ଲାଗି ରହିଥିବା ପଡୋଶୀ ଆନ୍ଧ୍ର ପ୍ରଦେଶର କିଛି ଇଲାକାରେ ଏହି କିସମର ଲଙ୍କା ଚାଷ କରାଯାଉଥିଲା ବେଳେ ଏଠାରୁ ବିପୁଳ ପରିମାଣର ଲଙ୍କା ପହଞ୍ଚିବା ପରେ ହଠାତ୍ ଦର ହ୍ରାସ ପାଇଥିଲା। କିନ୍ତୁ ଏଭଳି ଘଟଣାକୁ ଚାଷୀମାନେ ଆଦୌ ସହ୍ୟ କରିପାରି ନଥିଲେ। ସେମାନେ ସାଙ୍ଗେ ସାଙ୍ଗେ ଦଙ୍ଗା ହଙ୍ଗାମା ଆରମ୍ଭ କରିଦେଇଥିଲେ। କର୍ଣ୍ଣାଟକ ରାଜ୍ୟ ରାଇତା ସଂଘର ଉତ୍ତ୍ୟକ୍ତ ଚାଷୀମାନେ ସ୍ଥାନୀୟ କୃଷି ବିପଣନ କମିଟି କାର୍ଯ୍ୟାଳୟ ଜାଳି ଦେବା ସହିତ ୧୨ରୁ ଅଧିକ ଗାଡି କିଛି ମୁହୂର୍ତ୍ତ ମଧ୍ୟରେ ପୋଡି ଜାଳି ନଷ୍ଟ କରିଦେଇଥିଲେ। ଏଥିରେ ୫ ସରକାରୀ ଗାଡି ମଧ୍ୟ ସାମିଲ ରହିଛି। ଚାଷୀମାନଙ୍କ ଅଭିଯୋଗ ଅନୁସାରେ ସଂପୃକ୍ତ ବ୍ୟବସାୟ କମିଟି ଅଧୀନରେ ହେଉଥିବା କାରବାର ଅନୁସାରେ ଏଠାରେ କେବଳ ସ୍ଥାନୀୟ ଲଙ୍କା ବିକ୍ରି କରାଯାଇଥାଏ। କିନ୍ତୁ ଅନ୍ୟ ଅଞ୍ଚଳରୁ ଏଠାକୁ ୫ ଲକ୍ଷ କ୍ୱିଣ୍ଟାଲ ଲଙ୍କା ପହଞ୍ଚା ଯାଇଥିବାରୁ ଏଭଳି ସ୍ଥିତି ଦେଖାଯାଇଥିଲା। ଯାହାକୁ ସ୍ଥାନୀୟ ଚାଷୀ ସହ୍ୟ କରିପାରି ନଥିଲେ।



ବୃକ୍କ ବା କିଡ଼ନି ମନୁଷ୍ୟ ଶରୀରର ମୁଖ୍ୟ ଅଙ୍ଗ । ଏହା ରକ୍ତକୁ ଶୁଦ୍ଧିକରଣ କରିବା ସହ ଶରୀରରୁ ବର୍ଜ୍ୟ ନିଷ୍କାସନ କରିବା ଆଦି ବିଭିନ୍ନ କାର୍ଯ୍ୟ କରିଥାଏ । ତେଣୁ ସୁସ୍ଥ ଓ ନିରୋଗ ରହିବା ପାଇଁ ବୃକ୍କକୁ ସୁସ୍ଥ ରଖିବା ବେଶ୍ ଜରୁରି । ଏବେ କିନ୍ତୁ ବ୍ୟସ୍ତବହୁଳ ଜୀବନଶୈଳୀ ଓ ଖାଦ୍ୟପେୟରେ ଅନିୟମିତତା ଯୋଗୁଁ ପ୍ରାୟତଃ ଲୋକ ବୃକ୍କଜନିତ ସମସ୍ୟାରେ ଆକ୍ରାନ୍ତ ହେଉଛନ୍ତି । ଏହି ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ଏଥିପ୍ରତି ଅଧିକ ଯତ୍ନଶୀଳ ହେବା ସହ ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରିବାକୁ ପ୍ରତିବର୍ଷ ମାର୍ଚ୍ଚ ମାସ ଦ୍ୱିତୀୟ ଗୁରୁବାରରେ ବିଶ୍ୱ ବୃକ୍କ ଦିବସ ପାଳିତ ହୋଇଆସୁଛି । ଚଳିତ ବର୍ଷ ୧୪ ମାର୍ଚ୍ଚରେ ବିଶ୍ୱ ବୃକ୍କ ଦିବସର ବାର୍ତ୍ତା ହେଉଛି 'କିଡ଼ନି ରୋଗର ଚିକିତ୍ସା ସମସ୍ତଙ୍କ ପାଇଁ ଏବଂ ଉନ୍ନତମାନର ଚିକିତ୍ସା ସମସ୍ତଙ୍କ ପାଖେ ଉପଲବ୍ଧ କରାଇବା ।'

# 'ସମସ୍ତଙ୍କୁ ଉନ୍ନତମାନର ଚିକିତ୍ସା ଉବଲବ୍ଧ କରାଇବା ଲକ୍ଷ୍ୟ'



ଡ.ଅରୁଣା ଆଚାର୍ଯ୍ୟ
ବିଭାଗୀୟ ମୁଖ୍ୟ, ନେଫ୍ରୋଲୋଜି, ଏସ୍‌ସିବି ମେଡିକାଲ କଲେଜ

ବୃକ୍କ ଜନିତ ସମସ୍ୟା ବୃଦ୍ଧି ପାଇବାର ମୂଳ କାରଣ ହେଲା, ମଧୁମେହ, ଉଚ୍ଚ ରକ୍ତଚାପ, ମାତ୍ରାଧିକ ପେନ୍ କିଲର ସେବନ, ମେଦ ବହୁଳତା, ଦେହର ଜଳୀୟ ଅଂଶ କମିବା ଇତ୍ୟାଦି । ତେଣୁ ଏହି ରୋଗର ଚିକିତ୍ସା ଅପେକ୍ଷା ପ୍ରତିକାର ଅଧିକ ଗୁରୁତ୍ୱପୂର୍ଣ୍ଣ । ତେଣୁ ବୃକ୍କ ରୋଗର ଲକ୍ଷଣ, ଭୟାବହତା ଏବଂ ପ୍ରତିକାର ବିଷୟରେ ଲୋକଙ୍କ ମଧ୍ୟରେ ସଚେନତା ସୃଷ୍ଟି କରିବା ଜରୁରି । ତେବେ ଏହି ରୋଗର ପ୍ରାରମ୍ଭିକ ଅବସ୍ଥାରେ ନିରୂପଣ ଏବଂ ଚିକିତ୍ସା ହୋଇପାରିଲେ ଏହି ଜଟିଳ ଏବଂ ମାରାତ୍ମକ ରୋଗରୁ ରକ୍ଷା ମିଳିପାରିବ । ବୃକ୍କ ରୋଗୀ ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲ କଲେଜ ନେଫ୍ରୋଲୋଜି ବିଭାଗର ସମସ୍ତ ପ୍ରକାର ଚିକିତ୍ସା ମଧ୍ୟ ମାଗଣାରେ ଉବଲବ୍ଧ ଅଛି ।

ବିଶେଷ କରି ଭାରତରେ କ୍ରୋନିକ୍ କିଡ଼ନି ଡିଜିଜ୍ (ସିକେଡି) ମାମଲା ବୃଦ୍ଧି ପାଇବାରେ ଲାଗିଛି । ଏହି ରୋଗର ପ୍ରତିକାର ସୋପାନ ୪ କିମ୍ବା ୫ରେ ହୋଇଥାଏ । ଷ୍ଟେଜ୍ ୫ ରୋଗୀଙ୍କୁ ଚିକିତ୍ସା ଦୁଇ ପ୍ରକାରରେ ହୋଇଥାଏ । ପ୍ରଥମତଃ ଡାୟଲିସିସ୍ ଏବଂ ଦ୍ୱିତୀୟ ବୃକ୍କ ପ୍ରତିରୋପଣ । କିଡ଼ନି ରୋଗ ସମୟ ସାପେକ୍ଷ । ବ୍ୟୟ ବହୁଳ । କିଡ଼ନି ବାୟୋପ୍ସି ଭଳି ଏହି ସେବା ବିନା ମୂଲ୍ୟରେ ଉପଲବ୍ଧ ହେବା ଫଳରେ ରୋଗର ପ୍ରାରମ୍ଭିକ ଅବସ୍ଥାରେ ନିରୂପଣ ଏବଂ ସଠିକ୍ ଚିକିତ୍ସା ହୋଇପାରୁଛି ।

## ଡାଇଲିସିସ୍ କରୁଥିଲେ ସତର୍କତା

କିଡ଼ନି ରୋଗୀଙ୍କୁ ସପ୍ତାହକୁ ଦୁଇରୁ ତିନି ଥର ଡାଇଲିସିସ୍ କରାଇବାକୁ ପଡ଼ିଥାଏ । ଡାକ୍ତରଙ୍କ ପରାମର୍ଶ ନେଇ ରୋଗୀ ପାଣି ପିଇବା ଉଚିତ । ପୁଷ୍ଟିସାର ଖାଦ୍ୟ ଆବଶ୍ୟକ ହୁଏ । ନିୟମିତ ଆଇରନ, କ୍ୟାଲସିୟମ୍ ଓ ଶରୀରର ରକ୍ତ ବୃଦ୍ଧି ପାଇଁ ନିୟମିତ ଭାବେ ଆଇରନ, ଏରିଥ୍ରୋପୋଇଟିନ ଇଞ୍ଜେକସନ୍ ନେବାକୁ ପଡ଼ିଥାଏ । ବୃକ୍କ ପ୍ରତିରୋପଣ ରୋଗୀଙ୍କ ଅପେକ୍ଷା ଡାଇଲିସିସି ରୋଗୀଙ୍କର ଅଧିକ ହୃଦ୍‌ଜନିତ ସମସ୍ୟା ଦେଖାଯାଉଥିବାରୁ ଏଥିପ୍ରତି ସତର୍କ ରୁହନ୍ତୁ ।

## ବୃକ୍କ ପ୍ରତିରୋପଣ ପରେ ସତର୍କତା

କିଡ଼ନି ଫେଲ୍ୟୁୟର ରୋଗୀଙ୍କ ପାଇଁ ସର୍ବୋତ୍ତମ ଚିକିତ୍ସା ହେଉଛି ବୃକ୍କ ପ୍ରତିରୋପଣ । ଜଣେ ସୁସ୍ଥ ଲୋକଙ୍କଠାରୁ ବୃକ୍କ ଗ୍ରହଣ କରିବା ଅନ୍ୟଟି ମସ୍ତିଷ୍କ ମୃତ ବ୍ୟକ୍ତିଙ୍କଠାରୁ ବୃକ୍କ ନେଇ ପ୍ରତିରୋପଣ କରାଯାଇ ପାରୁଛି । ଏହି ରୋଗୀ ଔଷଧ ଉପରେ ନିର୍ଭରଶୀଳ ଥିବାରୁ ଅଧିକ ପରିଷ୍କାର ଓ ପରିଚ୍ଛନ୍ନ ରହିବା ଜରୁରି । ନିୟମିତ ନିର୍ଦ୍ଦିଷ୍ଟ ପରିମାଣରେ ପାଣି ପିଇବା ସହ ବାହାରେ ବୁଲାବୁଲି ନ କରିବା ଉଚିତ । ସଂକ୍ରମିତ ନ ହେବାକୁ ପଶୁ, ପକ୍ଷୀ ଆଦିଙ୍କ ଠାରୁ ଦୂରେଇ ରହିବା ଭଲ ।



# ବୃକ୍କ ରୋଗର କାରଣ ଓ ନିରାକରଣ



ପ୍ରଫେସର ଡା.ଦେବ ପ୍ରସାଦ କର
ନେଫ୍ରୋଲୋଜି ବିଭାଗ
ଆଇଏମ୍ଏସ୍ଆଣ୍ଡ ସମ୍ ହସ୍‌ପିଟାଲ, ଭୁବନେଶ୍ୱର

ବିଶ୍ୱ କିଡ଼ନି ଦିବସର ଲକ୍ଷ୍ୟ ହେଲା ଶରୀର ପାଇଁ କିଡ଼ନିର ପ୍ରାଧାନ୍ୟ ଏବଂ କିଡ଼ନି ରୋଗକୁ କିପରି ଚିକତ୍ସା କରିପାରିବା । ତେଣୁ କିଡ଼ନି ରୋଗର ଲକ୍ଷଣ ଓ ରୋଗ ନିରାକରଣ ସଂପର୍କରେ ଜାଣିବା ଉଚିତ ।

**କାରଣ :** କିଡ଼ନିର ଗଠନ ଠିକ୍ ଭାବେ ହୋଇନଥିବା, ବଂଶଗତ କିଡ଼ନି ରୋଗ ଥିଲେ, ନିଶା ସେବନ ଯଥା- ସିଗାରେଟ୍, ବିଡ଼ି, ତମାଖୁ, ଅତ୍ୟଧିକ ମଦ୍ୟପାନ, ଫାଷ୍ଟଫୁଡ୍, ପ୍ରିଜରଭେଟିଭରେ ଥିବା ଖାଦ୍ୟ, ପ୍ୟାକେଜଡ୍ ଆଣ୍ଡ ପ୍ରୋସେସ୍‌ଡ ଖାଦ୍ୟ ନିୟମିତ ଗ୍ରହଣ, ମେଦବହୁଳତା, ମଧୁମେହ, ଉଚ୍ଚ ରକ୍ତଚାପ, ହୃଦୟ ଜନିତ ସମସ୍ୟା ଥିଲେ, ଡାକ୍ତରଙ୍କ ବିନା ପରାମର୍ଶରେ ଏନ୍ଏସ୍ଏଆଇଡିଏସ୍ ଏବଂ ଅନ୍ୟାନ୍ୟ ଆଣ୍ଟିବାୟୋଟିକ୍ ସେବନ ଦ୍ୱାରା ବୃକ୍କ ରୋଗ ବୃଦ୍ଧି ପାଇଥାଏ ।

### ଲକ୍ଷଣ

ପାଦ, ମୁହଁ, ପେଟ ଫୁଲିବା, ଧଇଁସଇଁ ଲାଗିବା, ଦୁର୍ବଳତା, ରକ୍ତହୀନତା, ପରିସ୍ରା କମିଯିବା, ବାନ୍ତି ଲାଗିବା, ବାନ୍ତି ଭୋକ କମିଯିବା, ଚର୍ମ ଶୁଷ୍କ ହେଇଯିବା, ପରିସ୍ରାରେ ରକ୍ତ ପଡ଼ିବା, ଫିଟ୍‌ସ ମାରିବା ଇତ୍ୟାଦି ବୃକ୍କ ରୋଗର ଲକ୍ଷଣ । ଶରୀର ମଧ୍ୟରେ ମେଟାବୋଲିକ୍ ଟକ୍‌ସିନ୍ ସବୁ ଜମା ହୁଏ । ବୃକ୍କ ସମସ୍ୟା ଯୋଗୁଁ ଶରୀରରେ ରକ୍ତ କମିଯାଏ, ହୃଦ୍‌ରୋଗ ହେବାର ଆଶଙ୍କା ବୃଦ୍ଧିପାଏ ।

### ବୃକ୍କ ରୋଗ ହ୍ରାସ କରିବା କିପରି

ଦୈନନ୍ଦିନ ଖାଦ୍ୟପେୟରେ ନିୟନ୍ତ୍ରଣ, ଫାଷ୍ଟଫୁଡ୍, ଫ୍ରିଜରଭ୍‌ଡ ଓ କେନ୍‌ଡ ଖାଦ୍ୟଠାରୁ ଦୂରେଇ ରହିବା, କମ୍ ଲୁଣ ଖାଇବା, ସପ୍ତାହକୁ ଛଅ ଦିନ ୩୦ ମିନିଟ୍ ବ୍ୟାୟାମ କରିବା କିମ୍ବା ଦ୍ରୁତ ଗତିରେ ଚାଲିବା ଜରୁରି । ଶରୀରର ଓଜନକୁ ସୀମିତ ରଖିବା, ମଧୁମେହରେ ପୀଡ଼ିତ ବ୍ୟକ୍ତି ନିୟମିତ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖାଇବା କିମ୍ବା ଇନ୍‌ସୁଲିନ ନେଇ ରକ୍ତ ଶର୍କରାକୁ ନିୟନ୍ତ୍ରଣ ରଖିବା । ଯେଉଁମାନଙ୍କ ଉଚ୍ଚ ରକ୍ତଚାପ ଅଛି, ସେମାନେ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା ଉଚିତ ।

# ବୃକ୍କ ସୁରକ୍ଷାରେ ଆୟୁର୍ବେଦ ଉପଚାର



ଡା. ପ୍ରଦୀପ କୁମାର ମିଶ୍ର
ମାଛରଙ୍କା, ବାଲେଶ୍ୱର







ଅନିୟମିତ ଜୀବନ ଶୈଳୀ, ଫାଷ୍ଟଫୁଡ୍ ଓ ଜଙ୍କଫୁଡ୍ ସେବନ, ପ୍ରଦୂଷିତ ବାତାବରଣ, ମଧୁମେହ, ଉଚ୍ଚ ରକ୍ତଚାପ ଆଦି କାରଣରୁ ବୃକ୍କ ପ୍ରଭାବିତ ହୁଏ । ଏହାର ସୁରକ୍ଷା ପାଇଁ ରାସାୟନିକ ଦ୍ରବ୍ୟଠାରୁ ନିଜକୁ ଦୂରେଇ ରଖିବା ସଙ୍ଗେ ସଙ୍ଗେ ଆବଶ୍ୟକୀୟ ବିଶୁଦ୍ଧ ଜଳପାନ କରିବା ଉଚିତ । ତେବେ ବୃକ୍କଜନିତ ସମସ୍ୟାର ଆୟୁର୍ବେଦ ଉପଚାର ପାଇଁ ଗୁଖୁରୁ, ଗିଲୟ ବା ଗୁଡୁଚି, ମକାଜଟା, କୁଇଲେଖା ପତ୍ରର ମିଶ୍ରିତ ୧୦ ଗ୍ରାମକୁ ୪୦୦ ମିଲି ପାଣିରେ ସିଝାଇ ଶହେ ମିଲି ଅବଶେଷ ରଖି ଥରକୁ ୫୦ ମିଲି ପର୍ଯ୍ୟନ୍ତ ଦୁଇବେଳା ପାନକଲେ, ଉପକାର ମିଳେ ।

କୁଇଲେଖା ପତ୍ରକୁ ଛେଚି ରସ ବାହାର କରି ୧୦ ମିଲି ପର୍ଯ୍ୟନ୍ତ ରସରେ ଟିକେ ମିଶ୍ରି ପ୍ରକ୍ଷେପ ଦେଇ ଦୁଇ ବେଳା ସେବନ କରିବା ଦ୍ୱାରା ଉପଶମ ମିଳେ ।

୧୦ ଗ୍ରାମ ଗୁଖୁରୁ ବୀଜକୁ ଖଦଡ଼ିଆ ଚୂର୍ଣ୍ଣ କରି ୧ ଲିଟର ପାଣିରେ ସିଝାଇ ଅଧଲିଟର ଅବଶେଷ ରଖି ଆବଶ୍ୟକ ସମୟରେ ଦିନ ମଧ୍ୟରେ ଏହି ପାଣିକୁ ପାନ କଲେ ହିତକର ହୋଇଥାଏ । ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ଚନ୍ଦ୍ରପ୍ରଭା ବଟି, ଗୁଖୁରୁ, ଗୁଗୁଳୁ ଆଦି ଉପଯୁକ୍ତ ମାତ୍ରା ଏବଂ ସମୟରେ ସେବନ କଲେ ଉପକାର ହୋଇଥାଏ ।






ପ୍ରତିଭାବାନ ଯୁବବର୍ଗଙ୍କୁ ସର୍ବୋତ୍ତମ ତାଲିମ ପ୍ରଦାନ ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ: '୫-ଟି' ଅଧ୍ୟକ୍ଷ

# ଓୟୁପିପି ପ୍ରଶିକ୍ଷାର୍ଥୀଙ୍କ ସହ '୫-ଟି' ଅଧ୍ୟକ୍ଷଙ୍କ ଭାବ ବିନିମୟ

**ଭୁବନେଶ୍ୱର,୧୩।୩(ସମିସ):** ରାଜ୍ୟର ଆର୍ଥିକ ଭାବେ ଦୁର୍ବଳ ମେଧାବୀ ଯୁବକ ଯୁବତୀଙ୍କୁ ମାଗଣାରେ ସର୍ବୋତ୍କୃଷ୍ଟ ତାଲିମ ପ୍ରଦାନ ସହ ସେମାନଙ୍କୁ ନିଯୁକ୍ତି ଯୋଗାଇ ଦେବାକୁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି। ଏହିକ୍ରମରେ ମଙ୍ଗଳବାର ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ଅପ-ସ୍କିଲିଂ ଆଣ୍ଡ ପ୍ଲେସମେଣ୍ଟ ପ୍ରୋଗ୍ରାମ (ଓୟୁପିପି) ଅଧୀନରେ ୧୮୧ ଜଣ ପ୍ରଶିକ୍ଷାର୍ଥୀଙ୍କ ସହ ଭାବ ବିନିମୟ କରିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ନିଯୁକ୍ତି ପର୍ବ ସମାରୋହରେ ଯୋଗଦେଇ ଶ୍ରୀ ପାଣ୍ଡିଆନ୍ ଭାବ ବିନିମୟ କରିବା ସହ ପ୍ରଶିକ୍ଷାର୍ଥୀମାନେ ଖୁବ୍ ଭଲ ପ୍ରଦର୍ଶନ କରିଥିବାରୁ ଖୁସିବ୍ୟକ୍ତ କରିଛନ୍ତି। ପ୍ରଶିକ୍ଷାର୍ଥୀ ମାନଙ୍କୁ ଉନ୍ନତ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ପ୍ରଦାନ କରି ସେମାନଙ୍କ ଦକ୍ଷତା ବିକାଶ କରି ସେମାନଙ୍କୁ ଶତପ୍ରତିଶତ ନିଯୁକ୍ତି ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ପ୍ରତିଭାବାନ ଯୁବବର୍ଗଙ୍କୁ ସର୍ବୋତ୍ତମ ତାଲିମ ପ୍ରଦାନ ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ ବୋଲି କହିଛନ୍ତି '୫-ଟି' ଅଧ୍ୟକ୍ଷ।

ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ମନୋନୀତ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ୬ ମାସର ପାଠ୍ୟକ୍ରମ ଅବଧି ମଧ୍ୟରେ ମାଗଣା ବୋର୍ଡିଂ ସୁବିଧା ମଧ୍ୟ ଉପଲବ୍ଧ କରାଯାଏ। କାର୍ଯ୍ୟକ୍ରମଟି ଆର୍ଟିଡି ବା ନିଯୁକ୍ତି, ପ୍ରଶିକ୍ଷଣ ଏବଂ ନିୟୋଜନ ଆଭିମୁଖ୍ୟ ଉପରେ ଆଧାରିତ। ଏହା ଅଧୀନରେ ବି.ଟେକ୍, ଏମସିଏ ଏବଂ



ଟେକ୍ ମହିନ୍ଦ୍ରାରେ ବାର୍ଷିକ ୪.୨୫ ଲକ୍ଷ ପ୍ୟାକେଜରେ ସବୁ ପ୍ରଶିକ୍ଷାର୍ଥୀଙ୍କୁ ନିଯୁକ୍ତି

ପ୍ରଥମ ବ୍ୟାଚ୍ ଅତ୍ୟନ୍ତ ଭଲ ପ୍ରଦର୍ଶନ କରିଥିବାରୁ ଖୁସିବ୍ୟକ୍ତ କଲେ '୫-ଟି' ଅଧ୍ୟକ୍ଷ

ଏମଏସସି ପଢୁଥିବା ଆର୍ଥିକସ୍ତରରେ ଦୁର୍ବଳ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଯୋଗ୍ୟତା ଆଧାରରେ ରାଜ୍ୟର ବିଭିନ୍ନ ସ୍ଥାନରୁ ମନୋନୀତ କରାଯାଇ ପ୍ରଶିକ୍ଷଣ ଦିଆଯାଉଛି। ତାଲିମ କାର୍ଯ୍ୟକ୍ରମ ଯୋଗାଇବା ପାଇଁ ଉନ୍ନତ ଜ୍ଞାନକୌଶଳ ସହିତ ତିନୋଟି ଅତ୍ୟାଧୁନିକ ସୂଚନା ଓ ପ୍ରଯୁକ୍ତିବିଦ୍ୟା ପ୍ରୟୋଗଶାଳା ପ୍ରତିଷ୍ଠା କରାଯାଇଥିବା ବେଳେ ଟେକ୍ ମହିନ୍ଦ୍ରା ଭଳି ସୁପ୍ରତିଷ୍ଠିତ ସଂସ୍ଥା ଏହି କାର୍ଯ୍ୟକ୍ରମର ବୈଷୟିକ ଭାଗିଦାରୀ ଭାବରେ ମନୋନୀତ ହୋଇଛି। ସେହିପରି ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ସ୍କିଲିଂ ପାର୍ଟନର ଭାବରେ ସାମାଜିକ ଦାୟିତ୍ୱ ଅନ୍ତର୍ଗତ ସହାୟତା ପ୍ରଦାନ କରିଛି। ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ସଫଳତାର ସହିତ ଟେକ୍ ମହିନ୍ଦ୍ରାରେ ବାର୍ଷିକ ୪.୨୫ ଲକ୍ଷ ଟଙ୍କା ପ୍ୟାକେଜରେ ନିଯୁକ୍ତି ପ୍ରଦାନ କରାଯାଇଛି। ଯୁବ ସଶକ୍ତିକରଣ ଏବଂ ନିଯୁକ୍ତି ଦିଗରେ ଏଭଳି ସହଭାଗିତା ଯୋଗାଇ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ ସରକାରଙ୍କ ଉଦ୍ୟମକୁ ଟେକ୍ ମହିନ୍ଦ୍ରା ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେସନର ପ୍ରତିନିଧି ମାନେ ପ୍ରଶଂସା କରିଛନ୍ତି।

ଏହି ଅବସରରେ ଶ୍ରୀ ପାଣ୍ଡିଆନ ପ୍ରଶିକ୍ଷିତ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ସେ କହିଛନ୍ତି ଯେ ପ୍ରତିଭାବାନ ଯୁବବର୍ଗଙ୍କୁ ସର୍ବୋତ୍ତମ ତାଲିମ ପ୍ରଦାନ କରି ସେମାନଙ୍କୁ କର୍ମନିଯୁକ୍ତି ପ୍ରଦାନ କରିବା ୫-ଟି ପଦକ୍ଷେପ ଅନୁଯାୟୀ ଏକ ସ୍ୱପ୍ନର ପ୍ରକଳ୍ପ ଅଟେ। ପ୍ରଥମ ବ୍ୟାଚ୍ ଅତ୍ୟନ୍ତ ଭଲ ପ୍ରଦର୍ଶନ କରି ଭବିଷ୍ୟତ ବ୍ୟାଚ୍ ପାଇଁ ପଥ ସ୍ଥିର କରିବା ଅତ୍ୟନ୍ତ ଖୁସିର କଥା। ପରବର୍ତ୍ତୀ ବ୍ୟାଚ୍ ଖୁବ ଶୀଘ୍ର ଆରମ୍ଭ ହେବ ଓ ସରକାର ଏହି କାର୍ଯ୍ୟକ୍ରମକୁ ବିସ୍ତାର କରବାକୁ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଏପରି ଏକ ଅଭିନବ ପଦକ୍ଷେପ ଏବଂ ସହଯୋଗ ମାଧ୍ୟମରେ ସେମାନଙ୍କ ଭବିଷ୍ୟତ ନିଶ୍ଚିତ କରିଥିବାରୁ ପ୍ରଶିକ୍ଷାର୍ଥୀମାନେ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଥିଲେ ଏବଂ ଟେକ୍ ମହିନ୍ଦ୍ରା ପରି ଏକ ପ୍ରତିଷ୍ଠିତ କମ୍ପାନୀରେ ନିଯୁକ୍ତି ପାଇଥିବାରୁ ଖୁସି ବ୍ୟକ୍ତ କରିଥିଲେ।

# ମେଣ୍ଟ ନିଷ୍ପତ୍ତି ଆଜି!

**ଭୁବନେଶ୍ୱର,୧୩।୩(ସମିସ):** ଓଡ଼ିଶାରେ ମେଣ୍ଟ ହେବ ନା ନାହିଁ? ରାଜ୍ୟର ସାଧାରଣ ଲୋକଙ୍କ ମନରେ ଏହାକୁ ନେଇ ଉଙ୍କି ମାରୁଥିବା ପ୍ରଶ୍ନର ଉତ୍ତର କାହା ପାଖରେ ନାହିଁ। ଗତ ୪ ଦିନ ହେଲା ଓଡ଼ିଶାର ବିଜେପି ନେତାମାନେ ଦିଲ୍ଲୀରେ ଡ଼େରା ପକାଇଛନ୍ତି। ସମ୍ଭାବ୍ୟ ମେଣ୍ଟକୁ ନେଇ ଘନଘନ ବୈଠକ ହେଉଛି। ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା, ସଙ୍ଗଠନ ମହାମନ୍ତ୍ରୀ ବି.ଏଲ୍. ସନ୍ତୋଷ ବିଭିନ୍ନ ପର୍ଯ୍ୟାୟରେ ଓଡ଼ିଶା ପ୍ରଭାରୀ ବିଜୟପାଲ ସିଂହ ତୋମାର, ଉପ ପ୍ରଭାରୀ ଲତା ଉସେଣ୍ଡି ଓ ରାଜ୍ୟ ବିଜେପି ନେତୃତ୍ୱଙ୍କ ସହ ବୈଠକ ହୋଇଛି। ସେହିପରି ଜାତୀୟସ୍ତରର ନେତାଙ୍କ ସହ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ସଙ୍ଗଠନ ସମ୍ପାଦକ ମାନସ ମହାନ୍ତି ଅନେକ ଥର ଆଲୋଚନା କରିଛନ୍ତି। ମାତ୍ର ଓଡ଼ିଶାରେ ବିଜେଡି ସହ ମେଣ୍ଟ ଏଯାଏ ସ୍ପଷ୍ଟ ହୋଇନାହିଁ।

ମେଣ୍ଟ ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ନିମନ୍ତେ ବୁଧବାର ଅପରାହ୍ନରେ କେନ୍ଦ୍ର ଗୃହମନ୍ତ୍ରୀ ତଥା ବିଜେପିର ଅନ୍ୟତମ ଶୀର୍ଷନେତା ଅମିତ୍ ଶାହାଙ୍କ ଦିଲ୍ଲୀସ୍ଥିତ ସରକାରୀ ବାସଭବନରେ ବୈଠକ ଆହ୍ୱାନ କରାଯାଇଥିଲା। ମାତ୍ର ମନ୍ତ୍ରୀ ପରିଷଦ ବୈଠକ ଓ ଅନ୍ୟାନ୍ୟ ଜରୁରୀ କାର୍ଯ୍ୟ ଯୋଗୁଁ ଏହାକୁ ବାତିଲ କରାଯାଇଛି। ଦଳୀୟ ମୁଖ୍ୟାଳୟରେ ଆଜି ରାତିରେ ରାଜ୍ୟ ବିଜେପି ସଭାପତି, ସଙ୍ଗଠନ ସମ୍ପାଦକ, ପ୍ରଭାରୀ ଓ ରାଜ୍ୟର ଅନ୍ୟ କିଛି ନେତାଙ୍କୁ ଉପସ୍ଥିତ ରହିବାକୁ କୁହାଯାଇଛି। ସମ୍ଭବତଃ ଆଜି ରାତିରେ ଏ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ପରେ ଆସନ୍ତାକାଲି ନିଷ୍ପତ୍ତି ନିଆଯାଇପାରେ ବୋଲି ଅସମର୍ଥିତ ସୂତ୍ରରୁ ସୂଚନା ମିଳିଛି।

ରାଜ୍ୟ ଓ ଜାତୀୟସ୍ତରର ଗଣମାଧ୍ୟମରେ ମେଣ୍ଟକୁ ନେଇ ବିଭିନ୍ନ କଥା ଆଲୋଚିତ ହେଉଛି। ମାତ୍ର ବାସ୍ତବରେ ସତ୍ୟ କ'ଣ ତାହା ଏଯାଏ ଅସ୍ପଷ୍ଟ। ବିଜେପି ଇତି ମଧ୍ୟରେ ଲୋକସଭା ପାଇଁ ଦୁଇ ପର୍ଯ୍ୟାୟରେ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ପ୍ରଥମ ପର୍ଯ୍ୟାୟରେ ୧୯୫ ଓ ଦ୍ୱିତୀୟ ପର୍ଯ୍ୟାୟରେ ୭୨ ଜଣ ପ୍ରାର୍ଥୀଙ୍କ ସୂଚୀ ଜାତୀୟ ସାଧାରଣ ସମ୍ପାଦକ ପ୍ରକାଶ କରିଛନ୍ତି। ମାତ୍ର ଏହି ଦୁଇ ପର୍ଯ୍ୟାୟରେ ଓଡ଼ିଶାର ଜଣେ ବି ପ୍ରାର୍ଥୀଙ୍କ ନାମ ସ୍ଥାନ ପାଇନାହିଁ। ବିଜେପି ଆଗାମୀ ନିର୍ବାଚନ ନିମନ୍ତେ ଆସନଗୁଡ଼ିକୁ ୪ ବର୍ଗରେ ବର୍ଗୀକରଣ କରିଛି। ନିଶ୍ଚିତ ବିଜୟ ଓ ବୃହତ୍ ବ୍ୟବଧାନ ସମ୍ଭାବନା ଥିବା ଆସନକୁ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟଭୁକ୍ତ କରିଛି। ଏହାବ୍ୟତୀତ ଦ୍ୱିମୁଖୀ, ତ୍ରିମୁଖୀ ଲଢ଼େଇ ସମ୍ଭାବନା ଥିବା ଆସନଗୁଡ଼ିକୁ ୩ୟ ପର୍ଯ୍ୟାୟରେ ରଖିଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର କୌଣସି ଆସନ ପାଇଁ ଦଳ ଏଯାଏ ପ୍ରାର୍ଥୀଙ୍କ ନାମ ଘୋଷଣା କରି ନ ଥିବା ଅନେକ ଦିଗକୁ ଇଙ୍ଗିତ କରିଛି।

'୫-ଟି' ଅଧ୍ୟକ୍ଷଙ୍କୁ ଭେଟିଲେ ପବିତ୍ର ମୋହନ ପ୍ରଧାନଙ୍କ ନାତୁଣୀ

# ସ୍ମୃତିରକ୍ଷା ପାଇଁ ସରକାରଙ୍କୁ ଧନ୍ୟବାଦ



**ଭୁବନେଶ୍ୱର, ୧୩।୩(ସମିସ):** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରଜା ମଣ୍ଡଳ ଆନ୍ଦୋଳନର ପୁରୋଧା ଓଡ଼ିଶାର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ସ୍ମୃତିରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନେକ ପଦକ୍ଷେପ ନେଇଛନ୍ତି। ତାଳଚେରରେ ପବିତ୍ର ମୋହନ ମେଡିକାଲ କଲେଜ, ବ୍ରାହ୍ମଣୀ ନଦୀ ଉପରେ ତାଙ୍କ ନାମରେ ସେତୁ ପ୍ରତିଷ୍ଠା ସହିତ ସ୍ମୃତି ସଂଗ୍ରହାଳୟ ଏବଂ ଭୁବନେଶ୍ୱରରେ ତାଙ୍କର ଏକ ପୂର୍ଣ୍ଣାବୟବ ମୂର୍ତ୍ତି ସ୍ଥାପନ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସବୁ କାର୍ଯ୍ୟ କରାଯାଇଛି। ଏଥିପାଇଁ ପବିତ୍ର ମୋହନ ସ୍ମୃତି ପରିଷଦ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନଙ୍କୁ କୃତଜ୍ଞତା ଜ୍ଞାପନ କରିଛି। ଆଜି ପବିତ୍ର ମୋହନଙ୍କ ନାତୁଣୀ ରଞ୍ଜିତା ରାଣୀ ପ୍ରଧାନ ଓ ସ୍ମୃତି ପରିଷଦର ଅନ୍ୟ ସଦସ୍ୟମାନେ ନବୀନ ନିବାସ ଠାରେ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ସେମାନେ କହିଛନ୍ତି ଯେ ପବିତ୍ର ମୋହନଙ୍କ ସ୍ମୃତି ରକ୍ଷା ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ ଅତ୍ୟନ୍ତ ପ୍ରଶଂସନୀୟ। ଏହାର ଉତ୍ତରରେ '୫-ଟି' ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ରାଜ୍ୟର ବରପୁତ୍ରମାନଙ୍କ ପ୍ରତି ଗଭୀର ସମ୍ମାନ କରନ୍ତି। ସେମାନଙ୍କ ସ୍ମୃତି ରକ୍ଷା ପାଇଁ ରାଜ୍ୟ ସରକାର ସବୁବେଳେ ପଦକ୍ଷେପ ନେଇଛନ୍ତି। ପବିତ୍ର ମୋହନ ରାଜ୍ୟର ଯୁବ ସମାଜ ପାଇଁ ଆଦର୍ଶ। ତାଙ୍କ ସ୍ମୃତିର ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧତାର ସହ କାମ କରୁଛନ୍ତି ବୋଲି ସେ କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପାନୀୟ ନିଗମ ଦେଲା ୫ କୋଟି ଟଙ୍କା



**ଭୁବନେଶ୍ୱର, ୧୩।୩(ସମିସ):** ଓଡ଼ିଶା ରାଜ୍ୟ ପାନୀୟ ନିଗମ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଆଜି ୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ପଞ୍ଚାୟତିରାଜ, ପାନୀୟ ଜଳ ତଥା ଅବକାରୀ ବିଭାଗ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ନିମନ୍ତେ ଏହି ଅର୍ଥରାଶି ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ପ୍ରଦାନ କରିଛନ୍ତି।

ଓଡ଼ିଶା ରାଜ୍ୟ ପାନୀୟ ନିଗମ ୨୦୨୨-୨୩ ଆର୍ଥିକ ବର୍ଷରେ ୭୪୫୬. ୬୪ କୋଟି ଟଙ୍କା (ଭାଟ ୨୫୧୨.୮୩ କୋଟି କୁ ଛାଡି) କାରବାର କରିଛି। ନିଗମ ତରଫରୁ ରାଜ୍ୟ ସରକାରଙ୍କୁ ୫୨୬୭.୬୯ କୋଟି ଟଙ୍କା ଉତ୍ପାଦ ଶୁଳ୍କ ଓ ମୂଲ୍ୟ ଯୁକ୍ତ କର (ଭାଟ) ଆକାରରେ ୨୫୧୨.୮୩ କୋଟି ଟଙ୍କା ଦାଖଲ କରିଛି। କର ଦେୟ ପରେ ନିଗମ ୨୦୨୨-୨୩ ଆର୍ଥିକ ବର୍ଷରେ ୩୧.୩୮ କୋଟି ଟଙ୍କା ନିଟ୍‌ଲାଭ କରିଛି। ନିଗମ ତରଫରୁ ଗତ ଜୁଲାଇ ମାସରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୫ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଆଜି ଆଉ ୫କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି ଅର୍ଥ ରାଶି ପ୍ରଦାନ ସମୟରେ ନିଗମର ପରିଚାଳନା ନିର୍ଦ୍ଦେଶକ ଅମ୍ବର କୁମାର କର , ମୁଖ୍ୟ ସାଧାରଣ ପରିଚାଳନା ନିର୍ଦ୍ଦେଶକ ମାନସ ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ସିରିଜ୍ ଦୁର୍ଘଟଣା: ୨ ମୃତ, ଦୁଇ ଗୁରୁତର

**ବେଲବାହାଲି,୧୩।୩(ସମିସ):** କେନ୍ଦୁଝର ଜିଲ୍ଲା ୨୦ନଂ ଜାତୀୟ ରାଜପଥ କନକମଞ୍ଜରୀ ମହିଳା ମହାବିଦ୍ୟାଳୟ ସମ୍ମୁଖରେ ବୁଧବାର ମଧ୍ୟାହ୍ନରେ ଏକ ସିରିଜ୍ ଦୁର୍ଘଟଣା ଘଟିଛି। ଏଥିରେ ୨ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇ ଗୁରୁତର ହୋଇଥିବା ସୂଚନା ମିଳିଛି। ସୂଚନା ଅନୁସାରେ, ଯାଜପୁର ପଟରୁ ଆସୁଥିବା କାର୍ ପ୍ରଥମେ ଏକ ବାଇକ୍‌କୁ ଧକ୍କା ଦେବାଫଳରେ ବାଇକ୍ ଆରୋହୀ ନିୟନ୍ତ୍ରଣ ହରାଇ ଅନ୍ୟ ଏକ ବାଇକ୍ ସହ ପିଟି ହୋଇଥିଲେ। ଏହି ସମୟରେ ପଛପଟୁ ଆସୁଥିବା ଏକ ଲୁହାପଥର ବୋଝେଇ ଟ୍ରକ୍ ଦୁଇ ବାଇକ୍ ଉପରେ ଚଢ଼ିଯାଇ ଥିଲା। ଫଳରେ ଆନନ୍ଦପୁର ବଡ଼ଦାଣ୍ଡର କାର୍ତ୍ତିକ ସେଠୀ (କୁନି)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ରାଇତଳା ଗ୍ରାମର ଭରତଚରଣଙ୍କୁ କଟକ ନେବା ବାଟରେ ମୃତ୍ୟୁ ଘଟିଥିଲା। ସାଇଁକୁଳ ଗ୍ରାମର ଅଭିମନ୍ୟୁ ସ୍ୱାଇଁ ଏବଂ ରାଜକିଶୋର ପରିଡ଼ାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

# କଠିନ ପରିଶ୍ରମ, ଲକ୍ଷ୍ୟ ଓ ଶୃଙ୍ଖଳା ସିଦ୍ଧି ଆଣେ



**ଭୁବନେଶ୍ୱର, ୧୩।୩(ସମିସ):** ଦେଶର ଅନ୍ୟତମ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜ୍‌ମେଣ୍ଟ (ଆଇଆଇଏମ୍), ସମ୍ବଲପୁରର ବିଜ୍ଞ ଶିକ୍ଷାନବୀସମାନଙ୍କୁ ଜୀବନରେ ବଡ଼ ହେବାର ମନ୍ତ୍ର ଦେଇଛନ୍ତି ବିଶିଷ୍ଟ କ୍ରୀଡ଼ାବିତ୍ ତଥା ଜାତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ। କଠିନ ପରିଶ୍ରମ, ଧାର୍ଯ୍ୟ ଲକ୍ଷ୍ୟ ଓ ଗଭୀର ଶୃଙ୍ଖଳା ଜ୍ଞାନ ରହିଲେ ଜୀବନର ସିଦ୍ଧି ମିଳିବ ବୋଲି ନିଜ ଅଭିଜ୍ଞତାରୁ ତାଙ୍କ ଉତ୍ସାହଜନକ ବକ୍ତବ୍ୟରେ ଶ୍ରଦ୍ଧାଞ୍ଜଳି କହିଛନ୍ତି। ୧୯୯୨ରେ କିଛି ପ୍ରୋତ୍ସାହନ ନଥାଇ ସେମାନେ କିପରି ଶୂନ୍ୟ (ଜିରୋ)ରୁ ଓଡ଼ିଶାରେ ମହିଳା ଫୁଟବଲ ଆରମ୍ଭ କରିଥିଲେ ତାହାର ସୂଚନା ଦେଇଥିଲେ। ସେହିପରି କଠିନ ପରିଶ୍ରମ କରି ସେ କିପରି ଜାତୀୟ ସ୍ତରରେ ଶୀର୍ଷସ୍ଥାନ ପହଞ୍ଚିପାରିଥିଲେ ତାହା ପ୍ରକାଶ କରିବାରୁ ବେଶ ଗ୍ରହଣୀୟ ହୋଇଥିଲା। ଏହି ଅବକାଶରେ ଶିକ୍ଷା ପ୍ରତିଷ୍ଠାନ ଆଇଆଇଏମ୍ ପକ୍ଷରୁ ଶ୍ରଦ୍ଧାଞ୍ଜଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରଦ୍ଧାଞ୍ଜଳି ତାଙ୍କ ଉତ୍‌ଥାନର ସମସ୍ତ ଶ୍ରେୟ ରାଜ୍ୟ କ୍ରୀଡ଼ା ବିଭାଗ, ଫାଓ ଓ ତାଙ୍କ ନିଯୁକ୍ତିଦାତା ନାଲକୋକୁ ଦେଇଛନ୍ତି।

ଇଣ୍ଡିଆନ୍ ୱେଲ୍ସ ଟେନିସ୍

# କ୍ୱାର୍ଟରରେ ଆଲକାରାଜ, ସିନର

**ଇଣ୍ଡିଆନ ୱେଲ୍ସ,୧୩।୩(ଏଜେନ୍ସି):** ଏଠାରେ ଚାଲିଥିବା ଇଣ୍ଡିଆନ ୱେଲ୍ସ ଟେନିସ ଟୁର୍ଣ୍ଣାମେଣ୍ଟର ପୁରୁଷ ଏକକ ପ୍ରତିଯୋଗିତାରେ ଦ୍ୱିତୀୟ ସିଡ୍ ସ୍ପେନ୍‌ର କାର୍ଲୋସ ଆଲକାରାଜ, ତୃତୀୟ ସିଡ୍ ଇଟଲୀର ଜାନିକ ସିନର, ଷଷ୍ଠ ସିଡ୍ ଜର୍ମାନୀର ଆଲେକଜାଣ୍ଡର ଜ୍ୱେରେଭ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ଡିଫେଣ୍ଡିଂ ଚାମ୍ପିଅନ ଆଲକାରାଜ ୬-୩, ୬-୩ ସିଧାସଳଖ ସେଟ୍‌ରେ ହଙ୍ଗେରୀର ଫାବିଆନ ମାରୋଜସାନଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ଜ୍ୱେରେଭ ୫-୭, ୬-୨, ୬-୩ ସେଟ୍‌ରେ ୧୦ମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉରଙ୍କୁ ହରାଇ କ୍ୱାର୍ଟରକୁ ଉଠିଛନ୍ତି। ଅନ୍ୟପଟେ ସିନର ୭-୬, ୬-୧ ସେଟ୍‌ରେ ଆମେରିକାର ବେନ୍ ସେଲଟନଙ୍କୁ ହରାଇ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି।

### ସ୍ୱିଆଟେକ, ଓଜ୍ନିଆକି କ୍ୱାର୍ଟରକୁ ଉନ୍ନୀତ

ସେହିପରି ମହିଳା ଏକକ ପ୍ରତିଯୋଗିତାରେ ଶ୍ରେଷ୍ଠ ସିଡ୍ ପୋଲାଣ୍ଡର ଇଗା ସ୍ୱିଆଟେକ, ଡେନମାର୍କର କାରୋଲିନ୍ ଓଜ୍ନିଆକି, ୟୁକ୍ରେନର ମାର୍ତ୍ତା କୋଷ୍ଟିଉକ କ୍ୱାର୍ଟର ଫାଇନାଲକୁ ଉତୀର୍ଣ୍ଣ ହୋଇଛନ୍ତି। ସ୍ୱିଆଟେକ ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ୬-୧, ୬-୨ ସିଧାସଳଖ ସେଟ୍‌ରେ କାଜାଖସ୍ତାନର ୟୁଲିଆ ପୁଟିନଶୋଭାଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ଓଜ୍ନିଆକି ୬-୪, ୬-୨ ସିଧାସଳଖ ସେଟ୍‌ରେ ଜର୍ମାନୀ ଆଞ୍ଜେଲିକ କରବରଙ୍କୁ ଓ କୋଷ୍ଟିଉକ ୬-୪, ୬-୧ ସେଟ୍‌ରେ ରୁଷିଆର ଆନାଷ୍ଟାସିଆ ପାଭଲ୍ୟୁଚେଙ୍କୋଭାଙ୍କୁ ହରାଇ କ୍ୱାର୍ଟରକୁ ଉଠିଛନ୍ତି।

# ଏନସିଏ ଶିବିରରେ ଅଭିନୀତ



**କଟକ,୧୩।୩(ସମିସ):** ଜାତୀୟ କ୍ରିକେଟ ଏକାଡେମୀ (ଏନସିଏ)ର ୧୬ବର୍ଷରୁ କମ୍ ବାଳକ ଶିବିରରେ ସ୍ଥାନ ପାଇଛନ୍ତି ଓଡ଼ିଶାର ଅଭିନୀତ ପଟ୍ଟନାୟକ। ଆସନ୍ତା ଏପ୍ରିଲ ୧୮ରୁ ଶିବିର ଆରମ୍ଭ ହେବ। ଅଖିଳ ଭାରତୀୟ କନିଷ୍ଠ ଚୟନ କମିଟି ପକ୍ଷରୁ ଅଭିନୀତଙ୍କୁ ଶିବିର ନିମନ୍ତେ ଚୟନ କରାଯାଇଛି ବୋଲି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ପ୍ରେସବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରା ଅଭିନୀତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଦୁଇ ଶିଶୁକନ୍ୟାଙ୍କ ସନ୍ଦେହଜନକ ମୃତ୍ୟୁ

## ମୃତ ଶିଶୁକନ୍ୟାକୁ ଜୀବିତ କରିବା ଆଶାରେ ଚେଙ୍କ

**ଡୁରୁମୁଙ୍ଗା,୧୩।୩(ସମିସ):** ଆଖି ବୁଜିଦେଲେ ଦୁଇ ଭଉଣୀ। ଦୁଇ ଭଉଣୀଙ୍କ ମୃତ୍ୟୁକୁ ପରିବାରଲୋକେ ସହଜରେ ଗ୍ରହଣ କରି ପାରୁ ନ ଥିବାବେଳେ ସାନ ଝିଅଙ୍କୁ ବଞ୍ଚାଇବା ପାଇଁ ଚେଙ୍କ ଦେଇଛନ୍ତି ପରିବାର ଲୋକେ। କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବୁଢୀକାପୁଡି ପଞ୍ଚାୟତ ଅଧୀନ ପୁରନ୍ଦରପୁର ଗ୍ରାମରେ ବୁଧବାର ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତ ଦୁଇଶିଶୁ ହେଲେ ଗ୍ରାମର ଟଙ୍କଧର ମହାରଣା ଓ ଶାନ୍ତିଲତା ମହାରଣାଙ୍କ ମଝିଆଁ ଝିଅ ଇତିଶ୍ରୀ ମହାରଣା(୪) ଏବଂ ସାନ ଝିଅ ଲିପି ମହାରଣା(୨)।

ମଙ୍ଗଳବାର ଅପରାହ୍ନରେ ଇତିଶ୍ରୀ ଅଙ୍ଗନବାଡ଼ିରୁ ଫେରିବାପରେ ପ୍ରଥମେ ବାନ୍ତି ଓ ପରେ ଝାଡ଼ା ହୋଇଥିଲା। ଏହାପରେ ସାନଝିଅ ଲିପିକୁ ମଧ୍ୟ ବାନ୍ତି ହୋଇଥିଲା। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମେଡିକାଲ ନେବା ବାଟରେ ଇତିଶ୍ରୀର ମୃତ୍ୟୁ ଘଟିଥିବାବେଳେ ସାନ ଝିଅ ଲିପିର ଚିକିତ୍ସାଧୀନ ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଥିଲା। ଇତିଶ୍ରୀର ଶବ କେନ୍ଦୁଝର ମେଡିକାଲରେ ଥିବାବେଳେ ସାନ ଝିଅର ଶବକୁ ମେଡିକାଲ କର୍ତ୍ତୃପକ୍ଷ ପରିବାରକୁ ହସ୍ତାନ୍ତର କରିଥିଲେ। ଶବକୁ ଘରକୁ ଆଣି କାଳେ ଜୀବନ ଫେରି ଆସିବ ସେ ଆଶାରେ ପରିବାର ଲୋକେ ଭାଲିଆ ଚେଙ୍କ ଦେଇଥିବା ଦେଖିବାକୁ ମିଳିଥିଲା। ଘଟଣାସ୍ଥଳରେ ଡୁରୁମୁଙ୍ଗା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି, ଏଏସ୍‌ଆଇ ସୁଜାତା ମହାନ୍ତ, ମାଜିଷ୍ଟ୍ରେଟ ଭାବରେ ପାଟଣା ଅତିରିକ୍ତ ତହସିଲଦାର ଶରଣ ଜେନା ପହଁଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦୁଇ ଭଉଣୀଙ୍କ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ପୁଲିସ। ଏନେଇ ଡୁରୁମୁଙ୍ଗା ଥାନାରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଏଏସ୍‌ଆଇ ସୁଜାତା ମହାନ୍ତ ଘଟଣାର ତଦନ୍ତ କରୁଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଉଭୟଙ୍କ ମୃତ୍ୟୁରକାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

## ଅବଶିଷ୍ଟାଂଶ...

### ମେୟରଙ୍କୁ ୫୦ ହଜାର...

ଅଧ୍ୟକ୍ଷଙ୍କ ପାରିତୋଷିକ ମାସିକ ୧୫୦୦ ରୁ ୧୫ ହଜାର ଟଙ୍କା ଓ ଉପାଧ୍ୟକ୍ଷଙ୍କ ପାରିତୋଷିକ ମାସିକ ୧୨୦୦ ରୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଅନୁରୂପ ଭାବରେ ଏନ୍‌ଏସି ଅଧ୍ୟକ୍ଷମାନଙ୍କର ମାସିକ ପାରିତୋଷିକ ୧୦୦୦ ଟଙ୍କାରୁ ୧୦୦୦୦ ଟଙ୍କାକୁ ଏବଂ ଉପାଧ୍ୟକ୍ଷଙ୍କ ମାସିକ ପାରିତୋଷିକ ୮୦୦ ରୁ ୭୫୦୦ ଟଙ୍କାକୁ ବୃଦ୍ଧି କରାଯାଇଥିବା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଅନୁରୂପ ଭାବରେ ସହରାଞ୍ଚଳ ଜନ ପ୍ରତିନିଧିଙ୍କ ବୈଠକ ଭତ୍ତା ପରିମାଣ ମଧ୍ୟ ବୃଦ୍ଧି କରାଯାଇଛି। ନୂଆ ଘୋଷଣା ଅନୁଯାୟୀ ମହାନଗର ନିଗମ କର୍ପୋରେଟରମାନେ ପ୍ରତି ବୈଠକ ପାଇଁ ଭତ୍ତା ବାବଦରେ ୭୦୦ ଟଙ୍କା ପରିବର୍ତ୍ତେ ୨୦୦୦ ଟଙ୍କା ପାଇବେ। ସେହିପରି ପୌର ପରିଷଦ ଓ ଏନ୍‌ଏସିର କାଉନସିଲରଙ୍କ ଏହି ଭତ୍ତାକୁ ୧୫୦ ଟଙ୍କାରୁ ୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ମହାନଗର ନିଗମର ଷ୍ଟାଣ୍ଡିଂ କମିଟିର ସଦସ୍ୟମାନଙ୍କୁ ବୈଠକ ସମୟରେ ମଧ୍ୟ ଦୈନିକ ୨୦୦ ଟଙ୍କା ଭତ୍ତା ମିଳିବ। ପୌରାଞ୍ଚଳଗୁଡ଼ିକର ନିର୍ବାଚିତ ପ୍ରତିନିଧିମାନଙ୍କ ପାଇଁ ଅନୁକମ୍ପା ସହାୟତା ଲାଗୁ କରାଯିବା ବିଷୟ ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମୃତ୍ୟୁ କ୍ଷେତ୍ରରେ ଏହି ସହାୟତା ରାଶି ୨ ଲକ୍ଷ ଟଙ୍କା ରଖାଯାଇଥିବା ବେଳେ ସମ୍ପୂର୍ଣ୍ଣ ଓ ଆଂଶିକ ଅକ୍ଷମତା କ୍ଷେତ୍ରରେ ଯଥାକ୍ରମେ ୨ ଲକ୍ଷ ଓ ୧ ଲକ୍ଷ ଟଙ୍କା ରଖାଯାଇଛି। ଏଥିପାଇଁ ରାଜ୍ୟ ସରକାର ୪ କୋଟି ୭୬ ଲକ୍ଷ ୫୨ ହଜାର ଟଙ୍କା ବାର୍ଷିକ ବ୍ୟୟ ବହନ କରିବେ। ବର୍ତ୍ତମାନ ରାଜ୍ୟର ବିଭିନ୍ନ ମ୍ୟୁନିସିପାଲିଟି ଓ ଏନ୍‌ଏସିରେ ୧୬୯୬ କାଉନସିଲର ଏବଂ ମହାନଗର ନିଗମରେ ୨୪୪ଜଣ କର୍ପୋରେଟର ଅଛନ୍ତି।

ରଣଜୀ ଟ୍ରଫି ଫାଇନାଲ

# ବିଦର୍ଭର ସଂଘର୍ଷ ଜାରି

**ମୁମ୍ବଇ,୧୩।୩(ଏଜେନ୍ସି)**

ୱାଙ୍ଖେଡେ ଷ୍ଟାଡିୟମରେ ଚାଲିଥିବା ରଣଜୀ ଟ୍ରଫି ଫାଇନାଲ ମୁକାବିଲା ଏବେ ନିର୍ଣ୍ଣାୟକ ମୋଡରେ ପହଞ୍ଚିଛି। ମୁମ୍ବାଇର ଦୃଢ଼ ସ୍ଥିତିରେ ରହିଥିଲେ ମଧ୍ୟ ବିଦର୍ଭ ସଂଘର୍ଷ ଜାରି ରଖିଛି। ପ୍ରଥମ ପାଳିରେ ୧୧୯ ରନର ଅଗ୍ରଣୀ ହାସଲ କରିଥିବା ମୁମ୍ବାଇ ଦ୍ୱିତୀୟ ପାଳିରେ ୧୩୦.୨ ଓଭରରେ ୪୧୮ ରନକରି ଅଲଆଉଟ ହୋଇଥିଲା। ଫଳରେ ବିଦର୍ଭ ସମ୍ମୁଖରେ କଷ୍ଟସାଧ୍ୟ ୫୩୮ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ବିଦର୍ଭ ଦ୍ୱିତୀୟ ପାଳି ଆରମ୍ଭ କରି ବୁଧବାର ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ୯୨ ଓଭରରେ ୫ ୱିକେଟ ହରାଇ ୨୪୮ ରନ ସଂଗ୍ରହ କରିଛି। ମ୍ୟାଚ୍ ଆଉ ଗୋଟିଏ ଦିନ ବାକିଥିବା ବେଳେ ବିଦର୍ଭ ବିଜୟ ପାଇଁ ୨୯୦ ରନ ଆବଶ୍ୟକ କରୁଛି। ଅନ୍ୟପଟେ ମୁମ୍ବାଇ ବିଦର୍ଭ ବାକି ୫ ୱିକେଟ ଅକ୍ତିଆର କଲେ ବିଜୟୀ ହୋଇ ରେକର୍ଡ ୪୨ଥର ପାଇଁ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିବ। ଷ୍ଟମ୍ପ ଅପସାରଣ ବେଳକୁ ଅଧିନାୟକ ଅକ୍ଷୟ ୱାଦକର ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଓ ହର୍ଷ ଦୁବେ ୧୧ ରନକରି ଅପରାଜିତ ରହିଛନ୍ତି।

**ମୁମ୍ବାଇକୁ ୫ ୱିକେଟ, ବିଦର୍ଭକୁ ୨୯୦ ରନ ଆବଶ୍ୟକ**

### କରୁଣ, ଅକ୍ଷୟଙ୍କ ଅର୍ଦ୍ଧଶତକ

ଅସମାପ୍ତ ଦ୍ୱିତୀୟ ପାଳି ସ୍କୋର ୧୦/୦ରୁ ବିଦର୍ଭ ଖେଳ ଆରମ୍ଭ କରିଥିଲା। ଅପରାଜିତଥିବା ଦୁଇ ଓପନର ଅଥର୍ବ ତାଇଡେ ୩ ଓ ଧ୍ରୁବ ସୋରେ ୭ ରନରୁ ଖେଳ ଆରମ୍ଭ କରି ଯଥାକ୍ରମେ ୩୨ ଓ ୨୮ ରନକରି ଯଥାକ୍ରମେ ଶାମ୍ସ ମୁଲାନୀ ଓ ତନୁଷ କୋଟିଆନଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହାପରେ ଅମନ ମୋଖାଡେ ୩୨ ରନ କରିଥିବା ବେଳେ ମୁସିର ଖାନଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଅଭିଜ୍ଞ ବ୍ୟାଟର କରୁଣ ନାୟର ୭୪ ରନର ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକ ହାସଲ କରି ମୁସିରଙ୍କ ଦ୍ୱାରା ଆଉଟ ହୋଇଥିଲେ। ଯଶ ରାଠୋର ୭ ରନ କରିଥିବା ବେଳେ କୋଟିଆନଙ୍କ ଦ୍ୱାରା ଏଲବିଡବ୍ଲ୍ୟୁ ହୋଇଥିଲେ। ବୋଲିଂରେ ମୁସିର ଖାନ୍ ଓ ତୁନଷ କୋଟିଆନ ଦୁଇଟି ଲେଖାଏ, ଶାମ୍ସ ମୁଲାନୀ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ। ମୁମ୍ବାଇ ଦ୍ୱିତୀୟ ପାଳିରେ ମୁସିରଙ୍କ ୧୩୬ ରନର ଶତକୀୟ ପାଳି, ଶ୍ରେୟସ ଆୟରଙ୍କ ୯୫ ଓ ସାମ୍ସ ମୁଲାନୀଙ୍କ ଅପରାଜିତ ୫୦ ରନର ଅର୍ଦ୍ଧଶତକୀୟ ପାଳି ମୁଖ୍ୟ ଘଟଣା ଥିଲା। ବୋଲିଂରେ ବିଦର୍ଭ ପାଇଁ ହର୍ଷ ଦୁବେ ୫ ୱିକେଟ ନେଇଥିଲେ। ପୂର୍ବରୁ ଟସ୍ ହାରି ମୁମ୍ବାଇ ପ୍ରଥମ ପାଳିରେ ୬୪.୩ ଓଭରରେ ୨୨୪ ରନକରି ଅଲଆଉଟ ହୋଇଥିଲା। ଜବାବରେ ବିଦର୍ଭ ପ୍ରଥମ ପାଳିରେ ୪୫.୩ ଓଭରରେ ୧୦୫ ରନକରି ଅଲଆଉଟ ହେବା ସହ ପଛରେ ପଡିଥିଲା। ମ୍ୟାଚ୍ ଅମୀମାଂସିତ ରହିଲେ ମୁମ୍ବାଇ ପ୍ରଥମ ପାଳି ଅଗ୍ରଣୀ ଭିତ୍ତିରେ ବିଜୟୀ ହୋଇ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିବ।

ଛାୟାଗୀତି

# ଆମ ପର୍ଦ୍ଦାରେ 'କଓ୍ବାଲି'



ସୂର୍ଯ୍ୟ ଦେଓ

**ଆପଣଙ୍କ ମନେଥିବ ଗତ ଅଧ୍ୟାୟରେ ଭାରତୀୟ ସଂଗୀତରେ କଓ୍ବାଲିର ପ୍ରବେଶ ସଂପର୍କରେ ଚର୍ଚ୍ଚା ହୋଇଥିଲ । ତ୍ରୟୋଦଶ ଶତାବ୍ଦୀରେ ସୁଫି ସନ୍ଥ ଶେଖ୍ ନିଜାମୁଦ୍ଦିନ ଓ୍ବଲିୟାଙ୍କ ଦ୍ୱାରା ଭାରତରେ ଧର୍ମସଭା 'ସମା' ଓ 'କଓ୍ବାଲି' ଭାରତରେ ପ୍ରସାର ହେଲା । ପରେ ସନ୍ଥ ତଥା ସଂଗୀତଜ୍ଞ ଅମୀର ଖୁସ୍ରୋ 'କଓ୍ବାଲି'ରେ ଭାରତୀୟ ସଙ୍ଗୀତ ଓ ଲୋକଭାଷାର ସମାୟୋଜନ କଲେ ଓ ଭାରତୀୟ ସଙ୍ଗୀତ ଶୈଳୀର ଏକ ଅଂଶ ରୂପେ ଏହା ବିସ୍ତାରିତ ହେଲା । ପ୍ରାରମ୍ଭିକ ସ୍ତରରେ 'କଓ୍ବାଲି'ର ଉଦ୍ଦେଶ୍ୟ ଥିଲା ଈଶ୍ୱରଙ୍କ ବନ୍ଦନା ଗାନ । କିନ୍ତୁ ସମୟାନୁସାରେ ଏହାର ଭାବରେ ମୁକ୍ତ ଶୈଳୀର ଅନୁପ୍ରବେଶ ଘଟିଲା । ଅର୍ଥାତ୍ ପ୍ରେମ, ବିରହ ଓ ସାମାଜିକ ସ୍ଥିତାବସ୍ଥା ଭାବ ମଧ୍ୟ ଭାରତୀୟ 'କଓ୍ବାଲି'ରେ ପ୍ରସାରିତ ହେଲା ।**

୧୯୩୫ ମସିହାରେ ହିନ୍ଦୀ ଚଳଚ୍ଚିତ୍ର 'ବାରିଷ୍ଟର ଓ୍ବାଇଫ୍'ରେ 'ନଜରିଆ ତାନେ ହୈ ତୀର୍ କମାନ୍' କଓ୍ବାଲିକୁ ସଂଯୋଗ କରାଗଲା । ନୁର ମହମ୍ମଦ ଚାର୍ଲିଙ୍କ ଗାୟନରେ ଗୃହୀତ ଭାରତୀୟ ଚଳଚ୍ଚିତ୍ର ପ୍ରଥମ କଓ୍ବାଲିକୁ ଲେଖିଥିଲେ ପଣ୍ଡିତ ନାରାୟଣ ପ୍ରସାଦ ବେତାବ୍ । ଚାଳିଶ ଓ ପଚାଶ ଦଶକରେ ହିନ୍ଦୀ ଚଳଚ୍ଚିତ୍ର ସଂଗୀତ ପାଇଁ କଓ୍ବାଲି ଏକ ବିଶେଷ ଅଂଶ ଭାବରେ ଗୃହୀତ ହେଲା । ୧୯୪୫ ମସିହାର ହିନ୍ଦୀ ଚଳଚ୍ଚିତ୍ର 'ଜୀନତ୍' ପାଇଁ ନଖଶାବ୍ ଜରଚବିକ୍‌ଙ୍କ ଉର୍ଦ୍ଦୁରେ ଲେଖା 'ଆହେଁ ନା ଭରି ସିକୱେ ନା କିୟା', ୧୯୪୯ ମସିହାର 'ମେଳା'ରେ ଶକିଲ ବଦାୟୁନୀଙ୍କ ରଚିତ 'ଫିର୍ ଆହ ଦିଲ୍ ସେ ନିକଲି ଟପ୍‌କା ଲହୁ ଜିଗର୍ ସେ' ଏବଂ 'ସାଧନା' ଚଳଚ୍ଚିତ୍ରରେ ସାହିର୍ ଲୁଧିଆନ୍‌ବିଙ୍କ ରଚିତ 'ଆଜ୍ କୁଁୟ ହମ୍ ସେ ପରଦା ହୈ'ର ଲୋକପ୍ରିୟତା ହେତୁ ବିଭିନ୍ନ ପ୍ରାନ୍ତୀୟ ଚଳଚ୍ଚିତ୍ରରେ ମଧ୍ୟ କଓ୍ବାଲିର ସଂଯୋଗ ଘଟିଲା । ଏକ କ୍ଷୁଦ୍ର ପଦ ଉପରେ 'କଓ୍ବାଲି'ର ସମଗ୍ର ରଚନା ଆଧାରିତ ହୋଇଥାଏ । ଅର୍ଥାତ ସେହି କ୍ଷୁଦ୍ର ପଦ ବାରମ୍ବାର ପ୍ରତି ପଙ୍କ୍ତିରେ ଆସେ ଓ କ୍ଷୁଦ୍ର ପଦର ବର୍ଣ୍ଣନା ବିସ୍ତାରିତ ହୁଏ । ୧୯୫୮ ମସିହାରେ 'ଅଲ୍ ହିଲାଲ୍' ହିନ୍ଦୀ ଚଳଚ୍ଚିତ୍ରରେ ସ୍ଥାନିତ ଶେବନ୍ ରିଜବିକ୍‌ଙ୍କ ରଚିତ କଓ୍ବାଲି 'ହମେ ତୋ ଲୁଟ୍ ଲିୟା ମିଲକେ ହୁସ୍ନୋ ଓ୍ବାଲୋନେ' ଲୋକପ୍ରିୟତାର ଶୀର୍ଷକୁ ସ୍ପର୍ଶ କରିଥିଲା । ପ୍ରାନ୍ତୀୟ ଚଳଚ୍ଚିତ୍ରର ସଂଗୀତ ହିନ୍ଦୀ ଚଳଚ୍ଚିତ୍ରର ସଙ୍ଗୀତ ଧାରା ଦ୍ୱାରା ପ୍ରଭାବିତ ହେବା ଏକ ସ୍ୱାଭାବିକ ପ୍ରକ୍ରିୟା । ଏହି କ୍ରମରେ ଓଡ଼ିଆ ଚଳଚ୍ଚିତ୍ର 'ସୂର୍ଯ୍ୟମୁଖୀ'ରେ କଓ୍ବାଲିର ପ୍ରବେଶ ହେଲା । ଓଡ଼ିଆ ଚଳଚ୍ଚିତ୍ରରେ ପ୍ରଥମ କଓ୍ବାଲି ଗୀତର ରଚୟିତା ହେଲେ ଗୁରୁକୃଷ୍ଣ ଗୋସ୍ୱାମୀ । 'ଆରେ ଅଳତା ଢାଳିଲେ ଧଳା ଗୋଲାପରେ/ ଯିବ କି ଏ ଫୁଲ/ ରକ୍ତଗୋଲାପ ହୋଇ/ଏ ରଙ୍ଗ ରହିବ ନାହିଁ' 'ସୂର୍ଯ୍ୟମୁଖୀ' ଚଳଚ୍ଚିତ୍ରର ଏହି ଓଡ଼ିଆ କଓ୍ବାଲିରେ 'ଏ ରଙ୍ଗ ରହିବ ନାହିଁ' ହେଉଛି କ୍ଷୁଦ୍ର ପଦ ଓ ସେହି ଭାବ ଆଧାରିତ ବର୍ଣ୍ଣନା ସଂପୂର୍ଣ୍ଣ କଓ୍ବାଲିରେ ବିସ୍ତାରିତ ହୋଇଛି । ଓଡ଼ିଆ ଚଳଚ୍ଚିତ୍ରକୁ 'କଓ୍ବାଲି' ଆସିବା ପୂର୍ବରୁ ଓଡ଼ିଆ ଗୀତି ସାହିତ୍ୟରେ ଅବଶ୍ୟ ଏହାର ପ୍ରବେଶ ହୋଇସାରିଥିଲା । ୧୯୩୩ ମସିହାରେ କବିମଞ୍ଜୁଳ କୃଷ୍ଣ ପ୍ରସାଦ ବସୁଙ୍କ ରଚିତ ଏବଂ ନିଜେ କବି ଓ ଲକ୍ଷ୍ମୀଧର ସାହୁଙ୍କ ମିଳିତ କଣ୍ଠରେ ହିଜ୍ ମାଷ୍ଟର୍ସ ଭଏସ୍ (ଏଚ୍‌ଏମ୍‌ଭି) ଗ୍ରାମୋଫୋନ୍ କମ୍ପାନି ପାଇଁ ଗୃହୀତ 'ଆରେ ଏ ବାୟାଟା, ଫେରିଆ ଫେରିଆ'କୁ ପ୍ରଥମ ଓଡ଼ିଆ କଓ୍ବାଲିର ମାନ୍ୟତା ଦିଆଯାଏ । ପରେ ୧୯୫୩ ମସିହାରେ 'ବସୁ ସାହିତ୍ୟ ମନ୍ଦିର' ପ୍ରକାଶିତ ଓ ପ୍ରଦୀପ୍ତ କିଶୋର ଦାସଙ୍କ ଦ୍ୱାରା କୃଷକ ପ୍ରେସ୍‌ରେ ମୁଦ୍ରିତ କବିମଞ୍ଜୁଳଙ୍କ 'ପ୍ରସାଦ ପଦ୍ୟାବଳୀ'ରେ ଇସଲାମୀ କଓ୍ବାଲି ସ୍ଥାନିତ ହୋଇଥିଲା ଏବଂ ଏହା ଥିଲା ପ୍ରଥମ ଓଡ଼ିଆ କଓ୍ବାଲି ସଙ୍କଳନ ।



କଓ୍ବାଲି ଗୀତଦୃଶ୍ୟରେ ବାମରୁ ଦ୍ୱିତୀୟରୁ ନାୟକ ସୌମେନ୍ଦ୍ର ଓ ସଙ୍ଗୀତକାର ଶାନ୍ତନୁ

ଓଡ଼ିଆ ଚଳଚ୍ଚିତ୍ର ଗୀତିଧାରାରେ 'ସୂର୍ଯ୍ୟମୁଖୀ' ଚଳଚ୍ଚିତ୍ର ସଙ୍ଗୀତ ଦୁଇଟି ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ । ପ୍ରଥମତଃ: 'କଓ୍ବାଲି'ର ପ୍ରଥମ ସଂଯୋଜନ ଓ ଦ୍ୱିତୀୟତଃ: ଓଡ଼ିଆ ଚଳଚ୍ଚିତ୍ରରେ 'ଗଜଲ୍' ଛାୟାରେ ଗୀତ ରଚନା । 'ସୂର୍ଯ୍ୟମୁଖୀ'ରେ ସ୍ଥାନିତ ତଥା ଗୁରୁକୃଷ୍ଣ ଗୋସ୍ୱାମୀଙ୍କ ଲେଖା 'ଅନ୍ତରେ କାନ୍ଦେ/ ବାହାରେ ହସେ ମୁଁ/ ଏଇ ମୋର ପରିଚୟ/ମରିସାରିଛି ମୁଁ ତେବେ ବି କରୁଛି/ ବଞ୍ଚିବାର ଅଭିନୟ/ ଏଇ ମୋର ପରିଚୟ' ଓଡ଼ିଆ ଚଳଚ୍ଚିତ୍ରର ପ୍ରଥମ ଗଜଲ୍ ଛାୟାରେ ରଚିତ ଗୀତ । ଗଜଲ୍ ସମ୍ବନ୍ଧରେ ଆରଥରକୁ ଚର୍ଚ୍ଚା କରିବା । ■



ବହୁମୁଖୀ ପ୍ରତିଭାର ଅଧିକାରୀ ଭାବେ ପରିଚିତ ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅମିର୍ ଖାନ୍ । ତାଙ୍କ ଅଭିନୟ ଦର୍ଶକଙ୍କ ମନରେ ଏକ ସ୍ୱତନ୍ତ୍ର ଛାପ ସୃଷ୍ଟି କରିଥାଏ । ସେ ତାଙ୍କ କାମ ପ୍ରତି ସବୁବେଳେ ଯତ୍ନବାନ ରହି ଆସିଛନ୍ତି । ଆଜି ଅର୍ଥାତ୍ ମାର୍ଚ୍ଚ ୧୪ରେ ସେ ତାଙ୍କର ୫୯ତମ ଜନ୍ମଦିନ ପାଳନ କରୁଛନ୍ତି । ତେବେ ଏଥର ତାଙ୍କର ଏହି ଜନ୍ମଦିନ ବେଶ୍ ସ୍ୱତନ୍ତ୍ର ହେବ । ସେ ତାଙ୍କର ଜନ୍ମଦିନକୁ ନିଆରା ଷ୍ଟାଇଲରେ ପାଳନ କରିବେ । କାରଣ ଆମିର୍ ଏବେ ତାଙ୍କର ବହୁ ପ୍ରତୀକ୍ଷିତ ସିନେମା 'ସିତାରେ ଜମିନ୍ ପର୍' ଫିଲ୍ମର ସୁଟିଂରେ ବ୍ୟସ୍ତ ଅଛନ୍ତି । ଏଣୁ ସେ ତାଙ୍କର ଜନ୍ମଦିନକୁ ସୁଟିଂ ସେଟ୍‌ରେ ଧୁମ୍‌ଧାମରେ ପାଳନ କରିବେ ବୋଲି ଚର୍ଚ୍ଚା ହେଉଛି । ■

## ସଲମାନ୍‌ଙ୍କ ନୂଆ ଫିଲ୍ମ



ବଲିଉଡ୍‌ର ଲୋକପ୍ରିୟ ଅଭିନେତା ସଲମାନ ଖାନ ଶେଷଥର ପାଇଁ କ୍ୟାଟ୍ରିନା କୈଫ୍ ସହିତ ଫିଲ୍ମ 'ଟାଇଗର- ୩'ରେ ନଜର ଆସିଥିଲେ । ଫିଲ୍ମକୁ ଦର୍ଶକୀୟ ଆଦୃତି ବି ମିଳିଥିଲା । ତେବେ ଏବେ ଏହି ସିନେମା ପରେ ସଲମାନ ଅନ୍ୟ କୌଣସି ସିନେମାରେ ନଜର ଆସି ନାହାନ୍ତି । ଗୋଟିଏ ପଟେ ତାଙ୍କ ପ୍ରଶଂସକମାନେ ଆଗାମୀ ସିନେମା ଲାଗି ଉତ୍କଣ୍ଠାର ସହ ଅପେକ୍ଷା କରି ରହିଥିବା ବେଳେ ତାଙ୍କ ଆଗାମୀ ନୂଆ ସିନେମା ବାବଦରେ ଘୋଷଣା କରିଛନ୍ତି । ଏହି ନୂଆ ସିନେମାର ନିର୍ଦ୍ଦେଶନା ଦାୟିତ୍ୱରେ ଏଆର୍ ମୁରୁଗାଦସ୍ ଥିବା ବେଳେ ସିନେମାକୁ ନିର୍ମାଣ ସାଜିଦ୍ ନାଦିୟାଦୱାଲା କରିବେ । ଫିଲ୍ମ ସମ୍ପର୍କରେ ସଲମାନ ନିଜ ଖୁସି ବ୍ୟକ୍ତ କରି କହିଛନ୍ତି, "ପ୍ରତିଭାଶାଳୀ ଲୋକଙ୍କ ସହ ଯୋଡ଼ିହୋଇ ମୋତେ ଖୁସି ଲାଗୁଛି । ମୁରୁଗାଦସଁ ଏବଂ ସାଜିଦ୍ ବହୁତ ରୋମାଞ୍ଚକ ସିନେମା ଆଣି ଆସୁଛନ୍ତି । ଆପଣମାନଙ୍କ ଭଲପାଇବା ଏବଂ ଆଶୀର୍ବାଦରୁ ଯାତ୍ରା ଆରମ୍ଭ କରିବାକୁ ଚାହିଁବି ।" ଅବଶ୍ୟ ଏହି ଫିଲ୍ମର ଶୀର୍ଷକ ଏ ଯାଏଁ ସ୍ଥିର ହୋଇ ନାହିଁ । ତେବେ ଏହା ୨୦୨୫ ଇଦ୍‌ରେ ପ୍ରେକ୍ଷାଳୟକୁ ଆସିବ ବୋଲି କୁହାଯାଉଛି । ■

ପରଦା ପଛର କାହାଣୀ

## କୁଆଡ଼େ ଯାଏ ହିରୋ-ହିରୋଇନ୍‌ଙ୍କ ପୋଷାକ



ଫିଲ୍ମର ସୁଟିଂ ସମୟରେ ସେଲିବ୍ରିଟିମାନେ ପିନ୍ଧିଥିବା ପୋଷାକ ପ୍ରାୟତଃ ଚର୍ଚ୍ଚାରେ ରହିଥାଏ । ସେଲିବ୍ରିଟି ପିନ୍ଧିଥିବା ପୋଷାକଗୁଡ଼ିକ ଅନେକ ସମୟରେ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ପାଲଟିଯାଏ । ଯାହାକୁ ଅନ୍ୟମାନେ ଅନୁକରଣ କରିଥାନ୍ତି । ଆଜିକାଲି ଫିଲ୍ମ ନିର୍ମାଣ ପାଇଁ ଶହ ଶହ କୋଟି ଖର୍ଚ୍ଚ ହେଉଛି । ଏହି ଖର୍ଚ୍ଚର ଏକ ବଡ଼ ଅଂଶ କଳାକାରଙ୍କ ପୋଷାକ ବା କଷ୍ଟ୍ୟୁମ୍ ବାବଦରେ ଯାଇଥାଏ । କାରଣ ଫିଲ୍ମର ହିରୋ ହିରୋଇନ୍‌ମାନେ କୋଟି କୋଟି ଟଙ୍କା ମୂଲ୍ୟର ପୋଷାକ ପିନ୍ଧିଥାନ୍ତି । ତେବେ ଫିଲ୍ମର ସୁଟିଂ ପରେ ଏହି ଦାମୀ ତଥା ଆକର୍ଷଣୀୟ ପୋଷାକଗୁଡ଼ିକ କୁଆଡ଼େ ଯାଏ, ଏହାକୁ ନେଇ ଅନେକଙ୍କ ମନରେ ପ୍ରଶ୍ନ ଉଠିଥାଏ । ଏଭଳି କିଛି ସିନେମା ଅଛି, ଯାହା ଐତିହାସିକ ଓ ସ୍ମରଣୀୟ ହୋଇଥାଏ । ଏହି ଫିଲ୍ମର ଚରିତ୍ର ସହିତ ସେମାନଙ୍କର ପୋଷାକ ମଧ୍ୟ ପ୍ରସିଦ୍ଧ ହୋଇଥାଏ । ଏଭଳି କ୍ଷେତ୍ରରେ ଏହି ପୋଷାକଗୁଡ଼ିକୁ ନିଲାମ କରାଯାଇଥାଏ ଓ ଏହାକୁ ପିନ୍ଧିବାକୁ ସଉକ ରଖିଥିବା ଲୋକେ କିଣି ନେଇଥାନ୍ତି । 'ଦେବଦାସ'ରେ ମାଧୁରୀ ଦୀକ୍ଷିତ ପିନ୍ଧିଥିବା ସବୁଜ ରଙ୍ଗର ଲେହେଙ୍ଗାକୁ ୩ କୋଟି ଟଙ୍କାରେ ନିଲାମ କରାଯାଇଥିଲା । ସେହିପରି ଫିଲ୍ମ 'ମୁଜ୍‌ସେ ଶାଦି କରୋଗି'ରେ ସଲମାନ ଖାନ୍ 'ଜିନେ କେ ହେ ଚାର୍‌ଦିନ୍'ଗୀତରେ ଧରିଥିବା ଟାୱେଲକୁ ୧ ଲକ୍ଷ ୪୫ ହଜାର ଟଙ୍କାରେ ବିକ୍ରି କରାଯାଇଥିଲା । ପରେ ସଲମାନ୍ ଏହାକୁ ଏକ ଏନ୍‌ଜିଓକୁ ଦାନ କରିଥିଲେ । ଅମିତାଭ ବଚ୍ଚନ, ଐଶ୍ୱର୍ଯ୍ୟା ରାୟ ବଚ୍ଚନ, ସଲମାନ ଖାନ, ରଜନୀକାନ୍ତ ଭଳି ବଡ଼ ବଡ଼ କଳାକାରମାନେ ସେମାନେ ଫିଲ୍ମରେ ପିନ୍ଧିଥିବା ପୋଷାକକୁ ଚ୍ୟାରିଟି ପାଇଁ ନିଲାମ କରିଥାନ୍ତି । କେତେକ କ୍ଷେତ୍ରରେ ଫିଲ୍ମ ସୁଟିଂ ସରିବା ପରେ କଳାକାରଙ୍କ ପୋଷାକକୁ ଗୋଟିଏ ବକ୍ସରେ ରଖାଯାଏ । ଏହି ପୋଷାକକୁ ମଧ୍ୟ ଅନ୍ୟ ଫିଲ୍ମରେ ପୁଣି ଥରେ ବ୍ୟବହାର କରାଯାଏ । ଯଦିଓ ଏହି ପୋଷାକକୁ ଫିଲ୍ମର ହିରୋ ହିରୋଇନ୍‌ମାନଙ୍କୁ ଦିଆଯାଏ ନାହିଁ, କିନ୍ତୁ ଛୋଟମୋଟ ରୋଲ୍ କରୁଥିବା ତଥା ବ୍ୟାକ୍‌ଗ୍ରାଉଣ୍ଡ ଡ୍ୟାନ୍ସରମାନେ ଏହାକୁ ପିନ୍ଧିଥାନ୍ତି । କେବଳ ସେତିକି ନୁହେଁ, ଅନେକ କଷ୍ଟ୍ୟୁମ୍ ଡିଜାଇନର୍‌ମାନେ ଏହାକୁ ରିଡିଜାଇନ୍ କରୁଥିବାର ଦେଖାଯାଏ । ଯଦି ଫିଲ୍ମର ପୋଷାକଗୁଡ଼ିକ ଆଗଧାଡ଼ିର ଡିଜାଇନର୍‌ମାନେ ଡିଜାଇନ୍ କରିଥାନ୍ତି, ତେବେ ସେମାନେ ସେମାନଙ୍କ ପୋଷାକକୁ ଫେରାଇ ନିଅନ୍ତି । 'ବମ୍ବେ ଭେଲଭେଟ୍' ଫିଲ୍ମରେ ଅନୁଷ୍କା ଶର୍ମା ପିନ୍ଧିଥିବା ସବୁଜ ରଙ୍ଗର ଗାଉନ୍‌କୁ ମନୀଷ ମଲହୋତ୍ରା ଫେରାଇ ନେଇଥିଲେ । 'ବଣ୍ଟି ଔର୍ ବବ୍‌ଲି'ର ଗୀତ 'କଜରାରେ' ରେ ଐଶ୍ୱର୍ଯ୍ୟା ରାୟ ପିନ୍ଧିଥିବା ଲେହେଙ୍ଗା ଫିଲ୍ମ 'ବ୍ୟାଣ୍ଡ ବାଜା ବାରାତ'ର ଏକ ଗୀତରେ ବ୍ୟାକଗ୍ରାଉଣ୍ଡ ଡ୍ୟାନ୍ସରଙ୍କୁ ଦିଆଯାଇଥିଲା । କିଛି ପ୍ରଡକ୍ସନ ହାଉସ୍ ପୋଷାକକୁ ଅର୍ଡର ଦେଇ ନେଇଥାନ୍ତି ଏବଂ ସୁଟିଂ କାମ ଶେଷ ହେବା ପରେ ଏହାକୁ ଫେରାଇ ଦିଅନ୍ତି । ବିଶେଷକରି ଟେଲି ଧାରାବାହିକ କ୍ଷେତ୍ରରେ ଏହା ଅଧିକ ପ୍ରଚଳିତ । ଆଉ କିଛି ଅଭିନେତା ନିଜର କେତେକ ଲୋକପ୍ରିୟ ଚରିତ୍ରର ପୋଷାକ ନିଜ ପାଖରେ ସାଇତି ରଖିଥାନ୍ତି । ■

ନୂଆ ଧାରାବାହିକ

## ଧରାପଡ଼ିଲା ରୁହିର ମିଛ



ତୋ ରି ପାଇଁ... ତୋ ପାଇଁ

ଲୋକପ୍ରିୟ ଧାରାବାହିକ 'ତୋ ପାଇଁ ତୋରି ପାଇଁ' ଧାରାବାହିକ ଏବେ ଏକ ନୂଆମୋଡ଼ରେ ପହଞ୍ଚିଛି । ରାମ ଓ ଚିକିଙ୍କ ସମ୍ପର୍କରେ ଫାଟ ସୃଷ୍ଟି କରିବାକୁ ଚେଷ୍ଟା କରିଥାଏ ରୁହି । ତେବେ ସବୁବେଳେ ଚିକିକୁ ମିଛରେ ଦୋଷୀସାବ୍ୟସ୍ତ କରିବାକୁ ଚାହୁଁଥିଲେ ବି ସେଥିରେ ସେ ଆଦୌ ସଫଳ ହୋଇ ନ ଥାଏ । ଏଥର ବି ରୁହିର ଚାଲ୍ ଫେଲ୍ ମାରିଛି । ଚିକିକୁ ସମସ୍ତଙ୍କ ସାମ୍ନାରେ ଖରାପ କରିବା ପାଇଁ ତଥା ଯେଭଳି ସେ ଭଜନ ଗାଇପାରିବ ନାହିଁ, ସେଥିପାଇଁ ସେ ଲଡୁ ଭିତରେ ସିନ୍ଦୂର ପୂରାଇ ଚିକିକୁ ଖାଇବାକୁ ଦେଇଥିଲା । ଯାହାକୁ ଚିକି ଭୋଗ ଭାବି ଅଜାଣତରେ ଖାଇଥିଲା । ଫଳରେ ଚିକି ତଣ୍ଟି ଫିଟି ନ ଥିଲା । ତେବେ ଏବେ ଲଡୁ ଜାଲରେ ନିଜ ଛନ୍ଦି ହୋଇଛି ରୁହି । ରାମ ଓ ଚିକି ଲଡୁର ସତ ଜାଣିବା ପରେ ସେମାନେ ସମସ୍ତଙ୍କ ସାମ୍ନାରେ ରୁହିକୁ ଧରାଇବାକୁ ଚେଷ୍ଟା କରିଛନ୍ତି । ଯେତେବେଳେ ରୁହିକୁ ରାମର ଜେଜେବାପା ଲଡୁ ଖାଇବାକୁ ଦେଇଛନ୍ତି, ସେ ଡାଏଟ୍ କରୁଥିବା କହି ଲଡୁକୁ ଫିଙ୍ଗି ଦେଇଛି । ଯଦ୍ଦ୍ୱାରା ଲଡୁ ତଳେ ପଡ଼ିଯିବାରୁ ସେଥିରୁ ସିନ୍ଦୂର ଥିବା ଜଣାପଡ଼ିଛି । ଯାହାକୁ ଦେଖି ରୁହି ଭୟ କରିଛି । ତେବେ ରୁହି ଏହି କଥାକୁ କିଭଳି ସ୍ୱୀକାର କରୁଛି, ତାହା ଧାରାବାହିକ ଆଗକୁ ବଢ଼ିଲେ ଜଣାପଡ଼ିବ । ■

## ଆମ ଝାନ୍ସି ଅପା



ତରଙ୍ଗ ଟିଭିରେ ଏଇ ୧୮ ତାରିଖରୁ ଆରମ୍ଭ ହେବ ନୂଆ ମେଗାଧାରାବାହିକ 'ଆମ ଝାନ୍‌ସି ଅପା' । ଭିନ୍ନ ଏକ ସୁନ୍ଦର କାହାଣୀକୁ ନେଇ ଏହାର କଥାବସ୍ତୁ ଗତିଶୀଳ । ସୁଶ୍ରୀ ସୁଭାଷିନୀ ପଣ୍ଡା ଏଥିରେ ମୁଖ୍ୟ ଚରିତ୍ରରେ ନଜର ଆସିବେ । ଏଥିରେ ତାଙ୍କୁ ବାନୀ ଚରିତ୍ରରେ ଦେଖିବାକୁ ମିଳିବ । ଧାରାବାହିକର ପ୍ରମୋ ଜାରି ହୋଇଥିବା ବେଳେ ଏହାକୁ ଦର୍ଶକେ ବେଶ୍ ପସନ୍ଦ କରିଛନ୍ତି । ପ୍ରମୋରୁ ଜଣାପଡୁଛି ଯେ, ବାନୀ ନିଜ ପାଇଁ ଆଦୌ ଚିନ୍ତିତ ନୁହେଁ । ସେ ସବୁବେଳେ ତା' ପରିବାରର ଖୁସି ଚାହେଁ । ସେଥିପାଇଁ ସେ ନିଜର ଚିକିତ୍ସା ପାଇଁ ଟଙ୍କାକୁ ନ ରଖି, ସାନ ଭଉଣୀ ପଢ଼ା ପାଇଁ ଖର୍ଚ୍ଚ କରିବାକୁ ଆଗେଇ ଆସିଛି । ତା'ର ଏହିସବୁ ନିଃସ୍ୱାର୍ଥ କାମ ହିଁ ସମସ୍ତଙ୍କ ଜୀବନରେ ଖୁସି ଭରିଦିଏ । ତେବେ ତା' ଖୁସିର କାରଣ କିଏ ହେବ, ସେକଥା ଧାରାବାହିକ ଆରମ୍ଭ ହେଲେ ଜଣାପଡ଼ିବ । ସୋମବାରରୁ ଶନିବାର ସନ୍ଧ୍ୟା ୬ଟା ୩୦ରେ ଏହା ପ୍ରସାରିତ ହେବ । ■

## ମୁକ୍ତି ପାଉଛି (୧୪ ମାର୍ଚ୍ଚ)




### ଦ ଡିପ୍ଲୋମାଟ୍ — ହିନ୍ଦୀ

ନିର୍ଦ୍ଦେଶନା : ଶିବମ୍ ନାୟର
ପ୍ରଯୋଜନା : ଭୂଷଣ କୁମାର
କଳାକାର : ଜନ ଆବ୍ରାହମ୍, କ୍ରିଷ୍ଟନ କୁମାର, ରାଜେଶ ବହଲ




### ବସ୍ତର: ଦ ନକ୍ସଲ ଷ୍ଟୋରି — ହିନ୍ଦୀ

ନିର୍ଦ୍ଦେଶନା : ସୁଦୀପ୍ତୋ ସେନ
ପ୍ରଯୋଜନା : ଭିପୁଲ ଅମୃତଲାଲ ଶାହ
କଳାକାର : ଅଦା ଶର୍ମା, ରାଇମା, ସେନ୍, ଯଶପାଲ ଶର୍ମା



ଜଣେ ଜେଲ୍ ଭିତରକୁ ନ ଯିବା ପର୍ଯ୍ୟନ୍ତ ଦେଶ ବିଷୟରେ ସଠିକ୍ ମତ ଦେଇପାରିବ ନାହିଁ, କାରଣ ଜେଲ୍ ଭିତରେ ମିଳୁଥିବା ମୌଳିକ ସୁବିଧାରୁ ହିଁ ପ୍ରଶାସନର ନିମ୍ନତମ ମୂଲ୍ୟାଙ୍କନ କରିହୁଏ।
-ନେଲ୍ସନ୍ ମାଣ୍ଡେଲା

ସକାଳ THE SAKALA

# ଓଡ଼ିଶାରେ ଆଦର୍ଶ କାରାଗାର ସଂସ୍କାର

କାରାଗାରରେ କଏଦୀଙ୍କ ଭିଡ଼ ହ୍ରାସ କରିବା ସହିତ ଏହାର ଅନ୍ତେବାସୀଙ୍କୁ ମାନୁଷିକ ପରିବେଶ ଯୋଗାଇବା କାରା ସଂସ୍କାରର ଏକ ଅଂଶ। ତାହାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜଧାନୀ ଉପକଣ୍ଠ ଜାମୁଝରୀଠାରେ ରାଜ୍ୟର ପ୍ରଥମ ସବୁଠୁ ବଡ଼ ତଥା ଆଦର୍ଶ (ମଡେଲ) କାରାଗାର ନିର୍ମାଣର ଶୁଭ ଦେଇଛନ୍ତି। ଏକଦା ମୁକ୍ତାକାଶ କାରାଗାର ଥିବା ଜାମୁଝରୀ ବନ୍ଦୀମାନଙ୍କୁ ସଂସ୍କାରିତ କରିବା କାମରେ ନିୟୋଜିତ ହେଉଥିଲା। ଏବେ ଏହା ରାଜ୍ୟର ସବୁଠୁ ବଡ଼ ଆଦର୍ଶ କାରାଗାରରେ ପରିଣତ ହେବା ସହିତ ରାଜଧାନୀ ଭିତରେ ସଂକୀର୍ଣ୍ଣ ପରିସରରେ ଥିବା ଝାରପଡ଼ା ଜେଲ୍‌କୁ ସେଠାକୁ ସ୍ଥାନାନ୍ତରିତ କରାଯିବ। କଟକ ସେଣ୍ଟ୍ରାଲ ଜେଲ୍ ଚୌଦ୍ୱାରକୁ ସ୍ଥାନାନ୍ତର ହେବା ପରେ ଝାରପଡ଼ା ହେବ ରାଜ୍ୟର ଦ୍ୱିତୀୟ ଜନାକୀର୍ଣ୍ଣ କାରାଗାର, ଯାହା ଏକ ପ୍ରଶସ୍ତ କ୍ଷେତ୍ରକୁ ଓ ନୂଆ ଯାଗାକୁ ଯିବ। ଏହା ନିଶ୍ଚୟ ଏକ ସ୍ୱାଗତଯୋଗ୍ୟ ନିଷ୍ପତ୍ତି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର କାରାଗାରଗୁଡ଼ିକୁ ଗହଳି ମୁକ୍ତ କରି କଏଦୀମାନଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାକୁ ସରକାର ଯେଉଁ ନିଷ୍ପତ୍ତି ନେଇଥିଲେ ତାହା ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଆଦର୍ଶ ଜେଲ୍ ନିର୍ମାଣ ଦ୍ୱାରା କାରାଗାର ପ୍ରଶାସନରେ ଏକ ନୂଆ ଅଧ୍ୟାୟ ଆରମ୍ଭ କରିଛି। ଏହାଫଳରେ କାରା ସଂସ୍କାର ପାଇଁ ଅଧିକ ଭଲ ମୌଳିକ ସୁବିଧା ସୁଯୋଗ ମିଳିବ। ଅପରାଧ ବିରୋଧରେ ସଂଗ୍ରାମକୁ ସଫଳ ଓ ପ୍ରଭାବଶାଳୀ କରିବାକୁ ହେଲେ କାରାଗାର ସଂସ୍କାର ଓ ବନ୍ଦୀଙ୍କ ଉତ୍ତମ ଥଇଥାନକୁ ଅଗ୍ରାଧିକାର ଦେବାକୁ ପଡ଼ିବ। ଆଦର୍ଶ ଜେଲ୍ କଏଦୀଙ୍କୁ ସଂସ୍କାର ପାଇଁ ଉପଯୁକ୍ତ ସୁଯୋଗ ଓ ସୁବିଧା ଯୋଗାଇବ। ମୁଖ୍ୟମନ୍ତ୍ରୀଙ୍କ ଏହି ଉକ୍ତି ଯଥାର୍ଥ ଏବଂ ଏହାର ବ୍ୟାଖ୍ୟା ଅନାବଶ୍ୟକ। ଦୁଇବର୍ଷ ମଧ୍ୟରେ ଜାମୁଝରୀ ଆଦର୍ଶ କାରାଗାର ନିର୍ମାଣ କାର୍ଯ୍ୟ ଶେଷ ହେବ ଏବଂ ଏଥିରେ ପ୍ରଥମ ପର୍ଯ୍ୟାୟରେ ୨୫୦୦ ବନ୍ଦୀ ରହିପାରିବେ। ଆବଶ୍ୟକତା ଅନୁସାରେ ଏହାର ସମ୍ପ୍ରସାରଣ ବ୍ୟବସ୍ଥା ମଧ୍ୟ କରାଯିବ। ଚୌଦ୍ୱାର ମଣ୍ଡଳ କାରାଗାର ଏବେ ରାଜ୍ୟର ସବୁଠୁ ବଡ଼ ଜେଲ୍ ଏବଂ ଏଥିରେ ୧୧୫୬ ବନ୍ଦୀ ରହିବାର ସୁବିଧା ଅଛି। ଦେଶର ବଡ଼ ବଡ଼ ଆଦର୍ଶ କାରାଗାରର ନିର୍ମାଣ ଶୈଳୀ ଓ ବ୍ୟବସ୍ଥା ଅନୁଧ୍ୟାନ କରି ଜାମୁଝରୀ ଆଦର୍ଶ ଜେଲ୍ ନିର୍ମିତ ହେବ। ଏହି ଢାଞ୍ଚାରେ ଅନ୍ୟାନ୍ୟ ବଡ଼ ବଡ଼ ଜେଲ୍‌ର ସମ୍ପ୍ରସାରଣ ଓ ବିକାଶ କରାଯିବ।

ଏଠାରେ ସୂଚନାଯୋଗ୍ୟ ଯେ ଓଡ଼ିଶାର କାରାଗାରଗୁଡ଼ିକରେ ଧାର୍ଯ୍ୟ କ୍ଷମତାଠାରୁ ଅଧିକ ବନ୍ଦୀ ରହୁଥିବାରୁ ନିକଟରେ ଓଡ଼ିଶା ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ବାସ୍ତବତା ହେଲା ଅପରାଧ ବଢ଼ିଲେ ଏବଂ ମାମଲାର ବିଚାର ବିଳମ୍ବିତ ହେଲେ ବିଚାରାଧୀନ କଏଦୀଙ୍କ ସଂଖ୍ୟା ବଢ଼ିବ। ତେଣୁ ସେମାନଙ୍କ ପାଇଁ ଯେତେ ଅଧିକ କାରଗାର ନିର୍ମାଣ କରାଗଲେ ବି ସ୍ଥାନାଭାବ ସମସ୍ୟା ଦୂର ହେବ ନାହିଁ। ତେଣୁ ଅଭିଯୁକ୍ତ ବା ବିଚାରାଧୀନ ବନ୍ଦୀଙ୍କୁ ଜେଲ୍‌ରେ ଅଧିକ ଦିନ ରଖିଲେ ସମସ୍ୟା ବଢ଼ିବା ସ୍ୱାଭାବିକ। ସେ ଦୃଷ୍ଟିରୁ ରାଜ୍ୟର ସବୁ ଜେଲ୍‌ରେ ଧାର୍ଯ୍ୟ କ୍ଷମତାଠାରୁ ଅଧିକ କଏଦୀ ରହୁଛନ୍ତି। ଗୋଟିଏ ଜେଲ୍‌ରେ ତାହାର ଧାର୍ଯ୍ୟ କ୍ଷମତାଠାରୁ ଆଉ ୨୦ ଶତାଂଶ ଅଧିକ କଏଦୀଙ୍କୁ କିଛି କାଳ ରଖିହେବ। ତେବେ ଏହା ଯେତେବେଳେ ୫୦ ଶତାଂଶରେ ପହଞ୍ଚିବ, ସେତେବେଳେ ପରିସ୍ଥିତି ଅସମ୍ଭାଳ ହେବା ନିଶ୍ଚିତ। ଆମ ରାଜ୍ୟର ଅଧିକାଂଶ ଜେଲ୍‌ରେ ଧାର୍ଯ୍ୟ କ୍ଷମତାଠାରୁ ବହୁ ଅଧିକ କଏଦୀ ରହୁଛନ୍ତି। ଓଡ଼ିଶା ସରକାର ହାଇକୋର୍ଟଙ୍କୁ ଜଣାଇଥିଲେ ଯେ ୨୦୨୦-୨୧ ଓ ୨୦୨୧-୨୨ କ୍ରିୟାନୁଷ୍ଠାନ ଯୋଜନା ଅନୁସାରେ ରାଜ୍ୟର ବିଭିନ୍ନ ଜେଲ୍‌ରେ ଅତିରିକ୍ତ ୱାର୍ଡ ନିର୍ମାଣ କରାଯାଇ ୨୯୯୪ କଏଦୀଙ୍କ ପାଇଁ ବ୍ୟବସ୍ଥା କରାଯିବ ଏବଂ ସେ କାମ ଆରମ୍ଭ ହୋଇଛି। କେବଳ ସେତିକି ନୁହେଁ, ଏହାସହିତ ଜେଲ୍‌ଗୁଡ଼ିକୁ ଆଦର୍ଶ କାରାଗାରରେ ପରିଣତ କରିବାକୁ ମଧ୍ୟ କାରା ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି।

ଏହି ପ୍ରସଙ୍ଗଟି ସହିତ ବିଭିନ୍ନ କଥା ଜଡ଼ିତ। ଅପରାଧ ବୃଦ୍ଧି, ବିଚାରାଧୀନ ବନ୍ଦୀଙ୍କୁ କାରାଗାରରେ ରଖିବା, ସେମାନଙ୍କ ବିଚାର ବିଳମ୍ବ ଆଦି ଅନେକ କଥା ଏହାସହିତ ସମ୍ପୃକ୍ତ। ସେଥିପ୍ରତି ଗୁରୁତ୍ୱ ନ ଦେଲେ କାରାଗାରରେ ସ୍ଥାନ ଯେତେ ବଢ଼ାଇଲେ ମଧ୍ୟ ତାହା ନିଅଣ୍ଟ ପଡ଼ିବ ଓ ସଂସ୍କାର ବ୍ୟବସ୍ଥା ପ୍ରଭାବିତ ହେବ।

ତେବେ ସେ ଯା'ହେଉ କାରାଗାର ଅପରାଧିକ ନ୍ୟାୟ ବ୍ୟବସ୍ଥାରେ ଏକ ଅତି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଏହା କେବଳ ଅପରାଧୀଙ୍କ ଦଣ୍ଡଭୋଗ ସ୍ଥଳ ନୁହେଁ, ସେମାନଙ୍କ ଚରିତ୍ରକୁ ବଦଳାଇ ସଂସ୍କାରିତ କରିବାର ଏକ ପ୍ରକୃଷ୍ଟ ସ୍ଥାନ। ଜଣେ ଅପରାଧୀ କାରାଗାରରେ ରହି ଶିଖିବା, ଅନୁତାପ କରିବା, ନିଜକୁ ବଦଳାଇ ମୁଖ୍ୟସ୍ରୋତକୁ ପୁନର୍ବାର ଫେରି ସ୍ୱାଭାବିକ ଜୀବନଯାପନ କରିବା ସଂସ୍କାରର ସବୁଠୁ ବଡ଼ ଲକ୍ଷ୍ୟ। ତେବେ କାରାଗାରରେ ସ୍ଥାନାଭାବ ଓ ଗହଳି ଯୋଗୁଁ ଏହି କାମଟି ଠିକ୍ ଭାବେ ହୋଇପାରୁ ନଥିଲା। ଏବେ ନୂଆ ପ୍ରୟାସ ଦ୍ୱରା କାରା ସଂସ୍କାର ପ୍ରକ୍ରିୟା ଯେ ତ୍ୱରାନ୍ୱିତ ହେବ, ସେ ସମ୍ଭାବନା ଅଧିକ। ଏ କାମ ଯେତେ ଶୀଘ୍ର ଆରମ୍ଭ ହେବ, ସେତେ ଭଲ।

# ଜୈବ ବର୍ଜ୍ୟବସ୍ତୁର ସୁପରିଚାଳନା



ନବ୍‌ନିତ୍ ପାଣିଗ୍ରାହୀ
ରାୟଗଡ଼ା, ମୋ: ୯୮୬୧୧୩୮୮୩୬

ସମ୍ପ୍ରତି ରାସାୟନିକ ସାର ପ୍ରୟୋଗ ଦ୍ୱାରା ଦିନକୁ ଦିନ ମାଟିର ଉର୍ବରତା ହ୍ରାସ ପାଇ ମାଟିରେ ଥିବା ଅଣୁ ଜୀବଗୁଡ଼ିକ ନଷ୍ଟ ହେବା ଯୋଗୁଁ ଖାଦ୍ୟଶସ୍ୟରେ ପୋଷକତତ୍ତ୍ୱର ଅଭାବ ପରିଲକ୍ଷିତ ହେଉଛି। ଲୋକଙ୍କ ରୋଗ ପ୍ରତିରୋଧକ ଶକ୍ତି କମିବାରେ ଲାଗିଛି। ରାସାୟନିକ ସାରର ବିକଳ୍ପ ହେଉଛି ଜୈବିକ ଖତ। ଏହା ସାଧାରଣତଃ ଜୈବ ପଦାର୍ଥ ଯଥା ଖାଦ୍ୟ ପଦାର୍ଥର ଅବଶିଷ୍ଟାଂଶ, ପନିପରିବା, ପାଳ ଇତ୍ୟାଦିରୁ ପ୍ରସ୍ତୁତ ହୋଇଥାଏ। ଜୈବ ବର୍ଜ୍ୟବସ୍ତୁର ଉତ୍ସଗୁଡ଼ିକ ହେଉଛି - ବିଭିନ୍ନ ଘର, ଆପାର୍ଟମେଣ୍ଟ, ହୋଟେଲ୍, ମଲ୍, ଶିକ୍ଷାନୁଷ୍ଠାନ, କର୍ପୋରେଟ୍, ପନିପରିବା ବଜାର, ଚାଷ ଜମି ଇତ୍ୟାଦି। ଏହି ପରିପ୍ରେକ୍ଷୀରେ, ଜୈବ ବର୍ଜ୍ୟବସ୍ତୁଗୁଡ଼ିକର ସଠିକ ପରିଚାଳନା ନିମନ୍ତେ ବିଭିନ୍ନ ବର୍ଗ ପାଇଁ ଭିନ୍ନ ଭିନ୍ନ କର୍ମଶାଳା ଆୟୋଜନ କରାଯାଇ ସଚେତନତା ବୃଦ୍ଧି ତଥା ତାଲିମ୍ ବ୍ୟବସ୍ଥା କରି ଦୀର୍ଘକାଳୀନ ସ୍ଥାୟୀ ସମାଧାନ ଉପରେ ବିଚାର କରିବାର ଆବଶ୍ୟକତା ଅଛି।

ପ୍ରଥମତଃ, କର୍ମଶାଳା ମାଧ୍ୟମରେ ଘର ଛାତ ଉପରେ ବଗିଚା କରିବା ସମ୍ପର୍କରେ ଘରମାଲିକମାନଙ୍କୁ ସଚେତନ କରାଯିବା ସହ ଘରର ଓଦା ଅଳିଆରୁ ଯଥା ପରିବା ଚୋପା, ବଳକା ଖାଦ୍ୟ, ପଚା ପନିପରିବା, ଫଳ ଚୋପା, ଚା' ଖଦା ଆଦିରୁ ଖତ ପ୍ରସ୍ତୁତ ପ୍ରଣାଳୀ ଉପରେ ତାଲିମ୍ ବ୍ୟବସ୍ଥା କରିବା। ଆଜିକାଲି ଦୁର୍ଗନ୍ଧମୁକ୍ତ ହୋମ କମ୍ପୋଷ୍ଟର୍ ମାଧ୍ୟମରେ ଅଳ୍ପଦିନ ମଧ୍ୟରେ ପରିବା ଚୋପା, ବଳକା ଖାଦ୍ୟ ଭଳି ଜୈବିକ ବର୍ଜ୍ୟରୁ ପ୍ରସ୍ତୁତ ଖତ ବଜାରରେ ଉପଲବ୍ଧ। ଡଷ୍ଟବିନ ଭଳି ଏହାକୁ ଘରର ଯେକୌଣସି ସ୍ଥାନରେ ରଖାଯାଇପାରିବ। ଓଦାବର୍ଜ୍ୟରୁ ଘରୋଇ ଉପାୟରେ ଜୈବିକ ଖତ ପ୍ରସ୍ତୁତ କରିବା କିମ୍ବା ସର୍ବନିମ୍ନ କ୍ଷମତା ବିଶିଷ୍ଟ ଘରୋଇ ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ କରି ରନ୍ଧନ ଜାଳେଣି ଏବଂ ଜୈବିକ ଖତ ଉତ୍ପାଦନ କରିବା ବିଷୟରେ ତାଲିମ୍ ଦିଆଯାଇପାରିବ।

ଦ୍ୱିତୀୟତଃ, ଆପାର୍ଟମେଣ୍ଟ, ହୋଟେଲ୍, ମଲ୍ ଆଦି ସ୍ଥାନରେ ଏ ସମ୍ପର୍କିତ ସଚେତନତା ଓ ତାଲିମ୍



ପାଇଁ କର୍ମଶାଳାମାନ ଆୟୋଜନ କରାପାରିବ। ନିଜ ପରିସରରେ ଆବଶ୍ୟକତା ଅନୁଯାୟୀ ସେମାନେ ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ କରିପାରିବେ। ଭାରତରେ ଅନେକ କର୍ପୋରେଟ୍ (ଟିସିଏସ୍ ପାୱାର), ଶିକ୍ଷାନୁଷ୍ଠାନ (ଟିସ୍ ମୁମ୍ବାଇ, ଆଇଆଇଟି ମୁମ୍ବାଇ, ହାଲ୍ ନାସିକ୍) ଆଦି ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ କରି ରୋଷେଇ ଘରର ବର୍ଜ୍ୟବସ୍ତୁକୁ ବାୟୋଗ୍ୟାସ୍ ଏବଂ ଜୈବିକ ଖତରେ ପରିଣତ କରୁଛନ୍ତି। ଭାରତର ଅନେକ ବଡ଼ ବଡ଼ ହୋଟେଲ୍‌ରେ ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ ପାଇଁ ଉପକ୍ରମ କରାଯାଉଛି।

ତୃତୀୟତଃ, ପନିପରିବା ହାଟଗୁଡ଼ିକରେ ପ୍ରଚୁର ପରିମାଣରେ ପଚା ପନିପରିବା, ଫଳ ଇତ୍ୟାଦି ବାହାରିଥାଏ। ଦୋକାନୀଙ୍କୁ ତାଲିମ୍ ମାଧ୍ୟମରେ ଭର୍ମିକମ୍ପୋଷ୍ଟିଂ ଦ୍ୱାରା ଜୈବିକ ଖତ ପ୍ରସ୍ତୁତ ପ୍ରଣାଳୀ ଶିଖିବାର ଆବଶ୍ୟକତା ଅଛି। କେନ୍ଦୁଝର ଜିଲ୍ଲା ଆହାରପଶି ଗ୍ରାମର ୮୨ଟି ପରିବାରର ମହିଳାମାନେ ଜିଆ ଖତ ପ୍ରସ୍ତୁତ ପାଇଁ ତାଲିମ୍ ନେଇ ତାହାକୁ ବ୍ୟବସାୟ ଓ ରୋଜଗାରର ମାଧ୍ୟମ ଭାବେ ଗ୍ରହଣ କରି ପୂର୍ବ ତୁଳନାରେ ଉତ୍ତମ ଜୀବନ ଯାପନ କରିପାରୁଛନ୍ତି। ହାଇଦ୍ରାବାଦର ବୋଡେନପାଲି ସବଜୀ ମଣ୍ଡିରେ ପନିପରିବା ବର୍ଜ୍ୟବସ୍ତୁକୁ କ୍ଷୟ ହେବାକୁ ନ ଦେଇ ବଜାର କର୍ତ୍ତୃପକ୍ଷ ଏକ ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ କରି ୧୦ ଟନ୍ ବର୍ଜ୍ୟବସ୍ତୁରୁ ୪୦୦-୫୦୦ ୟୁନିଟ୍ ବିଦ୍ୟୁତ୍ ଓ ଜୈବିକ ଖତ ଉତ୍ପାଦନ କରୁଛନ୍ତି।

ଚତୁର୍ଥରେ, ଚାଷ ଜମିରେ ଜମା ହେଉଥିବା ପାଳର ସଦୁପଯୋଗ ନିମନ୍ତେ ଚାଷୀଙ୍କୁ ବୈଷୟିକ ଜ୍ଞାନ ପ୍ରଦାନ କରି ତାଲିମ୍ ଦିଆଯିବା ସହ ଆଧୁନିକ ପ୍ରଣାଳୀରେ କିପରି ଜୈବିକ ଖତ ପ୍ରସ୍ତୁତ ହୋଇପାରିବ ସେ ବିଷୟରେ ସଚେତନ କରାଇବା ଉଚିତ। ତାଲିମ୍ ପରେ ସେମାନଙ୍କୁ ଜୈବିକ ଖତ ପ୍ରସ୍ତୁତ ହେଉଥିବା କ୍ଷେତ୍ର ପରିଦର୍ଶନ କରାଇ ସେଠାକାର ଲୋକଙ୍କ ସହ ଆଲୋଚନା କରି ଅଧିକ ଜ୍ଞାନକୌଶଳ ଆହରଣ କରି ପାରିବେ। ଏତଦ୍‌ବ୍ୟତୀତ ପ୍ରାକୃତିକ ଏବଂ ଜୈବ ଆଧାରିତ ଉପାଦାନରୁ ଶ୍ୱେତସାର ଯୁକ୍ତ ଖାଦ୍ୟ ପଦାର୍ଥ, ଚାଉଳ ଓ ଗହମ ଚୋକଡ, କଦଳୀପତ୍ର, କନ୍ଦା, ବାଜରା, ବାଦାମ ଚୋପା, ନଡ଼ା ଇତ୍ୟାଦିରୁ ନିର୍ମିତ ଜୈବ ସାମଗ୍ରୀ ଯଥା ଖାଦ୍ୟ ପାତ୍ର, ଚାମଚ୍, କପ୍, ଗ୍ଲାସ୍ ଇତ୍ୟାଦି ଉତ୍ପାଦନ ପ୍ରଣାଳୀ ଉପରେ ତାଲିମ୍‌ର ଆବଶ୍ୟକତା ଅଛି। ନିକଟରେ ଡିଆରଡିଓ ବାୟୋ-ଡିଗ୍ରେଡେବଲ୍ ପ୍ୟାକେଜିଂ ଉତ୍ପାଦ ବଜାରକୁ ଆସିଛି। ଦେଶରେ ଅନେକ ଛୋଟବଡ଼ ଷ୍ଟାର୍ଟଅପ୍ ଏସବୁକୁ ଭିତ୍ତି କରି ଗଢ଼ି ଉଠିଲାଣି। ଛତୁ ଚାଷରେ ନଡ଼ାର ବ୍ୟବହାର ଉପରେ ଚାଷୀଙ୍କୁ ଅବଗତ କରାଯିବା ଉଚିତ୍।

ଆମ ରାଜ୍ୟରେ ପରିବେଶଭିତ୍ତିକ ଚାଷକୁ ଗୁରୁତ୍ୱ ଦେଇ ଜୈବିକ ସାର ପ୍ରସ୍ତୁତି ଉପରେ ଚାଷୀଙ୍କୁ ତାଲିମ୍ ଦେବା ଆରମ୍ଭ ହୋଇଗଲାଣି। ନିକଟ ଭବିଷ୍ୟତରେ ଭୁବନେଶ୍ୱରରେ ଚାରିଟି ସ୍ଥାନରେ ଓଦା ବର୍ଜ୍ୟକୁ ବ୍ୟବହାର କରି ବାୟୋ ସିଏନଜି ପ୍ଲାଣ୍ଟ କାର୍ଯ୍ୟକାରୀ ହେବାର ଯୋଜନା ଅଛି। ଭୁବନେଶ୍ୱରରେ ପ୍ରାୟ ୩୬ଟି ମାଇକ୍ରୋ କମ୍ପୋଷ୍ଟିଂ କେନ୍ଦ୍ର (ସମ୍ପଦ କେନ୍ଦ୍ର) କାର୍ଯ୍ୟ କରୁଛି। ସଂଗୃହୀତ ବର୍ଜ୍ୟ ଅଳିଆକୁ ଖତରେ ପରିଣତ କରାଯାଇ ପ୍ୟାକିଂ କରି 'ମୋ ଖତ' ହିସାବରେ ରାଜମହଲରେ ଥିବା ଆଉଟଲେଟ୍ ଓ ସମସ୍ତ ଏମସିସି ସେଣ୍ଟର୍‌ରେ ବିକ୍ରି କରାଯାଉଛି। ଆଗାମୀ ଦିନରେ ଏହାର ଦକ୍ଷତା ବୃଦ୍ଧି ପାଇଁ ଯୋଜନା ରହିଛି। ଓଦା ବର୍ଜ୍ୟର ସୁପରିଚାଳନା ଦିଗରେ 'ପାକଶାଳ ବଗିଚା' ନାମକ ଏକ ଷ୍ଟାର୍ଟଅପ୍ କାର୍ଯ୍ୟକାରୀ କରୁଛି। ଏଥିସହ ଭୁବନେଶ୍ୱର, କଟକ, ସମ୍ବଲପୁର, ବ୍ରହ୍ମପୁର ଓ ଜୟପୁରରେ ସେଣ୍ଟ୍ରାଲ୍ ହର୍ଟିକଲଚର୍ ଏକ୍ସପେରିମେଣ୍ଟ ସେଣ୍ଟର୍ ମାଧ୍ୟମରେ 'ରାଜ୍ୟ ଯୋଜନା, ଛାତ ଉପରେ ବଗିଚା' କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି।

ଛାତ ଉପରେ ବଗିଚା କରିବା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବା ସହ ଘରର ଓଦା ଅଳିଆରୁ କିଭଳି ବିନା ଦୁର୍ଗନ୍ଧରେ ଖତ ପ୍ରସ୍ତୁତ କରିହେବ, ଗଛ ଲଗାଇ ପରିବେଶ ସବୁଜକରଣ କରିହେବ ସେନେଇ ଜନସାଧାରଣ ସଚେତନ ହେବା ନିହାତି ଆବଶ୍ୟକ। ଏହା ଫଳରେ ଘରର ସିଂହଭାଗ ଅଳିଆ ଘର ଭିତରେ ହିଁ ଜୈବିକ ଖତରେ ପରିଣତ ହେବ ଏବଂ କେବଳ ଶୁଖିଲା ବର୍ଜ୍ୟ ଏକାଠି ହେଲେ ଏହାର ପରିଚାଳନା କର୍ତ୍ତୃପକ୍ଷଙ୍କ ପାଇଁ ସହଜ ହୋଇଯିବ। ଜୈବିକ ପଦ୍ଧତିରେ ଉତ୍ପାଦିତ ଖତ ବ୍ୟବହାର ଉଭୟ ମଣିଷ ଓ ପରିବେଶ ପାଇଁ ବେଶ ଉପାଦେୟ ହୋଇ ଅଧିକ ରୋଜଗାର ସୃଷ୍ଟି କରିପାରିବ।

# ଅନ୍ନ ବ୍ରହ୍ମ



ପ୍ରିୟଙ୍କା ପ୍ରିୟଦର୍ଶିନୀ ମିଶ୍ର
ମୋ: ୭୯୭୮୧୯୨୩୫୧

ପଞ୍ଚଭୂତ ବିଶିଷ୍ଟ ଏ ମରଣଶୀଳ କାୟାଟି ଖାଦ୍ୟ-ପାନୀୟ ରୂପୀ ଇନ୍ଧନ ସାହାଯ୍ୟରେ ଯନ୍ତ୍ରବତ୍ ଚାଲେ। ପ୍ରକୃତିଦତ୍ତ ଶାକ-ତଣ୍ଡୁଳ-ଫଳମୂଳ-ଜଳ ଗ୍ରହଣ କରି ମାତୃଗର୍ଭରୁ ଜାତ କ୍ଷୁଦ୍ର ମଣିଷଟି କ୍ରମବିଶାଳ ଶରୀର ପ୍ରାପ୍ତ କରେ ଏବଂ ମାନବ ଜନ୍ମର ଯଥାବିଧି କର୍ତ୍ତବ୍ୟ ସମ୍ପାଦନରେ ସକ୍ଷମ ହୋଇଥାଏ। ବହୁ ପୁରାତନକାଳରୁ ଅଦ୍ୟାବଧି ଅନେକ ମୁନିଋଷି, ସାଧକ, ଯୋଗୀ, ବୈଜ୍ଞାନିକ ଓ ବିଶେଷଜ୍ଞମାନେ ଖାଦ୍ୟର ପ୍ରକାରଭେଦ, ଗୁରୁତ୍ୱ ଗ୍ରହଣ କରିବାର ନିୟମାବଳୀ ଆଦି ବିଷୟରେ ଆମକୁ ସଚେତନ କରିବା ପାଇଁ ନିରବଚ୍ଛିନ୍ନ ପ୍ରୟାସ କରି ଆସିଛନ୍ତି। ଆଜିର ଅନ୍ଧ ପ୍ରତିଯୋଗିତାରେ ସାମିଲ ହୋଇ ଯନ୍ତ୍ରବତ୍ ଚାଲୁଥିବା ମଣିଷ ଖାଦ୍ୟ ସମ୍ବନ୍ଧୀୟ ଜ୍ଞାନ-ବିଜ୍ଞାନକୁ ହେୟଜ୍ଞାନ କରି ଅସୁରକ୍ଷିତ, ଅହିତକର ଖାଦ୍ୟାଭ୍ୟାସ ଆପଣେଇ ନେଇ ଅନେକ ରୋଗ ଓ ଦୁଃଖ ବରଣ କରୁଛି।

ଶ୍ରୀମଦ୍‌ଭଗବଦ୍‌ଗୀତାର ସପ୍ତଦଶ ଅଧ୍ୟାୟରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ତିନିପ୍ରକାର ଖାଦ୍ୟ ଓ ତା'ର ପ୍ରଭାବ ବିଷୟରେ ପ୍ରାଞ୍ଜଳ ଭାବେ ବୁଝାଇଛନ୍ତି। ତଦନୁସାରେ- ଆୟୁ, ବଳ, ପ୍ରସନ୍ନତା ତଥା ସତ୍ତ୍ୱଗୁଣ ବଢ଼ାଉଥିବା ଖାଦ୍ୟମାନ 'ସାତ୍ତ୍ୱିକ' ଶ୍ରେଣୀର ଅନ୍ତର୍ଭୁକ୍ତ। ଦୁଃଖ ଓ ରୋଗ ପ୍ରଦାୟକ ଅତି ପିତା, ଅତି ଖଟା, ଅତି ଗରମ, ଅତି ରାଗ, ଅତି ଶୁଷ୍କ ଖାଦ୍ୟ ସବୁ 'ରାଜସିକ'। ଗଳିତ, ରସବିହୀନ, ଦୁର୍ଗନ୍ଧମୟ, ବାସି, ଉଚ୍ଛିଷ୍ଟ ଏବଂ ମାଂସାଦି ଭୋଜନ 'ତାମସିକ' ଶ୍ରେଣୀୟ। ଉପରୋକ୍ତ ଶ୍ରେଣୀର ଖାଦ୍ୟମାନେ ମାନବ ଶରୀରରେ ଯଥାକ୍ରମେ ସାତ୍ତ୍ୱିକ, ରାଜସିକ ଏବଂ ତାମସିକ ପ୍ରବୃତ୍ତିଗୁଡ଼ିକ ବୃଦ୍ଧି କରେ। ଛାନ୍ଦୋଗ୍ୟ ଉପନିଷେଦରେ ମଧ୍ୟ ଉଲ୍ଲେଖ ଅଛି ଯେ- 'ଅନ୍ନମୟଂ ହି ସୋମ୍ୟ ମନଃ', ଅର୍ଥାତ୍ ଯେମିତି ଅନ୍ନ ଗ୍ରହଣ କରିବ, ମନ ମଧ୍ୟ ସେମିତି ହେବ।

ଆମ ଓଡ଼ିଆ ଘରେ ଘରେ ପାଠ କରାଯାଉଥିବା ମାଣବସା ଗୁରୁବାର 'ଲକ୍ଷ୍ମୀ ପୁରାଣ'ରେ ଖାଦ୍ୟ ସମ୍ବନ୍ଧୀୟ ସାଧାରଣ ନିୟମମାନ ଅତି ସୁନ୍ଦର ଭାବେ ବର୍ଣ୍ଣନା ହୋଇଛି ଏବଂ ଅନ୍ନ ପ୍ରତି ଶ୍ରଦ୍ଧା ଓ ସମ୍ମାନର ଦିଗକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି। ସେହିଭଳି ସମସ୍ତ ଓଷାବ୍ରତ ଓ ଶୁଭଦିନମାନଙ୍କରେ ସାତ୍ତ୍ୱିକ ଖାଦ୍ୟ ଗ୍ରହଣ, ନିୟନ୍ତ୍ରିତ ମାତ୍ରାରେ ଖାଦ୍ୟ ସେବନ ଆଦିକୁ ଯତ୍ନର ସହିତ ବୁଝାଯାଇଛି। ହଜାର ହଜାର ବର୍ଷ ପରେ ଗବେଷକମାନେ ସ୍ପଷ୍ଟରୂପେ ଦର୍ଶାଇଛନ୍ତି ଯେ ଏହି ସବୁ ଖାଦ୍ୟବିଧି ବୈଜ୍ଞାନିକ ସମ୍ମତ ଏବଂ ଶରୀରକୁ ଦୀର୍ଘଜୀବୀ କରିବାରେ ନିତାନ୍ତ ଉପଯୋଗୀ। ସୂର୍ଯ୍ୟ ଓ ଚନ୍ଦ୍ରଙ୍କର ପୃଥିବୀ ସହ ଆପେକ୍ଷିକ ଅବସ୍ଥିତି ଓ ଗତି ଯୋଗୁଁ ଭୂମଣ୍ଡଳରେ ଅନେକ ପ୍ରକ୍ରିୟା ନିୟନ୍ତ୍ରିତ ହୁଏ ଏବଂ ମନୁଷ୍ୟ ଶରୀର ଅନ୍ତର୍ଗତ ପାଚନକ୍ରିୟା ମଧ୍ୟ ଏଥିସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ସୂର୍ଯ୍ୟଙ୍କର ନିକଟତା, ସୂର୍ଯ୍ୟ କିରଣର ପ୍ରଖରତା ବେଶୀ ହେଲେ ଆମର ପାଚନ ପ୍ରକ୍ରିୟା ମଧ୍ୟ ତ୍ୱରାନ୍ୱିତ ହୁଏ। ସେଥିପାଇଁ ସୂର୍ଯ୍ୟାସ୍ତ ପରେ ଜଟିଳ ଖାଦ୍ୟମାନ (ଯାହା ହଜମ ହେବାକୁ ଦୀର୍ଘ ସମୟ ଲାଗିବ) ଗ୍ରହଣ ନ କରିବା ବିଧେୟ। ହାଲୁକା ଖାଦ୍ୟ ଖାଇଲେ ଅବା ଆଦୌ ନ ଖାଇଲେ ଭଲ।

ଆମ ଜାତିର ଜନକ ମହାତ୍ମା ଗାନ୍ଧୀ ଭୋଜନ ସମ୍ବନ୍ଧୀୟ ନିୟମକୁ କଡ଼ାକଡ଼ି ଭାବେ ନିଜେ ପାଳନ କରିବା ସହ ଅନ୍ୟମାନଙ୍କୁ ମଧ୍ୟ ଏ ସମ୍ପର୍କରେ ପରାମର୍ଶ ଦେଉଥିଲେ। ଆମ ଶରୀରର ପାଚନ ଶକ୍ତିକୁ ବୃଦ୍ଧି କରିବାକୁ ମଝିରେ ମଝିରେ ଉପବାସ, ଅରନ୍ଧା ଖାଦ୍ୟ ସେବନ ଅତ୍ୟନ୍ତ ଜରୁରୀ ବୋଲି କହିବା ସହ ଚିନି ବଦଳରେ ଗୁଡ଼, ମହୁ ଆଦି ଖାଇବାକୁ ବୁଝାଉଥିଲେ। ଉତ୍କଳ ଗୌରବ କୁଳବୃଦ୍ଧ ମଧୁସୂଦନ ଦାସଙ୍କ ଅତି ସରଳ, ସୁପାଚ୍ୟ ଓ ପୋଷଣଯୁକ୍ତ ଖାଦ୍ୟାଭ୍ୟାସ ବିଷୟରେ ଆମେ ମଧ୍ୟ ଊଣା ଅଧିକେ ଜାଣିଛେ। ତାଙ୍କୁ ଚାରିପାଞ୍ଚ ମୁଠା ଖଇ ଭଲ ଲାଗୁଥିଲା ଜଳଖିଆରେ ଏବଂ ଢିଙ୍କିକୁଟା ଉଷୁନା ଚାଉଳର ଭାତ, ସିଝା ଅମୃତ ଭଣ୍ଡା, କ୍ଷୀର, ମଦରଙ୍ଗା ଶାଗ ଆଦି ତାଙ୍କର ନିତିଦିନିଆ ଭୋଜନ ଥିଲା।

ବର୍ତ୍ତମାନ ବିଭିନ୍ନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ରିପୋର୍ଟରେ ଖାଦ୍ୟକୁ ସକାରାତ୍ମକ ମାନସିକତାରେ ଖାଇବା, ଖାଦ୍ୟ ଗ୍ରହଣ ବେଳେ କେବଳ ଖାଦ୍ୟ ଉପରେ ଧ୍ୟାନ ରଖିବା, ବାରମ୍ବାର ଚୋବେଇ ଖାଇବା, ଏକାଥରେ ବହୁ ପରିମାଣରେ ଅବା ବହୁ ପ୍ରକାରର ଖାଇବା, ଭୋଜନ ସମୟ ମଧ୍ୟରେ ଯଥେଷ୍ଟ ଅନ୍ତର ରଖିବା (ପ୍ରାତଃକାଳୀନ, ମଧ୍ୟାହ୍ନ ଏବଂ ରାତ୍ରି ଭୋଜନ ମଧ୍ୟରେ) ରାତ୍ରିରେ ଶଯ୍ୟାଗ୍ରହଣର ଅନ୍ତତଃ ଚାରି ଘଣ୍ଟା ପୂର୍ବରୁ ଖାଇବା, ବାସି ଖାଦ୍ୟ ନ ଖାଇ ସତେଜ ଏବଂ ପ୍ରକୃତିଦତ୍ତ ଖାଦ୍ୟ ଗ୍ରହଣ କରିବା ଆଦି ବିଷୟରେ ବାରମ୍ବାର ଉଲ୍ଲେଖ ରହୁଛି। ବର୍ତ୍ତମାନର ଜୀବନଶୈଳୀ ଯୋଗୁଁ ହେଉଥିବା ରୋଗଗୁଡ଼ିକର ନିରାକରଣ ପାଇଁ ଉପରୋକ୍ତ ନିୟମଗୁଡ଼ିକର ପାଳନ ବିଧେୟ।

ବିଷ୍ଣୁ ସହସ୍ରନାମରେ ଉଲ୍ଲେଖ ରହିଛି 'ଭୋଜନାୟ ନମଃ', ଅର୍ଥାତ୍ ଭୋଜନ ସ୍ୱୟଂ ବ୍ରହ୍ମରୂପୀ, ଯାହା ଚରାଚର ଜୀବଙ୍କୁ ପ୍ରାଣମୟ କରେ। ତେଣୁ ଆମେ ସମସ୍ତେ ଖାଦ୍ୟର ସ୍ଥାନକୁ ଅତି ଉଚ୍ଚରେ ରଖି ଅତି ଯତ୍ନରେ ନିଜ ବୟସ, ଜଳବାୟୁ, ସୂର୍ଯ୍ୟ / ଚନ୍ଦ୍ରଙ୍କ ଗତିବିଧି ତଥା ଆବଶ୍ୟକତାକୁ ବିଚାର କରି ଖାଦ୍ୟ ଗ୍ରହଣ କଲେ ନିଶ୍ଚିତ ରୂପେ ରୋଗବ୍ୟାଧିର ନିରାକରଣ ହେବା ସହ ଏକ ସୁସ୍ଥ ସମାଜ ଗଠନ ହେବ। ଭାରତୀୟ ସଂସ୍କୃତିରେ ପ୍ରଚଳିତ ବିଭିନ୍ନ ହିତକର ଖାଦ୍ୟାଭ୍ୟାସକୁ ଆପଣେଇ ବିଶ୍ୱ ଦରବାରରେ ତା'ର ପ୍ରଚାର ପ୍ରସାର କରିବାର ବର୍ତ୍ତମାନ ପ୍ରକୃଷ୍ଟ ସମୟ।

# ବୃଦ୍ଧାବସ୍ଥାରେ ଆଶା ଓ ଆଶଙ୍କା



ଡ. ସୀତାକାନ୍ତ ତ୍ରିପାଠୀ
ଭଦ୍ରକ, ୯୭୭୮୭୬୪୩୯୪

ଆମ ଗାଁ ପରୀକ୍ଷିତ ବାବୁଙ୍କ ବୟସ ପ୍ରାୟ ୮୫ କି ୮୬ ବର୍ଷ ହେବ। ଆଖିକୁ ଦେଖାଯାଉନି କି କାନକୁ ଶୁଭୁନି। ଭୂଇଁ ଅଣ୍ଡାଳୁଛନ୍ତି। ୨-୩ ବର୍ଷ ପୂର୍ବେ ଯେତେବେଳେ ଆଖି ଓ କାନ ସମସ୍ୟା ଆରମ୍ଭ ହେଲା ତାଙ୍କୁ ପିଲାମାନେ ଡାକ୍ତରଖାନା ନେଇଥିଲେ। ଡାକ୍ତରଙ୍କ କହିବା ଅନୁଯାୟୀ ସେତେବେଳେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଅପରେସନ୍ କରିବାକୁ ପଡ଼ିଥା'ନ୍ତା। ପିଲାମାନେ ରୋଜଗାରିଆ ହେଲେ ମଧ୍ୟ ବାପା ଆଉ କେତେ ଦିନ ବଞ୍ଚିବେ ବୋଲି ଭାବି ଏତେ ଟଙ୍କା ଖର୍ଚ୍ଚ କରିବାକୁ ମନ ବଳାଇଲେ ନାହିଁ। ଯାହା ଫଳରେ ତାଙ୍କୁ ଆଜି ଏ ଦୁରବସ୍ଥା ଦେଇ ଗତି କରିବାକୁ ପଡୁଛି। ଏଥିପାଇଁ କିଏ ତାଙ୍କୁ ପୂର୍ବଜନ୍ମର ପାପର ଫଳ କହୁଛି ତ ଆଉ କିଏ ବୁଢ଼ା କେଉଁଦିନ ମରିବ କହି ଦିନ ଗଣୁଛି।

ଶିଶୁଟିଏ ଜନ୍ମ ନେବା ସମୟରେ ପିତା, ମାତା, ପରିବାର ତଥା ଆତ୍ମୀୟ ସ୍ୱଜନଙ୍କ ମଧ୍ୟରେ ଜିଇଁବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇ ଆନନ୍ଦ ଉଲ୍ଲାସ ଖେଳିଯାଏ। ପିଲାଟିକୁ ନେଇ ଆଖିରେ ଆଖିଏ ସ୍ୱପ୍ନ ଉଙ୍କି ମାରୁଥାଏ। କିନ୍ତୁ ବୃଦ୍ଧାବସ୍ଥା ବେଳକୁ ସଂସାର ଛାଡ଼ି ମୃତ୍ୟୁର ଫାଶରେ ପଡ଼ିବା ବେଳକୁ ମନରେ ଅନେକ ଆଶଙ୍କା ଓ ଅଜଣା ଭୟ ଗ୍ରାସ କରେ। ସେତେବେଳକୁ ପିତାମାତାଙ୍କ ସ୍ଥାନ ପିଲାମାନେ ନେଇ ସାରିଥା'ନ୍ତି। ଯେଉଁମାନଙ୍କ ମଧ୍ୟରେ ଦୁଃଖ ଓ ନିରାଶା ବସା ବାନ୍ଧିଥାଏ। ଆଉ ସ୍ୱପ୍ନଗୁଡ଼ିକ ଦୁଃସ୍ୱପ୍ନରେ ରୂପାନ୍ତରିତ ହୋଇ ସାରିଥାଏ। ସୁଖମୃତ୍ୟୁ କଥା ବୃଦ୍ଧମାନେ ଯେମିତି ଆଶା କରନ୍ତି ସେମାନଙ୍କର ପରିବାର ମଧ୍ୟ ତା' ଠାରୁ ଅଧିକ ପ୍ରାର୍ଥନା କରିଥାଏ। କାରଣ ଶାରୀରିକ, ମାନସିକ ଏବଂ ଆର୍ଥିକ ଦୁଃଶ୍ଚିନ୍ତା ମଧ୍ୟରେ ଘାଣ୍ଟି ଗୋଳେଇ ହେବାକୁ କାହାକୁ ଭଲ ଲାଗେ ନାହିଁ।

ବର୍ତ୍ତମାନ ପରିପ୍ରେକ୍ଷୀରେ ବୃଦ୍ଧାବସ୍ଥାରେ ପିଲାମାନଙ୍କଠାରୁ ମିଳୁଥିବା ଘୃଣା, ହତାଦର, ଶାରୀରିକ ଓ ମାନସିକ ନିର୍ଯାତନା ହେଉଥିବା ଖବରଗୁଡ଼ିକ ଗଣମାଧ୍ୟମର ଶିରୋନାମା ପାଲଟିଛି। ଏଠାରେ ଗରିବ କିମ୍ବା ଧନୀ ମଧ୍ୟରେ ଫରକ ନଥାଏ, ବରଂ ମାନସିକତାର ଫରକ, ଆତ୍ମୀୟତା ଓ ଭଲ ପାଇବାର ଅଭାବ ପରିଲକ୍ଷିତ ହୋଇଥାଏ। କେଉଁଠି ପିତୃ ଅର୍ଜିତ ଧନକୁ ବାଣ୍ଟି ନେଇ ସାରିବା ପରେ ହତାଦର ଆରମ୍ଭ ହେଉଛି ତ ଆଉ କେଉଁଠି ବାପା ମା'ମାନେ ସନ୍ତାନମାନଙ୍କ ପ୍ରତି ପାତରଅନ୍ତର କରୁଥିବାର ଅଭିଯୋଗ ଆସୁଛି। ଏହାବାଦ୍ ବାପା ମା'ମାନଙ୍କ ମଧ୍ୟରେ କଳି ଗଣ୍ଡଗୋଳ, ପିଲାଙ୍କ ଉପରେ ଟଙ୍କା ପଇସା ପାଇଁ ନିର୍ଭରଶୀଳତା ଏବଂ କୌଣସି ବଦଭ୍ୟାସର ବଶବର୍ତ୍ତୀ ହେବା ତଥା ବୃଦ୍ଧ ବୃଦ୍ଧାମାନେ ଅନେକଦିନ ଧରି ଶଯ୍ୟାଶାୟୀ ରହିବା ସନ୍ତାନସନ୍ତତିମାନଙ୍କୁ ହତାଦର କରିବା ପାଇଁ ସତେଯେପରି ପ୍ରୋତ୍ସାହିତ କରିଥାଏ। ଏପରିକି ପିଲାମାନଙ୍କ ମଧ୍ୟରେ ସମ୍ପତ୍ତିର ସୁଷମ ବଣ୍ଟନ ହୋଇ ନ ପାରି ବାପା ଓ ମା' ମାନଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇ ବୃଦ୍ଧାବସ୍ଥାରେ ସେମାନଙ୍କୁ ଆତ୍ମହତ୍ୟା କରିବାକୁ ବାଧ୍ୟ କରିଥାଏ।

ତେବେ ପ୍ରଶ୍ନ ଉଠୁଛି ଆଗରୁ ସିନା ବହୁ ସନ୍ତାନ ଥିଲେ ବୋଲି ବାପା ମା'ଙ୍କର ଖାଇବା, ପିଇବା ଓ ଯତ୍ନକୁ ପିଲାମାନଙ୍କ ମଧ୍ୟରେ ଭାଗ ବଣ୍ଟନ ହେଉଥିଲା? ଆଉ ସେତେବେଳେ ପକ୍ଷପାତିତା କଥା ଉଠୁଥିଲା? ବର୍ତ୍ତମାନ କିନ୍ତୁ ପ୍ରାୟତଃ ଗୋଟିଏ ସନ୍ତାନ ଥିବା ବାପା ମା'ଙ୍କର ମଧ୍ୟ ସମାନ ଅବସ୍ଥା କାହିଁକି ଉପୁଜୁଛି? ଯେଉଁ ବାପା ମା'ମାନେ ନିଜର ମୌଳିକ ଚାହିଦାକୁ ଯେନତେନ ପ୍ରକାର ପୂରଣ କରି ସନ୍ତାନମାନଙ୍କୁ ଗଢ଼ିଥାଆନ୍ତି ପରବର୍ତ୍ତୀ ସମୟରେ ପିଲାମାନଙ୍କ ପାଇଁ ବୋଝ ପାଲଟିଯିବା ଆଶ୍ଚର୍ଯ୍ୟଜନକ ନୁହେଁ କି?

ଏ ସବୁର ନିରାକରଣ ପାଇଁ ଛୋଟବେଳୁ କେବଳ ସ୍ୱାମୀ-ସ୍ତ୍ରୀ ଓ ପିଲାମାନଙ୍କୁ ନେଇ ଗଢ଼ାଯାଇଥିବା ଏକକ ପରିବାର ମଧ୍ୟରେ ସୀମିତ ନ ରଖି ଏକାନ୍ନବର୍ତ୍ତୀ ପରିବାର, କୁଟୁମ୍ବ ଓ ସାହିପଡ଼ିଶାଙ୍କ ସହିତ ମିଳିମିଶି ଚଳିବାର ଆଦବ କାଇଦା ଶିଖାଇବା ଦରକାର। ବାପା-ମା'ମାନେ ପିଲାମାନଙ୍କୁ ଆତ୍ମନିର୍ଭର କରିବା ସହିତ ପାଞ୍ଚଜଣରେ ଜଣେ ହେବା ପାଇଁ ସ୍ୱପ୍ନ ଦେଖାଇବା ସମୟରେ ପିଲାମାନେ ପ୍ରବାସୀ ହେବାର ପ୍ରସଙ୍ଗଟିକୁ ମନରେ ରଖିବା ଦରକାର। ତା' ସହିତ ପିଲାମାନଙ୍କର ଅନୁପସ୍ଥିତିରେ ସେମାନଙ୍କର ମଙ୍ଗଳକାମନା କରି ଦିନ କାଟିବା ପାଇଁ ପ୍ରସ୍ତୁତ ହେବା ଆବଶ୍ୟକ। ବୟସ ଥିବା ସମୟରେ ଆଇନଗତ ହିସାବରେ ସନ୍ତାନମାନଙ୍କ ମଧ୍ୟରେ ବୁଝାମଣା ଭିତ୍ତିରେ ସମ୍ପତ୍ତିର ଭାଗବଣ୍ଟା କରିବା ସହିତ ସେମାନଙ୍କର ମଧ୍ୟ ବାପା-ମା'ଙ୍କ ପ୍ରତି ଥିବା କର୍ତ୍ତବ୍ୟକୁ ଉପଯୁକ୍ତ ଭାବେ ସୂଚାଇ ଦେବା ଦରକାର। ସମୟ ଥାଉ ଥାଉ ବିଭିନ୍ନ ନିଶାଦ୍ରବ୍ୟ ସେବନ ଏବଂ ବିଭିନ୍ନ ବଦଭ୍ୟାସରୁ ନିଜକୁ ଦୂରେଇ ନେବା ଆବଶ୍ୟକ। ସନ୍ତାନମାନଙ୍କ ଏକାନ୍ତ ବ୍ୟକ୍ତିଗତ କଥାଗୁଡ଼ିକରେ ଅଯଥା ମୁଣ୍ଡ ନ ପୂରାଇ ଭଗବତ୍ ଚିନ୍ତନ, ସମାଜସେବା ଏବଂ ଆଧ୍ୟାତ୍ମିକ ବିଚାରରେ ସମୟ ଉପଯୋଗ କରିବା ଦରକାର। ବର୍ତ୍ତମାନ ପରିପ୍ରେକ୍ଷୀରେ ସୋସିଆଲ ମିଡିଆରେ ସମୟ ବିତାଇ ଛୋଟ ପିଲାଙ୍କୁ ଅବହେଳା କରିବା ପରିବର୍ତ୍ତେ ସେମାନଙ୍କର ମାନସିକତାକୁ ଗଠନମୂଳକ ଦିଗରେ ଆଗେଇନେବା ଦରକାର। ବୃଦ୍ଧାବସ୍ଥାରେ ନିଜକୁ ପାରୁପର୍ଯ୍ୟନ୍ତ ଯୁଗୋପଯୋଗୀ କରି ବିଭିନ୍ନ ସକାରାତ୍ମକ ଦିଗରେ ମନ ଲଗାଇବା ମଧ୍ୟ ଜରୁରୀ। ପିଢ଼ି ବ୍ୟବଧାନ ରହିବା ସ୍ୱାଭାବିକ, କିନ୍ତୁ ଏହି ବ୍ୟବଧାନକୁ କେମିତି ସଙ୍କୁଚିତ କରାଯାଇ ପାରିବ ସେଥିପ୍ରତି ଯତ୍ନଶୀଳ ହେବାର ଅଛି। ନଚେତ୍ ଭବିଷ୍ୟତରେ ଆମେ ସମସ୍ତେ ଭୂଇଁ ଅଣ୍ଡାଳିବା ହିଁ ସାର ହେବ। କାରଣ ଆମେ ବର୍ତ୍ତମାନ ଆଖି ଥାଉଥାଉ ଅନ୍ଧ ପାଲଟି ଯାଉଛନ୍ତି।

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ସକାଳ



# ସୋନପୁରକୁ ଗଡ଼ିବ ୪ ଟ୍ରେନ୍

## ଭୁବନେଶ୍ୱର-ବାଲାଙ୍ଗୀର ଏକ୍ସପ୍ରେସ୍ ଏବଂ ଦୁଇ ଯୋଡ଼ା ବଲାଙ୍ଗୀର-ବିଚ୍ଛୁପାଲି ପାସେଞ୍ଜର୍‌ର ହେବ ସମ୍ପ୍ରସାରଣ

**ଭୁବନେଶ୍ୱର, ୧୩।୩(ସମିସ):** ବଲାଙ୍ଗୀର ଏବଂ ସୋନପୁର ମଧ୍ୟରେ ଗୋଟିଏ ନୂଆ ଟ୍ରେନ୍ ପ୍ରଚଳନ ବଲାଙ୍ଗିର ପାର୍ଶ୍ୱରୁ ସୋନପୁର ପର୍ଯ୍ୟନ୍ତ ଟ୍ରେନ୍ ଲାଇନ୍ କାର୍ଯ୍ୟକ୍ଷମ ହେବା ନେଇ ରେଳବାଇ ପକ୍ଷରୁ ନିଷ୍ପତ୍ତି ହୋଇଛି। ସ୍ଥାନୀୟ ଲୋକଙ୍କ ଆକାଂକ୍ଷାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର-ବଲାଙ୍ଗିର-ଭୁବନେଶ୍ୱର ଏକ୍ସପ୍ରେସ୍ ଏବଂ ଦୁଇ ଯୋଡ଼ା ବଲାଙ୍ଗୀର-ବିଚ୍ଛୁପାଲି ପାସେଞ୍ଜର ସୋନପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ଯୋଜନା ହୋଇଛି। ଭୁବନେଶ୍ୱର-ବଲାଙ୍ଗୀର ଏକ୍ସପ୍ରେସ୍ ସୋନପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ ହେବ। ଭୁବନେଶ୍ୱର-ବଲାଙ୍ଗୀର-ସୋନପୁର ଏକ୍ସପ୍ରେସ(୧୨୮୯୩) ବଲାଙ୍ଗୀରରେ ପହଞ୍ଚିବା ପରେ ଅପରାହ୍ଣ ୧ଟା ୪୫ରେ ସୋନପୁର ଅଭିମୁଖେ ଯାତ୍ରା କରିବ ଏବଂ ଅପରାହ୍ଣ ୩ଟା ୧୫ରେ ସୋନପୁରରେ ପହଞ୍ଚିବ। ଫେରିବା ମାର୍ଗରେ ସୋନପୁର-ଭୁବନେଶ୍ୱର ଏକ୍ସପ୍ରେସ(୧୨୮୯୪) ସୋନପୁରରୁ ଅପରାହ୍ଣ ୧ଟାରେ ଛାଡ଼ି ଅପରାହ୍ଣ ୨ଟା ୨୫ରେ ବଲାଙ୍ଗୀରରେ ପହଞ୍ଚିବ। ଏହି ଟ୍ରେନ୍ ଅପରାହ୍ଣ ୨ଟା ୪୫ରେ ବଲାଙ୍ଗୀର ଷ୍ଟେସନରୁ ଛାଡ଼ି ରାତି ୯ଟା ୪୫ରେ ଭୁବନେଶ୍ୱରରେ ପହଞ୍ଚିବ। ଏହି ଟ୍ରେନ ଗୁରୁବାରଠାରୁ ସୋନପୁରରୁ ଏବଂ ଶୁକ୍ରବାରଠାରୁ ଭୁବନେଶ୍ୱରରୁ ନିୟମିତ ଭାବେ ଚଳାଚଳ କରିବ।

ଭୁବନେଶ୍ୱର-ସୋନପୁର-ଭୁବନେଶ୍ୱର ଏକ୍ସପ୍ରେସ୍‌ର ସମୟ ସାରଣୀ ଓ ରହଣି ଷ୍ଟେସନ ଉଭୟ ପାର୍ଶ୍ୱରୁ ଭୁବନେଶ୍ୱର ଏବଂ ବଲାଙ୍ଗୀର ମଧ୍ୟରେ ଅପରିବର୍ତ୍ତିତ ରହିବ। ବଲାଙ୍ଗୀର ଏବଂ ସୋନପୁର ମଧ୍ୟରେ ଏହି ଟ୍ରେନ୍ ବିଚ୍ଛୁପାଲି, ଝରତରଭା ଏବଂ ନରସିଂହଗଡ଼ ରେଳ ଷ୍ଟେସନରେ ରହଣି କରିବ। ବଲାଙ୍ଗୀର-ବିଚ୍ଛୁପାଲି ପାସେଞ୍ଜର ଟ୍ରେନ୍ ଶୁକ୍ରବାରଠାରୁ ସୋନପୁର ପର୍ଯ୍ୟନ୍ତ ମଧ୍ୟ ସମ୍ପ୍ରସାରିତ ହେବ। ଏହି ଟ୍ରେନ୍ ବଲାଙ୍ଗୀରରୁ ସକାଳ ୮ଟା ୧୫ରେ ଛାଡ଼ି ସୋନପୁରରେ ସକାଳ ୯ଟା ୪୫ରେ ପହଞ୍ଚିବ। ଫେରିବା ମାର୍ଗରେ ଏହି ଟ୍ରେନ୍ ସୋନପୁରରୁ ପୂର୍ବାହ୍ଣ ୧୦ଟା ୪୫ରେ ଛାଡ଼ି ମଧ୍ୟାହ୍ନ ୧୨ଟାରେ ବଲାଙ୍ଗୀରରେ ପହଞ୍ଚିବ। ସେହିପରି ବଲାଙ୍ଗୀର-ବିଚ୍ଛୁପାଲି-ବଲାଙ୍ଗୀର ପାସେଞ୍ଜରକୁ ସୋନପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଅଛି। ଏହି ଟ୍ରେନ୍ ବଲାଙ୍ଗୀରରୁ ଅପରାହ୍ଣ ୧୨ଟା ୫୦ରେ ଛାଡ଼ି ସୋନପୁରରେ ଅପରାହ୍ଣ ୨ଟା ୨୦ରେ ପହଞ୍ଚିବ। ଫେରିବା ମାର୍ଗରେ ଏହି ଟ୍ରେନ୍ ସୋନପୁରରୁ ସନ୍ଧ୍ୟା ୫ଟାରେ ଛାଡ଼ି ସନ୍ଧ୍ୟା ୬ଟା ୧୫ରେ ବଲାଙ୍ଗୀରରେ ପହଞ୍ଚିବ। ଆସନ୍ତା ଶୁକ୍ରବାରଠାରୁ ବଲାଙ୍ଗୀର ଏବଂ ସୋନପୁର ମଧ୍ୟରେ ନୂତନ ଟ୍ରେନ୍ ଚଳାଚଳ କରିବ। ବଲାଙ୍ଗୀର-ସୋନପୁର-ବଲାଙ୍ଗୀର ପାସେଞ୍ଜର ୧୫ ମାର୍ଚ୍ଚ ୨୦୧୪ ଠାରୁ ବଲାଙ୍ଗୀରରୁ ସନ୍ଧ୍ୟା ୭ଟା ୧୫ରେ ଛାଡ଼ି ସୋନପୁରରେ ସନ୍ଧ୍ୟା ୮ଟା ୪୫ରେ ପହଞ୍ଚିବ। ଫେରିବା ମାର୍ଗରେ ଏହି ଟ୍ରେନ୍ ସୋନପୁରରୁ ଶନିବାରଠାରୁ ଭୋର ୪ଟା ୧୫ରେ ଛାଡଡ଼ ବଲାଙ୍ଗୀର ଠାରେ ସକାଳ ୫ଟା ୩୦ରେ ପହଞ୍ଚିବ।

# ହୋଲି ପାଇଁ ଗଡ଼ିବ ସ୍ୱତନ୍ତ୍ର ଟ୍ରେନ୍

**ଭୁବନେଶ୍ୱର, ୧୩।୩(ସମିସ):** ଯାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏବଂ ଗୁରୁତ୍ୱପୂର୍ଣ୍ଣ ରୁଟ୍‌ରେ ଚାଲୁଥିବା ନିୟମିତ ଟ୍ରେନରେ ଯାତ୍ରୀମାନଙ୍କ ଅତିରିକ୍ତ ଭିଡ଼କୁ ଦୂରକରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ହୋଲି ଉତ୍ସବ ସମୟରେ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଇବାକୁ ନିଷ୍ପତ୍ତି ହୋଇଛି। ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ୫ ଯୋଡ଼ା ହୋଲି ସ୍ପେଶାଲ୍ ଟ୍ରେନ୍ ପୁନେ, ପାଟନା ଏବଂ ନିଜାମୁଦ୍ଦିନ ଷ୍ଟେସନକୁ ଚଳାଚଳ କରିବ। ପୂର୍ବତଟ ରେଳପଥ ପରିସୀମା ମଧ୍ୟଦେଇ ପୂର୍ବରୁ ଚଳାଚଳ କରୁଥିବା କିଛି ସ୍ୱତନ୍ତ୍ର ଟ୍ରେନର ସେବାକୁ ମଧ୍ୟ ବର୍ଦ୍ଧିତ କରାଯାଇଛି।

ସମ୍ବଲପୁର-ପୁନେ-ସମ୍ବଲପୁର ହୋଲି ସ୍ପେଶାଲ ଟ୍ରେନ୍ (୦୮୩୨୭/୦୮୩୨୮) ଆସନ୍ତା ରବିବାରରୁ ୩୧ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ରବିବାର ସମ୍ବଲପୁରରୁ ରାତି ୧୦ଟାରେ ଛାଡ଼ିବ। ଫେରିବା ମାର୍ଗରେ ଏହା ପୁଣେରୁ ୧୯ ତାରିଖରୁ ଏପ୍ରିଲ ୨ ପର୍ଯ୍ୟନ୍ତ ପୁଣେରୁ ପୂର୍ବାହ୍ଣ ୯ଟା ୧୫ରେ ଛାଡ଼ିବ। ଏହି ଟ୍ରେନ୍ ବରଗଡ଼ ରୋଡ୍, ବଲାଙ୍ଗୀର, ଟିଟିଲାଗଡ଼, କାଣ୍ଟାବାଞ୍ଜି, ଖରିଆର ରୋଡ, ରାୟପୁର, ନାଗପୁର, ଅହମଦନଗର ଭଳି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ୍ ସହିତ ୨୧ଟି ଷ୍ଟେସନ ଠାରେ ରହଣି କରିବ। ଏହାର ଗଠନରେ ଗୋଟିଏ ଏସି-୨ ଟାୟାର, ଚାରିଟି ଏସି -୩ ଟାୟାର, ୯ଟି ସ୍ଲିପର୍ କ୍ଲାସ, ୬ଟି ଦ୍ୱିତୀୟ ଶ୍ରେଣୀ ସିଟିଂ ଏବଂ ଦୁଇଟି ଗାର୍ଡ ତଥା ଲଗେଜ୍ ଭ୍ୟାନ୍ ଉପଲବ୍ଧ ଅଛି। ସେହିପରି ପୁରୀ-ପାଟନା-ପୁରୀ ହୋଲି ସ୍ପେଶାଲ୍ ଟ୍ରେନ୍ (୦୮୪୭୭/୦୮୪୭୮) ଚଳିତମାସ ୧୮ ରୁ ୨୫ ତାରିଖ ମଧ୍ୟରେ ପ୍ରତ୍ୟେକ ସୋମବାର ଦିନ ପୁରୀଠାରୁ ଅପରାହ୍ଣ ୪ଟା ୪୫ରେ ଛାଡ଼ିବ। ଫେରିବା ମାର୍ଗରେ ଏହି ଟ୍ରେନ ପାଟଣାଠାରୁ ୧୯ରୁ ୨୬ ତାରିଖ ମଧ୍ୟରେ ପ୍ରତ୍ୟେକ ମଙ୍ଗଳବାର ଦିନ ଅପରାହ୍ନ ୧ଟା ୧୫ରେ ଛାଡ଼ିବ। ଏହି ଟ୍ରେନ୍ ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ, ଭଦ୍ରକ, ବାଲେଶ୍ୱର, ଆଦ୍ରଓ, ଜସିଡିହ ଭଳି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ୍ ସହିତ ୧୮ ଟି ଷ୍ଟେସନଠାରେ ରହଣି କରିବ। ଏହି ଟ୍ରେନରେ ଗୋଟିଏ ଏସି-୨ ଟାୟାର୍, ଛଅଟି ଏସି -୩ ଟାୟାର୍, ୭ଟି ସ୍ଲିପର କ୍ଲାସ, ଚାରିଟି ଦ୍ୱିତୀୟ ଶ୍ରେଣୀ ସିଟିଂ ଏବଂ ଦୁଇଟି ଗାର୍ଡ ତଥା ଲଗେଜ୍ ଭ୍ୟାନ୍ ଉପଲବ୍ଧ ଅଛି।

# ଇ-ପୋଷ୍ଟାଲ ବାଲାଟ୍ ସମ୍ବନ୍ଧରେ ପ୍ରଶିକ୍ଷଣ

**ଭୁବନେଶ୍ୱର, ୧୩।୩(ସମିସ):** ପ୍ରତିଟି ଭୋଟ ମୂଲ୍ୟବାନ। ଦେଶ ଗଠନରେ ପ୍ରତିଟି ଭୋଟର ମହତ୍ତ୍ୱ ରହିଛି। ଯେପରି କୌଣସି ଜଣେ ଭୋଟର ମତଦାନରୁ ବଞ୍ଚିତ ନହେବେ ସେ ଲକ୍ଷ୍ୟ ନେଇ ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହିକ୍ରମରେ ଦେଶସେବାରେ ଅନେକ ଦୂରଦୂରାନ୍ତ ଅଞ୍ଚଳରେ ନିୟୋଜିତ ହୋଇ ସର୍ଭିସ ଭୋଟରମାନେ ଦାୟିତ୍ୱ ନିର୍ବାହ କରୁଥିବାରୁ ଏହି ସର୍ଭିସ ଭୋଟରମାନେ କିପରି ସୁଚାରୁ ରୂପେ ମତଦାନ କରିପାରିବେ ସେଥି ପାଇଁ ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଆଭାସୀ ମାଧ୍ୟମରେ ରିଟର୍ଣ୍ଣିଂ ଅଫିସରମାନଙ୍କର ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଇଛି। ଦେଶର ସମସ୍ତ ରାଜ୍ୟର ରିଟର୍ଣ୍ଣିଂ ଅଫିସରମାନେ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇ ଇଲେକ୍‌ଟ୍ରୋନିକାଲି ଟ୍ରାନ୍ସମିଟେଡ୍ ପୋଷ୍ଟାଲ୍ ବାଲାଟ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ (ଇଟିପିବିଏମ୍‌ଏସ୍) ବିଷୟରେ କମିଶନଙ୍କଠାରୁ ପ୍ରଶିକ୍ଷଣ ପ୍ରାପ୍ତ ହୋଇଛନ୍ତି। ଅନ୍‌ଲାଇନ୍ ମାଧ୍ୟମରେ ପୋଷ୍ଟାଲ ବାଲାଟ୍ କିପରି ପଠାଯିବ, ପଠାଇବାର ସୁରକ୍ଷା, ପଠାଯିବାର ସମୟ ଓ ଅଫ୍‌ଲାଇନ୍ ମାଧ୍ୟମରେ ପୋଷ୍ଟାଲ୍ ବାଲାଟ୍ କିପରି ଫେରସ୍ତ ଆସିବ ଏହି ସମସ୍ତ ବିଷୟରେ ନିର୍ବାଚନ କମିଶନଙ୍କ ତରଫରୁ ବୈଷୟିକ ବିଶେଷଜ୍ଞମାନେ ପ୍ରଶିକ୍ଷଣ ଦେଇଥିଲେ। ରିଟର୍ଣ୍ଣିଂ ଅଫିସରମାନେ ସମସ୍ତ ବୈଷୟିକ ଦିଗ ବିଷୟରେ ପ୍ରଶିକ୍ଷଣ ପ୍ରାପ୍ତ ହୋଇଥିଲେ ଓ ନିଜର ସନ୍ଦେହଗୁଡ଼ିକ ବିଷୟରେ ପଚାରି ବୁଝିଥିଲେ।


C-3290

**CUTTACK MUNICIPAL CORPORATION**

"e" PROCUREMENT NOTICE

Tender Call Notice No. 2180 (PW) Date. 07.03.2024
Tender ID: 2023_ORULB_102414

Civil Work: 1 Nos.
Bid Value: Rs.59.88 Lakhs
Date and Time schedule:

| Start | End | Opening |
|---|---|---|
| 11.00 AM on dt. 13.03.2024 | 5.00 PM on dt. 22.03.2024 | 11.00 AM on dt. 30.03.2024 |

Tender Details: can be seen from the procurement portal: www.tendersorissa.gov.in

Executive Engineer,
City Division-III, CMC

OIPR-13031/11/0118/2324



ହୋଇ ଘାରି କାମନାରେ
ସଂକ୍ରମଣ ହୁଅଇ ଶରୀର
ଅସୁରକ୍ଷିତ ଯୌନ ସମ୍ପର୍କରେ,
ସଂକ୍ରମିତ ହୁଅଇ ପିଲାଟିଏ
ଅବିଶୋଧିତ ଛୁଞ୍ଚି ଅବା
ସିରିଞ୍ଜ ବ୍ୟବହାରେ,
ନିଶାରେ ହୋଇ ଟଳମଳ ହୁଅ ସଂକ୍ରମିତ
ଡ୍ରଗସ୍ ଯେବେ ନିଅ ଗୋଟିଏ ଛୁଞ୍ଚିରେ ।

OSACS
ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

CAD-4576

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍-(୦୬୭୪)୨୩୯୩୫୨୪
ଇପିବିଏକ୍ସ : (୦୬୭୪)୨୩୯୧୫୪୨କ ୨୩୯୦୧୪୧
ଫାକ୍ସ : (୦୬୭୪)୨୩୯୩୯୫୨, ୱେବ୍‌ସାଇଟ୍ www.oshb.org

ପତ୍ର ସଂଖ୍ୟା ୬୭ **ବିଜ୍ଞାପନ** ତା.୦୨.୦୩.୨୦୨୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏଲଆଇଜି-୧-୧୩ (LIG-I-13), ଉମାପଦା, ଯାଜପୁର ଗୃହ ନିର୍ମାଣ ପ୍ରକଳ୍ପରେ ମେସ୍କୋ କଳିଙ୍ଗ ଷ୍ଟିଲ ଲିଃ, (Mesco Kalinga Steel Ltd.) ପ୍ଲଟ ନଂ-୩୯୧୫, ମେସ୍କୋ ଟାୱାର, ଲୁଇସ୍ ରୋଡ଼, କେଦାରଗୌରୀ ଛକ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା କମ୍ପାନୀ ଦ୍ୱାରା ନିଯୁକ୍ତ ଭାରପ୍ରାପ୍ତ ଅଧିକାରୀ ଶ୍ରୀ ରଞ୍ଜିତ କୁମାର ବାରିକ (ଡିଜିଏମ୍, ଫାଇନାନ୍ସ, ଅଡ଼ିଟ, ମେସ୍କୋ କଳିଙ୍ଗ ଷ୍ଟିଲ୍ ଲିଃ) ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ କୁଳଦୀପ କସ୍ତୁବ, ପିତା-ପ୍ରମୋଦ କୁମାର ବେହେରା, ସା-ସାଇନବିରି, ପୋ-ଗଦାଶିଳା, ଥାନା-ସଦର, ଜିଲ୍ଲା-ଢେଙ୍କାନାଳଙ୍କ ନାମରେ ମାଲିକାନା ସତ୍ତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବୀ / ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।

ସ୍ୱା-ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0735/2324

OFFICE OF THE MUNICIPAL COUNCIL: BALANGIR
Opp. of Rajendra Park, Balangir, pin-767001
Ph.: 06652-232720, Email: bgrmc1972@gmail.com
Letter No. 1171 / Date 06.03.2024

C-3279

**ଅଭିବ୍ୟକ୍ତି ପ୍ରକାଶନ**

ବଲାଙ୍ଗିର ପୌର ପରିଷଦ ଅଧିନରେ ଥିବା ଦୈନିକ ବଜାର ଟିକସ ଆଦାୟ ପାଇଁ ୧ ବର୍ଷ ଠିକା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି। ଆଗ୍ରହୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏହି ଅଭିବ୍ୟକ୍ତି ପ୍ରକାଶନରେ ଲେଖା ହୋଇଥିବା ଆବେଦନ ପତ୍ର ବଲାଙ୍ଗିର ଜିଲ୍ଲା ୱେବସାଇଟ୍ www.balangir.nic.in କୁ ଯାଇ ତାର ସମସ୍ତ ବିବରଣୀ ପାଇପାରିବେ।

କାର୍ଯ୍ୟନିର୍ବାହୀ ଅଧିକାରୀ,
ବଲାଙ୍ଗିର ପୌରପାଳିକା

OIPR-13169/11/0034/2324

GOVERNMENT OF ODISHA
OFFICE OF THE SUPERINTENDING ENGINEER
GANJAM (R&B) DIVISION NO.I BERHAMPUR

B-1911

Phone /Fax: (0680) 2233683, email: eernb1_bam@yahoo.com
Bid Identification No. SER&B Divn. No. I Barm 105/2023-24 Lr. No. 341 dt. 07.03.2024

Name of work : Electrical work
No. of works : 1 (one) No.
Estimated Cost : Approximately Rs. 17.00 lakh
Period of completion of agreement : One Calendar month
Date and time of availability of bid document in the portal: From 10.00 hours of 13.03.2024 to 16.00 hours of 19.03.2024
Last date / time for receipt of bids in the portal: upto 16.00 hours of 19.03.2024
name & address of the office inviting bid: Superintending Engineer, Ganjam (R&B) Division, No. I, Berhampur.
Further details can be seen from the e-Procurement portal https://tendersodisha.gov.in

Executive Engineer
Ganjam (R&B) Division No. I
Berhampur

OIPR-34109/11/0049/2324

OFFICE OF THE SUPERINTENDING ENGINEER
BALASORE (ROADS & BUILDINGS) DIVISION-I
AT/PO- PADHUANPADA, BALASORE

B-1927

CONTACT NO :- 06782262045
E Mail ID :- ee_blsrb@yahoo.co.in

BID INVITATION NO. SE (R and B) BLS-Divn-I- 87 / 2023-24
Letter No 3216 Dated. 11.03.2024

| | | | |
|---|---|---|---|
| 1 | The Superintending Engineer, Balasore (R & B) Division-I, Balasore on behalf of the Governor of Odisha invites Percentage rate bids to be received in **ONLINE MODE** only for road and Building works | | |
| 2 | No. of Work | : | 3 Nos |
| 3 | Nature of work | : | Road works of Balasore (R&B)Division-I |
| 4 | Class of Contractor | : | "D", C" & "B" Class Contractor |
| 5 | Approx. value of work | : | Rs. 12.36 Lakh to 49.63 Lakh |
| 6 | Tender Cost | : | Rs. 6000/- |
| 7 | Availability of Bid Documents in the website | : | From 10.00 Hours of dt. 15.03.2024 to 16:00 hours of dt. 22.03.2024 |
| 8 | Date of Opening of Bid | : | Dt. 27.03.2024 at 11:00 Hours |
| 9 | Other details can be seen in the Bidding documents from the website : https://tendersorissa.gov.in | | |

Superintending Engineer,
Balasore (R&B) Division-I

OIPR-34157/11/0032/2324

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
BARGARH IRRIGATION DIVISION, BARGARH

A-1687

e-Procurement Notice No.CDT-10 /2023-24 dt.07.03.2024

Bid Identification No. CDT-10 (01)/2023-24 to CDT-10 (14)/2023-24 (Online)

| | | | |
|---|---|---|---|
| 1. | Nature of work | : | Improvement of canal and construction of boundary wall |
| 2. | No. of works | : | 14 (Fourteen) Nos. |
| 3. | Class of Contractor | : | D and C class |
| 4. | Bid Identification No. | : | CDT-10 (01-14)/2023-24 |
| 5. | Estimated Cost | : | Rs.5.78 Lakhs to Rs.9.33 Lakhs (Approx) |
| 6. | Period of completion | : | 45 days excluding canal opening period and 45 days |
| 7. | Date and time of availability of bid documents in the portal | : | Dt.15.03.2024 at 10.00 A.M to Dt.27.03.2024 up to 05.00 P.M. |
| 8. | Last date/ time for receipt of bids in the portal | : | Dt.27.03.2024 up to 05.00 P.M. |
| 9. | Date of opening of Bid | : | Dt.28.03.2024 at 11.00 A.M. |
| 10. | Name and Address of the Officer inviting bid | : | Superintending Engineer, Bargarh Irrigation Division, Bargarh – 768028 email Id: - eecanalbgh11@gmail.com |

| Procurement Officer | Name of the Division | Bid Identification No. | Availability of tender on-line for bidding: From | Availability of tender on-line for bidding: To | Last date & time of seeking of clarification | Date & time of opening of tender | Date, Time & place of lottery if required |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| Superintending Engineer, Bargarh Irrigation Division, Bargarh | Bargarh Irrigation Division, Bargarh | CDT-10 (01)/ 2023-24 to CDT-10 (14)/ 2023-24) (online) | Dt.15.03.2024 at 10:00 A.M | Dt.27.03.2024 up to 05.00 P.M. | Dt.22.03.2024 up to 01:00 P.M. | Dt.28.03.2024 at 11.00 A.M. in the O/o the S.E., Bargarh Irrigation Division, Bargarh | Will be intimated later on. |

1. Any addendum/ corrigendum/ cancellation / erratum of tender can also be seen in the said website.
2. Further details can be seen from Government website http://tendersodisha.gov.in

Superintending Engineer
Bargarh Irrigation Division, Bargarh

OIPR-32461/11/0016/2324

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
U.K. HEAD WORKS DIVISION, KOLABNAGAR (K) PIN-764011

A-1695

e-Procurement Notice SE-URKHWD-23/2023-24 Dated 07.03.2024 (ONLINE)

1. Name of work : Civil work
2. No. of works : 03 (Three) Nos.
3. Approximate Value of works: 4.18 Lakhs to 15.73 Lakhs
4. Class of Contractor: Registered & licensed Contractors of 'C' & 'D' Class
5. Period of completion: 01 (One) Calendar Month
6. Date & time of availability : 13.03.2024 at 11.00 Hours to 27.03.2024 upto 17.30 Hours
7. Date & Place of opening of Bid on line: 28.03.2024 (10.30 hours) at office of the Superintending Engineer, UKHWD, Kolab Nagar
8. Name of the officer inviting Bids: Superintending Engineer, UKHWD, Kolab Nagar.

Further details can be seen from the e-procurement portal http:tendersodisha.gov.in. Addendum Corrigendum / Cancellation, if any required will be published in Govt. website only.

Superintending Engineer
Upper Kolab Head Works Division,
Kolabnagar

OIPR-32015/11/0034/2324

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
U.K. HEAD WORKS DIVISION, KOLABNAGAR (K) PIN-764011

A-1705

e-Procurement Notice SE-URKHWD-24/2023-24 Dated 07.03.2024 (ONLINE)

1. Name of work : Procurement & Installation of MLA 100 HP Pump for setting tank at Kolabnagar.
2. No. of works : 01 (One) No.
3. Approximate Value of works: 11.65 laksh
4. Class of Contractor: Reputed Manufacturers / Authorised firms by manufacturer / Authorised dealers by manufacturer.
5. Period of completion: 03 (Three) Calendar Months
6. Date & time of availability : 13.03.2024 at 11.00 Hours to 27.03.2024 upto 17.30 Hours
7. Date & Place of opening of Bid on line: 28.03.2024 (10.30 hours) at office of the Superintending Engineer, UKHWD, Kolab Nagar
8. Name of the officer inviting Bids: Superintending Engineer, UKHWD, Kolab Nagar

Further details can be seen from the e-procurement portal http:tendersodisha.gov.in. Addendum Corrigendum / Cancellation, if any required will be published in Govt. website only.

Superintending Engineer
Upper Kolab Head Works Division, Kolabnagar

OIPR-32015/11/0033/2324

O-2762

E-mail : rwdmohana@gmail.com

GOVERNMENT OF ODISHA
OFFICE OF THE SUPERINTENDENT ENGINEER
RURAL WORKS DIVISON MOHANA
NATIONAL COMPETITIVE BIDDING THROUGH e-Procurement
Identification No. Online Tender 22/MOHANA/2023-24

1. Name of the work : Building works
2. Total No. Work : 2 (Two) Nos.
3. Estimated Cost : Rs 46.22 Lakhs
4. Class of Contractor : As per Annexure
5. Period of Completion : As per Annexure
6. Other Details:-

| Procurement Officer | Bid Identification No. | No. of Works | Availability of Tender online for bidding: From | Availability of Tender online for bidding: To | Last Date & Time of seeking tender clarification | Date & Time of opening of tender |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Mohana | Online Tender 22/MOHANA/2023-24 | 2 (Two) Nos. | 28.03.2024 from 11.00 AM | 08.04.2024 upto 5.00 PM | 04.04.2024 upto 5.00 PM | 09.04.2024 at 11.00 AM |

Further details can be seen from the Website www.tenderodisha.gov.in

Superintending Engineer
R.W. Division, Mohana

OIPR-25148/11/0048/2324

GOVERNMENT OF ODISHA
OFFICE OF THE ENGINEER-IN-CHIEF
RURAL WORKS, ODISHA, BHUBANESWAR

O-2767

Letter No. 10367 Dated. 07.03.2024 Email i.d.: crew_bbsr@yahoo.com

Notice inviting Request for Proposal under EPC Contract
(RFP-Online - CE (Buildings & Bridges)-12 / 2023-24 dt. 07.03.2024)

1. Name of the work : As mentioned in NIT
2. Total No. of works : 05 (Five) no
3. Period of completion : 30 Calendar Months
4. Other details : www.tendersodisha.gov.in

| Procurement Officer | Bid Identification No | No. of bridge works | Availability of tender online for bidding: From | Availability of tender online for bidding: To |
|---|---|---|---|---|
| Chief Engineer, Buildings & Bridges, Rural Works, Odisha, Bhubaneswar | RFP – Online – CE-Buildings & Bridges- 12 (Bridge) / 2023-24 | 05 (Five) Nos | 18.03.2024 at 10.00 A.M. | 09.04.2024 Up to 5.00 P.M. |

Other details can be seen in the bidding documents, which will be available in website www.tendersorissa.gov.in

Chief Engineer (Buildings & Bridges),
Rural Works, Odisha, Bhubaneswar

OIPR-25123/11/0056/2324

A-1694

GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION GANJAM NO-I, BERHAMPUR.
Phone/Fax 0680-2292896, e-mail ID: eemi_gm1@yahoo.co.in
Corrigendum to Bid Identification No. Online Tender/14/GMID-I/2023-24
No. 1006 // Dt. 07-03-2024 //

In partial Modification to this office Bid I.D No-Online Tender/14/GMID-I/2023-24 vide Tender Call Notice No.566 dtd.12.02.2024, the following modifications are made.

| Sl. No. | Details of modification | As per 2nd Corrigendum | Modified as |
|---|---|---|---|
| 1. | Last date of availability of Tender on-line for bidding | 07-03-2024 at 17.00 Hours | 18-03-2024 at 17.00 Hours |
| 2. | Date and Time of Opening of Tender | 07-03-2024 at 17.10 Hours | 19-03-2024 at 11.00 Hours |
| 3. | Date and Time of Transparent Lottery | — | Will be intimated through : Email / Phone / Whatsapp / Notice Board. |

**All other terms and conditions remain unchanged.** The bid should be submitted online in the web site www.tendersorissa.gov.in by eligible contractor.

Superintending Engineer
M I Division, Ganjam-I
Berhampur

OIPR-32104/11/0052/2324

GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, MAYURBHANJ

A-1724

Tel No. (06792)260788, e-Mail ID mi.mayurbhanj@yahoo.co.in
"e" Procurement Notice
No 1349 Dated 11.03.2024
Identification No-S.E.M.I.D. Mbj.No.-20/MID, MBJ/2023-24

The Superintending Engineer, M.I. Division, Mayurbhanj on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | | |
|---|---|---|
| 1 | Name of works | Civil Construction works as mentioned in the web site |
| 2 | Total No. of works | 2 nos |
| 3 | Estimated Cost | 24.60 Lakh to 41.54 Lakh (Detail list of work Annexed) |
| 4 | Class of Contractor | As Mentioned against Work. |
| 5 | Period of Completion | As Mentioned against Work. |
| 6 | Date & time of Availability of Bid Document in the Portal | 18.03.2024 at 10.00 AM to 27.03.2024 up to 5.00 P.M. |
| 7 | Last date/ Time for receipt of Bids in the Portal | 27.03.2024 up to 5.00 P.M. |
| 8 | Date /Time of Opening of Technical Bid | 28.03.2024 at 11.00 A.M. |
| 9 | Name and Address of the Officer Inviting the Bid | Superintending Engineer, M.I. Division, Mayurbhanj |
| 10 | Mode of Payment of Bid Cost | Online |
| 11 | Further details can be seen from the "e" Procurement Portal "https://tendersorissa.gov.in" | |

Superintending Engineer
Minor Irrigation Division, Mayurbhanj

OIPR-32041/11/0018/2324

B-1944

e-mail ID - supenger_rbjyp@yahoo.co.in
Phone No – 06854 – 231528

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, JEYPORE (R&B) CIRCLE, JEYPORE
INVITATIONS FOR BIDS (IFB)

Bid Identification No. C.C.E.J.C (R&B) - 40/2023-24
Date. 12.03.2024

1. Nature of the work: **BUILDING WORK**
2. Total No. of Works: 01 (One) No.
3. Estimated cost: Rs. **1.06** Cr.
4. Period of completion: 06 (Six) Months
5. Cost of Bid Document: Rs. 10,000/-
6. Bid Security (EMD): Rs. **1.06** Lac As per column no. 06 of IFB.
7. Class of Contractor: "B" & "A" Class as per cl no. 05 of TCN & according to Financial Eligibility.
8. Date & time of availability of bid Document in the portal: from 11.00 hours of 18.03.2024 to 17.00 hours of 02.04.2024
9. Last date / Time for receipt of bids in the Portal: 17.00 hours of 02.04.2024
10. Opening date of Bid: 10.00 hours of 03.04.2024
11. Name and address of the Officer Inviting Bid : Chief Construction Engineer, Jeypore (R&B) Circle, Jeypore

Further details can be seen from the e-procurement portal https://tendersodisha.gov.in
Any addendum / corrigendum / cancellation of tender can also be seen in the said website only.

Chief Construction Engineer
Jeypore (R&B) Circle, Jeypore

OIPR-34108/11/0049/2324

A-1726

GOVERNMENT OF ODISHA
OFFICE OF THE SUPERINTENDING ENGINEER M.I.DIVISION GANJAM NO-I,BERHAMPUR
E-PROCUREMENT NOTICE

Bid Identification No. : Online Tender/21/GMID-1/2023-24

| | | |
|---|---|---|
| Name of Work | : | Civil Construction Works. |
| No of Work | : | 1 (One) |
| Estimated Cost | : | Rs 12.50 lakh |
| Period of Completion | : | 03 (Three) Calendar Month |
| Date and Time of Sale and receipt of Bid-document online | : | From 15.03.2024 at 10.00 Hours to 21.03.2024 upto 17:00 Hours |
| Date & time of opening of bids | : | 22.03.2024 at 11.00 Hours |
| Name & Address of the Officer inviting Tender. | : | Superintending Engineer, M.I.Division Ganjam-I, Berhampur. |

Further Details can be seen from the website: https://www.tendersodisha.gov.in.Any Addendum / Corrigendum / Cancellation of can also be seen in the said website.

Sd/-
Superintending Engineer,
M.I. Divn. Ganjam-I,
Berhampur

OIPR-32104/11/0053/2324

# ଯୋଡ଼ାରେ ଇନ୍‌ଡୋର ଷ୍ଟାଡିୟମ୍ ଉଦ୍‌ଘାଟିତ

**ଯୋଡ଼ା,୧୩।୩(ସମିସ)**

ବୁଧବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ଏକକାଳୀନ ୨୬ଟି ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମର ଆଭାସି ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଏଥିରେ ଯୋଡ଼ା ପୌରପାଳିକା ଅନ୍ତର୍ଗତ ୯ ନମ୍ବର ୱାର୍ଡରେ ଏକ ଇନ୍‌ଡୋର ଷ୍ଟାଡିୟମ୍ ଅନ୍ତର୍ଭୁକ୍ତ। ଏହି ଉଦ୍‌ଘାଟନୀ ଉତ୍ସବରେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ, ଯୋଡ଼ା ପୌରାଧକ୍ଷ ଡ. ଜଗଦୀଶ ପ୍ରସାଦ ସାହୁ, ଉପାଧ୍ୟକ୍ଷା ସନ୍ଧ୍ୟା ପାତ୍ର, ବିଜେଡି ଜିଲ୍ଲା ସମ୍ପାଦକ ବାବୁଲାଲ ସାହୁ, ଯୁବ ସଂଗଠକ ସୁଶାନ୍ତ କୁମାର ବାରିକ, ଜିତେନ୍ଦ୍ର ଜୟସ୍ୱାଲ ଓ ସମସ୍ତ କାଉନସିଲର



ଉପସ୍ଥିତ ରହିଥିଲେ। ଏହି ଇନ୍‌ଡୋର ଷ୍ଟାଡିୟମଟିରେ ୭ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିବାବେଳେ ଏଥିରେ ୪ଟି ବ୍ୟାଡମିଣ୍ଟନ କୋର୍ଟ, ଉଭୟ ପୁରୁଷ ଓ ମହିଳାଙ୍କ ନିମନ୍ତେ ୨ଟି ଜିମ, ୩ଟି ଟେବୁଲ ଟେନିସ କୋର୍ଟ, ଯୋଗ ଏବଂ ଧ୍ୟାନ, ଫିଜିଓଥ୍ରାପି ନିମନ୍ତେ ପ୍ରକୋଷ୍ଠ ରହିଛି। ଯାହା ଯୋଡ଼ାବାସୀଙ୍କ ନିମନ୍ତେ ଅତ୍ୟନ୍ତ ଉପଯୋଗୀ ହେବ ବୋଲି ଜଣାପଡ଼ିଛି। ଏହା ପ୍ରାୟ ଦୁଇ ମାସ ପର୍ଯ୍ୟନ୍ତ ଯୋଡ଼ା ଜନସାଧାରଣଙ୍କ ପାଇଁ ନିଃଶୁଳ୍କ ରହିବ। ପରବର୍ତ୍ତୀ ସମୟରେ ଏହାର ବ୍ୟବହାର ନିମନ୍ତେ ଶୁଳ୍କ ଆଦାୟ କରାଯିବ। ଏନେଇ ଯୁବ ବର୍ଗଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି।

## ରୁଙ୍ଗଟା କମ୍ପାନୀର ଲୁହାଛଡ଼ ଚୋରି



**ବଡ଼ବିଲ,୧୩।୩(ସମିସ):** କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା କରାଖେଣ୍ଡରା ଠାରେ ଥିବା ରୁଙ୍ଗଟା କମ୍ପାନୀ କାରଖାନାରୁ କାନପୁରକୁ ପରିବହନ ହେଉଥିବା ଲୁହା ଛଡ଼ ହେରଫେର ଘଟଣାକୁ ନେଇ କାରଖାନା କର୍ତ୍ତୃପକ୍ଷଙ୍କ ଭୂମିକା ସନ୍ଦେହ ସୃଷ୍ଟି କରିଛି। ଗତ ୪ ତାରିଖ ଦିନ ମିଲନ ଟ୍ରାନ୍ସପୋର୍ଟ ନାମକ ପରିବହନ ଠିକାଦାର ଦ୍ୱାରା କାନପୁର ପଠେଇଥିବା ଗାଡି ୧୦ ତାରିଖ ପର୍ଯ୍ୟନ୍ତ ସେଠାରେ ନ ପହଞ୍ଚିବାରୁ ପରିବହନ କର୍ମଚାରୀ ବଡ଼ବିଲ ଥାନାରେ ଅଭିଯୋଗ କରିବା ପରେ ବଡ଼ବିଲ ପୁଲିସ ତଦନ୍ତ କରି ଉତ୍ତରପ୍ରଦେଶ କାନପୁର ଅଞ୍ଚଳରୁ ଦୁଇ ଜଣକୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଏକ ଟ୍ରେଲର, ଏକ ପିକଅପ୍ ଦେଢ଼ ଲକ୍ଷ ଟଙ୍କା ଓ ୧୦ ଟନ ଲୁହ ଛଡ଼ ଜବତ କରିଥିଲା। ଏହାସହ ଧିରଜଗଞ୍ଜ ଅଦିତ୍ୟପୁର ଅଞ୍ଚଳର ରଞ୍ଜିତ କୁମାର ସିଂ ୪୮ ଓ ସର୍ଦାରପୁର ହଜାରିବାଗ ଅଂଚଳ ର ରାଜେନ୍ଦ୍ର ରଣା ୩୪କୁ ଗିରଫ କରି ଥିବା ବେଳେ କାରଖାନାରୁ ଯେଉଁ ଟ୍ରେଲରରେ ଛଡ଼ ପରିବହନ କରାଯାଇଥିଲା ଉକ୍ତ ଗାଡିର କୌଣସି କାଗଜ ବୈଧ ନ ଥିବା ସତ୍ତ୍ୱେ କାରଖାନା କର୍ତ୍ତୃପକ୍ଷ କିଭଳି ଉଚିତ ଯାଞ୍ଚ ନ କରି ଏଭଳି ଗାଡିକୁ ଲୁହଛଡ଼ ପରିବହନ ନିମନ୍ତେ ଅନୁମତି ଦେଲେ ତାହା ସନ୍ଦେହ ସୃଷ୍ଟି କରୁଛି। ଏ ବାବଦରେ ଅଧିକ ତଦନ୍ତ କଲେ ବହୁ ରହସ୍ୟ ଉନ୍ମୋଚନ ହେବ ବୋଲି ମତ ପ୍ରକାଶ ପାଉଛି।

## ବିଭାଗକୁ ନ ଜଣାଇ ସାର ଗୋଦାମ ଭାଙ୍ଗିଲା ବ୍ଲକ ପ୍ରଶାସନ



**ଚମ୍ପୁଆ,୧୩।୩(ସମିସ):** ଚମ୍ପୁଆ ବ୍ଲକ ପରିସରରେ ଥିବା ମାର୍କଫେଡ ସାର ଗୋଦାମ ଗୃହକୁ ବିଭାଗକୁ ନ ଜଣାଇ ବ୍ଲକ ପ୍ରଶାସନ ଭାଙ୍ଗି ଦେଇଥିବା ଜଣାପଡ଼ିଛି। ଏନେଇ ମାର୍କଫେଡ କର୍ମଚାରୀ ଚମ୍ପୁଆ ବିଡିଓ ରାଜା ରଂଜିତ ପ୍ରତାପ ବଳଙ୍କୁ ଭେଟିଛନ୍ତି। ୫ ବର୍ଷ ତଳେ ଏହି ସାର ଗୋଦାମକୁ ସାର ଆଣିବା ନେଇ ତତ୍‌କାଳୀନ ବିଡିଓ ନୂପୁର ଚାନ୍ଦଗୋଟିଆ ରାସ୍ତା ଛାଡି ନ ଥିବାବେଳେ ବର୍ତ୍ତମାନର ବିଡିଓ ଘରଟିକୁ ଭାଙ୍ଗି ମାଟିରେ ମିଶାଇ ଦେଇଥିବା ଦେଖାଯାଇଛି। ଏ ନେଇ ଚମ୍ପୁଆ ବିଡିଓଙ୍କୁ ପଚାରିବାରୁ କହିଛନ୍ତି ଯେ ଏହା ବିପଦସଂକୁଳ ଅବସ୍ଥାରେ ପଡିଥିଲା। ଦୈନିକ ଶହ ଶହ ଲୋକ ବିଭିନ୍ନ କାର୍ଯ୍ୟପାଇଁ ବ୍ଲକ୍‌କୁ ଆସୁଛନ୍ତି। ସୁରକ୍ଷା ଦୃଷ୍ଟିରୁ ଏହାକୁ ଭାଙ୍ଗି ଦିଆଯାଇଛି। ଏବଂ ଗୋଦାମଘର କରିଥିବା ବିଭାଗ ସହ ଆଲୋଚନା କରି ସମସ୍ୟାର ସମାଧାନ କରାଜିବ ବୋଲି କହିଛନ୍ତି।

ସୂଚନା ଅନୁସାରେ ଆରସିଏମ୍‌ଏସ୍ କେନ୍ଦୁଝର ପକ୍ଷରୁ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ୧୯୯୭/୯୮ ମସିହାରେ ଖାତାନଂ ୫୪୮,ପ୍ଲଟ ନଂ ୬୯୩/୧ ଉପରେ ୦.୫୦ ଡେସିମଲ ସ୍ଥାନରେ ଗୋଦାମ ଗୃହ ନିର୍ମାଣ କରି ମାର୍କଫେଡକୁ ଭଡ଼ା ସୂତ୍ରରେ ପ୍ରଦାନ କରିଥିଲେ। ସୁରୁଖୁରରେ ଚାଲିଥିବା ଏହି ଗୋଦାମ ଚମ୍ପୁଆ ବ୍ଲକର ଚାଷୀଙ୍କୁ ନିୟମିତ ସାର ଯୋଗାଇଆସୁଥିଲା। ମାତ୍ର ପରେ ଏହା ରାସ୍ତା ନ ଥିବାରୁ କାମରେ ଲାଗୁ ନ ଥିବା ବେଳେ ଆସୁଥିବା ସାର ବିଭିନ୍ନ ଲ୍ୟାମ୍ପ ମାଧ୍ୟମରେ ଚାଷୀଙ୍କୁ ପ୍ରଦାନ କରାଯାଉଥିଲା।

## ବୃତ୍ତୀ ପରୀକ୍ଷାରେ ଶିଶୁମନ୍ଦିରର ଛାତ୍ରଛାତ୍ରୀଙ୍କ କୃତିତ୍ୱ

**ଚମ୍ପୁଆ,୧୩।୩(ସମିସ):** ଓଡ଼ିଶା ସରକାରଙ୍କ ଶିକ୍ଷା ବ୍ୟବସ୍ଥା ଅନୁଯାୟୀ ଗତ ଶିକ୍ଷା ବର୍ଷର ୫ମ ଶ୍ରେଣୀ ସରକାରୀ ବୃତ୍ତୀ



ପରୀକ୍ଷାରେ ଛାତ୍ରୀ ଅପର୍ଣ୍ଣା ପ୍ରଧାନ ଓ ଛାତ୍ର ଭବତୋଷ ମହାନ୍ତ ଚମ୍ପୁଆ ବ୍ଲକରେ ଯଥାକ୍ରମେ ୪ର୍ଥ ଓ ୬ଷ୍ଠ ସ୍ଥାନରେ ସଫଳତା ହାସଲ କରି ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେହିପରି ଅଷ୍ଟମ ଶ୍ରେଣୀର ଏନ୍‌ଆର୍ ଟିଏସ୍ ପରୀକ୍ଷାରେ ଛାତ୍ର ତାପସ କୁମାର ମହାନ୍ତ, ଫାଲଗୁନି ମହାନ୍ତ, ଅମରଜିତ୍ ମହାନ୍ତ ପ୍ରମୁଖ ସଫଳତା ହାସଲ ବୃତ୍ତୀ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହି ଅବସରରେ ଏକ ସଭାରେ ସେମାନଙ୍କର ଏହି ସଫଳତାରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ସମ୍ବର୍ଦ୍ଧିତ କରିବା ସହିତ କୃତୀ ଛାତ୍ରଛାତ୍ରୀଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଉକ୍ତ ସଭାରେ ସହପ୍ରଧାନ ଆଚାର୍ଯ୍ୟ ବ୍ରଜ କିଶୋର ମହାନ୍ତ, ବରିଷ୍ଠ ଆଚାର୍ଯ୍ୟ ବସନ୍ତ କୁମାର ମହାନ୍ତ, ପରୀକ୍ଷା ପ୍ରମୁଖ ସୁଶାନ୍ତ କୁମାର ଗିରି, ସହପରୀକ୍ଷା ପ୍ରମୁଖ ତୋଫାନ ଦାସ, ସରୋଜ କୁମାର ପାତ୍ର , କୀର୍ତ୍ତି ଚନ୍ଦ୍ର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହା ସହିତ ବିଦ୍ୟାଳୟର ପରିଚାଳନା ସମିତିର ସଦସ୍ୟ ଗଣ, ଅଭିଭାବକ, ଅଭାଭାବିକା , ଗୁରୁଜୀ ଗୁରୁମାଆ, ସେବକ ସେବିକା ଓ ଛାତ୍ରଛାତ୍ରୀ ସେମାନଙ୍କର ଏହି ସଫଳତାରେ ଖୁସି ବ୍ୟକ୍ତ କରିବା ସହିତ କୃତଜ୍ଞତା ଜଣାଇଛନ୍ତି।

## ସଫା ହେଉନି ଉପଖଣ୍ଡ ଚିକିତ୍ସାଳୟ ପାଣି ଟାଙ୍କି

**ଚମ୍ପୁଆ,୧୩।୩(ସମିସ):** ସେବା କ୍ଷେତ୍ରରେ ୧୯୧୦ ମସିହାରେ ନିର୍ମିତ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ ପ୍ରାଧାନ୍ୟ ଦେଇଆସୁଥିବାବେଳେ ରୋଗୀସେବା ପାଇଁ ପରିମଳ ଉପରେ ବିଶେଷ ଭାବରେ ଗୁରୁତ୍ୱାରୋପ କରାଯାଇଥାଏ। ମାତ୍ର ବିଡ଼ମ୍ବନାର ବିଷୟ ରୋଗୀ ମାନଙ୍କୁ ଜଳ ଯୋଗାଣ ପାଇଁ ବ୍ୟବହୃତ ଟାଙ୍କି ଗତ ଦୁଇବର୍ଷ ହେବ ସଫା ହୋଇ ନ ଥିବା ପାଣିଟାଙ୍କି ଉପରେ ଲେଖା ହୋଇଥିବା ସୂଚନାରୁ ଜଣାପଡୁଛି। ବଢୁଥିବା ରୋଗୀ ସଂଖ୍ୟା ତଥା ସରକାରଙ୍କ ଦ୍ୱାରା ମୋ ଡାକ୍ତରଖାନା ଯୋଜନାରେ ଉଚ୍ଚସ୍ତରୀୟ ଡାକ୍ତରଖାନାର ଭିତିଭୂମି ସ୍ଥାପନ କରାଯାଇ ଆବଶ୍ୟକୀୟ ଗୃହ ତଥା ସେବାପାଇଁ ବିଭିନ୍ନ ବିଭାଗ ଖୋଲାଯାଇଥିବା ବେଳେ ପାଣି ଟାଙ୍କି ଉପରେ ଲେଖାଯାଇଥିବା ତାରିଖ ଏହାର ପରିମଳ ବ୍ୟବସ୍ଥାକୁ ଉପହାସ କରୁଥିବା ଦେଖାଯାଇଛି। ପାଣିଟାଙ୍କି ସଫା ଦେଉଥିବା ତାରିଖ ଉକ୍ତ ପାଣିଟାଙ୍କି ଉପରେ ନିୟମିତ ଭାବେ ଲେଖାଯାଇଥାଏ। ମାତ୍ର ବର୍ତ୍ତମାନ ଏକାଧିକ ପାଣି ଟାଙ୍କିରେ ୨୪/୧୨/୨୦୨୨ ଲେଖା ହୋଇଛି। ଜଳ ରୋଗୀଙ୍କ ପାଇଁ ଅତ୍ୟାବଶ୍ୟକ ହୋଇଥିଲେ ହେଁ କେଉଁ କାରଣରୁ ଏହା ଉପରେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ନଜର ପଡୁନାହିଁ ତାହା ପରିତାପର ବିଷୟ ପାଲଟିଛି। ନିକଟ ଅତୀତରେ କାୟାକଳ୍ପ ପ୍ରତିନିଧିଦଳ ଉପଖଣ୍ଡ ଚିକିତ୍ସାଳୟର ଆନୁସାଙ୍ଗିକ ବ୍ୟବସ୍ଥା ପରିଦର୍ଶନ କରିଥିଲେ। ଏନେଇ ଡାକ୍ତରଖାନା ମ୍ୟାନେଜର ୱାସିମ ଆ କ ତା ର ଙ୍କୁ ପଚାରିବାରୁ କର୍ମଚାରୀ ଅଭାବ ଫଳରେ ଠିକ ସମୟରେ ସଫାହୋଇ ପାରିନାହିଁ। ଏକାଥରକେ ସଫା କରିବା ସମ୍ଭବ ହେଉ ନ ଥିବାରୁ ପର୍ଯ୍ୟାୟ କ୍ରମେ ସଫା କରାଯାଉଛି ବୋଲି କହିଥିଲେ।



ଜଳର ଶୁଦ୍ଧତା ନେଇ ଉଠୁଛି ପ୍ରଶ୍ନବାଚୀ

### ପରିବେଶ ସୁରକ୍ଷାର ବାର୍ତ୍ତାବହ ଦାଶରଥୀ

## ଯୁବପିଢିଙ୍କ ପାଇଁ ପାଲଟିଛନ୍ତି ଉଦାହରଣ

**ବିଶୋଇ,୧୩।୩ (ସମିସ):** ନିଜ ଜମିରେ ଗଛ ଲଗାଇ ଜଙ୍ଗଲ ସୃଷ୍ଟି କରି ପରିବେଶ ସନ୍ତୁଳନର ଉଦାହରଣ ପାଲଟିଛନ୍ତି ବିଶୋଇ ବ୍ଲକ କୁଆଝରୀ ଗ୍ରାମର ୪୦ ବର୍ଷୀୟ ଯୁବକ ଦାଶରଥୀ ମୁର୍ମୁ। ଜଙ୍ଗଲ ଘେରା ଦୁର୍ଗମ ଅଞ୍ଚଳ କୁଆଝରୀ ଗ୍ରାମର ଦାଶରଥୀ ଅର୍ଦ୍ଧଶିକ୍ଷିତ ହୋଇଥିଲେ ହେଁ ଚାଷ କରି ନିଜର ପରିବାର ପ୍ରତିପୋଷଣ କରନ୍ତି। ଚାଷ ସହିତ ପ୍ରକୃତିପ୍ରେମୀ ଭାବେ ସେ ଯୁବପିଢିଙ୍କ ପାଇଁ ଉଦାହରଣ ସାଜିଛନ୍ତି। ଗତ ୨୦୧୭ରେ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ -୨ କୁଆଝରୀ ଗ୍ରାମକୁ ଉନ୍ନୟନ କାର୍ଯ୍ୟରେ ୧୦୬.୨ ହେକ୍ଟର ଜମିକୁ ଗ୍ରାମ୍ୟ ଜଙ୍ଗଲରେ ଅନ୍ତର୍ଭୁକ୍ତ କରାଗଲା। ଏହି ଜମିରେ ନର୍ସରୀଠାରୁ ଆରମ୍ଭ କରି ବୃକ୍ଷରୋପଣ ଆଦି ବିଭିନ୍ନ ପ୍ରକାର ପ୍ରକଳ୍ପ ଦ୍ୱାରା କାର୍ଯ୍ୟ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ କୃଷି ଜଙ୍ଗଲ କରିବା ନିମିତ୍ତ ପ୍ରସ୍ତାବ ମଣଦା କ୍ଷେତ୍ର ପରିଚାଳନା ସଂସ୍ଥାର ସଂଯୋଜକ ବିଜୟ କେତନ ବିଶ୍ୱାଳ ଓ ଅଭିଷେକ ପରୀକ୍ଷାଙ୍କ ତତ୍ତ୍ୱାବଧାନରେ ଗ୍ରାମବାସୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୃକ୍ଷରୋପଣ ପ୍ରତି ଦାଶରଥୀଙ୍କ ଭଲ ପାଇବା ଦେଖି ସଂଯୋଜକମାନେ କ୍ଷେତ୍ର ପରିଦର୍ଶନ କରି ବୃକ୍ଷରୋପଣ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ପରେ ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର କର୍ମକର୍ତ୍ତାଙ୍କ ପରାମର୍ଶ କ୍ରମେ ୨୦୨୧ ମସିହାରେ ଦାଶରଥୀ ତାଙ୍କ ନିଜ ଜମିରେ ୨୦୧ଟି ୟୁକାଲିପଟାସ ଗଛରୋପଣ କରିଥିଲେ। ମଣଦା କ୍ଷେତ୍ର ପରିଚାଳନା ପକ୍ଷରୁ ସାର ମଧ୍ୟ ଯୋଗାଇ ଦିଆଯାଇଥିଲା। ବର୍ତ୍ତମାନ ଏହି ସମସ୍ତ ଗଛର ଉଚ୍ଚତା ୨୦ରୁ ୨୫ ଫୁଟ ହେଲାଣି। କେବଳ ସେତିକି ନୁହେଁ; ଗଛର ଯତ୍ନ ନେବା ସହିତ ବନାଗ୍ନି ନିୟନ୍ତ୍ରଣ, ଜଙ୍ଗଲ ସଫେଇ କାର୍ଯ୍ୟ ଓ ବନ ସୁରକ୍ଷା ସମିତିରେ ସକ୍ରିୟ ସଦସ୍ୟ ରହି ବନବିଭାଗକୁ ସର୍ବଦା ସହଯୋଗ କରି ଆସୁଛନ୍ତି। ରାଇରଙ୍ଗପୁର ବନଖଣ୍ଡର ବିଷୟ ଭିତ୍ତିକ ବିଶେଷଜ୍ଞ ତ୍ରିଲୋଚନ ରାଏ ଓ ଲୋକନାଥ ସାହୁ, ମଣଦା କ୍ଷେତ୍ର ପରିଚାଳନା ଅଧିକାରିଣୀ ଧରିତ୍ରୀ ମୁର୍ମୁ ପରିବେଶ ପ୍ରତି ଦାଶରଥୀଙ୍କ ଏପରି ଭଲ ପାଇବା ନେଇ ପ୍ରଶଂସା କରିଛନ୍ତି।



PRINCE COLLEGE | SCHOOL
The No.-1 Residential Institution for
+2 SCIENCE | +2 ARTS | VI TO X
2023 +2 SCIENCE TOPPER

568 94.8%
RUDRA NARAYAN BHOI
DISTRICT TOPPER | ALL ODISHA 2ND TOPPER
ନାମଲେଖା ପାଇଁ ENTRANCE TEST DATE
FOR +2 SCIENCE & ARTS :-
1st Phase - 07.03.2024
2nd Phase - 10.03.2024
3rd Phase - 13.03.2024
4th Phase - 22.03.2024
(4th Phase Entrance, Only for CBSE / ICSE / Other Board Students).
FOR CLASS VI TO IX :-
1st Phase - 24.03.2024
2nd Phase - 31.03.2024
ସମ୍ମାନୀୟ ଅଭିଭାବକ / ଛାତ୍ରଛାତ୍ରୀ, 2024-25 Session ପାଇଁ Prince College କିମ୍ବା School ରେ ନାମଲେଖା ପାଇଁ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରି Entrance Test ବିଷୟରେ ଅବଗତ ହୁଅନ୍ତୁ।
SUMMER CLASSES DATE : 14th, 18th, 21st, 28th March 2024
BARIPADA
City Office : Debendrapur, Palbani
8895102045, 9937701648
BALASORE
Central School Square
8763403768, 9337687655

SAI HIGHER SECONDARY SCHOOL
Admission Open!
RESIDENTIAL COLLEGE FOR +2 SCIENCE & ARTS
Permanently Recognised by Govt. of Odisha & Affiliated to C.H.S.E, Odisha
AWARDED AS RESIDENTIAL COLLEGE OF The NO. 1 ODISHA
SPECIAL GUIDANCE TO
SUPER-40 (INTEGRATED) FOR IIT / JEE, NEET, OUAT, NISER, IISER ASPIRANTS BY EXPERT TEACHERS
AVAIL ATTRACTIVE SCHOLARSHIP BY APPEARING THE SAI GENIUS TEST ON
10/03/2024 (SUNDAY) &
17/03/2024 (SUNDAY)
REGISTRATION OPEN FOR BRIDGE (SUMMER) COURSE
BRIDGE (SUMMER) COURSE STARTS FROM
21/03/2024 (THURSDAY)
N.H.18, TAKATPUR, BARIPADA, MAYURBHANJ, ODISHA
Mob.: 9437177734, 9861844566, 7008539750, 8249717211, 9437121113. 9583122296

## '୫-ଟି' ଅଧକ୍ଷଙ୍କୁ ଭେଟିଲେ ଜିଲ୍ଲା ପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ

**ବେତନଟୀ,୧୩।୩(ସମିସ):** ରାଜ୍ୟସରକାର ଜନପ୍ରତିନିଧିମାନଙ୍କ ପାରିତୋଷିକ ଏବଂ ବୈଠକ ଭତ୍ତା ବୃଦ୍ଧିନେଇ ଘୋଷନା କରିବାପରେ ବୁଧବାର ଭୁବନେଶ୍ୱରସ୍ଥିତ ନବୀନ ନିବାସରେ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ସାକ୍ଷାତକରି କୃତଜ୍ଞତା ଜଣାଇଲେ ୩୫ନଂ ଜୋନର ଜିଲ୍ଲାପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ। ଜିଲ୍ଲାପରିଷଦ



ସଭାପତିମାନଙ୍କ ୯ହଜାର ୩ଶହ ୮୦ଟଙ୍କା ପରିବର୍ତ୍ତେ ୩୦ହଜାର ଟଙ୍କା ଏବଂ ଜିଲ୍ଲାପରିଷଦ ସଦସ୍ୟମାନଙ୍କ ୩ହଜାର ୫ଶହ ୩୦ଟଙ୍କା ପରିବର୍ତ୍ତେ ଏଣିକି ୧୦ହଜାର ଟଙ୍କା ଲେଖାଏଁ ମାସକୁ ପାଇବା ନେଇ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ମୟୂରଭଞ୍ଜ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦାଙ୍କ ସମେତ ବେତନଟୀ ଜିଲ୍ଲାପରିଷଦ ବିଶ୍ୱନାଥ ହେମ୍ବ୍ରମ ଏବଂ ଅନ୍ୟାନ୍ୟ ଜିଲ୍ଲାପରିଷଦ ସମେତ ବିଭିନ୍ନ ଜିଲ୍ଲାର ଜିଲ୍ଲାପରିଷଦ ସଭାପତି ଓ ଜିଲ୍ଲାପରିଷଦ ସଦସ୍ୟ/ ସଦସ୍ୟାମାନେ ସାକ୍ଷାତକରି ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ସହିତ କୃତଜ୍ଞତା ଜଣାଇଛନ୍ତି। ଜିଲ୍ଲାପରିଷଦ ସଭାପତି, ଉପସଭାପତି, ଜିଲ୍ଲାପରିଷଦ ସଦସ୍ୟ/ସଦସ୍ୟାଙ୍କ ସମେତ ବ୍ଲକ ଅଧକ୍ଷ, ଉପାଧକ୍ଷ, ସମିତି ସଦସ୍ୟ/ ସଦସ୍ୟା, ସରପଞ୍ଚ, ନାଏବ ସରପଞ୍ଚ ପ୍ରମୁଖଙ୍କର ମଧ୍ୟ ପାରିତୋଷିକ ଏବଂ ବୈଠକ ଭତ୍ତାରେ ବୃଦ୍ଧି କରାଯାଇଛି।

### ପିଏଚ୍.ଡି ଲାଭ



ଗବେଷକ ଭଗତରାମ ସେଟ୍ ମେଟ୍ସ ବିଶ୍ୱବିଦ୍ୟାଳୟ ରାୟପୁରରୁ ଇଂରାଜୀରେ ପି.ଏଚ୍.ଡି ଉପାଧି ପାଇବା ପାଇଁ ବିବେଚିତ ହୋଇଛନ୍ତି। ତାଙ୍କର ଗବେଷଣାତ୍ମକ ନିବନ୍ଧର ବିଷୟବସ୍ତୁ ଥିଲା "National Disparities with special reference to representation of India in select works of Gita Mehta". ଡକ୍ଟର ଭଗତରାମ ମେଟ୍ସ (MATs)ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ପ୍ରଫେସର ରଂଜନା ଦାସ ସରଖେଲଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କର ସଫଳତି, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ବଲାଙ୍ଗୀର ପ୍ରଫେସର ଡଃ. ପ୍ରତାପ କୁମାର ଦାସ ଏବଂ ଛତିଶଗଡ ସ୍ୱାମୀ ବିବେକାନନ୍ଦ ଟେକନିକାଲ ବିଶ୍ୱବ୍ୟାଳୟ, ଭିଲାଇ ପ୍ରଫେସର ଚନ୍ଦ୍ରଶେଖର ଶର୍ମା, ଉକ୍ତ ପ୍ରଶଂସିତ ହୋଇଅଛି। ଡଃ ଭଗତରାମ ସାନସରାଇପାଲି ଗ୍ରାମର ଶ୍ରୀ ଯୋଗେଶ୍ୱର ସେଟ ଏବଂ ଶ୍ରୀମତୀ ବିଳାଶିନୀ ସେଟଙ୍କ ଦ୍ୱିତୀୟ ପୁତ୍ର ଅଟନ୍ତି। ଏହି ସଫଳତା ପାଇଁ ସେ ତାଙ୍କ ସ୍ତ୍ରୀ ତଥା ପରିବାରର ସମସ୍ତ ସଦସ୍ୟ, ବନ୍ଧୁବାନ୍ଧବ, ଶୁଭେଚ୍ଛୁମାନଙ୍କୁ ତଥା ସର୍ବୋପରି ପରମାତ୍ମାଙ୍କୁ କୃତଜ୍ଞତା ଜଣାଇଛନ୍ତି।

ପ୍ରଥମ ଶ୍ରାଦ୍ଧବାର୍ଷିକୀର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

✓ ଦେବାଶିଷ ବେବର୍ତା (ଗୁଗୁ)
ଆବିର୍ଭାବ: ୨୭.୦୬.୨୦୦୫, ତିରୋଧାନ: ୨୪.୦୨.୨୦୨୩ ଗୁରୁ ପଞ୍ଚମୀ
ଗୋବରା, ଗଞ୍ଜାମ
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା, ତୋର ସେ ସ୍ନେହଭରା ଡାକ ଆଉ ଶୁଭୁନାହିଁ, ପ୍ରତ୍ୟେକ ମୁହୂର୍ତ୍ତରେ ତୋର ଅନୁପସ୍ଥିତିକୁ ଆମେ ଅନୁଭବ କରୁଛୁ।
ଅସମୟରେ ଆମକୁ ଛାଡି ତୁ ଅଫେରା ରାଇଜକୁ ଚାଲିଗଲୁ, ସବୁଦିନେ ସବୁସମୟରେ ତୁ ମନେ ପଡୁଛୁ , ତୁ ଯେଉଁଠି ବି ଥାଆ ଭଲରେ ଥାଆ, ତୋର ଅମରାତ୍ମା ଶାନ୍ତିପାଉ ।ତୋର ଅମରାତ୍ମା ପରମାତ୍ମାଙ୍କ ହୃଦୟରେ ଲୀନ ହେଉ ବୋଲି, ଜଗତରନାଥ ଜଗନ୍ନାଥଙ୍କ ପାଦପଦ୍ମରେ ଆମ୍ଭର ପ୍ରାର୍ଥନା।
ଇତି : ତୋର ହତଭାଗିନୀ ମାମା ରଂଜିତା ଦେବୀ,ବୋଉ, ବଡମାମା, ଗୀନା ଦିଦି, ମିନିଦିଦି, ମଉସା, ବଡ଼ମାମୁ, ସାନମାମୁ ଦୁଇ ମାଇଁ, ମାମାଦିଦି, ଟିନାଦିଦି,ଟିଙ୍କୁ ଭାଇ, ସ୍ନେହା, ସାଇ, ପ୍ରିୟାଂଶୁ ଓ ବାବୁ।

ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

✓ ଆଶାଲତା ମିଶ୍ର
ସ୍ୱାମୀ- ବିଶିଷ୍ଟ ସମାଜସେବୀ ପୂର୍ଣ୍ଣଚନ୍ଦ୍ର ମିଶ୍ର
ବରାଳପୋଖରୀ, ଚରମ୍ପା, ଭଦ୍ରକ
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକ
ନ ଚୈନଂକ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ
ଶୋକସନ୍ତପ୍ତ: ମିଲି, ମିଟୁ, ବୁଲୁ, ନିକି, ଲୁଲୁ, ମାମୁନି, ବବି, ମିନୁ, ଗୁଡ୍ଡୁଲି, ଟପଲି, ତାନିଆ, ଲୁନିଆ, ଧିମାନ, ବୁବୁଲୁ, ସନିଆ, ଏବଂ ମିଶ୍ର ପରିବାରର ସମସ୍ତ ସଦସ୍ୟ ସଦସ୍ୟା, ବନ୍ଧୁ ଓ ଆତ୍ମୀୟସ୍ୱଜନ

## ୧୧୫ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପାଇଲେ ନିଯୁକ୍ତି

**ଆନନ୍ଦପୁର,୧୩।୩(ସମିସ):** ବହୁଦିନ ଧରି କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକରେ ବହୁ ସଂଖ୍ୟାରେ ପିଇଓ ପଦବି ଖାଲି ପଡ଼ିଥିଲା। ଜିଲ୍ଲାରେ ୧୧୫ ଜଣ ପିଇଓଙ୍କୁ ନିଯୁକ୍ତି ଦିଆଯାଇଛି। ଷ୍ଟାଫ୍ କମିସନ ଦ୍ୱାରା ପରିଚାଳିତ ପରୀକ୍ଷାଫଳ ପ୍ରକାଶ ପାଇବା ପରେ ଜିଲ୍ଲାପାଳ ନୂତନ ପିଇଓମାନଙ୍କୁ ନିଯୁକ୍ତି ଦେଇଛନ୍ତି। ହାଟଡିହି ବ୍ଲକରେ ୧୨ ଜଣ , ଆନନ୍ଦପୁର ବ୍ଲକରେ ୮, ଘଷିପୁରା ବ୍ଲକରେ ୧୪, ଘଟଗାଁରେ ୮, ସାହାରପଡ଼ାରେ ୧୧, କେନ୍ଦୁଝର ସଦର ବ୍ଲକରେ ୭, ବାଂଶପାଳରେ ୮ ଜଣ, ଝୁମ୍ପୁରାରେ ୮, ଯୋଡ଼ାରେ ୫ , ଚମ୍ପୁଆରେ ୧୦ ଜଣ ଏବଂ ତେଲକୋଇ ବ୍ଲକରେ ୫ ଜଣ ପିଇଓ ନିଯୁକ୍ତି ପାଇଛନ୍ତି। ଆନନ୍ଦପୁର ଓ ଘଷିପୁରା ବ୍ଲକରେ ବହୁଦିନ ଧରି ବିଭିନ୍ନ ପଞ୍ଚାୟତରେ ପିଇଓ ପଦ ଖାଲି ପଡ଼ିଥିଲା। ଜଣେ ପିଇଓ ୫ରୁ ଉର୍ଦ୍ଧ୍ୱ ପଞ୍ଚାୟତ ଦାୟିତ୍ୱରେ ରହିଥିଲେ। ଫଳରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିଲା। ବିଶେଷ କରି ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ। ନୂତନ ପିଇଓ ନିଯୁକ୍ତି ପରେ ଏସବୁ ସମସ୍ୟା ଦୂରହେବ।

Admission Open | Admission Open
UNION PUBLIC SCHOOL
English Medium in C.B.S.E. Pattern
At./P.O.- Buden, Via - Rajborasambar, Dist. - Bargarh - 768036
Regd. No. - 171600164/16
Session 2024-25
Admission Open for
LKG, UKG, Cl.-I to Cl. - VIII
25% Reserved Seat for weaker and disadvantages group

Contact : 9777074075, 9178471108

ANIMESH FOOD PRODUCTS
Swasti BAKERY
(An ISO 9001: 2008 & HACCP Certified Company)
Plot No.: 55/D, Food Processing Park, Industrial Estate, Khordha
Email: foodproducts2010@gmail.com

Contact: 8895052838 / 8596070800

## ବ୍ଲକ୍ ଅଧ୍ୟକ୍ଷଙ୍କୁ ବୀଭତ୍ସ ହତ୍ୟା

# ହାଣି ଖାଇଥିଲେ ମଣିଷ ମାଂସ

ଜଣେ ଅପରାଧୀର ମାନସିକତା କେତେ ନୃଶଂସ ହୋଇପାରେ ତାହା କଳନା କରିହେବ ନାହିଁ। ଜଣଙ୍କୁ ହତ୍ୟା କରିବା ପରେ ତା'ର କଟାହାତକୁ ଜଙ୍ଗଲରେ ବସି ଖାଇବା ଭଳି କୁତ୍ସିତ ଘଟଣା ଘଟିଥିଲା କେଉଁଝର ଜିଲ୍ଲା ଆନନ୍ଦପୁର ବ୍ଲକର ଧକୋଠା ଗ୍ରାମରେ। ହତ୍ୟାକାରୀମାନେ ରାଜନୈତିକ ଆକ୍ରୋଶ ରଖି ଆନନ୍ଦପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ରାମଚନ୍ଦ୍ର ବେହେରାଙ୍କ ହାତକୁ ହାଣି ଦେଇ ପାଖ ଜଙ୍ଗଲକୁ ନେଇ ଏହାକୁ ଖାଉଥିବାର ଦୃଶ୍ୟ ସେତେବେଳେ ମୋବାଇଲ୍‌ରୁ ମୋବାଇଲ୍‌କୁ ଘୂରି ବୁଲୁଥିଲା। ତେବେ ଘଟଣାର ୫ ବର୍ଷ ପରେ ହତ୍ୟାକାରୀମାନଙ୍କୁ ଫାଶୀ ଦଣ୍ଡାଦେଶ ମିଳିଛି। କେମିତି କିଭଳି ଏବଂ କାହିଁକି ସେମାନେ ଏଭଳି ନୃସଂଶ ଘଟଣା ଘଟାଇଲେ ସେ ସମ୍ପର୍କରେ କେଉଁଝର ଜିଲ୍ଲା ଆନନ୍ଦପୁରରୁ **ମଦନ ପାଣି**ଙ୍କ ରିପୋର୍ଟ।




୨୦୧୪ ସାଧାରଣ ନିର୍ବାଚନରେ ଘସିପୁରା ନିର୍ବାଚନ ମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ହୋଇଥିବା ରାମଚନ୍ଦ୍ର ବେହେରା ୨୦୧୯ ନିର୍ବାଚନରେ ପୁନର୍ବାର ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ପ୍ରସ୍ତୁତ ହେଉଥିଲେ। କିନ୍ତୁ ନିର୍ବାଚନ ପୂର୍ବରୁ ଅର୍ଥାତ୍ ମାର୍ଚ୍ଚ ୨୫ ତାରିଖ ରାତି ୧୦ଟା ୧୫ ମିନିଟ୍ ସମୟରେ ବଡ଼ଏକତାଳି ଗ୍ରାମର ଅଜିତ ପୃଷ୍ଟି, ସଞ୍ଜୀବ ପୃଷ୍ଟି, ଅଲେଖ ପୃଷ୍ଟି, ଅରୁଣ ପୃଷ୍ଟି ଓ ଦୋଳ ବୋଇତେଇ ୨୦ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ରାମଚନ୍ଦ୍ରଙ୍କ ଘରକୁ ଆସିଥିଲେ। ଦୀର୍ଘ ୨୦ ମିନିଟ୍ କାଳ ସେମାନେ ବିଭିନ୍ନ ପ୍ରସଙ୍ଗ ନେଇ ରାମଚନ୍ଦ୍ରଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ସମୟରେ ସେମାନେ ଚା, ଜଳଖିଆ ମଧ୍ୟ କରିଥିଲେ। ଚା' ଚଳଖିଆ କରିବା ପରେ ସେମାନେ ଘରୁ ବାହାରି ଆସିବା ବେଳେ କଥା ହେବା ପାଇଁ ରାମଚନ୍ଦ୍ରଙ୍କୁ ଗେଟ୍ ପାଖକୁ ଡାକିଥିଲେ। କିନ୍ତୁ ସେମାନଙ୍କ ଯୋଜନା ଥିଲା ଅଲଗା। ଗେଟ୍ ପାଖକୁ ଯିବା ସମୟରେ ସେମାନେ ରାମଚନ୍ଦ୍ରଙ୍କୁ ଗେଟ୍ ବାହାରକୁ ଭିଡ଼ିନେଇ ପାଚେରି କଡ଼ରେ ଥିବା ଅନ୍ଧାରକୁ ଟାଣି ନେଇଥିଲେ। ପୂର୍ବ ଯୋଜନା ମୁତାବକ ସେଠାରେ ରଖିଥିବା ଅସ୍ତ୍ରଶସ୍ତ୍ରରେ ରାମଚନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ପୂରା ଶରୀରକୁ ୮ ରୁ ୧୦ ଚୋଟ ପକାଇବା ସହ ଶରୀରରୁ ହାତକୁ ଅଲଗା କରି ଦେଇଥିଲେ। ଏହି ସମୟରେ ରାମଚନ୍ଦ୍ରଙ୍କ ଝିଅ ମିନାରାଣୀ ବାହାରକୁ ଆସି ବାବାଙ୍କ ଏଭଳି ଅବସ୍ଥା ଦେଖି ଚିତ୍କାର କରିଥିଲେ। ଘଟଣାସ୍ଥଳରେ ରକ୍ତଜୁଡ୍ଡୁବୁଡ୍ଡୁ ଅବସ୍ଥାରେ ପଡ଼ିଥିଲା ରାମଚନ୍ଦ୍ରଙ୍କ ଶରୀର। ରାସ୍ତାରେ ଭାସୁଥିଲା ରକ୍ତ ଆଉ ରକ୍ତ। ରକ୍ତରଞ୍ଜିତ ହୋଇଯାଇଥିଲା ରାଜପଥ କଡ଼। ଆକ୍ରମଣ ପରେ ରାମଚନ୍ଦ୍ରଙ୍କ କଟାହାତକୁ ଧରି ସେମାନେ ବାଇକ୍‌ରେ ଚାଲି ଯାଇଥିଲେ। ରାମଚନ୍ଦ୍ରଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ନିକଟସ୍ଥ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେଣୁ ହତ୍ୟାକାରୀମାନେ ରାମଚନ୍ଦ୍ରଙ୍କ କଟାହାତକୁ ବାଇକ୍‌ରେ ଗାଁ ବାଟ ଦେଇ ଯିବା ସମୟରେ ବିଜୟର ଉଲ୍ଲାସ ମନେଇଥିଲେ। ଯାହାକୁ ଗାଁ ଲୋକେ ଦେଖୁଥିବାର ଭିଡିଓ ପରବର୍ତ୍ତୀ ସମୟରେ ମୋବାଇଲ୍‌ରୁ ମୋବାଇଲ୍‌କୁ ଘୂରି ବୁଲିଥିଲା। କେବଳ କଟାହାତ ନେବାର ଦୃଶ୍ୟ ନୁହେଁ, କଟାହାତକୁ ସେମାନେ ପାଖ ଜଙ୍ଗଲ ଭିତରେ ବସି ଖାଉଥିବାର ଭିଡିଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇଥିଲା।

ଏ ନେଇ ମିନାରାଣୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଆରମ୍ଭ କରିଥିଲା ତଦନ୍ତ। ପୁଲିସ ପ୍ରାଥମିକ ଅନୁସନ୍ଧାନ ପରେ ଅଭିଯୁକ୍ତ ଅଜିତ, ସଞ୍ଜୀବ, ଅଲେଖ, ଅରୁଣ, ଦୋଳ ଓ ଜଣେ ନାବାଳକଙ୍କୁ ଗିରଫ କରି ପଚରାଉଚରା କରିବା ପରେ କଟାହାତକୁ ନିକଟସ୍ଥ ପୋଖରୀରୁ ଉଦ୍ଧାର କରିଥିଲା। ଏନେଇ ଘସିପୁରା ଥାନା କେସ୍ ନଂ ୫୧/୨୦୧୯ ରେ ଭାରତୀୟ ଦଣ୍ଡବିଧି ୩୦୨/୨୦୧/୩୪ ଏବଂ ୨୫ ଓ ୨୭ ଅସ୍ତ୍ରଶସ୍ତ୍ର ଆଇନରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ବିଚାର କରି ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରଜ୍ୟୋତି ରାଉତ ୫୩ ଜଣଙ୍କଠାରୁ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରିଥିଲେ। ପୁଲିସର ତଦନ୍ତ ରିପୋର୍ଟକୁ ଭିତ୍ତିକରି ଅଭିଯୁକ୍ତମାନଙ୍କୁ ଦୋଷୀସାବ୍ୟସ୍ତ କରିବା ପରେ ୫ ଜଣଙ୍କୁ ଫାଶୀ ଦଣ୍ଡାଦେଶ ରାୟ ଗତ ୫ ତାରିଖରେ ପ୍ରକାଶ କରିଛନ୍ତି। ଅପରପକ୍ଷେ ଏହି ଘଟଣାରେ ଏବେ ବି ଅନ୍ୟଜଣେ ଅଭିଯୁକ୍ତ ଫେରାର୍ ଅଛନ୍ତି। ଯାହାର ସନ୍ଧାନ ଏପର୍ଯ୍ୟନ୍ତ ପୁଲିସ ପାଇପାରି ନାହିଁ। ସରକାରଙ୍କ ପକ୍ଷରୁ ଏପିପି ଅଶ୍ୱିନୀ କୁମାର ମଲିକ ଓ ସ୍ପେଶାଲ ଏପିପି ବାଇଧର ସେଠୀ ଏହି ମକଦ୍ଦମାକୁ ପରିଚାଳନା କରିଥିଲେ।





# ରାଜେନ୍ଦ୍ରନଗରର ମୃତ୍ୟୁ ରହସ୍ୟ



## ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁର କାରଣ ଖୋଜୁଛି ପୁଲିସ





କେନ୍ଦ୍ରାପଡ଼ା ଜିଲ୍ଲା ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ରାଜେନ୍ଦ୍ରନଗର ଗାଁରୁ ଗୋଟିଏ ପରିବାରର ୩ ଜଣଙ୍କ ମୃତଦେହ ମିଳିବା ଘଟଣାକୁ ନେଇ ପୂରା ପୁଲିସ ବିଭାଗ ଚିନ୍ତାରେ ପଡ଼ିଥିଲେ ମଧ୍ୟ କ'ଣ ପାଇଁ କିଏ ସେମାନଙ୍କୁ ହତ୍ୟାକଲା ନା ସେମାନେ ସାମୂହିକ ଆତ୍ମହତ୍ୟା କଲେ ତାକୁ ନେଇ ଏବେ ବି ରହସ୍ୟ ଜାରି ରହିଛି। ଯଦିବା ଉଦ୍ଧାର ମୃତଦେହଗୁଡ଼ିକୁ ନେଇ ପୁଲିସ ବିଭିନ୍ନ ଦିଗରୁ ତଦନ୍ତ କରୁଛି, କିନ୍ତୁ ମୃତ୍ୟୁର କାରଣ ନେଇ ପୁଲିସ ଏବେ ବି ସନ୍ଦେହରେ ରହିଛି।

**କେନ୍ଦ୍ରାପଡ଼ାରୁ ଦେବଦତ୍ତ ଦାଶଙ୍କ ରିପୋର୍ଟ**

ଗତ ମାର୍ଚ୍ଚ ୩ ତାରିଖରେ ତାଳଚୁଆ ପଞ୍ଚାୟତ ରାଜେନ୍ଦ୍ରନଗର ଗ୍ରାମର ବାହାରପଟ ବିମ୍‌ରେ ଝୁଲୁଥିଲା ଶ୍ରୀଦାମ ମଣ୍ଡଳ (୫୩ବର୍ଷ)ଙ୍କ ମୃତଦେହ। ତେବେ ବାହାରେ ଶ୍ରୀଦାମଙ୍କ ପତ୍ନୀ ଜୟନ୍ତୀ (୪୫ବର୍ଷ) ଓ ବଡ଼ପୁଅ ପରିକ୍ଷୀତ ମଣ୍ଡଳ (୨୭ବର୍ଷ)ଙ୍କୁ ନ ପାଇ ଗାଁ ଲୋକେ ପୁଲିସକୁ ଖବର ଦେଇଥିଲେ। ତାଳଚୁଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘରର କବାଟ ବାଡ଼େଇବା ପରେ କେହି ଖୋଲି ନ ଥିଲେ। ପାରାଦ୍ୱୀପରେ ରହୁଥିବା ସାନପୁଅ ଗୌରହରି ମଧ୍ୟ ଖବରପାଇ ଆସିବା ପରେ ପୁଲିସ ନିକଟରେ ଅଭିଯୋଗ କରିଥିଲା। ପରବର୍ତ୍ତୀ ସମୟରେ ଏସ୍‌ଡିପିଓ କ୍ଷମା ସାଗର ପଣ୍ଡାଙ୍କ ନେତୃତ୍ୱରେ ପୁଲିସ ଟିମ୍ ମାଜିଷ୍ଟ୍ରେଟ ତଥା ରାଜନଗର ତହସିଲଦାର୍ ଅଜୟ କୁମାର ମହାନ୍ତି ଘଟଣାସ୍ଥଳରେ ପହଞ୍ଚିଥିଲେ। ମାଜିଷ୍ଟ୍ରେଟ ଓ ମୃତ ଶ୍ରୀଦାମଙ୍କ ଭାଇ, ପରିବାର ଲୋକେ ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ ପୁଲିସ ଘର ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ। ଘରର ଦୁଇଟି କବାଟ ତାଡ଼ିବା ପରେ ଗୋଟିଏ ଘରର ଖଟ ଉପରେ ଶ୍ରୀଦାମଙ୍କ ବଡ଼ପୁଅ ପରୀକ୍ଷିତଙ୍କ ମୃତଦେହ କମଳ ଘୋଡ଼ାଇ ହୋଇଥିବା ଅବସ୍ଥାରେ ପଡ଼ିଥିବା ବେଳେ ଅନ୍ୟଏକ ଘରର ଚଟାଣରେ ପତ୍ନୀ ଜୟନ୍ତୀଙ୍କ ମୃତଦେହ ପଡ଼ିଥିଲା। ଶ୍ରୀଦାମ ଓ ତାଙ୍କ ପରିବାର ଲୋକେ ଅତ୍ୟନ୍ତ ନିରୀହ ଥିବା ବେଳେ କାହାରି ସହିତ ତାଙ୍କର ବିବାଦ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି।

ପୁଲିସର କହିବାନୁଯାୟୀ ଶ୍ରୀଦାମ ଗରିବ ପରିବାରର ହୋଇଥିବା ବେଳେ ମୂଳଲାଗି ପରିବାର ପ୍ରତିପୋଷଣ କରୁଥିଲେ। ଏଥି ସହିତ ଘରେ ଛେଳି, କୁକୁଡ଼ା, ଗାଇ ରଖି ସେଥିରୁ ମଧ୍ୟ କିଛି ଆୟ କରୁଥିଲେ। ଆର୍ଥିକ ପରିସ୍ଥିତି ଖରାପ ଥିବାରୁ ଏଠାରୁ ଜାଗାବାଡ଼ି, ଘର ବିକ୍ରୀ କରି ଅନ୍ୟତ୍ର ଯିବାକୁ ଯୋଜନା କରିଥିଲେ। ଏଥିପାଇଁ ସେ ଘରର ଛେଳି, କୁକୁଡ଼ା ବିକ୍ରୀ କରିବା ଆରମ୍ଭ କରିଥିଲେ। ବଡ଼ପୁଅ ପରୀକ୍ଷିତ ଜନ୍ମରୁ ମାନସିକ ବିକାରଗସ୍ତ ଥିବାରୁ କଥା କହି ପାରୁ ନ ଥିଲା। ଯଦିବା ସାନପୁଅ ଗୌରହରି (୨୩ବର୍ଷ) ତାଳଚୁଆ ବଜାରରେ ତେଜରାତି ଦୋକାନ କରିଥିଲେ। କିନ୍ତୁ ବ୍ୟବସାୟରେ କ୍ଷତି ହେବା ପରେ ଗୌରହରି ଦୋକାନ ଭାଙ୍ଗିଦେଇ ତାଙ୍କ ମାମୁ ପାଖରେ ପାରାଦ୍ୱୀପରେ ରହି କାମ କରୁଥିଲା। ଶ୍ରୀଦାମ ଗତ ୪ମାସ ତଳେ ଘରର ଛାତ ପକାଇ ସେହି ଘରେ ରହୁଥିଲେ। ଶ୍ରୀଦାମଙ୍କ ସାନଭାଇ ସୁଦାମଙ୍କ କହିବା କଥା ହେଲା ୨ ତାରିଖ ରାତି ୯ଟା ବେଳେ ସେ ଟ୍ରଲରରୁ ଫେରି ଘରେ ଖାଇ ପିଇ ଶୋଇଥିଲେ। ଭାଇ ଓ ଭାଉଜ ସବୁଦିନ ରାତି ୧୦/୧୧ଟା ପରେ ଖାଇ ପିଇ ଶୁଅନ୍ତି। ଆମଘର ତାଙ୍କଘର ମଝିରେ ଅନ୍ୟ ଏକ ଭାଇର ବନ୍ଦଘର ରହିଛି। ମୂଳଲାଗି ପରିବାରର ପେଟ ପୋଷୁଥିବା ଶ୍ରୀଦାମ କାହିଁକି ଏପରି ଚରମ ନିଷ୍ପତ୍ତି ନେଲେ, ସ୍ତ୍ରୀ ଓ ପୁଅଙ୍କ ମୃତ୍ୟୁ ପରେ ଶ୍ରୀଦାମ ଆତ୍ମହତ୍ୟା କରିଛନ୍ତି ନା ଅନ୍ୟ କିଛି କାରଣ ରହିଛି ତାହାକୁ ନେଇ ଏ ଯାଏଁ ପୁଲିସ ସ୍ପଷ୍ଟ କରୁନି।

ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ଶ୍ରୀଦାମଙ୍କ ପରିବାରର ଆର୍ଥିକ ପରିସ୍ଥିତି ଆଦୌ ଭଲ ନ ଥିଲା। ଏସବୁ ଭିତରେ ବାରମ୍ବାର ଝଡ଼ତୋଫାନରେ ଘର ଭାଙ୍ଗୁ ଥିବାରୁ ଘର ଛାତ ପକାଇବା ଓ ଛୋଟମୋଟ ବ୍ୟବସାୟ ପାଇଁ ସ୍ଥାନୀୟ ସାହୁକାରଙ୍କଠାରୁ ଚଢ଼ା ସୁଧ ହାରରେ ଟଙ୍କା ଆଣିଥିଲେ। ପରିବାରର ରୋଜଗାର ହ୍ରାସ ସାଙ୍ଗକୁ ଋଣ ଭାର ଏତେ ମାତ୍ରରେ ବଢ଼ି ଯାଇଥିଲା ଯେ, ଚିନ୍ତାରେ ଥିଲେ ଶ୍ରୀଦାମ। ମୂଳ ଟଙ୍କାଠାରୁ ସୁଧ ହାର ଢେର ଅଧିକ ହୋଇଯାଇଥିଲା ବୋଲି ଶ୍ରୀଦାମ ବିଭିନ୍ନ ସମୟରେ ଗାଁ ଲୋକଙ୍କୁ କହୁଥିବା ଅନେକ କହିଛନ୍ତି। ଫଳରେ ଋଣ କିପରି ଶୁଝିବେ ସେ ନେଇ ସେ ଚିନ୍ତିତ ହୋଇପଡ଼ିଥିଲେ। ଋଣ ଟଙ୍କା ପରିଶୋଧ କରିବା ପାଇଁ ମଧ୍ୟ ତାଙ୍କ ଉପରେ ବିଭିନ୍ନ ସ୍ଥାନରୁ ଚାପ ପଡୁଥିବା ନେଇ ଅଭିଯୋଗ ହୋଇଛି। ଏହାକୁ ନେଇ ପରିବାରରେ ସବୁବେଳେ ଅଶାନ୍ତି ଲାଗି ରହୁଥିଲା ବୋଲି କୁହାଯାଉଛି। ଅପରପକ୍ଷେ ତାଙ୍କ ବଡ଼ପୁଅ ଜନ୍ମରୁ କଥା କହିପାରୁ ନ ଥିବାରୁ ପରିବାର ପାଇଁ ତାହା ମଧ୍ୟ ଅନ୍ୟଏକ ଚିନ୍ତାର କାରଣ ପାଲଟିଥିଲା। ଋଣଭାରରେ ବୁଡ଼ି ରହିବା ଏବଂ ଋଣଦାତାଙ୍କ ନିର୍ଯାତନା ଯୋଗୁଁ ସେମାନେ ଏହି ଚରମ ପଦକ୍ଷେପ ନେଇଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଏହା ଜଣାପଡ଼ିଛି। ଏହାଛଡ଼ା ଗୋଟିଏ ପରିବାରର ୩ ଜଣଙ୍କ ମୃତଦେହ ମିଳିବା ଘଟଣାରେ ସବୁ ଦିଗକୁ ନେଇ ପୁଲିସ ଖୋଳତାଡ଼ ଆରମ୍ଭ କରିଛି। ଆତ୍ମହତ୍ୟା ପୂର୍ବରୁ କିଏ କିଏ ତାଙ୍କ ଘରକୁ ଆସିଥିଲେ ଆଉ କିଏ କିଏ ଫୋନରେ କଥା ହୋଇଥିଲେ, ସେନେଇ ତଦନ୍ତ ଆରମ୍ଭ କରିଛି ପୁଲିସ।



### ବୁଢ଼ାବଳଙ୍ଗ ନଦୀ ଆଁରେ ଶାକୁଆ ଓ କାଉଚି ଗାଁ

# ମାଟି ଅତଡ଼ା ଧସି ୪୦ ଫୁଟର ଗର୍ତ୍ତ ସୃଷ୍ଟି; ଚିନ୍ତାରେ ଗ୍ରାମବାସୀ

ବଡ଼ସାହି, ୧୩।୩(ସମିସ): ଗ୍ରୀଷ୍ମ ପରେ ପୁଣି ଆସିବ ବର୍ଷା ଋତୁ। ବ୍ଲକ ଅଞ୍ଚଳରେ ଯଦିଓ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ନାହିଁ ତଥାପି ନଦୀର ଜଳସ୍ତର ବୃଦ୍ଧ ପାଇଛି। ଯଦି ବର୍ଷା ଲାଗି ରହେ ତେବେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ଫଳରେ ନଦୀକୂଳିଆ ଗ୍ରାମବାସୀଙ୍କ ମଧ୍ୟରେ ପୁଣି ଭୟର ବାତାବରଣ ସୃଷ୍ଟି ହୋଇଛି। ଜଳ ସମ୍ପଦ ବିଭାଗ ଦ୍ୱାରା ବନ୍ୟା ପ୍ଲାବିତ ଅଞ୍ଚଳରେ ପ୍ରବାହିତ ହେଉଥିବା ନଦୀରେ କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ଫ୍ଲଡ ପ୍ରୋଟେକ୍ସନ ପାଚେରି ଓ ଆଡିବନ୍ଧ ନିର୍ମାଣ କରୁଛି; ମାତ୍ର ଲୋକଙ୍କ ଆବଶ୍ୟକତା ଅନୁସାରେ ପ୍ରକଳ୍ପ ଚୟନ କରାଯାଉ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରକଳ୍ପ ଚୟନରେ ମଧ୍ୟ ରାଜନୈତିକ ହସ୍ତକ୍ଷେପ ଓ ପ୍ରିୟାପ୍ରୀତି ତୋଷଣ କରାଯାଉଛି। ଫଳରେ ପ୍ରାଥମିକତା ଦୃଷ୍ଟିକୋଣରୁ ଯେଉଁ ପ୍ରକଳ୍ପଗୁଡିକ ପ୍ରଥମେ କାର୍ଯ୍ୟକାରୀ ହେବା କଥା ତାହା ଠିକ୍ ସମୟରେ କାର୍ଯ୍ୟକାରୀ ହେଉ ନ ଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ଏ ସମ୍ପର୍କରେ ୧ବର୍ଷ ପୂର୍ବରୁ ଜିଲ୍ଲାପାଳ ଓ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ସୁଫଳ ମିଳି ନାହିଁ ଯାହା ଫଳରେ ଅସନ୍ତୋଷ ଦେଖାଦେଇଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବଡସାହି ବ୍ଲକ ଶିଆଳିଘାଟୀ ପଞ୍ଚାୟତ ଉପର ଶାକୁଆ ଓ କାଉଚି ଗ୍ରାମରେ। ବର୍ଷା ଦିନ ଆସିଲେ ଗ୍ରାମବାସୀଙ୍କ ଚିନ୍ତା ବଢେ। ଏହି ପଞ୍ଚାୟତକୁ ବୁଢାବଳଙ୍ଗ ନଦୀ ସମ୍ପୂର୍ଣ୍ଣଭାବେ ଘେରି ରହିଛି। ଫଳରେ ବର୍ଷା ଦିନ ଆସିଲେ ଲୋକେ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ବର୍ଷା



ଋତୁ ଆସିବା କ୍ଷଣି ଉପର ଶାକୁଆ ଗ୍ରାମର ୪୦ଟି ପରିବାର ବିଭିନ୍ନ ପ୍ରକାର ଆଶଙ୍କା ମଧ୍ୟରେ ଭୟଭୀତ ଅବସ୍ଥାରେ ଦିନ କାଟିଥାନ୍ତି। ଏହି ଗ୍ରାମଟି ସମ୍ପୂର୍ଣ୍ଣ ବୁଢାବଳଙ୍ଗ କୂଳରେ ଅବସ୍ଥିତ ହୋଇ ଥିବାରୁ ମାଟି ଅତଡା ଧସି ପ୍ରାୟ ୪୦ ଫୁଟ ପାଖାପାଖି ଏକ ଭୟଙ୍କର ଗର୍ତ୍ତ ଗ୍ରାମ ଭିତରକୁ ପଶି ଆସିଛି; ଯାହାକି ଗୃହପାଳିତ ପଶୁ ଓ ଛୋଟଛୋଟ ପିଲା ଓ ସାଧାରଣ ଲୋକଙ୍କ ଧନଜୀବନ ନଷ୍ଟ ହେବାର ସମ୍ଭାବନା ରହିଛି। ତେଣୁ ନଦୀରେ ପାଣି ଆସିଲେ ଲୋକମାନେ ନିଜ ଭିଟା ମାଟି ଛାଡି ଗ୍ରାମର ଅନ୍ୟତ୍ର ସ୍ଥାନରେ ଆଶ୍ରୟ ନେଉ କହନ୍ତି, କଟିଆ ମହାକୁଡ, ଗୋବର୍ଦ୍ଧନ ମହାକୁଡ, ରାଜେଶ ମହାକୁଡ, ପରେଶ ମହାକୁଡ ଓ ସନ୍ତୋଷ ମହାକୁଡ। ତେଣୁ ଏହି ଗ୍ରାମଟି ନଦୀ ଗର୍ଭରେ ଲୀନ ହେବାର ସମ୍ଭାବନା ରହିଛି। ଶୀଘ୍ର ଉପରଶାକୁଆ ଓ କାଉଚିରେ ଆଡିବନ୍ଧ ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ ନ କଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ବାରମ୍ବାର ଅଭିଯୋଗ ପରେ ଯଦିଓ ଭଞ୍ଜବାଟୀ ଓ ବାଘୁଆପାଳରେ ଆଡିବନ୍ଧ ନିର୍ମାଣ କାର୍ଯ୍ୟ ଚାଲିଛି ତାହା ନିମ୍ନମାନର ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି। ତେଣୁ ସ୍ଥାନୀୟ ଲୋକଙ୍କ ଅବଶ୍ୟକତାକୁ ବିଭାଗ ଗୁରୁତ୍ୱ ନ ଦେଇ ଠିକାଦାରଙ୍କ ମର୍ଜିରେ କାମ କରାଯାଉଛି। ଏ ନେଇ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ସେହିପରି କାଉଚି ଆଡିବନ୍ଧ ଅଧପନ୍ତରିଆରେ ରହିଛି। ତେଣୁ କାଉଚି ଆଡିବନ୍ଧର ପୂର୍ଣ୍ଣାଙ୍ଗ ସହିତ ଉପର ଶାକୁଆ ଗ୍ରାମର ଆଡିବନ୍ଧ ନିର୍ମାଣ କରିବାକୁ ସମିତି ସଭ୍ୟ ରମାକାନ୍ତ ସାହୁ ବିଭାଗୀୟ ଅଧିକାରୀଙ୍କ ସହିତ ବଡସାହି ବିଧାୟକଙ୍କ ମଧ୍ୟ ଦୃଷ୍ଟି ଆକର୍ଷଣ କରିଛନ୍ତି। ମାତ୍ର ଏହା ସତ୍ତ୍ୱେ ପ୍ରକଳ୍ପ କାର୍ଯ୍ୟକାରୀ ହେବା ତ ଦୂରର କଥା ବିଭାଗୀୟ ତାଲିକାରେ ମଧ୍ୟ ପ୍ରକଳ୍ପର ନାମ ନ ଥିବା ଜଣାଯାଇଛି। ସରକାର ପ୍ରାଥମିକ ସ୍ତରରେ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେବାକୁ କହୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ଲୋକେ ସୁଫଳ ପାଇପାରୁନାହାନ୍ତି।

## ଜନଜାତି ଚାଷୀଙ୍କୁ ତାଲିମ ଓ ଉପକରଣ ବଣ୍ଟନ




କପ୍ତିପଦା, ୧୩।୩(ସମିସ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ଭୁବନେଶ୍ୱର ଏବଂ କୃଷି ବିଜ୍ଞାନ କେନ୍ଦ୍ର ମୟୂରଭଞ୍ଜଙ୍କ ଆନୁକୂଲ୍ୟରେ ବଡଖଲାଡି ଗ୍ରାମରେ ଜନଜାତି ଚାଷୀଙ୍କୁ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷି ବିଜ୍ଞାନ କେନ୍ଦ୍ର ଶ୍ୟାମାଖୁଣ୍ଟାର କୃଷି ବୈଜ୍ଞାନିକ ସଂଘମିତ୍ରା ପଟ୍ଟନାୟକ ଅଧ୍ୟକ୍ଷତା କରି ଚାଷୀଙ୍କର ଆୟବୃଦ୍ଧି ନିମନ୍ତେ ପରାମର୍ଶ ଦେଇଥିଲେ। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କନିଷ୍ଠ ଉଦ୍ୟାନକୃଷି ଅଧିକାରୀ ଡକ୍ଟର କବିତା ସେଠୀ ଯୋଗଦେଇ କାଜୁ ଚାଷର ଉପକାରିତା ଓ ପ୍ରଣାଳୀ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଫୁଲଚାଷ ନିର୍ଦ୍ଦେଶାଳୟର କନିଷ୍ଠ ଗବେଷକ ଡ. ମାନସ କୁମାର ନାଥ ଗେଣ୍ଡୁ, ସେବତୀ, ରଜନୀଗନ୍ଧା ଓ ଗୋଲାପ ଚାଷ ମାଧ୍ୟମରେ ଲାଭବାନ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କପ୍ତିପଦା ବ୍ଲକ ମିଶନଶକ୍ତି ମହାସଂଘର ସଭାନେତ୍ରୀ ହେମଲତା ଶଙ୍ଖୁଆ, ସଫଳ ଉଦ୍ୟୋଗୀ ପ୍ରତିମା ପରିଡ଼ା, ବ୍ୟାଙ୍କମିତ୍ର ନିର୍ମଳା ମାଝୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ଗ୍ରାମରୁ ଆସିଥିବା ୯୦ଜଣ ଚାଷୀଙ୍କୁ ଫୁଲଚାଷ ପାଇଁ କୋଦାଳ, ଗଇଁନ୍ତି, ରଜନୀଗନ୍ଧା, ଗେଣ୍ଡୁ ଓ ଜିଙ୍କ ଅଣୁସାର ଏବଂ କାଜୁଚାଷୀଙ୍କୁ ଦା, ପ୍ଲାଷ୍ଟିକ ଗାଙ୍ଗୁଲା ପ୍ରଦାନ କରାଯାଇଥିଲା। ଶେଷରେ ସାମାଜିକ କର୍ମୀ ଆଶିଷ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## କାର୍ ଦୁର୍ଘଟଣାଗ୍ରସ୍ତ; ୪ ବରଯାତ୍ରୀ ଆହତ



ଠାକୁରମୁଣ୍ଡା, ୧୩।୩ (ସମିସ): ବୁଧବାର ବଡିଭୋରୁ କରଞ୍ଜିଆ ଅଞ୍ଚଳରୁ ଭୋଜି ଖାଇ ଫେରୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଏକ କାର୍ ଖସି ପଡ଼ିବାରୁ ୪ ଜଣ ବରଯାତ୍ରୀ ଆହତ ହୋଇଛନ୍ତି। ଆହତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସୂଚନା ଅନୁସାରେ, ଭଦ୍ରକ ଜିଲ୍ଲା ଚାନ୍ଦବାଲି ଅଞ୍ଚଳ ନାରାୟଣ ମହାନ୍ତି (୪୬), ତୃପ୍ତି କାନ୍ତ ଦାସ (୪୬), କେନ୍ଦ୍ରାପଡ଼ା, ଜାମଧରାର ରମେଶ ଚନ୍ଦ୍ର ସାହୁ ( ୪୯) ଭଦ୍ରକ ଚାନ୍ଦବାଲିର ସତ୍ୟବ୍ରତ ସାହୁ (୩୬) ଏକ କାର ଯୋଗେ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଅଞ୍ଚଳକୁ ଭୋଜି ଖାଇ ଆସିଥିଲେ; ହେଲେ ସେମାନେ ଘରକୁ ଫେରୁଥିବାବେଳେ ୫୩ନଂ ରାଜ୍ୟ ରାଜପଥର ଜୁଆଳିକଟା ଛକ ନିକଟରେ ଭାରସ୍ୟାମ ହରାଇ ରାସ୍ତା ତଳକୁ ଖସି ପଡ଼ିଥିଲା। ଫଳରେ କାରରେ ଥିବା ୪ ଜଣଯାକ ଆହତ ହୋଇଥିଲେ। ପରେ ପୁଲିସ ପହଞ୍ଚି ଗାଡିକୁ ଉଦ୍ଧାର କରିବା ସହ ଅଧିକ ତଦନ୍ତ କରୁଛି।

## ୧୧ ଦଫା ଦାବିରେ ପାଚିକା ସହାୟିକା ସଂଘର ବିକ୍ଷୋଭ

ରାଇରଙ୍ଗପୁର, ୧୩।୩(ସମିସ): ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘ ବାମନଘାଟୀ କମିଟି ମୟୂରଭଞ୍ଜ ଆନୁକୂଲ୍ୟରେ ପାଚିକା ସହାୟିକା ସଂଘ ୧୧ ଦଫା ଦାବି ନେଇ ରାଇରଙ୍ଗପୁର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ସେମାନଙ୍କ ଦାବି ମଧ୍ୟରେ ମଧ୍ୟାହ୍ନ ଭୋଜନ ପାଚିକାଙ୍କୁ ଗଣଶିକ୍ଷା କର୍ମଚାରୀ ମାନ୍ୟତା, ଜାତୀୟ ଓ ପର୍ବ ଛୁଟି, ୧୦ ଦିନ କାଜୁଆଲ, ମେଡିକାଲ ଓ ମେଟରନିଟି




ଛୁଟି, ମଧ୍ୟାହ୍ନ ଭୋଜନରେ ଅନିୟମିତତା ଦୂର, ପାଚିକା ସହାୟିକାଙ୍କ ଦରମା ୨୬ ହଜାରକୁ ବୃଦ୍ଧି, ମାସିକ ପେନସନ ୧୦ ହଜାର, ମାସିକ ଦରମା ଠିକ୍ ସମୟରେ ଦିଆଯିବା ସହ ୧୨ ମାସର ଦରମା, ଅନୈତିକ ଅବସରରୁ ମୁକ୍ତି କରାଯାଇ ପୁନର୍ବାର ସେମାନଙ୍କୁ କାର୍ଯ୍ୟରେ ନିୟୋଜିତ କରିବା, ପିଏଫ୍, ଇଏସଆଇ ଓ ଇନସ୍ୟୁରାନ୍ସ ରାଜ୍ୟ ସରକାର ଲାଗୁ କରିବା, ପିଏମ ପ୍ରସନ ଯୋଜନାରେ ସାମିଲ କରି ଉଚିତ ପାଉଣା ପ୍ରଦାନ, ଅବସରକାଳୀନ ବୟସ ୬୦ରୁ ୬୨କୁ ବୃଦ୍ଧି ଓ ହାଇକୋର୍ଟର ନିର୍ଦ୍ଦେଶନାମା ଅନୁସାରେ ୨୮ ମାସର ବକେୟା ପାଉଣା ପଇଠ ଆଦି ରହିଛି। ସାଧାରଣ ସମ୍ପାଦିକା ଈଷାନୀ ଷଡଙ୍ଗୀ, ସଂଗଠକ ବାମନଘାଟୀ ଦାକ୍ଷୀନ ସୋରେନ, ପରେଶ ମହାନ୍ତ, ସଂଗଠକ ମୟୂରଭଞ୍ଜ ଶାଖା ସଭାପତି ଅମୂଲ ଦେ, ରାଜ୍ୟ ସହ ସାଧାରଣ ସମ୍ପାଦିକା କ୍ଷୀରମଣି ମହାନ୍ତ, ଯଶିପୁର ପାଚିକା ସହାୟିକା ସଂଘ ସଭାନେତ୍ରୀ ସୁଶୀଳା ପାତ୍ର, ବହଳଦା ବ୍ଲକ ସଭାନେତ୍ରୀ ବିରଜା ମଣ୍ଡଳ ପ୍ରମୁଖ ବହୁ ପାଚିକା ସହାୟିକା ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଏକ ଦାବିପତ୍ର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା।

## ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ




ବହସାହି, ୧୩।୩(ସମିସ): ବଡସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟ ପରିସରରେ ଏକ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସମାଜରେ ନାରୀମାନଙ୍କ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷ୍ୟ ପ୍ରଦୀପ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ଅଧ୍ୟାପକ ଶ୍ରବଣ କୁମାର ମହାପାତ୍ର, କୃପାସିନ୍ଧୁ ମହାକୁଡଫକୀର ଚରଣ ସାହୁ ଓ ଏନଏସଏସ ପ୍ରୋଗ୍ରାମ ଅଫିସର ଡ. ରିତୁଲତା ବିଶ୍ୱାଳ ପ୍ରମୁଖ ଯୋଗଦେଇ ବର୍ତ୍ତମାନ ସମାଜରେ ନାରୀମାନଙ୍କ ଭୂମିକା ଓ କର୍ତ୍ତବ୍ୟ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ଶ୍ରୀ ମହାପାତ୍ର ମଞ୍ଚ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ପଞ୍ଚାୟତିରାଜ ପ୍ରତିନିଧିଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

ବାରିପଦା, ୧୩।୩(ସମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଐତିହାସିକ ପଦକ୍ଷେପ ନେଇ



ସାରା ରାଜ୍ୟରେ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କ ପାରିତୋଷିକ ଏବଂ ଭତ୍ତା ବୃଦ୍ଧି କରିଛନ୍ତି। ଏହି ନିଷ୍ପତ୍ତି ପ୍ରତିନିଧିମାନଙ୍କ ମଧ୍ୟରେ ଲୋକଙ୍କ ସେବା କରିବା ପାଇଁ ଉତ୍ସାହ ବଢ଼ାଇ ଦେଇଛି। ସେହି ପରିପ୍ରେକ୍ଷୀରେ ବୁଧବାର ବାରିପଦା ବ୍ଲକର ୧୧ ଗୋଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ନାଏବ ସରପଞ୍ଚ ଏବଂ ଜିଲ୍ଲାପରିଷଦର ସଦସ୍ୟ/ସଦସ୍ୟାମାନେ ବ୍ଲକ କାର୍ଯ୍ୟାଳୟରେ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ସମୂହ କୃତଜ୍ଞତା ଜଣାଇବା ସହିତ ଧନ୍ୟବାଦ ଅର୍ପଣ କରିଛନ୍ତି। ଅନୁଷ୍ଠିତ, କ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ସୁନ୍ଦର ସିଂ, ଉପାଧ୍ୟକ୍ଷ ସୁନୀତା ସିଂ, ଜିଲ୍ଲାପରିଷଦ ସଦସ୍ୟ ନରେନ୍ଦ୍ର ହାଁସଦା, ସତ୍ୟଭାମା ମହାନ୍ତ, ସମିତି ସଭ୍ୟ ପୁରୁଷୋତ୍ତମ ସିଂ, ରୀନା ଦେହୁରୀ, ପାର୍ବତୀ ହେମ୍ବ୍ରମ, ମମତା ସେଠୀ, ମୁନି ସିଂ, ରୁହ୍ୟା ହେମ୍ବ୍ରମ, ସୁଲଗୀ ମୁର୍ମୁ, ସରପଞ୍ଚ ସୁଭାସିନୀ ହାଁସଦା, ପିଟିଲି ସୋରେନ, ଲକ୍ଷ୍ମୀମଣି ନାଏକ, ଫୁଲମଣି ମାରାଣ୍ଡି, ବ୍ଲକ ସଭାପତି ଦିଲ୍ଲୀପ ପାତ୍ର, ସିମନ ହାଁସଦା, କୃଷ୍ଣ କୁମାର ଟୁଡୁ, ଭୀଷ୍ମ ମହାନ୍ତ, ଶ୍ରୀବତ୍ସ କଲିଆ, ଅଶୋକ ସେଠୀ, ବୈଦ୍ୟନାଥ ସାହୁ, ମନୋରଞ୍ଜନ ମହାନ୍ତ, ବାବାଜି ଦେହୁରୀ, ଅଶୋକ କୁମାର ନାୟକ, ଗୌତମ ସିଂ ଓ ମନବୋଧ ସିଂ ପ୍ରମୁଖ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିଥିଲେ।

## ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ଛାତ୍ରୀ ନିବାସ ପାଇଁ ଭିତ୍ତିପ୍ରସ୍ତର



ଉଦଳା, ୧୩।୩(ସମିସ): ବୁଧବାର ପୂର୍ବାହ୍ନରେ ଉଦଳା ସହରର ୯ ୱାର୍ଡରେ ଥିବା ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ଛାତ୍ରୀ ନିବାସ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଦୁଇ ଏକରରୁ ଊର୍ଦ୍ଧ୍ୱ ସ୍ଥାନରେ ଏହି ଛାତ୍ରୀ ନିବାସ ନିର୍ମାଣ ହେବ। ଛାତ୍ରୀ ନିବାସରେ ଆନୁଷଙ୍ଗିକ ସମସ୍ତ ସୁବିଧା ରହିବ ଏବଂ ୫-ଟି ମାଧ୍ୟମରେ ନିର୍ମାଣ ହେବ। କାର୍ଯ୍ୟକ୍ରମରେ ବିଧାୟକ ଭାସ୍କର ମଡେଇ, ଉପଜିଲ୍ଲାପାଳ ସୁଶାନ୍ତ ବାରିକ, ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ନାଥ ଖମାରୀ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ନଗରପାଳ ପ୍ରମିଳା ପଣ୍ଡା, ଉପନଗରପାଳ ଲିଲି ଭୋଳ, ଆଇନଜୀବୀ ବସନ୍ତ ପରିଡ଼ା, ବରିଷ୍ଠ ନାଗରିକ ଯଜ୍ଞ ନାରାୟଣ ମହାନ୍ତି, ସଭାପତି ରବୀନ୍ଦ୍ର କଟୁଆଳ, ଅଧକ୍ଷ ଶଶିଭୂଷଣ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ପିକ୍ଅପ୍-ବାଇକ୍ ମୁହାଁମୁହିଁ ଧକ୍କା; ବାପ-ପୁଅ ଗୁରୁତର



ଠାକୁରମୁଣ୍ଡା/ମହୁଲଡିହା, ୧୩।୩(ସମିସ): ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ୫୩ ନମ୍ବର ରାଜ୍ୟ ରାଜପଥ ଅଖାପଲାଣ ସିମ ନଦୀ ପାଖରେ ଏକ ବାଇକ୍ ସହିତ ପିକଅପ୍ ମୁହାଁମୁହିଁ ଧକ୍କା ହେବା ଫଳରେ ବାପ-ପୁଅ ଗୁରୁତର ହୋଇଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଯେ, ହତିଗୋଡା ପଞ୍ଚାୟତ, ରଣିଭୋଳ ଗ୍ରାମର ସେଲାୟ ସଏ (୫୫), ତାଙ୍କ ପୁଅ ବୁଢ଼ାନ ସଏ (୧୯) ନିଜ ଗାଁରୁ କୌଣସି କାମ ପାଇଁ କଦଡିହାକୁ ଏକ ବାଇକ୍‌ରେ ଯାଉଥିବା ବେଳେ ଆଖାପଲାଣ ଛକ ନିକଟ ସିମି ନଦୀ ନିକଟରେ ବିପରୀତ ଦିଗରୁ ଆସୁଥିବା ପିକଅପ୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ୍ ପଛରେ ବସିଥିବା ବାପା ସେଲାୟ ଛିଟିକି ହୋଇ ପିକ୍ଅପ୍ ଡାଲାରେ ପଡ଼ିଯାଇଥିଲେ ଏବଂ ପୁଅ ମଧ୍ୟ ରାସ୍ତାରେ ପଡ଼ିଯାଇଥିଲେ। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଆହତଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏହି ଖବର ପାଇ ଉତ୍ତ୍ୟକ୍ତ ଲୋକେ କିଛି ସମୟ ପାଇଁ ରାସ୍ତାରୋକ କରିଥିଲେ। ପରେ ଠାକୁରମୁଣ୍ଡା ପୁଲିସ ପହଞ୍ଚି ଗାଡିକୁ ଜବତ କରି ଅଧିକ ତଦନ୍ତ କରୁଛି।

## ପ୍ରାଥମିକ ଶିକ୍ଷକ ସଂଘ ନିର୍ବାଚନ; ରତିକାନ୍ତ ସଭାପତି

ବଡ଼ସାହି, ୧୩।୩(ସମିସ): ବଡସାହି ବ୍ଲକ ଅଧୀନରେ କାର୍ଯ୍ୟରତ ଶିକ୍ଷକମାନଙ୍କ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ସଭାପତି ଧ୍ରୁବେନ୍ଦ୍ର କୁମାର ଜେନା ସଭାପତିତ୍ୱ କରିଥିଲେ। ଜିଲ୍ଲା ସଂଗଠନ ସମ୍ପାଦକ ବଳରାମ ନାଥ ଓ କୁଳିଅଣା ବ୍ଲକର ସଭାପତି ଦିଲ୍ଲୀପ କୁମାର ପାତ୍ର ନିର୍ବାଚନ ପରିଚାଳନା କରିଥିଲେ। ସେହିପରି ପର୍ଯ୍ୟବେକ୍ଷକ ଭାବେ ଜିଲ୍ଲା ସାଧାରଣ ସମ୍ପାଦକ ବିମଳଲୋଚନ ଆଚାର୍ଯ୍ୟ ଓ ଜିଲ୍ଲା ସଂଘର ଉପଦେଷ୍ଟା ଶିବପ୍ରସାଦ ମହାପାତ୍ର ନିର୍ବାଚନ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେବା ପରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସଭାପତି ଭାବେ ରତିକାନ୍ତ ବେହେରା, ଉପସଭାପତି ଉଜ୍ଜ୍ୱଳ ନାରାୟଣ ସାହୁ ଓ ସୁମତି ସିଂ, ସମ୍ପାଦକ ସଞ୍ଜୟ କୁମାର ଜେନା, ସହସମ୍ପାଦକ ଶ୍ରୀକୃଷ୍ଣ ମହାନ୍ତ ଓ ସଂଯୁକ୍ତା ରାଉତ, ସଂଗଠନ ସମ୍ପାଦକ ରଜତ କୁମାର ବେହେରା, କୋଷାଧକ୍ଷ୍ୟ ଚିତ୍ତରଞ୍ଜନ ଗିରି, ସଂଯୋଜକ ଭାବେ କୁଳମଣୀ ରାଉତ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ପରେ ସମସ୍ତ ପଦାଧିକାରୀଙ୍କୁ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଶୁଭେଚ୍ଛା ଜଣାଇଥିଲେ।

### ସରସ୍ୱତୀ ମେଳା ସମୟରେ ଉଦଳା ସିନେମା ଘର ବନ୍ଦ

# ମନୋରଞ୍ଜନ କରି ନ ପାରି ଗ୍ରାମାଞ୍ଚଳ ଲୋକ ନିରାଶ

ଉଦଳା, ୧୩।୩(ସମିସ): ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲା ଉଦଳା ସହରରେ ଆୟୋଜିତ ହୋଇଆସୁଥିବା ପାରମ୍ପରିକ ସରସ୍ୱତୀ ମେଳା ଧୁମ୍‌ଧାମ୍‌ରେ ପାଳନ ହୋଇଥାଏ। ବିଶେଷ କରି ଏହି ମେଳା ସମୟରେ ଉଦଳା ଅଞ୍ଚଳର ପ୍ରାୟ ସବୁ ଗାଁଗଣ୍ଡା ଉତ୍ସବ ମୁଖରିତ ହୋଇଥାଏ। ସରସ୍ୱତୀ ମେଳା ଅବସରରେ ସହରକୁ ଆସୁଥିବା ଲୋକେ ମନୋରଞ୍ଜନ ପାଇଁ ଓଡିଆ ସିନେମା ଦେଖିବା ସତେ ଯେମିତି ଏକ ପରମ୍ପରା ଭିତ୍ତିକ। ଗ୍ରାମାଞ୍ଚଳରୁ ବହୁ ସଂଖ୍ୟାରେ ମହିଳା, ଯୁବତୀ, ଛୋଟ ପିଲା ମନୋରଞ୍ଜନ ନିମନ୍ତେ ଓଡିଆ ସିନେମା ଦେଖିବାର ମଜ୍ଜା ନିଆରା। ସିନେମା



ଘର ସମ୍ମୁଖରେ ଭିଡର ଚିତ୍ର ସେତିକି ଉତ୍ସାହପୂର୍ଣ୍ଣ। ଚାରିଟି ଶୋ ମାଧ୍ୟମରେ ସିନେମା ଘର ମନୋରଞ୍ଜନ ଯୋଗଇଥାଏ। ମେଳା ଆସିଲେ କୌଣସି ସଫଳ ଓଡିଆ ସିନେମାର ପୋଷ୍ଟର ସହରରୁ ଗାଁ ପର୍ଯ୍ୟନ୍ତ ଏହା ସହିତ ସିନେମା ପ୍ରଚାରର ନିଆରା ଆକର୍ଷଣ ଗ୍ରାମାଞ୍ଚଳର ଲୋକେ ବେଶ ଆଗ୍ରହ ଦେଖାଇଥାନ୍ତି। ସରସ୍ୱତୀ ମେଳା ଆସିବା କ୍ଷଣି ସହରକୁ ଲୋକଙ୍କ ସୁଅ ଛୁଟିଥାଏ ସିନେମା ଘରକୁ। ଦୂରଦୂରାନ୍ତରୁ ଆସୁଥିବା ଲୋକେ ନୁନ ଶୋ ଓ ମ୍ୟାଟିନ ଶୋ ଦେଖି ମେଳା ଓ ଅପେରା ଉପଭୋଗ କରି ଘରକୁ ଫେରୁଛନ୍ତି। ସେହିପରି ଆଖପାଖ ଗ୍ରାମର ଲୋକେ ସନ୍ଧ୍ୟା ଶୋ ଦେଖି ଆମୋଦିତ ହୋଇଥାନ୍ତି ଏବଂ ପୁଣି ମେଳା ବୁଲି ଯାତ୍ରାକୁ ମନଭରି ଉପଭୋଗ କରିଥାନ୍ତି। ତେବେ ଦୂରରୁ ଆସୁଥିବା ସିନେମା ପ୍ରେମୀ ନାଇଟ ଶୋକୁ



ଦେଖି ଯାତ୍ରାର ଦ୍ୱତୀୟ ଶୋ ମଧ୍ୟ ଦେଖିବା ଏକ ସାଧାରଣ କଥା; ହେଲେ ଏବେ ସରସ୍ୱତୀ ମେଳା ସମୟରେ ଉଦଳାର ଏକମାତ୍ର ସିନେମା ଘର ତ୍ରିଶକ୍ତି ହଲ ବନ୍ଦ ରହିଛି। ଫଳରେ ସିନେପ୍ରେମୀମାନେ ନିରାଶରେ ଘରକୁ ଫେରୁଛନ୍ତି। ସିନେମା ହଲରେ କାଉ କୋଇଲିର ଶବ୍ଦ ବି ନାହିଁ। ଆଉ ଶୁଣିବାକୁ ମିଳୁନି ପାରିବାରିକ ଓଡିଆ କାହାଣୀରେ ପର୍ଯ୍ୟବେଶିତ ସୁପରହିଟ ଓଡିଆ ଚଳଚ୍ଚିତ୍ର ଅମୁକ କି ସମୁକ। ଫଳରେ ସରସ୍ୱତୀ ମେଳାକୁ ବୁଲି ଆସୁଥିବା ଗାଁଗଣ୍ଡାର କଳାପ୍ରାମୀ ମଣିଷ ମନୋରଞ୍ଜନର ଏହି ମାଧ୍ୟମକୁ ମନେ ପକାଇବା ସହ ସ୍ମୃତି ବଖାଣୁଛନ୍ତି। ତେବେ ମୋବାଇଲର ବହୁଳ ବ୍ୟବହାର ସାଙ୍ଗକୁ ଘରେ ଘରେ ଟିଭି ସିନେମା ଘରର ଆକର୍ଷଣକୁ କିଛି ମାତ୍ରାରେ କମାଇଦେଇଥିଲେ ହେଁ ସରସ୍ୱତୀ ମେଳା ସମୟରେ ସିନେମା ହଲ ମୁହାଁହେବା ଏକ ସାଧାରଣ କଥା। ଅପରପକ୍ଷରେ ରଜ କିମ୍ବା ମକର ହେଉ କି ଦୁର୍ଗାପୂଜା କିମ୍ବା କୁମାର ପୂର୍ଣ୍ଣିମା ସିନେମା ଘର ଲୋକଙ୍କୁ ବିଶେଷ କରି ଗ୍ରାମାଞ୍ଚଳ ଲୋକଙ୍କୁ ବେଶ୍ ଆକର୍ଷିତ କରିଆସୁଥିଲା। ତେବେ କରୋନା ପରଠାରୁ ସିନେମା ଘର ବନ୍ଦ ହୋଇ ପଡ଼ିଛି। ଉଦଳା ଓ ଖୁଣ୍ଟା, କପ୍ତିପଦା ଭଳି ଛୋଟ ବଜାରରେ ଆଉ କିଛି ଦିନ ପରେ ସିନେମା ଘର ଇତିହାସ ହୋଇଯିବ ବୋଲି କୁହାଯାଉଛି। ସରସ୍ୱତୀ ମେଳା ସମୟର ଭିଡ ଯେ କେବଳ ସ୍ମୃତି ହୋଇରହିବ ଏଥିରେ ଦ୍ୱିମତ ନାହିଁ।

● ମନିପର୍ସ ପାଇଁ ଯୁବକଙ୍କୁ ସଂଘବଦ୍ଧ ହତ୍ୟା ଘଟଣା

# ଦୁଇଦିନିଆ ରିମାଣ୍ଡରେ ମୁଖ୍ୟ ଅଭିଯୁକ୍ତ

ବାରିପଦା, ୧୩।୩(ସମିସ): ଶୁନଗଡ଼ିଆ ଅଞ୍ଚଳରେ ଗତ ମାର୍ଚ୍ଚ ୨ ତାରିଖରେ ମନିପର୍ସର ସାମାନ୍ୟ ଟଙ୍କା ପାଇଁ ଯୁବକଙ୍କୁ ସଂଘବଦ୍ଧ ହତ୍ୟା କରାଯାଇଥିବା ଘଟଣାକୁ ନେଇ ବାରିପଦା ସହରରେ ଚଞ୍ଚଳ ସୃଷ୍ଟି କରିଥିଲା। ତେବେ ଉକ୍ତ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ବୁଲେଟ ମୁଖିକୁ ବାରିପଦା ଟାଉନ ଥାନା ପୁଲିସ ବୁଧବାର ଦୁଇ ଦିନିଆ ରିମାଣ୍ଡରେ ଆଣିଛନ୍ତି। ବାରିପଦା ଟାଉନ ଥାନାଧିକାରୀ ସୁମିତ କୁମାର ସୋରେନଙ୍କ ଦ୍ୱାରା ଉକ୍ତ ଘଟଣାର ତଦନ୍ତ ଚାଲିଛି। ତଦନ୍ତ ନିମନ୍ତେ ପୁଲିସ ଦୁଇ ଦିନିଆ ରିମାଣ୍ଡରେ ଆଣି ପଚରାଉଚରା ଜାରି ରଖିଛନ୍ତି। ଉକ୍ତ ହତ୍ୟାକାଣ୍ଡ ଘଟଣା ପଛରେ କ'ଣ କାରଣ ରହିଛି, କିପରି ହତ୍ୟାକାଣ୍ଡ ହେଲା, ସେନେଇ ପୁଲିସ ପକ୍ଷରୁ ଟିକିନିଖି ତଦନ୍ତ କରୁଛନ୍ତି ଥାନା ଅଧିକାରୀ ଶ୍ରୀ ସୋରେନ। ସୂଚନା ଅନୁଯାୟୀ, ବାରିପଦା ଟାଉନ ଥାନା ଅନ୍ତର୍ଗତ ଶୁନଗଡ଼ିଆ ଅଞ୍ଚଳର ରାମ ମୁଖି (୨୫)ଙ୍କୁ ମନିପର୍ସର ସାମାନ୍ୟ ଟଙ୍କା ପାଇଁ ଦୁଇ ଗୋଷ୍ଠୀ ମଧ୍ୟରେ ହିଂସାକାଣ୍ଡ ଓ ପରେ ଏହାକୁ ନେଇ ହତ୍ୟା ଘଟଣା ଘଟିଥିଲା। ମନିପର୍ସରେ ୫୫୦ ଟଙ୍କା ରହିଥିବା ବେଳେ ସେଥିରେ ୧୩୦୦ ଟଙ୍କା ଥିବାର ନେଇ କହି ଉଭୟ ପକ୍ଷଙ୍କ ମଧ୍ୟରେ ବଚସା ଆରମ୍ଭ ହୋଇଥିଲା। ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବଚସା ଧୀରେ ଧୀରେ ଉଗ୍ର ରୂପ ନେବାରୁ କିଛି ଯୁବକ ରାମ ମୁଖିଙ୍କ ମୁଣ୍ଡକୁ ମାରଣାସ୍ତ୍ର ଓ ପଥରରେ ପ୍ରହାର କରିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଏହାକୁ ନେଇ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ଉକ୍ତ ଘଟଣାକୁ ନେଇ ବାରିପଦା ଟାଉନ ଥାନାରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ ଗିରଫ କୋର୍ଟ ଚାଲାଣ କରାଯାଇଥିଲା।

## ସ୍କୁଟି ଉପରେ ଚଢିଗଲା ଟ୍ରକ୍; ଅଳ୍ପକେ ବର୍ତ୍ତିଲେ ଚାଳକ



ବାରିପଦା, ୧୩।୩(ସମିସ): ରାସ୍ତା ପାଶ୍ୱର୍ରେ ଥିବା ଏକ ଟ୍ରକର ବ୍ରେକ ଫେଲ ହେବାରୁ ସ୍କୁଟି ଉପରେ ମାଡି ଯାଇଛି। ତେବେ ଦୁର୍ଘଟଣାରେ ସ୍କୁଟିଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ନଷ୍ଟ ହୋଇଯାଇଥିବା ବେଳେ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ବାରିପଦା ଟାଉନ ଥାନା ଅନ୍ତର୍ଗତ ପାଲବଣି ସ୍ଥିତ ଜାତୀୟ ରାଜପଥ କଡ଼ରେ ଏକ ଟ୍ରକ ପାର୍କିଂ ହୋଇଥିଲା। ତେବେ କୌଣସି କାରଣ ପାଇଁ ବ୍ରେକ ଫେଲ ହେବାରୁ ଟ୍ରକଟି ପଛକୁ ପଛାଇ ଏକ ସ୍କୁଟି ଉପରେ ମାଡି ଯାଇଥିଲା। ଟ୍ରକ ଚାଳକ ଟ୍ରକକୁ ଅଟକାଇବାକୁ ଚେଷ୍ଟା କରି ମଧ୍ୟ ବିଫଳ ହୋଇଥିଲେ। ତେବେ ପଛ ଥିବା ଡିଭାଇଡରରେ ବାଡେଇ ହୋଇ ଟ୍ରକଟି ଅଟକି ଯାଇଥିଲା। ସ୍କୁଟି ଚାଳକ ଜଣକ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ କେହି ଆହତ ହୋଇନାହାଁନ୍ତି। ଘଟଣାନେଇ ବାରିପଦା ଟାଉନ ଥାନା ପୁଲିସକୁ ଖବର ଦେବାରୁ ପୁଲିସ ଉଭୟ ଟ୍ରକ ଓ ସ୍କୁଟିକୁ ଜବତ କରି ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛନ୍ତି।

## ଅତିରିକ୍ତ ଜିଲ୍ଲାପାଳଙ୍କ ଦାୟିତ୍ୱ ଗ୍ରହଣ

ବାରିପଦା, ୧୩।୩(ସମିସ): ମୟୂରଭଞ୍ଜ ଜିଲ୍ଲାର ନୂତନ ଅତିରିକ୍ତ ଜିଲ୍ଲାପାଳ ଭାବେ ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଉଦୟ କୁମାର ମହାପାତ୍ର ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଶ୍ରୀ ମହାପାତ୍ର ଅନୁଗୁଳ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଭାବେ କାର୍ଯ୍ୟରତ ଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ବଦଳି ନିର୍ଦ୍ଦେଶ ପରେ



ଶ୍ରୀ ମହାପାତ୍ର ବାରିପଦା ସ୍ଥିତ କାର୍ଯ୍ୟାଳୟରେ ବୁଧବାର ଯୋଗଦାନ କରିଛନ୍ତି। ଉକ୍ତ ସମୟରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଶ୍ରୀ ମହାପାତ୍ରଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ଜଣାଇଥିଲେ। ସେ ଜଣେ ଦକ୍ଷ ପ୍ରଶାସକ ଭାବରେ ଓଡ଼ିଶାରେ ଖ୍ୟାତି ଲାଭ କରିଥିବାରୁ ମୟୂରଭଞ୍ଜରେ ମଧ୍ୟ କାର୍ଯ୍ୟ ଦକ୍ଷତା ପ୍ରତିପାଦନ କରିବେ ବୋଲି ଜିଲ୍ଲାପାଳ ଶ୍ରୀ ସିନ୍ଦେ ଅତିରିକ୍ତ ଜିଲ୍ଲାପାଳଙ୍କୁ ସ୍ୱାଗତ ଜଣାଇ କହିଥିଲେ। ସୂଚନା ଥାଉକି, ପୂର୍ବରୁ ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ଭାବେ କାର୍ଯ୍ୟରତ ଥିବା ଅଭିମନ୍ୟୁ ବେହେରାଙ୍କ ଜଗତସିଂହପୁର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି ପରେ ସ୍ଥାନ ଖାଲିପଡ଼ିଥିଲା। ଉକ୍ତ ସମୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ରାଇରଙ୍ଗପୁର ଦୌଲତ ଚନ୍ଦ୍ରକାର, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ବାରିପଦା ଡେପୁଟି କଲେକ୍ଟର (ଇଲେକ୍ସନ) ଦୁର୍ଗା ଚରଣ ମୁର୍ମୁ, ଡେପୁଟି କଲେକ୍ଟର ଶୁଭଙ୍କରୀ ସୁଦେଷ୍ଣା ଦାଶ, ଡେପୁଟି କଲେକ୍ଟର, ସୁଶ୍ରୀ ବସୁନ୍ଧରା ଭିଟରିଆ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରଦ୍ଧା ସୁମନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

ନିର୍ବାଚନ ପାଇଁ ପ୍ରଶାସନିକ ପ୍ରସ୍ତୁତି ଜୋରଦାର

# ଆଜିଠୁ ୩୨ କେନ୍ଦ୍ରରେ ତାଲିମ ନେବେ ୧୭ ହଜାର କର୍ମଚାରୀ

■ ୧୯ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟରଙ୍କ ପାଇଁ ୨୩୬୮ଟି ବୁଥରେ ହେବ ମତଦାନ





ବାରିପଦା, ୧୩।୩(ସମିସ): ଆସନ୍ତା ସାଧାରଣ ନିର୍ବାଚନ ନିମନ୍ତେ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଉଛି। ନିର୍ବାଚନ ଯେଭଳି ଶାନ୍ତିଶୃଙ୍ଖଳାର ସହିତ ସମାପନ ହେବ ସେ ନେଇ ପ୍ରଶାସନିକସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଜିଲ୍ଲାରେ ନୂତନ ଭାବେ ଯୋଗଦେଇଥିବା ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ସମସ୍ତ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ନିର୍ବାଚନ ଅଧିକାରୀଙ୍କୁ ନେଇ ମାରାଥନ ଜିଲ୍ଲା ଗସ୍ତ କରିବା ସହିତ ପ୍ରସ୍ତୁତିର ସମୀକ୍ଷା କରୁଛନ୍ତି। ନିର୍ବାଚନ ଆୟୋଗଙ୍କ ନିୟମାନୁସାରେ ୧୪ରୁ ୨୦ତାରିଖ ବୁଧବାର ପର୍ଯ୍ୟନ୍ତ ମତଦାନ କେନ୍ଦ୍ରରେ ନିର୍ବାଚନ କାର୍ଯ୍ୟ ପରିଚାଳନା କରିବାକୁ ଥିବା ଅଧିକାରୀ/କର୍ମଚାରୀଙ୍କ ତାଲିମ ଆରମ୍ଭ ହେଉଛି। ନୂତନ ପ୍ରକ୍ରିୟାରେ ମନୋନୀତ ୧୭ ହଜାର ୧୦୨ଜଣ ତାଲିକା ଭୁକ୍ତ କର୍ମଚାରୀ ଜିଲ୍ଲାର ୩୨ଟି ତାଲିମ କେନ୍ଦ୍ରରେ ପର୍ଯ୍ୟାୟକ୍ରମେ ତାଲିମ ନେବେ। ସୂଚନାଯୋଗ୍ୟ ଯେ, ଜିଲ୍ଲାର ୯ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ୧୯ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ୨୩୬୮ଟି କେନ୍ଦ୍ରରେ ମତଦାନ କରିବେ। ନିର୍ବାଚନ ଆୟୋଗଙ୍କ ନିୟମାବଳୀ ଅନୁସାରେ ୨୦ପ୍ରତିଶତ ମତଦାନ କେନ୍ଦ୍ର ଆଦର୍ଶ ମତଦାନ କେନ୍ଦ୍ର ଭାବେ ପ୍ରସ୍ତୁତ କରାଯିବ। ତନ୍ମଧ୍ୟରୁ ୪୨୪ଟି ସଖୀ କେନ୍ଦ୍ର (ମହିଳାଙ୍କ ଦ୍ୱାରା ପରିଚାଳିତ) ଓ ୯ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଗୋଟିଏ ଲେଖାଏଁ ମିଶି ୯ଟି ଦିବ୍ୟାଙ୍ଗ ମତଦାନ କେନ୍ଦ୍ର ରହିବ।"ନିର୍ବାଚନକୁ ଅବାଧ ଓ ମୁକ୍ତ ଭାବେ କରାଯିବ। ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଦିଗକୁ ତ୍ୱରାନ୍ୱିତ କରାଯାଉଛି।

### ନିର୍ବାଚନ ଦାୟିତ୍ୱରୁ ବାଦ ପାଇଁ ଆବେଦନକାରୀଙ୍କ ଗହଳି

ଚଳିତ ଥର ନୂତନ ନିୟମ ଅନୁସାରେ ମତଦାନ କେନ୍ଦ୍ରରେ ନିର୍ବାଚନ କାର୍ଯ୍ୟ ପରିଚାଳନା କରିବାକୁ ଥିବା ଅଧିକାରୀ/କର୍ମଚାରୀଙ୍କ ନାମ ତାଲିକା ପ୍ରକାଶ ପାଇଛି। ନିର୍ବାଚନ ପରିଚାଳନା ପାଇଁ ୧୪ହଜାର ୨୦୮ ଅଧିକାରୀ/କର୍ମଚାରୀ ଆବଶ୍ୟକ। ତେବେ ନିୟମାନୁସାରେ ୨୦ପ୍ରତିଶତ ଅଧିକ ଅର୍ଥାତ ୧୭ହଜାର ୧୦୨ଜଣ ୨୦୮ ଅଧିକାରୀ/କର୍ମଚାରୀଙ୍କ ତାଲିକା କମ୍ପ୍ୟୁଟର ମାଧ୍ୟମରେ ଅନଲାଇନ ସଂଗୃହୀତ ହେବା ପରେ ଏନଆଇସି ପ୍ରସ୍ତୁତ ସଫ୍ଟୱେୟାର ଦ୍ୱାରା ସେମାନଙ୍କ ତାଲିକା ରେଣ୍ଡମ ଭିତ୍ତିରେ ପ୍ରକାଶ ପାଇଛି। ଏଥିରେ ମାନୁଆଲ ବା ମନୁଷ୍ୟକୃତ ପ୍ରସ୍ତୁତ ହୋଇନାହିଁ। ଫଳରେ ଅନେକ ଗର୍ଭବତୀ, ଛୋଟ ଶିଶୁଙ୍କ ମା', ୪୦ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗ, ମାରାତ୍ମକ ରୋଗରେ ପୀଡିତ ତଥା ହୃଦରୋଗୀଙ୍କ ନାମ ତାଲିକାରେ ରହିଛି। ଅପରପକ୍ଷରେ କୌଣସି କାରଣ ନ ଥିବା ସୁସ୍ଥ ତଥା ଦାୟିତ୍ୱ ତୁଲାଇବା କର୍ମଚାରୀଙ୍କ ନାମ ବାଦ ପଡ଼ିଛି। ୩୨ଟି କେନ୍ଦ୍ରରେ ତାଲିମ ନେବାକୁ ଥିବା ୧୭ ହଜାର ୧୦୨ଜଣଙ୍କ ନାମ ଥିବା ୨ ହଜାର୪୧ପୃଷ୍ଠା ସମ୍ବଳିତ ପିଡିଏଫ ତାଲିକା ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟରୁ ପ୍ରକାଶ ପରେ କର୍ମଚାରୀଙ୍କ ମୋବାଇଲରୁ ମୋବାଇଲ ପ୍ରଘଟ ହେଉଛି। ତିନିଦିନ ଧରି ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟରେ ନାମ ବାଦ ଦେବାକୁ ଯୋଗ୍ୟ ଓ ଅଯୋଗ୍ୟ ଆବେଦନକାରୀ ପିଲାଛୁଆ ଧରି ଭିଡ ଜମାଇଛନ୍ତି। ତେବେ ସମସ୍ତେ ତାଲିମ କେନ୍ଦ୍ରରେ ପ୍ରଥମେ ଯୋଗଦେଇ ନିଜର ବୈଧ ଆବେଦନପତ୍ର ଦାଖଲ ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଡେପୁଟି ଜିଲ୍ଲାପାଳ ଦୁର୍ଗା ମୁର୍ମୁ ସୂଚନା ଦେବା ସହିତ ନିଜ କାର୍ଯ୍ୟାଳୟ ଫାଟକ ଉଭୟ ପାର୍ଶ୍ୱରେ ନୋଟିସ ଜାରି କରିଛନ୍ତି।

## ନବକଳେବର ହେବ ଜିଲ୍ଲା ଶିକ୍ଷକ ଭବନ; ଶିଳାନ୍ୟାସ କଲେ ନଗରପାଳ

ବାରିପଦା, ୧୩।୩(ସମିସ): ବାରିପଦା ପୌର ପରିଷଦର ୪ ନଂ. ୱାର୍ଡର ଲାଲବଜାର ସ୍ଥିତ ଶିକ୍ଷକ ଭବନ ପରିସରରେ ନୂତନ ଭବନ ନିର୍ମାଣ ଅବସରରେ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଯୋଗଦେଇ ଶିଳାନ୍ୟାସ କରିବା ସହ ଭୂମିପୂଜନ କରିଛନ୍ତି। ନୂତନ ଭବନ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପାଣ୍ଠିରୁ ୨୫ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି ବୋଲି ନଗରପାଳ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପନଗରପାଳ ସୀମା ଦାସ, ନିର୍ବାହୀ ଅଧିକାରୀ ଡଃ ମଧୁସ୍ମିତା ସାମନ୍ତରାୟ, ସ୍ଥାନୀୟ କାଉନସିଲର ଶିଖା ସ୍ୱାଇଁଙ୍କ ସମେତ ଶତାଧିକ ଶିକ୍ଷକ/ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ। ନୂତନ ଭବନ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅନୁଦାନ ତଥା ନଗରପାଳଙ୍କ ଉଦ୍ୟମ ପାଇଁ ଜିଲ୍ଲା ଶିକ୍ଷକ ସମାଜ ତରଫରୁ କୃତଜ୍ଞତା ଜଣାଇଥିଲେ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ବିମଳ କୁମାର ଆଚାର୍ଯ୍ୟ। ଶିକ୍ଷକମାନଙ୍କ ବହୁ ଦିନର ଆଶା ପୂରଣ ହେବାକୁ ଯାଉଛି ବୋଲି ବରିଷ୍ଠ ଶିକ୍ଷକ ନେତା ଶମ୍ଭୁନାଥ ପାଣି ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଏହି ଭବନ ଜିଲ୍ଲାର ସମସ୍ତ ବର୍ଗର ଶିକ୍ଷକଙ୍କ ପାଇଁ ସହାୟକ ହେବ। କାର୍ଯ୍ୟକ୍ରମରେ ଶିକ୍ଷକ ନେତା ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ, ସୋମନାଥ ସିଂହ, ହରେକୃଷ୍ଣ ବାରିକ, ଗଦାଧର ନାୟକ, ଛବିଲତା ବାରିକ, ଯାମିନୀକାନ୍ତ ପଣ୍ଡା, ପ୍ରଦୀପ କୁମାର ନାଥ, ସିଦ୍ଧେଶ୍ୱର ମିଶ୍ର, ଶିବ ନାରାୟଣ ମହାନ୍ତ, ସୂର୍ଯ୍ୟ ସେଠୀ, ଗୌର ଗୋପାଳ ଲେଙ୍କା, ଶୀତଲ ବେହେରା, ଦିଲ୍ଲୀପ ପାତ୍ର, ବନୋଜିନୀ ମିଶ୍ର, ରାକେଶ ପ୍ରଧାନ, ବେଣୁଗୋପାଳ ମହାନ୍ତ, ବଳରାମ ନାଥ, ଶିବଶଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶିକ୍ଷକ ନେତା ଈଶ୍ୱରଚନ୍ଦ୍ର ଷଡ଼ଙ୍ଗୀ, ପ୍ରଶାନ୍ତ ଦାସ, ଗଣେଶ୍ୱର ପଣ୍ଡାଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ।

## ଜିଲ୍ଲାସ୍ତରୀୟ ରନ୍ଧନ ପ୍ରତିଯୋଗିତା ଏବଂ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ




ବାରିପଦା, ୧୩।୩(ସମିସ): କୃଷି ବିଭାଗଙ୍କ ବୃହତ୍ ଉଠାଜଳସେଚନ ଅଞ୍ଚଳରେ ଫସଲ ବିବିଧିକରଣ ଯୋଜନାରେ ଜିଲ୍ଲାସ୍ତରୀୟ ରନ୍ଧନ ପ୍ରତିଯୋଗିତା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ବାରିପଦା ସ୍ଥିତ ପ୍ରୟାସ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଜିଲ୍ଲାର ୬ଟି କ୍ଲଷ୍ଟରରୁ ୮ଟି ବ୍ଲକ ଅନ୍ତର୍ଭୁକ୍ତ ବିଭିନ୍ନ ପଞ୍ଚାୟତରୁ ୧୮ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗଦେଇ ବିଭିନ୍ନ ଅଣଧାନରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସିଦ୍ଧାର୍ଥ ବେହୁରା ମୁଖ୍ୟଅତିଥି ଭାବେ ଯୋଗଦେଇ ଯୋଜନାର ଆଭିମୁଖ୍ୟ ସମ୍ପର୍କରେ ଚାଷୀଙ୍କ ନିକଟରେ ଉପସ୍ଥାପନ କରିଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ, ଜିଲ୍ଲା ସାମାଜିକ ଓ ମଙ୍ଗଳ ଅଧିକାରିଣୀ, ବୃହତ୍ ଜଳସେଚନ ପ୍ରକଳ୍ପର ଯନ୍ତ୍ରୀ ବାରିପଦା ମହିଳା ମହାବିଦ୍ୟାଳୟର ଗୃହ ବିଜ୍ଞାନ ବିଭାଗର ପ୍ରଫେସର, ବାରିପଦା, ବେତନଟୀ, ବାଙ୍ଗିରିପୋଷି ଏବଂ ଉଦଳା କୃଷି ଜିଲ୍ଲା ଅଧିକାରୀ ଉପସ୍ଥିତ ଥିଲେ। ଉକ୍ତ ଯୋଜନାରେ ଖରିଫ ଋତୁରେ ଉଚ୍ଚ ଓ ମଧ୍ୟମ କିସମ ଜମିରେ ଧାନ ଚାଷ ନକରି ଅଣଧାନ ଚାଷ ଯଥା ମୁଗ, ବିରି, ଚିନାବାଦାମ, ହରଡ, ମାଣ୍ଡିଆ, ପନିପରିବା ଇତ୍ୟାଦି କରିବା ପାଇଁ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ରନ୍ଧନ ପ୍ରତିଯୋଗିତାରେ ପ୍ରଣତି ଦାସ, ବନଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମ ସ୍ଥାନ, ଗ୍ଲୋରିଆ ପ୍ରଧାନ, ଖୁସି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱିତୀୟ ଓ ପୁଷ୍ପାଞ୍ଜଳି ରାଉତ, ମା' ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ ତୃତୀୟ ସ୍ଥାନ ଅଧିକାର କରିଛି। ଏହିସବୁ ଗୋଷ୍ଠୀଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ। ବିଭିନ୍ନ ବ୍ଲକର କୃଷି ଅଧିକାରୀ, ଉଦ୍ୟାନ କୃଷି ଅଧିକାରୀ, ବୃହତ ଉଠା ଜଳ ସେଚନର ଯନ୍ତ୍ରୀ, ଏଏଫସିର ଡିଏଲଏମ, ଏମଏସଏ, ଏଫଏ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଯୋଜନା ଅଧିକାରୀ ସୁଧାଂଶୁ ଶେଖର ପଣ୍ଡା ଏବଂ ବରିଷ୍ଠ ସହାୟକ ମାନସ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରକ୍ତ ଦେଇ ବାଳକର ଜୀବନ ବଞ୍ଚାଇଲେ ୨ ଆମ୍ବୁଲାନ୍ସ କର୍ମଚାରୀ



ବାରିପଦା, ୧୩।୩(ସମିସ): ଜଣେ ୧୪ ବର୍ଷର ବାଳକ ଥାଲାସେମିଆ ରୋଗୀଙ୍କୁ ନୂଆ ଜୀବନ ଦେଇଛନ୍ତି ୧୦୮ ଆମ୍ବୁଲାନ୍ସର ଦୁଇଜଣ କର୍ମଚାରୀ। ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଅନ୍ତର୍ଗତ ନାହାବସୋଲି ଅଞ୍ଚଳର ଦେବରାଜ ମହାନ୍ତ (୧୪) ଥାଲାସେମିଆ ରୋଗରେ ପୀଇତ ହୋଇ ବାରିପଦା ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ସେଠାରେ ହଠାତ ତାଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରୁ ଡାକ୍ତର ତାଙ୍କ ସମ୍ପର୍କୀୟଙ୍କୁ ତୁରନ୍ତ ଏ' ପଜିଟିଭ ଗ୍ରୁପର ରକ୍ତ ଯୋଗାଡ଼ କରିବା ଲାଗି ପରାମର୍ଶ ଦେଇଥିଲେ; ମାତ୍ର ଦୁର୍ଭାଗ୍ୟବଶତଃ ଡାକ୍ତରଖାନା ବ୍ଲଡବ୍ୟାଙ୍କରେ ଉକ୍ତ ବ୍ଲଡ ଗ୍ରୁପର ରକ୍ତ ଉପଲବ୍ଧ ନ ଥିଲା। ସମାନ ସମୟରେ ଅନ୍ୟ ଜଣେ ରୋଗୀଙ୍କୁ ନେଇ ସେହି ଡାକ୍ତରଖାନାକୁ ଆସିଥିବା ୧୦୮ ଆମ୍ବୁଲାନ୍ସର ଇଏମଟି ଦୀପକ ଭାନୁ ମହାପାତ୍ର ଏବଂ ସହାୟକ ସତ୍ୟନାରାୟଣ ଦାସ ଏହି ରୋଗୀଙ୍କ ସମ୍ପର୍କରେ ଜାଣିବାକୁ ପାଇଲେ। ଉଭୟ କର୍ମଚାରୀଙ୍କ ବ୍ଲଡଗ୍ରୁପ ମଧ୍ୟ ଏ' ପଜିଟିଭ ଥିଲା। ତେଣୁ ଆଉ ବିଳମ୍ବ ନ କରି ଉଭୟ କର୍ମଚାରୀ ତୁରନ୍ତ ରକ୍ତଦାନ କରିବାକୁ ଆଗେଇ ଆସି ଗୋଟିଏ ୟୁନିଟ ଲେଖାଏଁ ଏ' ପଜିଟିଭ ଗ୍ରୁପର ରକ୍ତଦାନ କଲେ। ତାଙ୍କର ଏହି ମହାନତା ସେହି ୧୪ ବର୍ଷୀୟ ବାଳକଙ୍କ ପାଇଁ ଏକ ନୂଆ ବରଦାନ ପାଲଟିଛି। ଏଥିପାଇଁ ଉଭୟ ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ସବୁ ମହଲରୁ ପ୍ରଶଂସାର ସୁଅ ଛୁଟୁଛି।

## ବିକାଶ ଜିଲ୍ଲା କଂଗ୍ରେସର ସୋସିଆଲ ମିଡିଆ ସଂଯୋଜକ

ବାରିପଦା, ୧୩।୩(ସମିସ): କଂଗ୍ରେସର ମୟୂରଭଞ୍ଜ ଜିଲ୍ଲାର ନୂତନ ସୋସିଆଲ ମିଡିଆ ସଂଯୋଜକ ବାରିପଦାର ବିକାଶ ମହାଭୋଇ ନିଯୁକ୍ତ ହୋଇଛନ୍ତି। ଏ ନେଇ ବୁଧବାର



ତାଙ୍କ ନାମ ଘୋଷଣା ହୋଇଥିବା ବେଳେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି। ବିକାଶ ଛାତ୍ର କଂଗ୍ରେସରେ ଛାତ୍ରନେତା ଭାବେ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ପୂର୍ବରୁ ଜିଲ୍ଲା ଛାତ୍ର କଂଗ୍ରେସର ସଭାପତି ଭାବେ କାର୍ଯ୍ୟଭାର ତୁଲାଇ ସାରିଛନ୍ତି। ତେବେ ଦଳ ପକ୍ଷରୁ ତାଙ୍କୁ ନୂତନ ଦାୟିତ୍ୱ ଭାବେ ସୋସିଆଲ ମିଡ଼ିଆ ମୟୁରଭଞ୍ଜ ଜିଲ୍ଲା ସଂଯୋଜକ ଦାୟିତ୍ୱ ପ୍ରଦାନ କରାଯାଇଛି। ସେ ଏହି ଦାୟିତ୍ୱ ପାଇଁ ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର, ପିସିସି ସଭାପତି ଶରତ ପଟ୍ଟନାୟକ, ସୋସିଆଲ ମିଡ଼ିଆ ଚେୟାରମ୍ୟାନ ଅମିୟ ପାଣ୍ଡବ ଓ ଜିଲ୍ଲା ସଭାପତି (ପୂର୍ବ) ନିରୋଜ ଲୋଚନ ଦାସଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି।

୩୦ରେ ଜିଲ୍ଲା ଓକିଲ ସଂଘ ନିର୍ବାଚନ; ୨୪ ଜଣଙ୍କ ନାମାଙ୍କନପତ୍ର ଦାଖଲ

# ସମ୍ପାଦକ ବ୍ୟତୀତ ସବୁ ପଦରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା

ବାରିପଦା, ୧୩।୩(ସମିସ): ମୟୂରଭଞ୍ଜ ଜିଲ୍ଲା ଓକିଲ ସଂଘ ନିର୍ବାଚନ ଆସନ୍ତା ୩୦ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ୧୧ ଓ ୧୨ ତାରିଖରେ ନାମାନଙ୍କ ପତ୍ର ଦାଖଲ ଶେଷ ହେବା ପରେ ବୁଧବାର ତାଲିକା ପ୍ରକାଶ ପାଇଛି। ୮ କାର୍ଯ୍ୟକାରୀ ସଦସ୍ୟ ଓ ଅନ୍ୟ ୭ଟି ପଦବୀ ପାଇଁ ମୋଟ ୨୪ଜଣ ନାମାନଙ୍କ ପତ୍ର ଦାଖଲ କରିଛନ୍ତି ବୋଲି ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ କୃଷ୍ଣଚନ୍ଦ୍ର ଦାସ କହିଛନ୍ତି। ସଭାପତି ପଦ ପାଇଁ ବିଭୁପ୍ରସାଦ ଦାସ ଓ ପ୍ରବୀର କୁମାର ବସା; ଉପସଭାପତି ପାଇଁ ସୁଜାତା ମିଶ୍ର ଓ କୃଷ୍ଣଚନ୍ଦ୍ର ମହାନ୍ତି ଏବଂ ସମ୍ପାଦକ ପଦ ପାଇଁ ସରୋଜ କୁମାର ଦାସ, ବିପ୍ଳବ ବାରିକ, ସତ୍ୟସ୍ୱରୂପ ଦାଶ ଓ ବୈଦନାଥ ସାହୁ ନାମାନଙ୍କପତ୍ର ଦାଖଲ କରିଛନ୍ତି। ସେହିପରି ଯୁଗ୍ମ ସମ୍ପାଦକ ପାଇଁ ବନମାଳୀ ବାରିକ ଓ ସ୍ୱରୂପ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ (ପ୍ରଶାସନ) ପାଇଁ ପଙ୍କଜ କୁମାର ମହାକୁଡ ଓ ସତ୍ୟବାନ ପାଲ, ଯୁଗ୍ମ ସମ୍ପାଦକ (ପାଠାଗାର) ପାଇଁ ଅଶୋକ କୁମାର ପଣ୍ଡା ଓ ସତ୍ୟନାରାୟଣ ବେହେରା ଏବଂ କୋଷାଧକ୍ଷ ପାଇଁ ପଦ୍ମଲୋଚନ ମହାନ୍ତ ଓ ଶାନ୍ତନୁ କୁମାର ପାଲ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ୮ଟି କାର୍ଯ୍ୟକାରୀ ସଦସ୍ୟ ପଦ ପାଇଁ ଉତ୍ତମ କୁମାର ଦଳବେହେରା, ମାନସ ରଞ୍ଜନ ବେହେରା, ସୁସମିତା ଘୋସାଲ, ଗୌତମ ଶଙ୍କର ରାୟ, ସୁଧାଂଶୁ ଶେଖର ପାଉଲ, ଜ୍ଞାନରଞ୍ଜନ ଜେନା, ସ୍ୱପ୍ନା ମହାନ୍ତି ଓ ଦେବରାଜ ମିଶ୍ର ପ୍ରମୁଖ ନାମାନଙ୍କ ପତ୍ର ଦାଖଲ କରିଛନ୍ତି। ତେବେ ଏହିସବୁ ପ୍ରାର୍ଥୀଙ୍କ କେହି ପ୍ରତିଦ୍ୱନ୍ଦ୍ୱୀ ନ ଥିବାରୁ ସମସ୍ତେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ। ୧୪ତାରିଖ ପ୍ରାର୍ଥିପତ୍ର ଯାଞ୍ଚ ହେବାକୁ ଥିବା ବେଳେ ୧୫ତାରିଖ ବୈଧ ତାଲିକା ପ୍ରକାଶ ପାଇବ। ୧୬ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଓ ୧୮ତାରିଖରେ ପୂର୍ଣ୍ଣାଙ୍ଗ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଆବଶ୍ୟକ ପଡ଼ିଲେ ୩୦ ତାରିଖରେ ସକାଳ ୮ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ମତଦାନ ଓ ୪ଟାରୁ ଗଣତି ଆରମ୍ଭ ହୋଇ ଶେଷ ହେବା ପରେ ଫଳଫଳ ଘୋଷଣା କରାଯିବ ବୋଲି ନିର୍ବାଚନ ଅଧିକାରୀ କହିଛନ୍ତି।




## ଏମ୍‌ସିଏମ୍‌ରେ ଓଡ଼ିଆ ବିଭାଗର ଆଲୋଚନାଚକ୍ର

ବାରିପଦା, ୧୩।୩(ସମିସ): ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍‌ସୀ ଆଣ୍ଡ ମ୍ୟାନେଜମେଣ୍ଟ (ଏମସିଏମ) ପକ୍ଷରୁ ଓଡ଼ିଆ ସ୍ନାତକୋତ୍ତର ବିଭାଗ ଦ୍ୱାରା 'ପଞ୍ଚ ସଖା ସାହିତ୍ୟର ସାମାଜିକ ପୃଷ୍ଠଭୂମି' ଶୀର୍ଷକ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଆଲୋଚନାଚକ୍ରର ମହତ୍ୱ ପ୍ରତିପାଦନ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡ଼. ଠାକୁରା ଚରଣ ମାରାଣ୍ଡି ମୁଖ୍ୟବକ୍ତା ଭାବେ ଯୋଗଦେଇ ପଞ୍ଚସଖା ସାହିତ୍ୟର ସାମାଜିକ ଭିତ୍ତିଭୂମି ଉପରେ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିଥିଲେ ଏବଂ ପ୍ରଶ୍ନୋତ୍ତର ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ପଞ୍ଚସଖା ସାହିତ୍ୟ ଉପରେ ଥିବା




ସନ୍ଦେହକୁ ଦୂର କରିଥିଲେ। ଓଡ଼ିଆ ବିଭାଗର ଅଧ୍ୟାପିକା ତୃପ୍ତି ଦାସ ଆଲୋଚନାର ନେତୃତ୍ୱ ନେବା ସହ ପଞ୍ଚସଖା ସାହିତ୍ୟରେ ବଳରାମ ଦାସଙ୍କ ଭୂମିକାକୁ ପର୍ଯ୍ୟାଲୋଚନା କରିବା ସହିତ ସାମାଜିକ ଅଗ୍ରଗତି ନିମନ୍ତେ 'ଜଗମୋହନ ରାମାୟଣ' କାବ୍ୟର ଗୁରୁତ୍ୱ ଦର୍ଶାଇଥିଲେ। ଓଡ଼ିଆ ସ୍ନାତକୋତ୍ତର ବିଭାଗର ଛାତ୍ର ଛାତ୍ରୀ ଇପ୍ସିତା ବେହେରା, ଅର୍ଚ୍ଚନା ବାରିକ, ରୁଦ୍ରନାରାୟଣ ବେହେରା, ସରିତା ବିନ୍ଧାଣି, ଉମାବତୀ ପାତ୍ର, ପ୍ରମିଳା ମହାନ୍ତ, ଛବିରାଣୀ ମହାନ୍ତ, ଭୋଲବଲା ଶଙ୍କର ମହାନ୍ତ, ମାନସ ରଞ୍ଜନ ଗିରି, ଲିଜାଲିନ ବିଶ୍ୱାଳ, ସ୍ନେହଲତା ପ୍ରଧାନ, ମୋନାଲିସା ବାରିକ୍ ପ୍ରମୁଖ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଆଲୋଚନାଚକ୍ରରେ ଅଧ୍ୟାପକ ଚୌଧୁରୀ ଚରଣ ପାତ୍ର, ଅଧ୍ୟାପିକା ସବିତା ରାଣୀ ଦାଶ, ପ୍ରତିଭା ଦାସ, ମୀରା ସେନାପତି ଏବଂ ସସ୍ମିତା ସି ଅଂଶ ଗ୍ରହଣ କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ପରିଶେଷରେ ଓଡ଼ିଆ ବିଭାଗର ଅଧ୍ୟାପିକା ଜ୍ୟୋତିର୍ମୟୀ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତରୁ ଖସୁଛି କଂକ୍ରିଟ୍; ଅସୁରକ୍ଷିତ ଅଙ୍ଗନବାଡ଼ି କେନ୍ଦ୍ର

**କୁଆମରା, ୧୩।୩(ସମିସ):** ତୃଣମୂଳ ସ୍ତରରୁ ସରକାର ଅଙ୍ଗନବାଡି କେନ୍ଦ୍ରକୁ ଗୁରୁତ୍ୱ ଦେଇ ଆସୁଥିବା ବେଳେ ଖୁଣ୍ଟା ବ୍ଲକର ବିଭିନ୍ନ କେନ୍ଦ୍ରର ଅବ୍ୟବସ୍ଥା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକର ଗଡ଼ି ଗାଁ ପଞ୍ଚାୟତ ଦେଉଳା ଅଙ୍ଗନବାଡି କେନ୍ଦ୍ରଟି ୧୯୮୬ ମସିହାରେ ପ୍ରତିଷ୍ଠିତ ହୋଇଥିଲା। ଏହି କେନ୍ଦ୍ରରେ ୨୯ ଜଣ ଶିଶୁଙ୍କ ନାମ ପଞ୍ଜୀକରଣ କରାଯାଇଛି। ମାତ୍ର ଗୃହର ଅବସ୍ଥା ନ କହିବା ଭଲ। ବର୍ଷା ଦିନେ ଛାତରୁ ପାଣି ଝରିବା ଯୋଗୁଁ ଭିତରେ ଥିବା କାଗଜପତ୍ର ନଷ୍ଟ ହୋଇଯାଉଛି। ଏପରିକି ସାମାନ୍ୟ ବର୍ଷା ହେଲେ ଗୃହରେ ପାଣି ଲହଡି ମାରୁଛି। ଫଳରେ କୁନି କୁନି ପିଲା ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ବ୍ୟତୀତ କାନ୍ଥରେ ବର୍ଷା ପାଣି ଝରିବା ଯୋଗୁଁ କବାଟ ଝରକା ମଧ୍ୟ ନଷ୍ଟ ହୋଇଗଲାଣି। ଛାତରୁ କଂକ୍ରିଟ୍ ଖଣ୍ଡ ଖସିବା ଆରମ୍ଭ କଲାଣି। ଅଙ୍ଗନବାଡି ସମ୍ମୁଖରେ ନୂତନ ମମତା ଗୃହ ଓ ପାଇଖାନା ତିଆରି ହୋଇଥିଲେ ମଧ୍ୟ ମମତା ଗୃହକୁ ଆଜି ପର୍ଯ୍ୟନ୍ତ ଅଙ୍ଗନବାଡି କର୍ମୀଙ୍କୁ ହସ୍ତାନ୍ତର କରାଯାଇ ନାହିଁ। ନୂତନ ଘରେ ତାଲା ଝୁଲୁଛି। ସେହିପରି ପାଇଖାନା ଘର ନିର୍ମାଣ କାର୍ଯ୍ୟ ସରି ଯାଇଥିବା ବେଳେ ସେଠାରେ କାଠଜାଳ ଓ ଅନ୍ୟାନ୍ୟ ସାମଗ୍ରୀ ରଖାଯାଇଛି। ସେହିପରି ମଲାରପଦା ଅଙ୍ଗନବାଡି କେନ୍ଦ୍ରରେ ୨୨ ଜଣ ଶିଶୁ ଥିବା ବେଳେ ତାଙ୍କ ପାଇଁ ମଧ୍ୟ ଗୃହ ବିପଦପୂର୍ଣ୍ଣ ସାଜିଛି। ମରାମତି ଅଭାବରୁ ଛାତରୁ ପାଣି ଗଳିବା ସହ ସେଠାରେ ମଧ୍ୟ କବାଟ ଝରକା ଗୁଡିକ ଭାଙ୍ଗିରୁଜି ଗଲାଣି। ଏଠାରେ ପାଇଖାନା ନିର୍ମାଣ କାର୍ଯ୍ୟ ସରିଯାଇଥିଲେ ମଧ୍ୟ ସମ୍ପୃକ୍ତ ଠିକାଦାର କିମ୍ବା ବିଭାଗୀୟ ପକ୍ଷରୁ ହସ୍ତାନ୍ତର କରାଯାଇନାହିଁ ଅଙ୍ଗନବାଡି କର୍ମୀଙ୍କୁ। ଉଭୟ କେନ୍ଦ୍ର ଏବେ ଅସୁରକ୍ଷିତ ରହିଛି। ଏ ନେଇ ସିଡିପିଓ ରଞ୍ଜୁରାଣୀ ଦାସଙ୍କୁ ଯୋଗାଯୋଗ କରିବାରୁ ଗୃହର ଅବସ୍ଥା ବାବଦରେ ରିପୋର୍ଟ ପଠାଯାଇଛି। ଖୁବ୍ ଶୀଘ୍ର ମରାମତି ହେବ ବୋଲି କହିଛନ୍ତି।



## ବାଲିଘାଟରୁ ଜେସିବି ସମେତ ଦୁଇ ହାଇୱା ଜବତ

**ସାରସକଣା/ଜାମଶୋଳା, ୧୩।୩ (ସମିସ):** ଝାରପୋଖରିଆ ପୁଲିସ ଦ୍ୱାରା ସୁବର୍ଣ୍ଣରେଖା ନଦୀର ଜାମଶୋଳା ନିକଟ ବେଆଇନ ବାଲିଘାଟରୁ ବାଲି ଉତ୍ତୋଳନ ଅଭିଯୋଗରେ ଗୋଟିଏ ଜେସିବି ସହିତ ୨ଟି ହାଇୱା ଜବତ ହୋଇଛି। ବୁଧବାର ସକାଳୁ ଜାମଶୋଳା ବେଆଇନ୍ ଘାଟରୁ ଚୋରା ବାଲି ଚାଲାଣ ହେଉଥିବା ଖବର ପାଇ ପୁଲିସ ଚଢ଼ଉ କରି ଗୋଟିଏ ଜେସିବି ସହିତ ଦୁଇଟି ହାଇୱାକୁ ଜବତ କରିଥିଲା। ପରେ ଏ ନେଇ ପୁଲିସ ଏକ ମାମଲା ରୁଜୁ କରିଛି। ସାରସକଣା ତହସିଲଦାର ଓ ମୟୂରଭଞ୍ଜ ମାଇନିଂ ବିଭାଗର ଜାଣି ସୁଦ୍ଧା କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ଏକାଧିକ ବେସରକାରୀ ଘାଟ ଚାଲୁଛି। ଚୋରା ବାଲି ପଡୋଶୀ ପଶ୍ଚିମବଙ୍ଗ ଓ ଝାଡଖଣ୍ଡକୁ ଚାଲାଣ ହେଉଥିବାରୁ ଓଡ଼ିଶା ସରକାର ବ୍ୟାପକ ରାଜସ୍ୱ ହରାଉଛନ୍ତି।

# ବିକ୍ରି ହୋଇଥିବା ୨ ଭଉଣୀ ରାଜସ୍ଥାନ ଓ ମଧ୍ୟପ୍ରଦେଶରୁ ଉଦ୍ଧାର

## ୨.୨୦ ଲକ୍ଷ ଟଙ୍କାରେ ହୋଇଥିଲେ ବିକ୍ରି / ବିବାହ କରିଥିବା ଯୁବକ ଗିରଫ; ମୁଖ୍ୟ ଦଲାଲ ଫେରାର

**ବିଶୋଇ, ୧୩।୩ (ସମିସ)**

ଚାକିରି ପ୍ରଲୋଭନ ଦେଖାଇ ବାହାର ରାଜ୍ୟକୁ ନେବାପରେ ସେଠାରେ ଦୁଇ ଭଉଣୀଙ୍କୁ ବିକ୍ରି କରିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏପରି ଏକ ଘଟଣା ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ବିଶୋଇ ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ବିକ୍ରି ହୋଇଥିବା ଦୁଇ ଭଉଣୀ ହେଲେ ବିଶୋଇ ଥାନା ଅନ୍ତର୍ଗତ ନୂଆଗାଁ ପଞ୍ଚାୟତର କୁରୁକୁଟିଆ ଗ୍ରାମର ଶୋଭରାମ ନାୟକଙ୍କ ଦୁଇ ଝିଅ ରୀତାରାଣୀ ନାୟକ (୨୨) ଓ ଲକ୍ଷ୍ମୀ ନାୟକ (୨୦)। ଏମାନଙ୍କୁ ନେଇଥିବା ଦେବଯାନୀ ନାୟକ (୩୫)ଙ୍କ ପତ୍ତା ମିଳୁନଥିବା ବେଳେ ଘଟଣାର ମୁଖ୍ୟ ଅଭିଯୁକ୍ତ କୁଳିଅଣା ଥାନା ଅନ୍ତର୍ଗତ ପାରିଆକୁଲି ଗ୍ରାମର ବାପି ନାୟକ (୪୬) ଓରଫ ରାଜୁ ଫେରାର ରହିଛି। ସାନ ଭଉଣୀ ଲକ୍ଷ୍ମୀଙ୍କୁ କିଣି ନେଇ ବିବାହ କରିଥିବା ଯୁବକ ମଧ୍ୟପ୍ରଦେଶ ସେଜୱାଲି ଗ୍ରାମର କ୍ରିପାଲ ପାଲ (୨୭)କୁ ପୁଲିସ ଗିରଫ କରିଛି।

ସୂଚନାଥାଉ କି, କୁଳିଅଣା ଗ୍ରାମର ପରିଚୟ ଦେଇ ବାପି ନାୟକ ନାମକ ଜଣେ ଯୁବକ ଚାକରି କରାଇ ଦେବାକୁ କହି କୁରୁକୁଟିଆ ଗ୍ରାମର ବିଧବା ଦେବଯାନୀଙ୍କ ସହିତ କଥା ହୋଇଥିଲେ। ରାଉରକେଲା ଷ୍ଟିଲ ପ୍ଲାଣ୍ଟରେ ଚାକିରି କରିବା ସହିତ ମାସିକ ୧୭ ହଜାର ଟଙ୍କା ଦେବେ ବୋଲି ବାପି ଦେବଯାନୀଙ୍କୁ କହିଥିଲେ। ଅନ୍ୟ ଯୁବତୀଙ୍କୁ ମଧ୍ୟ ନେବା ପାଇଁ କହିଥିଲେ। ପରେ ଦେବଯାନୀ ତାଙ୍କ ଗ୍ରାମର ୨ ଭଉଣୀ ରୀତାରାଣୀ ଓ ଲକ୍ଷ୍ମୀଙ୍କୁ କହିବାରୁ ତାଙ୍କ ପରିବାର ରାଜି ହୋଇଥିଲେ। ଡିସେମ୍ବର ୬ ତାରିଖ ସନ୍ଧ୍ୟାରେ ବାପି ବାରିପଦାରୁ ଏକ ଘରୋଇ ବସ୍‌ରେ ଆସି ଦେବଯାନୀ ସମେତ ରୀତା ଏବଂ ଲକ୍ଷ୍ମୀଙ୍କୁ ରାଉରକେଲା ନେଇଥିଲେ। ରାଉରକେଲାରେ ପହଞ୍ଚିବା ପରେ ପ୍ରଥମେ ରାଜସ୍ଥାନରେ ଟ୍ରେନିଂ ଏବଂ ପରେ ଚାକିରି ଦିଆଯିବ ବୋଲି ଦେବଯାନୀ ଏବଂ ବାପି କହିଥିଲା। ରାଉରକେଲାରୁ ଟ୍ରେନ ଯୋଗେ ୩ ଜଣଙ୍କୁ ବାପି ରାଜସ୍ଥାନକୁ ନେଇଯାଇ ଏକ ଲଜ୍‌ରେ ରଖିଥିଲା। ଡିସେମ୍ବର ୧୧ ତାରିଖରେ ଲକ୍ଷ୍ମୀ ରାଜସ୍ଥାନରେ ଅଛନ୍ତି ବୋଲି କହିବା ସହିତ ୧୨ ତାରିଖରୁ ଟ୍ରେନିଂ ଆରମ୍ଭ ହେବ ବୋଲି ତାଙ୍କ ବାପା ଶୋଭରାମଙ୍କୁ ଫୋନ ଯୋଗେ ଜଣାଇଥିଲା ବାପି; ମାତ୍ର ୧୩ ତାରିଖରେ ଶୋଭରାମ ତାଙ୍କ ଝିଅ ସହିତ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରିଥିଲେ ସୁଦ୍ଧା ତାଙ୍କ ଫୋନ ବନ୍ଦ ରହିଥିଲା। ପରେ ଶୋଭାରାମ ବିଶୋଇ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତେବେ ଦୁଇ ଭଉଣୀଙ୍କ କହିବା ମୁତାବକ, ସେମାନେ ଲଜରେ ରହୁଥିବା ସମୟରେ ବାପି ରାଜସ୍ଥାନର ସରିତା ନାମକ ଏକ ମହିଳା ସହିତ ଆସି ଏକ ଗାଡିରେ ନେଇଥିଲା। ବାପି ଲକ୍ଷ୍ମୀଙ୍କୁ ରାଜସ୍ଥାନ ସ୍ଥିତ ଏକ କୋର୍ଟକୁ ନେଇ ସେଜୱାଲ ଗ୍ରାମର କ୍ରିପାଲକୁ ବିବାହ କରାଇ ୧ ଲକ୍ଷ ଟଙ୍କାରେ ବିକ୍ରି କରିଥିଲା। ଲକ୍ଷ୍ମୀଙ୍କୁ କିଣିଥିବା କ୍ରିପାଲ ତାଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ ବିବାହ କରିଥିଲା। ସେହିପରି ରୀତାରାଣୀଙ୍କୁ ମଧ୍ୟପ୍ରଦେଶର ଖେଡଦା ଗ୍ରାମର ଢାବାରେ କାମ କରୁଥିବା ଲକେଶ ନାମକ ଯୁବକକୁ ୧ ଲକ୍ଷ ୨୦ ହଜାର ଟଙ୍କାର ବିକ୍ରି କରିବା ପରେ ବିବାହ କରିଥିଲା। ବିବାହ ପରେ ଲକ୍ଷ୍ମୀ ଅନ୍ୟ ଫୋନ ନମ୍ବରରେ ନିଜ ବାପାଙ୍କୁ ଫୋନ କରି ଉଦ୍ଧାର କରିବା ପାଇଁ କହୁଥିବାବେଳେ ଫୋନ କାଟି ଦିଆଯାଉଥିଲା। ବିଶୋଇ ପୁଲିସ ଉକ୍ତ ଫୋନ ନମ୍ବରକୁ ଟ୍ରାପ କରି ଓଆଇସି ମିନି ଭୋଇଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ଘନଶ୍ୟାମ ମଲ୍ଲିକ, କନେଷ୍ଟବଳ ଗଣେଶ୍ୱର ମହାନ୍ତ, ଜାମିନ ବାରିକ, ଗୃହରକ୍ଷୀ ଅନୀଲ ସେଠୀଙ୍କୁ ନେଇ ଏକ ଟିମ ଗଠନ କରାଯାଇଥିଲା। ଏହି ଟିମ୍ ୮ ତାରିଖରେ ରାଜସ୍ଥାନ ଅଭିମୁଖେ ବାହାରି ଲକ୍ଷ୍ମୀଙ୍କୁ ରାଜସ୍ଥାନରୁ ଉଦ୍ଧାର କରିଥିଲା। ସେହିପରି ଲକ୍ଷ୍ମୀ ବଡଭଉଣୀ ରୀତାରାଣୀଙ୍କ ଠିକଣା ଦେବା ପରେ ପୁଲିସ ମଧ୍ୟପ୍ରଦେଶରେ ପହଞ୍ଚି ଉଦ୍ଧାର କରିଛି। ତେବେ ମୁଖ୍ୟ ଅଭିଯୁକ୍ତ ବାପି ଫେରାର ଥିବାବେଳେ ଦେବଯାନୀର ବର୍ତ୍ତମାନ ସୁଦ୍ଧା ପତ୍ତା ମିଳିପାରିନାହିଁ। ରିପୋର୍ଟ ଲେଖାହେବା ଯାଏଁ ଦୁଇ ଭଉଣୀ ଥାନାରେ ଅଟକ ଥିବାବେଳେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ କହିଛି।



# ଡ. ସଂଗ୍ରାମ କେଶରୀ ମଲ୍ଲିକଙ୍କୁ ମା’ କୀଚକେଶ୍ୱରୀ ସାହିତ୍ୟ ସମ୍ମାନ



**ଶୁକ୍ଳି, ୧୩।୩(ସମିସ):** ଖିଚିଂ ମହୋତ୍ସବ ଓଡ଼ିଶା କଳା ସାହିତ୍ୟ ଓ ସଂସ୍କୃତିର ଅନନ୍ୟ ରଙ୍ଗ ମଞ୍ଚ। ମୟୂରଭଞ୍ଜର ଐତିହାସିକ ପୀଠ ଖିଚିଂଠାରେ ମା’ କୀଚକେଶ୍ୱରୀଙ୍କ ପୁଣ୍ୟ ପୀଠ ରହିଛି। ପ୍ରତି ବର୍ଷ ଜାଗର ସମୟରେ ଏହି ପୁରାଣ ପ୍ରସିଦ୍ଧ ତୀର୍ଥ କ୍ଷେତ୍ରରେ ଅନୁଷ୍ଠିତ ହୁଏ ଖିଚିଂ ମହୋତ୍ସବ। ଏହି ଅବସରରେ କୃତୀ ଓ କିର୍ତ୍ତୀଙ୍କୁ ସମ୍ମାନ ଜଣାଇବା ଅଭିପ୍ରାୟରେ ଶିକ୍ଷା, ସାହିତ୍ୟ, କଳା ଓ ସଂସ୍କୃତି କ୍ଷେତ୍ରରେ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ଚଳିତବର୍ଷ ଶୁକ୍ଳି ସ୍ନାତକ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ସଂଗ୍ରାମ କେଶରୀ ମଲ୍ଲିକଙ୍କୁ ମା’ କୀଚକେଶ୍ୱରୀ ସାହିତ ସମ୍ମାନ ପ୍ରଦାନ କରାଯାଇଛି। ପ୍ରଗତିଶୀଳ ସାହିତ୍ୟ ସଂଗଠନ ‘ଦଧୀଚି’ର ସଭାପତି ଡ଼ଃ ମଲ୍ଲିକ ଜଣେ କବି ଓ ଆକାଶବାଣୀର ଗୀତିକାରଭାବେ ଜଣାଶୁଣା। ଶିକ୍ଷା ସାହିତ୍ୟ ଓ ସମାଜ ସେବା କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ଏହି ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସମାଜସେବୀ ସ୍ୱରୂପ ଦାଶ ଅଧିକାରୀ, ଶ୍ରୀକାନ୍ତ ନାଏକ, ମନ୍ଦିରର ମୁଖ୍ୟ ପୂଜକ ଦିଲ୍ଲୀପ ପାଣିଗ୍ରାହୀ, ମନ୍ଦିର ପରିଛା ଅଜୟ କୁମାର ସାହୁ ଓ ମହୋତ୍ସବ ସମ୍ପାଦକ ସୁମନ୍ତ କୁମାର ଗିରିଙ୍କ ଉପସ୍ଥିତିରେ ପାଞ୍ଚପୀଢ କରଞ୍ଜିଆର ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ ଡ଼ଃ ମଲ୍ଲିକଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ମହୋତ୍ସବର ପ୍ରଥମ ଦିବସରେ ଡ଼ଃ ମଲ୍ଲିକଙ୍କ ସମ୍ପାଦନାରେ ପ୍ରକାଶିତ ‘ମହୋତ୍ସବ ସ୍ମରଣିକା -୨୦୨୪’କୁ କେନ୍ଦ୍ରମନ୍ତ୍ରୀ ଇଂ ବିଶ୍ୱେଶ୍ୱର ଟୁଡୁ ଓ ବିଧାୟକ ଇଂ ଗଣେଶ ରାମସିଂ ଖୁଣ୍ଟିଆ ଉଦଘାଟନ କରିଥିଲେ।

# ରୂପାନ୍ତରିତ ବାରୁଣୀ ଶ୍ମଶାନ ପୁଷ୍କରିଣୀ ଲୋକାର୍ପିତ

**ବାରିପଦା, ୧୩।୩ (ସମିସ):** ବାରିପଦା ପୌର ପରିଷଦ ପକ୍ଷରୁ ବାରୁଣୀ ସ୍ଥିତ ଶ୍ମଶାନ ପୁଷ୍କରିଣୀର ପୁନରୁଦ୍ଧାର ପରେ ନୂତନ ରୂପ ନେଇଛି। ବୁଧବାର ସନ୍ଧ୍ୟାରେ ଏହି ରୂପାନ୍ତରିତ ପୁଷ୍କରିଣୀକୁ ସର୍ବସାଧାରଣଙ୍କ ବ୍ୟବହାର ନିମନ୍ତେ ପୌରପରିଷଦ ପକ୍ଷରୁ ଉଦଘାଟନ କରାଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ଉପ ନଗରପାଳ ସୀମା ଦାସ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼ଃ ମଧୁସ୍ମିତା ସାମନ୍ତରାୟ ପ୍ରମୁଖ ଯୋଗଦେଇ ଉଦଘାଟନ କରିଥିଲେ। ବାରିପଦା ସହରର ଶ୍ମଶାନ ବାରୁଣୀଘାଟ ସହିତ ବାରିପଦା ବାସୀଙ୍କ ଆସ୍ଥା ଓ ବିଶ୍ୱାସ ବହୁ ପୂର୍ବରୁ ଯୋଡି ହୋଇରହିଛି। ରାଜା ରାଜୁଡା ଅମଳର ଉକ୍ତ ପୁଷ୍କରିଣୀ ପରିଚୟ ହରାଇବାକୁ ବସିଥିଲା। ମୟୂରଭଞ୍ଜ ମହାରାଜାଙ୍କ ଦ୍ୱାରା ବାରିପଦାର ସର୍ବପୁରାତନ ବା ପ୍ରଥମ ବାରୁଣୀ ଶ୍ମଶାନ ଘାଟ ସ୍ଥାପିତ ହୋଇଥିଲା। ଏଠାରେ ପିଢି ପରେ ପିଢିର ଲୋକେ ଦାହ ବା ଅନ୍ତିମ ସଂସ୍କାର କାର୍ଯ୍ୟ ଜାରି ରଖିଛନ୍ତି। ତେବେ ଦାହ ପୂଜାବିଧି ଓ ସ୍ନାନ ଲାଗି ଶ୍ମଶାନକୁ ଲାଗି ଏକ ଜଳାଶୟର ବ୍ୟବସ୍ଥା କରାଯାଇଥିଲା; କିନ୍ତୁ ପୁନରୁଦ୍ଧାର ଅଭାବରୁ ତାହା ପୋତି ହୋଇ ନଷ୍ଟ ହେବାକୁ ବସିଥିଲା। ଯାହାର କି ବାରିପଦା ପୌରପାଳିକା ପକ୍ଷରୁ ପୁନରୁଦ୍ଧାର କରାଯାଇଛି। ରାଜ୍ୟ ସରକାରଙ୍କ ମୁକ୍ତା ଯୋଜନାରେ ଅର୍ଥ ବ୍ୟୟ କରି ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମ୍ପାଦନ କରାଯାଇଛି। ଉଦଘାଟନ କାର୍ଯ୍ୟକ୍ରମରେ ସମସ୍ତ ୱାର୍ଡ କାଉନସିଲର ଓ ପୌର କର୍ମଚାରୀ ଉପସ୍ଥିତ ଥିଲେ।



## ୬ ଦଫା ଦାବି ନେଇ ଭଞ୍ଜସେନାର ଉପଜିଲ୍ଲାପାଳଙ୍କୁ ଦାବିପତ୍ର



**ଉଦଳା, ୧୩।୩(ସମିସ):** କପ୍ତିପଦା ଉପଖଣ୍ଡ ଭଞ୍ଜସେନା ପକ୍ଷରୁ ବୁଧବାର ୬ ଦଫା ସମ୍ବଳିତ ଏକ ଦାବିପତ୍ର ଉପଜିଲ୍ଲାପାଳ ସୁଶାନ୍ତ ବାରିକଙ୍କୁ ପ୍ରଦାନ କରିଛନ୍ତି। ଉପଖଣ୍ଡର ବିଭିନ୍ନ ସମସ୍ୟା ତଥା ଦାବି ଉପରେ ପଦକ୍ଷେପ ନେବାକୁ ସେମାନେ ଦାବି କରିଥିଲେ। ଆଜି ଏନେଇ ଉପଖଣ୍ଡ ସଭାପତି ରବିନ ମହାନ୍ତିଙ୍କ ନେତୃତ୍ୱରେ କିଷନ ସାହୁ, ଚନ୍ଦନ ସ୍ୱାଇଁ, ସେରାଲ ମୁର୍ମୁ, ସଞ୍ଜୟ ମୁର୍ମୁ ପ୍ରମୁଖ ଉପଜିଲ୍ଲାପାଳଙ୍କୁ ଭେଟି ଦାବି ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଦାବି ମଧ୍ୟରେ କେନ୍ଦ୍ରୀୟ ବିଦ୍ୟାଳୟ, ଉଦଳାକୁ ରେଳ ସଂଯୋଗ, ଶରତ-ଠାକୁରମୁଣ୍ଡା ରାସ୍ତା ନିର୍ମାଣ, ଉପଖଣ୍ଡ ଡାକ୍ତରଖାନାରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି, କାଳଡ୍ୟାମର ପର୍ଯ୍ୟଟନ ଭିତ୍ତିଭୂମି ଏବଂ ଉଦଳାକୁ ପୌରପରିଷଦ ଓ ଶରତରେ ବ୍ଲକ ପ୍ରତିଷ୍ଠା ଆଦି ରହିଛି। ଆଗାମୀ ଦିନରେ ପଦକ୍ଷେପ ନ ନେଲେ ଭଞ୍ଜସେନା ଆନ୍ଦୋଳନକୁ ଓହ୍ଲାଇବ।

# ମାଣିକସାହିରେ ପାନୀୟ ଜଳାଭାବ; ପାଣିଟାଙ୍କି ନିର୍ମାଣ ଦାବିରେ ଆନ୍ଦୋଳନ



**ଠାକୁରମୁଣ୍ଡା, ୧୩।୩(ସମିସ):** ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଜରକ ପଞ୍ଚାୟତ ମାଣିକ ସାହିରେ ପାନୀୟ ଜଳର ଉତ୍କଟ ଅଭାବ ଦେଖାଦେଇଛି। ଜରକ ପାଣି ଟାଙ୍କିରୁ ଦୀର୍ଘ ରାସ୍ତା ଅତିକ୍ରମ କରି ପାଇପ ଯୋଗେ ଆସୁଥିବା ପାଣି ମାଣିକ ସାହିରେ ପହଞ୍ଚିପାରୁନାହିଁ।

ତେଣୁ ମାଣିକ ସାହିରେ ଏକ ଓଭରହେଡ୍ ପାଣିଟାଙ୍କି ନିର୍ମାଣ କରିବା ନିମନ୍ତେ ଗ୍ରାମବାସୀ ଦୀର୍ଘଦିନ ହେଲା ଦାବି କରିଆସୁଛନ୍ତି; ହେଲେ ବ୍ଲକ ପ୍ରଶାସନ ଓ ଆରଡବ୍ଲୁଏସଏସ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେଉନାହିଁ। ଗ୍ରାମବାସୀଙ୍କ ଦାବିପ୍ରତି ପ୍ରଶାସନ କାଳକ୍ଷେପଣ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହେଉଛି। ତେଣୁ ବୁଧବାର ଗ୍ରାମବାସୀ ମାଣିକସାହିରେ ଓଭରହେଡ୍ ଟାଙ୍କି ନିର୍ମାଣ କରିବା ନିମନ୍ତେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ପରେ ବିଡିଓଙ୍କ ଏକ ଦାବିପତ୍ର ପ୍ରଦାନ କରିଥିଲେ ଗ୍ରାମବାସୀ। ମାଣିକ ସାହି ଗ୍ରାମର କେଶିରାମ ହୋ’ଙ୍କ ନେତୃତ୍ୱରେ ବିଜୟ ପୂର୍ତ୍ତି, ଚକ୍ରଧର ପୂର୍ତ୍ତି, ଦୀପକ କାଣ୍ଡେୟାନ, ରାଣୀ ପୂର୍ତ୍ତି, ଯମୁନା ଚଳା, ସୁମତି ଦେଓଗାମ, ବାଲି କାଣ୍ଡେୟାନ ସମେତ ବହୁ ପୁରୁଷ ଓ ମହିଳା ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।

# ବିଧାୟକଙ୍କୁ ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ସଂଗଠନର ଦାବିପତ୍ର



**କୁଆମରା, ୧୩।୩(ସମିସ):** ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ନିର୍ଦ୍ଦେଶ କ୍ରମେ ଖୁଣ୍ଟା ଓ ଗୋପବନ୍ଧୁ ନଗର ବ୍ଲକର ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବିଧାୟକ ଭାସ୍କର ଚନ୍ଦ୍ର ମଢେଇଙ୍କୁ ବୁଧବାର ଏକ ୭ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରମୁଖ ଦାବି ମଧ୍ୟରେ ମାସିକ ଚିକିତ୍ସା ଭତ୍ତା, ସ୍ୱାସ୍ଥ୍ୟ ବୀମା, କୋଭିଡ ସମୟରେ ୧୮ ମାସର ଡିଏ ପ୍ରଦାନ ଆଦି ରହିଛି। ଦାବିପତ୍ର ପ୍ରଦାନ ସମୟରେ ସାଧାରଣ ସମ୍ପାଦକ ହରିଶ ଚନ୍ଦ୍ର ପାତ୍ର, ସଂଗଠନର ସମ୍ପାଦକ ହିରେନ କୁମାର ରାୟ, କୋଷାଧକ୍ଷ ସତିଶ ଚନ୍ଦ୍ର ପରିଡ଼ା, ଶଙ୍କର ଚରଣ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଦାବି ପ୍ରତି ବିଧାୟକ ସରକାରଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାଯାଏ।

# ଶକ୍ତିମୟୀ ମହାସଙ୍ଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ

**ମୋରଡା, ୧୩।୩(ସମିସ):** ମୋରଡା ବ୍ଲକ ଶକ୍ତିମୟୀ ମହାସଙ୍ଘ ତରଫରୁ ବୁଧବାର ଚିତ୍ରଡାସ୍ଥିତ ଶୀର୍ଷାପାଳ ଛକ ନିକଟରେ ଆଜି ଶତାଧିକ ମିଶନଶକ୍ତି ମହିଳା ଏକତ୍ରିତ ହୋଇ ଏକ ରାଲି ଯୋଗେ ମାଦଳ ବଜାଇ ଆଦିବାସୀ ନୃତ୍ୟର ତାଳେ ତାଳେ ନୃତ୍ୟ ପରିବେଷଣ କରି ଚିତ୍ରଡାସ୍ଥିତ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଏମବିକେ, ବ୍ୟାଙ୍କ ମିତ୍ର, ସିଆରପି, ସିଏମ, ପ୍ରାଣୀମିତ୍ର, କୃଷି ମିତ୍ରଙ୍କ ପ୍ରୋତ୍ସାହନ ରାଶି ବୃଦ୍ଧି କରିଥିବାରୁ ସମସ୍ତ ମହିଳା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, କମିଶନର ସୁଜାତା ଆର. କାର୍ତ୍ତିକେୟନଙ୍କୁ କୃତଜ୍ଞତା ଜଣାଇବା ସହ ଧନ୍ୟବାଦ ଅର୍ପଣ କରିଛନ୍ତି।



ନାରୀନେତ୍ରୀ ବିଦ୍ୟୁତପ୍ରଭା ବେହେରାଙ୍କ ନେତୃତ୍ୱରେ ମିଶନ ଶକ୍ତି ମହିଳା ସଭାପତି ବିଷ୍ଣୁପ୍ରିୟା ଦାସ, ସମ୍ପାଦିକା ସୁଦୀପ୍ତା ବାରିକ, କୋଷାଧକ୍ଷା ଚିତ୍ରସ୍ମିତା ପୁଟୀ, ସୁକାନ୍ତି ସେଠୀ, ବ୍ଲକ ଅଧକ୍ଷ ପିଥନାଥ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ।

# ସାନଖୁଣ୍ଟା ପଞ୍ଚାୟତର ୩ ୱାର୍ଡରେ ପିଇବା ପାଣି ସମସ୍ୟା ଉତ୍କଟ

## ଗ୍ରାମବାସୀଙ୍କ ମଧ୍ୟରେ ଦାନାବାନ୍ଧୁଛି ଅସନ୍ତୋଷ



**ଖୁଣ୍ଟା, ୧୩।୩(ସମିସ)**

ଏବେଠାରୁ କଲବଲ କଲାଣି ଗ୍ରୀଷ୍ମ ପ୍ରବାହ। ପାନୀୟ ଜଳ ସମସ୍ୟାରୁ ଜନସାଧାରଣଙ୍କୁ ଆସ୍ୱସ୍ତି ଦେବା ପାଇଁ ସରକାରୀ ସ୍ତରରେ ଗୁରୁତ୍ୱ ଦିଆଯାଉଛି; କିନ୍ତୁ ପାନୀୟ ଜଳ ଯୋଗାଣର ସମସ୍ତ ବ୍ୟବସ୍ଥା ଥାଇ ବି କିଛି ଦିନ ହେଲା ଲୋକେ ଠିକ୍‌ଭାବେ ପାଣି ନ ପାଇ ହନ୍ତସନ୍ତ ହେଉଛନ୍ତି ୩ଟି ୱାର୍ଡର ଅଧିବାସୀ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି। ଏହି ସମସ୍ୟାର ତୁରନ୍ତ ସମାଧାନ କରା ନ ଗଲେ ଆଗାମୀ ଦିନରେ ପରିସ୍ଥିତି ଭୟାବହ ହେବାର ସମ୍ଭାବନା ରହିଛି।

ଏଭଳି ଅବସ୍ଥା ଦେଖିବାକୁ ମିଳିଛି ଗୋପବନ୍ଧୁ ନଗର ବ୍ଲକ ସାନଖୁଣ୍ଟା ପଞ୍ଚାୟତରେ। ପଞ୍ଚାୟତବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ଖୁଣ୍ଟା ସରକାରୀ ହାଇସ୍କୁଲ ପରିସରେ ବସୁଧା ଯୋଜନା ମାଧ୍ୟମରେ ବୋରୱେଲ ଖନନ କରାଯାଇ ଉଚ୍ଚକ୍ଷମତା ସମ୍ପନ୍ନ ପାଣିଟାଙ୍କି ନିର୍ମାଣ ହୋଇଛି। ଯଦ୍ଦ୍ୱାରା ବିଭିନ୍ନ ୱାର୍ଡକୁ ପାଣି ଯୋଗାଣ ହେଇଥାଏ। ତେବେ ଗତ କିଛି ଦିନ ଧରି ପୂର୍ବପରି ପାଣି ଯୋଗାଣ ହେଉ ନ ଥିବା ନେଇ ଗ୍ରାମବାସୀ ଚିନ୍ତାରେ ରହିଛନ୍ତି। ତେବେ କିଛି ଦିନ ପୂର୍ବେ କୌଣସି କାରଣରୁ ଉକ୍ତ ବୋରୱେଲରେ ଲାଗିଥିବା ପମ୍ପଟି ତଳକୁ ଖସିପଡ଼ିଥିଲା। ଫଳରେ ଏହି ବୋରୱେଲରୁ ପାଣି ସଂଗ୍ରହ କରିବା ଆଦୌ ସମ୍ଭବପର ହୋଇପାରୁନାହିଁ। ତେବେ ଖସି ପଡ଼ିଥିବା ସାମାରସେବୁଲଟିକୁ ବୋରୱେଲରୁ ବାହାର କରିବା ପାଇଁ ବିଭାଗୀୟ ଉପଖଣ୍ଡ ଓ ଜିଲ୍ଲା ସ୍ତରୀୟ ଉଚ୍ଚ ପଦାଧିକାରୀଙ୍କ ଉପସ୍ଥିତିର ବିଭିନ୍ନ ସମୟର ପ୍ରୟାସ କରାଯାଇଥିଲେ ହୋଇ ô ସମ୍ଭବ ହୋଇ ପାରିନାହିଁ। ଫଳରେ ଏହି ବୋରୱେଲ ଉପରେ ନିର୍ଭର କରି ଆସୁଥିବା ଚତୁରଶୀଳା, କିରିକିଚିଆ ଓ ବାରଡ଼ାଙ୍ଗୁଆ ୱାର୍ଡ଼ବାସୀଙ୍କୁ ଏବେ ପାନୀୟଜଳ ଯୋଗାଣରେ ବାଧା ସୃଷ୍ଟି ହେଉଛି। ପ୍ରାୟ ୨ ସପ୍ତାହରୁ ଅଧିକ ସମୟ ହେଲା ଏଭଳି ସମସ୍ୟା ଲାଗି ରହିଛି। ଏଥିପ୍ରତି ପ୍ରଶାସନ କୌଣସି ଗୁରୁତ୍ୱ ଦେଉ ନ ଥିବାର ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯିବାରୁ ପାଣି ଯୋଗାଣ ନିମନ୍ତେ ସମ୍ପୃକ୍ତ ସ୍ଥାନରେ ୨ଟି ବୋରୱେଲ ଅଛି। ସେଥିରୁ ଗୋଟିଏରେ ପାଣି ଉତ୍ତୋଳନ ପାଇଁ ଲାଗି ଥିବା ପମ୍ପଟି ଖସି ପଡ଼ିଛି। ତେଣୁ ତୁରନ୍ତ ପମ୍ପଟିକୁ ଉଦ୍ଧାର ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଯଦି ଏହା ସମ୍ଭବ ପର ନ ହେଲା ଯଥାଶିଘ୍ର ବିଭାଗ ପକ୍ଷରୁ ଅନ୍ୟ ଏକ ବୋରୱେଲ ଖନନ କରାଯିବାର ପ୍ରସ୍ତାବ ରହିଛି ବୋଲି କହିଥିଲେ।

# କୁଶଳଦା ଫାଣ୍ଡି ଗୃହ ଉଦ୍‌ଘାଟିତ

**କୁଆମରା, ୧୩।୩(ସମିସ):** ଗୋପବନ୍ଧୁ ନଗର ବ୍ଲକ ତଥା ଉଦଳା ଥାନା ଅନ୍ତର୍ଗତ କୁଶଳଦା ଫାଣ୍ଡିର ନୂତନ ଗୃହକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ସନ୍ଧ୍ୟାରେ ଆଭାସୀ ମାଧ୍ୟମରେ ଲୋକାର୍ପଣ କରିଛନ୍ତି। ଏଥିସହିତ ରାଜ୍ୟରେ ନବନିର୍ମିତ ୨୦ଟି ଥାନା, ୮ଟି ଫାଣ୍ଡି ଓ ଗୋଟିଏ ଏସ୍‌ଡିପିଓଙ୍କ ମଧ୍ୟ ଲୋକାର୍ପଣ କରିଥିଲେ। କୁଶଳଦା ଫାଣ୍ଡିଟି ବହୁ ପୁରାତନ ହୋଇଥିବା ବେଳେ ଏହାର ନିଜସ୍ୱ ଗୃହ ନ ଥିଲା। ଉକ୍ତ ଗୃହ ନିର୍ମାଣ ହେବା ଯୋଗୁଁ ପୋଲିସ ସେବାରେ ଉନ୍ନତି ଘଟିବା ସହ ଅପରାଧକୁ ରୋକିବା ଦିଗରେ ସହାୟକ ହେବ ବୋଲି ଏସପି କହିଛନ୍ତି। ଏହି ଫାଣ୍ଡି ଅଧୀନରେ ବିସିପୁର, ଧାନଘେରା, କୁଶଳଦା, ଜୟପୁର, ବରଡିହି ଓ କୁଚଲଡିହା ୬ଟି ପଞ୍ଚାୟତର ୬୪ଟି ଗ୍ରାମର ୨୦ ହଜାରରୁ ଅଧିକ ଲୋକ ସେବା ପାଇବେ। ଆଜି ଉଦଘାଟନୀ ଉତ୍ସବରେ ଅତିଥି ଭାବେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ପୂର୍ବତନ ବିଧାୟକ ଶ୍ରୀନାଥ ସରେନ, ପ୍ରକଳ୍ପ ଅଧିକାରୀ ନରେନ୍ଦ୍ର ଖମାରୀ, ଜିଲ୍ଲା ପୋଲିସ ଆରକ୍ଷୀ ଅଧିକ୍ଷକ ଏସ୍.ସୁଶ୍ରୀ, ଉଦଳା ବିଜ୍ଞାପିତ ପରିଷଦ ଅଧକ୍ଷା ପ୍ରମିଳା ପଣ୍ଡା, ଉପଖଣ୍ଡ ପୁଲିସ ଅଧିକାରୀ ସାର୍ଥକ ରାୟ, ଉପଖଣ୍ଡ ସୂଚନା ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ ସମେତ ଉଦଳା, କପ୍ତିପଦା ଓ ଖୁଣ୍ଟା ଥାନା ଅଧିକାରୀଙ୍କ ସମେତ ସମସ୍ତ ପୁଲିସ କର୍ମଚାରୀ, ଉଦଳା ଉପଖଣ୍ଡର ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



## ସନ୍ତାନ ଜନ୍ମଦେଇ ଆଖିବୁଜିଲେ ମହିଳା

**ସୋସୋ,୧୩।୩(ସମିସ):** ହାଟଡିହି ବ୍ଲକ ଆଦିବାସୀ ବହୁଳ କେ.ବାଲିପାଳ ପଞ୍ଚାୟତର ହିନ୍ଦୁ ହୋଙ୍କ ସ୍ତ୍ରୀ ଜୁଙ୍ଗା ହୋ (୩୪) ପୁତ୍ର ପ୍ରସବ ପରେ ତାଙ୍କର ମୃତ୍ୟୁ ଘଟିଛି। ଜୁଙ୍ଗା ପ୍ରସବ ପାଇଁ ଆନନ୍ଦପୁର ମୁଖ୍ୟ ମେଡିକାଲରେ ଭର୍ତ୍ତି ହୋଇଥିଲେ। ସୋମବାର ତାଙ୍କର ପୁତ୍ର ଜନ୍ମ ହେବାପରେ ଜୁଙ୍ଗାଙ୍କର ରକ୍ତସ୍ରାବ ବୃଦ୍ଧି ପାଇଥିଲା। ରକ୍ତସ୍ରାବ ନିୟନ୍ତ୍ରଣ ନ ହେବାରୁ ମେଡିକାଲରେ ତାଙ୍କର ମୃତ୍ୟୁ ଘଟିଥିଲା। ଫଳରେ ତାଙ୍କ ସ୍ୱାମୀ ଶିଶୁ ପୁତ୍ରକୁ ଛାଡ଼ି ମୃତସ୍ତ୍ରୀଙ୍କୁ ଧରି ଗାଁ କୁ ପଳାଇଆସିଥିଲେ। ଏହାକୁ ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ପୁତ୍ର ସନ୍ତାନ ଜନ୍ମପରେ ମହିଳାଙ୍କ ମୃତ୍ୟୁ ଘଟିଥିବାରୁ ଚିକିତ୍ସାର ଅବହେଳାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାକୁ ନେଇ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟର ସୁପରଭାଇଜରଙ୍କୁ ପଚାରିବାରୁ ମେଡିକାଲରେ ରକ୍ତସ୍ରାବ ନିୟନ୍ତ୍ରଣ ନ ହେବାରୁ ମହିଳାଙ୍କ ମୃତ୍ୟୁ ଘଟିଛି। ତାଙ୍କର ପୂର୍ବରୁ ୬ଟି ପିଲା ଥିବା କହିଥିଲେ।

## ମେଗା ପଶୁ ସ୍ୱାସ୍ଥ୍ୟ ଶିବିର

**ତେଲକୋଇ, ୧୩।୩(ସମିସ):** ଓଡ଼ିଶା ଆଦିବାସୀ ସଶକ୍ତୀକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ପ୍ଲସ୍ ମାଧ୍ୟମରେ ତେଲକୋଇ ବ୍ଲକ ଭୀମକାଣ୍ଡ ପଞ୍ଚାୟତର ଡିମିରିମୁଣ୍ଡା ଠାରେ ଏକ ମାଗଣା ପଶୁ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଓଟିଇ ଏଲପି ପ୍ଲସର ପ୍ରୋଗ୍ରାମ ଅଫିସର (ଦକ୍ଷତା ବିକାଶ) ଦେବକ ରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ତେଲକୋଇ ବ୍ଲକର ପଶୁସମ୍ପଦ ଅଧିକାରୀ ଡ. ଅମ୍ରିତ ପ୍ରିୟରଞ୍ଜନ ସାହୁ ଓ ଡ. ଅଭିଷେକ ନାୟକ ଏବଂ ଅନ୍ୟାନ୍ୟ ସହକର୍ମୀଙ୍କୁ ନେଇ ଗାଇ ଓ ଛେଳି ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ବଣ୍ଟନ କରିଥଲେ। ବିଶେଷ ଭାବରେ ଔଷଧ ବଣ୍ଟନ କରିବା ସହିତ ବଳଦ ଓ ଛେଳିମାନଙ୍କୁ କୃମୀ ରୋଗ ପାଇଁ ଟୀକାକରଣ କରାଯାଇଥିଲା। ଏଥିରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଛେଳି ଓ ୧୦୦ରୁ ଅଧିକ ଗାଇ ବଳଦଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା।

## ଜିଆରଏସ୍‌ଙ୍କ ବଦଳି

**ହାଟଡ଼ିହି,୧୩।୩(ସମିସ):** କେନ୍ଦୁଝର ଜିଲ୍ଲା ହାଟଡ଼ିହି ବ୍ଲକ୍ ମଣ୍ଡଳ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଜିଆରଏସ୍ ସୌଭାଗିନୀ ରାୟ ସର୍ଦ୍ଦାର ଓ ରାଜୀବଲୋଚନ ଦାସଙ୍କୁ ବଦଳି କରଯାଇଛି। ସୌଭାଗିନୀ ରାୟ ସର୍ଦ୍ଦାରଙ୍କୁ ନୂତନ ଭାବେ ଶାସଙ୍ଗ ପଞ୍ଚାୟତକୁ ବଦଳି କରାଯାଇଥିବା ବେଳେ ରାଜୀବଲୋଚନ ଦାସଙ୍କୁ ନୂତନ ଦାୟିତ୍ୱ ଭାବେ ବଞ୍ଚୋ ପଞ୍ଚାୟତକୁ ବଦଳି କରାଯାଇଛି।

## ମତ୍ସ୍ୟଚାଷ ସମ୍ପର୍କିତ ଦୁଇଦିନିଆ ପ୍ରଶିକ୍ଷଣ ଶିବିର

**ଘଷିପୁରା,୧୩।୩(ସମିସ):** ଉନ୍ନତ ପ୍ରଣାଳୀରେ ମତ୍ସ୍ୟଚାଷ କରି ଅଧିକ ଲାଭବାନ୍ ହେବାକୁ ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ଘଷିପୁରା କୃଷି ପରାମର୍ଶ କେନ୍ଦ୍ରଠାରେ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ଘଷିପୁରା ସହକାରୀ ମତ୍ସ୍ୟ ଅଧିକାରୀ ପାବନୀ ପ୍ରସାଦ ଆଚାର୍ଯ୍ୟଙ୍କ ସଂଯୋଜନାରେ ହାଟଡିହୀ ସହକାରୀ ମତ୍ସ୍ୟ ଅଧିକାରୀ ସୌମ୍ୟସ୍ମିତା ପ୍ରିୟଦର୍ଶନୀ, ଆନନ୍ଦପୁର ସହକାରୀ ମତ୍ସ୍ୟ ଅଧିକାରୀ ଶୁଭମ୍ କୁମାର ପ୍ରଧାନ ଉପସ୍ଥିତ ଥିଲେ। ଉନ୍ନତ ଯାଆଁଳ ଏବଂ ପୋଖରୀର ସଠିକ ପରିଚାଳନା ଉପରେ ଗୁରୁତ୍ୱ ଦେଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ମତ୍ସ୍ୟ ଚାଷ ପାଇଁ ଯୋଗାଇ ଦିଆଯାଉଥିବା ରିହାତି ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। କେନ୍ଦୁଝର ଜିଲ୍ଲାର ଘଷିପୁରା, ଆନନ୍ଦପୁର, ହାଟଡିହି, ଘଟଗାଁ, ପାଟଣା, ହରିଚନ୍ଦନପୁର ଆଦି ୬ଟି ବ୍ଲକରୁ ୪୦ରୁ ଉର୍ଦ୍ଧ୍ୱ ମତ୍ସ୍ୟ ଚାଷୀ ଏହି ତାଲିମ ଶିବିରରେ ଯୋଗଦେଇ ନିଜର ଅଭିଜ୍ଞତା ପ୍ରକାଶ କରିଥିଲେ।

## ଅବସରପ୍ରାପ୍ତସେନା କର୍ମଚାରୀଙ୍କ ପରଲୋକରେ ଶୋକ

**ପାଟଣା,୧୩।୩(ସମିସ):** କେନ୍ଦୁଝରଜିଲ୍ଲାପାଟଣାବ୍ଲକ୍‌ମହିସାମୁଣ୍ଡିନିବାସୀଅବସରପ୍ରାପ୍ତ ସେନା କର୍ମଚାରୀ ବସନ୍ତ କୁମାର ମହାପାତ୍ର (୬୦) ପରଲୋକ ଘଟିଛି। ହୃଦ୍‌ଘାତ ଜନିତ କାରଣରୁ ଭୁବନେଶ୍ୱରର ଏକ ମେଡିକାଲରେ ତାଙ୍କର ଦେହାନ୍ତ ହୋଇଥିଲା। ଦୁଇଦିନ ପୂର୍ବରୁ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ପ୍ରଥମେ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା। ପାଟଣା ଅବସରପ୍ରାପ୍ତ ସୈନିକ କଲ୍ୟାଣ ସଙ୍ଘ ପାଟଣା - ସାହାରପଡ଼ାର ସଦସ୍ୟମାନେ ତାଙ୍କ ଅନ୍ତିମଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କ୍ୟାପଟେନ ଉପେନ୍ଦ୍ର ମହାନ୍ତ, ଉପାଧ୍ୟକ୍ଷ ଜୁନିଅର ୱାରେଣ୍ଟ ଅଫିସର ଭଗବାନ ମହାନ୍ତ, ସମ୍ପାଦକ ସୁବେଦାର ନାରାୟଣ ବାରିକ୍ , ୱାରେଣ୍ଟ ଅଫିସର ନିତ୍ୟାନନ୍ଦ ମହାନ୍ତ, ସୁବେଦାର ମେଜର ଚତୁର୍ଭୂଜ ମହାନ୍ତ, ସୁବେଦାର ପଦ୍ମଲୋଚନ ମହାନ୍ତ, ନାଏବ ସୁବେଦାର ମାୟାଧର ନାଏକ, ହାବିଲଦାର ତ୍ରିଲୋଚନ ମହାନ୍ତ, ହାବିଲଦାର ଖଗେଶ୍ୱର ନାଏକ, ନାଏବ ସୁବେଦାର ଭରତ ମହାନ୍ତ, ନାଏବ ସୁବେଦାର ବାଳକୃଷ୍ଣ ମହାନ୍ତ, ନାଏବ ସୁବେଦାର ପୁରନ୍ଦର ମହାନ୍ତ, ହାବିଲଦାର ହାଡିବନ୍ଧୁ ମହାପାତ୍ର, ନାଏକ ହେମନ୍ତ ମହାନ୍ତେ, ନାଏକ ଧନେଶ୍ୱର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଗାଁ ମୁରବିଙ୍କ ଦେହାନ୍ତ



**ରାମଚନ୍ଦ୍ରପୁର,୧୩।୩(ସମିସ):** ଘଷିପୁରା ବ୍ଲକ୍ ପୁରୁଣାବାନ୍ଧଗୋଡ଼ା ଗ୍ରାମର ମୁରବୀ ନବକିଶୋର ପଟ୍ଟନାୟକ (୮୬)ଙ୍କ ମଙ୍ଗଳବାର ରାତିରେ ହୃଦ୍‌ଘାତରେ ପରଲୋକ ଘଟିଛି। ସେ ଦୀର୍ଘଦିନ ହେଲା ବାର୍ଦ୍ଧକ୍ୟଜନୀତ ପୀଡ଼ାରେ ଶଯ୍ୟାସାୟୀ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ୪ ପୁଅ ବୋହୂ ନାତି ନାତୁଣୀ ଉପସ୍ଥିତ ଥିଲେ। ଖବରପାଇ ସ୍ଥାନିୟ ବସନ୍ତ ମଞ୍ଜରୀ ଫାଉଣ୍ଡେସନର ପ୍ରତିଷ୍ଠାତା ଡ. ରତିକାନ୍ତ ବରାଳ, ବ୍ଲକ କଂଗ୍ରେସ ସଭାପତି ସୁବ୍ରତ କୁମାର ଚକ୍ର, ସମାଜସେବୀ ମନ୍ମଥ କୁମାର ରାଉତ, ତାରିଣୀ ପ୍ରସାଦ ପଟ୍ଟନାୟକ, ସମାଜସେବୀ ସୁଜିତ କୁମାର ଧୀର, ସୌମେନ୍ଦ୍ର ଧୀର, ପ୍ରଭାସ ଦାଶ, ସନ୍ତୋଷ କୁମାର ଧୀରଙ୍କ ସମେତ ବହୁ ଲୋକ ଉପସ୍ଥିତ ଥିଲେ। ବୁଧବାର ସକାଳୁ ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ମଝିଆ ପୁଅ ଦେବବ୍ରତ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ।

### କୁମଡ଼ ଗ୍ରାମ୍ୟ ରାସ୍ତା ନିର୍ମାଣରେ ଠିକାଦାରଙ୍କ ମନମାନି

# ସ୍ଥାୟିତ୍ୱ ନେଇ ଅଞ୍ଚଳବାସୀଙ୍କ ଅସନ୍ତୋଷ



**ଆନନ୍ଦପୁର,୧୩।୩(ସମିସ):** ଆନନ୍ଦପୁର ବ୍ଲକ କୋଳିମାଟି ପଞ୍ଚାୟତର କୁମଡ ଗ୍ରାମରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଚାଲିଥିବା ରାସ୍ତା ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ବିଭାଗୀୟ ଯନ୍ତ୍ରୀ ଏହି କାର୍ଯ୍ୟକ୍ଷେତ୍ରରେ ନ ଥିବାରୁ ଠିକାଦାର ଇଚ୍ଛା ମୁତାବକ ନିର୍ମାଣ କାର୍ଯ୍ୟ କରୁଥିବା ନେଇ ସଂଗୀନ ଅଭିଯୋଗ ହୋଇଛି। ଏହି ଅଞ୍ଚଳରେ ଠିକାଦାର ମନଇଚ୍ଛା ରାସ୍ତା ନିର୍ମାଣ କରୁଥିବାରୁ ଏହାର ସ୍ଥାୟିତ୍ୱକୁ ନେଇ ଆଶଙ୍କା ପ୍ରକଟ ହୋଇଛି। ୨୦ ନମ୍ବର ଜାତୀୟ ରାଜପଥଠାରୁ କୁମଡ଼ ଗ୍ରାମ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଆଜକୁ କିଛି ଦିନ ହେଲା ଆରମ୍ଭ ହୋଇଛି। ବିଭାଗୀୟ ଆକଳନ ଅନୁଯାୟୀ ମେସିନ ସାହାଯ୍ୟରେ ରାସ୍ତାରେ ପିଚୁ ପକାଇବା ପାଇଁ ବିଭାଗୀୟ ନିର୍ଦ୍ଦେଶ ରହିଥିବା ବେଳେ ଶ୍ରମିକଙ୍କ ଦ୍ୱାରା ହାତରେ ପିଚୁ ପକାଯାଉଥିବା ପରଲକ୍ଷିତ ହୋଇଛି। ଏହି ରାସ୍ତା ନିର୍ମାଣ ପାଇଁ ପ୍ରଥମେ ମାଟି ଉପରେ ବାଲି ଓ ମେଟାଲ ବିଛା ଯିବାକୁ ଆକଳନ ହୋଇଥିବା ବେଳେ ପୂର୍ବରୁ ଥିବା ରାସ୍ତା ଉପରେ ସିଧାସଳଖ ପିଚୁ ପକାଯାଉଥିବାରୁ ଏହା କିଛି ଦିନ ମଧ୍ୟରେ ଉଠିଯିବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତେବେ ରାଜ୍ୟ ସରକାର ଗ୍ରାମ୍ୟ ରାସ୍ତା ଉନ୍ନତିକରଣ ଯୋଜନାରେ ସବୁଦିନିଆ ପକ୍କା ସଡ଼କ ନିର୍ମାଣ ପାଇଁ ଆବଶକୀୟ ଅନୁଦାନ ଯୋଗାଇ ଦେଇଥିବା ବେଳେ ଉପଯୁକ୍ତ ତଦାରଖ ଅଭାବରୁ ରାସ୍ତା କାର୍ଯ୍ୟ ଏପରି ମନମାନିରେ ଚାଲିଥିବା ସ୍ଥାନୀୟ ଅଧିବାସୀ ସ୍ୱର ଉଠାଇଛନ୍ତି। ଏନେଇ ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଶରତ କୁମାର ରାଉତଙ୍କୁ ପଚାରିବାରୁ ଅଭିଯୋଗର ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଡାଲି ଜାତୀୟ ଫସଲ ଉପରେ ତାଲିମ



**ତେଲକୋଇ,୧୩।୩(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ କୃଷି କାର୍ଯ୍ୟାଳୟ କୃଷି ପରାମର୍ଶ କେନ୍ଦ୍ର ଠାରେ ବୁଧବାର ଚାଷୀମାନଙ୍କୁ କ୍ଷେତ୍ର ଦିବସ ଅବସରରେ ଡାଲି ଜାତୀୟ ଫସଲ ଉପରେ ତାଲିମ ପ୍ରଦାନ କରାଯାଇଛି। ଏଥିରେ ଜିଲ୍ଲା କୃଷି ଅଧିକାରୀ ଗୋକୁଳ ଚନ୍ଦ୍ର ପ୍ରଧାନ, ବ୍ଲକ୍ କୃଷି ଅଧିକାରୀ ଦାୟିତ୍ୱରେ ଥିବା ଲକ୍ଷ୍ମୀ ଶର୍ମା, ତେଲକୋଇ ପଞ୍ଚାୟତ ସମିତି ସଭ୍ୟ ରଙ୍ଗାଧର ଓରାମ, କ୍ଷେତ୍ର ଅଧିଦର୍ଶକ ମନୋଜ କୁମାର ଦାସ ଓ ସାମ୍ବାଦିକ ଅନୁକୂଳ ବିଶ୍ୱାଳ ସାମିଲ ରହିଥିଲେ। ତେବେ ଚାଷୀଙ୍କୁ ଡାଲି ଜାତୀୟ ଫସଲ ବୁଟର ଉତ୍ପାଦନ କ୍ଷମତା ଓ ଚାଷର ପ୍ରଣାଳୀ କୁ ଗୁରୁତ୍ୱ ଦିଆଯାଇଥିବା ବେଳେ ମାଟିର ଉର୍ବରତାକୁ ଏହି ତାଲିମ ରେ ଚାଷୀ ମାନଙ୍କୁ ଅବଗତ କରଯାଇଥିଲା। ସେହିପରି କ୍ଷେତ୍ର ଦିବସରେ ରାଜ୍ୟ ଯୋଜନା ରହିଥିବା ବେଳେ ତେଲକୋଇ ପଞ୍ଚାୟତର ରାମଚନ୍ଦ୍ରପୁର ଓ ଦଦୁଆମୁଣ୍ଡା ଗ୍ରାମର ଶତାଧିକ ଚାଷୀ ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥଲେ। ସେହିପରି ଗତ କାଲି ଓରିଆ ପଞ୍ଚାୟତରେ ମଧ ଚାଷୀ ମାନଙ୍କୁ ତାଲିମ ପ୍ରଦାନ କରାଯାଇଛି।

## ଉପଜିଲ୍ଲାପାଳଙ୍କୁ ଭେଟିଲେ ହଦଗଡ଼ ପଞ୍ଚାୟତବାସୀ

**ଆନନ୍ଦପୁର,୧୩।୩(ସମିସ):** ଜଙ୍ଗଲ ଅଧିକାର ଆଇନ ୨୦୦୬କୁ କାର୍ଯ୍ୟକାରୀ କରିବା ପାଇଁ ସରକାରୀସ୍ତରରେ ନିର୍ଦ୍ଦେଶ ଥିବାବେଳେ ଆନନ୍ଦପୁର ଉପଖଣ୍ଡର ହାଟଡିହି ବ୍ଲକ୍ ହଦଗଡ଼ ପଞ୍ଚାୟତର ଜଙ୍ଗଲ ଗ୍ରାମଗୁଡିକୁ ଗୁରୁତ୍ୱ ନ ଦେବା ସହ ଆଦିବାସୀଙ୍କୁ ନ୍ୟାୟ ମିଳୁ ନାହିଁ ବୋଲି ଆଜି ପିତାନାଉ ଦାଲିକି ରତ୍ନମରା ଓ ସୁଜୁନାପାଳ ଗ୍ରାମବାସୀ ଆନନ୍ଦପୁର ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରିଥିଲେ। ୨୦୨୧ ମସିହାରେ କେନ୍ଦୁଝରର ତତ୍କାଳୀନ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଆଜକୁ ୩ ବର୍ଷ ହେବ ବିଭାଗୀୟ ଅଧିକାରୀମାନେ ମାନୁ ନାହାନ୍ତି ବୋଲି ଅଭିଯୋଗ କରିଥିଲେ। ସୂଚନା ଯୋଗ୍ୟ ଯେ ଜଙ୍ଗଲ ମଧ୍ୟରେ ଥିବା ଜଙ୍ଗଲ ଗ୍ରାମ ଓ ପୁରାତନ ବସତିଗୁଡ଼ିକୁ ରାଜସ୍ୱ ଗ୍ରାମରେ ପରିଣତ ପାଇଁ ଜଙ୍ଗଲ ଅଧିକାର ଆଇନରେ ଉଲ୍ଲେଖ ରହିଛି। ରାଜ୍ୟ ସରକାର ନିଜ ରାଜ୍ୟରେ ପ୍ରଣୟନ କରି ଆଦିବାସୀଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରିବା ପାଇଁ କେନ୍ଦୁଝର ଜିଲ୍ଲାପାଳ ଚିଠି ପାଇବାପରେ ୨୦୨୧ ମସିହାରେ ସାରା ଜିଲ୍ଲାରେ ଥିବା ଜଙ୍ଗଲ ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ ପାଇଁ ନିର୍ଦ୍ଦେଶ ନାମା ଜାରୀ କରିଥିଲେ। ସେହି ଅନୁଯାଇ ହଦଗଡ଼ ପଞ୍ଚାୟତରେ ବିଭିନ୍ନ ଗ୍ରାମରେ ଗ୍ରାମସଭା କରାଯାଇଥିଲା। ଏନେଇ ବିଭିନ୍ନ ସମୟରେ ଉପଜିଲ୍ଲାପାଳ ହାଟଡିହି ଓ ତହସିଲଦାରଙ୍କୁ ସାକ୍ଷାତ କରି ଅଭିଯୋଗ ଦାଖଲ କରିଥିଲେ ମଧ୍ୟ କିଛି ଅଗ୍ରଗତି ହେଉନାହିଁ ବୋଲି ଜଙ୍ଗଲ ଗ୍ରାମର ମୁଖିଆମାନେ ପ୍ରକାଶ କରିଛନ୍ତି। ଆଜିର ଅଭିଯୋଗପତ୍ର ଦାଖଲ ସମୟରେ ଅଭିରାମ ନାୟକ, ରବୀନ୍ଦ୍ର ଦଣ୍ଡପାତ୍ ପ୍ରମୁଖ ଉପସ୍ଥିତ ଥିଲେ।

### ଦୁଇ ଥାନା ଅଧୀନରେ ଗୋଟିଏ ପଞ୍ଚାୟତ

## ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ

**ସୋସୋ,୧୩।୩(ସମିସ):** ଲୋକଙ୍କ ସହ ସୁ-ସମ୍ପର୍କ ରଖିବାକୁ ଆମ ସମିତି ପୁଲିସ ଗଠନ କରାଯାଇଛି। ସାଧାରଣ ଲୋକମାନଙ୍କର ପୁଲିସ ପ୍ରତି ଆସ୍ଥା ବୃଦ୍ଧି ପାଉଥିବାବେଳେ ପ୍ରଶାସନର ଅବହେଳାପାଇଁ କିଛି ଥାନା ଅଧୀନରେ ସୁରକ୍ଷା ବ୍ୟବସ୍ଥା କରିବା କଷ୍ଟ ହୋଇପଡ଼ିଥିବା ଆଲୋଚନା ହେଉଛି। ଏପରି ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଥିବା ସୋସୋ ଓ ନନ୍ଦିପଦା ଥାନାରେ। ଗୋଟିଏ ଗୋଟିଏ ପଞ୍ଚାୟତ ଦୁଇଟି ଥାନା ଅଧୀନରେ ଥିବାରୁ ବିଭିନ୍ନ ସମୟରେ ସମସ୍ୟା ଉପୁଜିଥାଏ। ଉଦାହରଣ ସ୍ୱରୂପ ପନ୍ଦାଡୋ ପଞ୍ଚାୟତଟି ନନ୍ଦିପଦା ଥାନା ଓ ସୋସୋ ଥାନା ଅଧୀନରେ ରହିଛି। ପନ୍ଦାଡୋ ପଞ୍ଚାୟତର ତେନ୍ତୁଲିପଦି, ବୈଇଦାଖିଆ, ସରଳାପଶି, କରଞ୍ଜବାଟି, ଠୁଣୀଗାଁ, ଲାଖବିନ୍ଧା, ପୋଡା ସିଙ୍ଗିଡି , କଂଟିଗଡିଆ ଥିବାବେଳେ ନନ୍ଦିପଦା ଥାନା ଅଧୀନରେ ପନ୍ଦାଡ଼ୋ, ଖଇରିମରା ଇତ୍ୟାଦି ଗାଁ ରହିଛି। ସେହିପରି ମରୈଗାଁ ପଞ୍ଚାୟତର ସୋସୋ ଥାନା ଅଧୀନରେ ତନ୍ତୁଲିନଣ୍ଡା, ବନ୍ତଳା, ଖପରାଖାଇ ଥିବାବେଳେ ନନ୍ଦିପଦା ଥାନା ଅଧୀନରେ ମରୈଗାଁ, ସଙ୍ଖଣା, ବେତିରା, ଡଙ୍କୁରି , ଏଲକଣା , ବିରଞ୍ଚିପୁର, ଜଗନ୍ନାଥ ପୁର ଇତ୍ୟାଦି ଗାଁ ରହିଛି। ଫଳରେ ଏହି ଦୁଇ ପଞ୍ଚାୟତରେ ଦୁଇଟି ଥାନା ରହୁଥିବାରୁ ବିଭିନ୍ନ ସମୟରେ ସମସ୍ୟା ସୃଷ୍ଟି ହୋଇଥାଏ। ଏଥିପ୍ରତି ଦୃଷ୍ଟି ଦେଇ ପଞ୍ଚାୟତଗୁଡିକୁ ଗୋଟିଏ ଗୋଟିଏ ଥାନା ଅଧୀନରେ ରଖାଗଲେ ଆଇନଶୃଙ୍ଖଳା ସୁଦୃଢ଼ ହୋଇ ପାରନ୍ତା ବୋଲି କୁହାଯାଉଛି। ଏହାକୁ ନେଇ ସୋସୋ ଥାନା ଅଧିକାରୀଙ୍କୁ ପଚାରିବାରୁ ପନ୍ଦାଡୋ ଓ ମରୈଗାଁ ପଞ୍ଚାୟତଟି ଦୁଇଟି ଥାନାର କିଛି କିଛି ଗାଁ ରହିଥିବା କହିଥିଲେ।

## ବୁଥ୍‌ସ୍ତରୀୟ ଅଧିକାରୀଙ୍କ ତାଲିମ ଶିବିର



**ତୁରୁମୁଙ୍ଗା,୧୩।୩(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ସଭାଗୃହରେ ବୁଧବାର ୧୧୨ଟି ବୁଥର ଅଧିକାରୀଙ୍କୁ ନେଇ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ୮୫ ବର୍ଷ ବା ତଦୁର୍ଦ୍ଧ୍ୱ ବୟସର ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଓ କୋଭିଡ ସଂକ୍ରମିତ ଭୋଟରଙ୍କୁ ପୋଷ୍ଟାଲ ବାଲାଟ ଯୋଗେ ଭୋଟ ଦାନର ବ୍ୟବସ୍ଥା, ଭୋଟର କାଗଜ ବଣ୍ଟନ, ଭୋଟର ସହାୟତାକେନ୍ଦ୍ର ସ୍ଥାପନ ଓ ବୁଥ୍‌ରେ ମୌଳିକ ସୁବିଧାକୁ ସୁନିଶ୍ଚିତ କରିବାକୁ ପଦକ୍ଷେପ ନେବା ସମ୍ପର୍କରେ ଏହି ତାଲିମ ଶିବରରେ ପରାମର୍ଶ ପ୍ରଦାନ କରାଯାଇଥିଲା। ଚମ୍ପୁଆ ଉପଜିଲ୍ଲାପାଳ ସୁକାନ୍ତ ମାଝୀ ଓ ପାଟଣା ଏବିଡିଓ ଚିତ୍ତରଞ୍ଜନ ନାୟକ, ଜିପିଡିଓ ରଶ୍ମୀରେଖା ମହାନ୍ତି ବୁଥ୍‌ସ୍ତରୀୟଅଧିକାରୀଙ୍କୁ ସବିଶେଷ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

## ଶ୍ରୀବାଲୁଙ୍କେଶ୍ୱର ମହୋତ୍ସବ ଉଦ୍‌ଯାପିତ



**ଆନନ୍ଦପୁର,୧୩।୩(ସମିସ):** ସ୍ଥାନୀୟ ବାତୋ ବୈତରଣୀ ବିହାରସ୍ଥିତ ବକୁଳି ମଠ ପରିସରରେ ଚାଲିଥିବା ଶ୍ରୀବାଲୁଙ୍କେଶ୍ୱର ମହୋତ୍ସବ ଆଜି ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ୫ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ବାତୋ ସମେତ ଆଖପାଖ ଅଞ୍ଚଳବାସୀ ସହଯୋଗ କରିଥିଲେ। ଏହି ଦିବ୍ୟ କାର୍ଯ୍ୟକ୍ରମରେ ଡ. ଶାରଦା ପ୍ରସାଦ କରଙ୍କ ଦ୍ୱାରା ପ୍ରବଚନ, ବୀଣାପାଣି କଳାନିକେତନ କଳାକାରମାନଙ୍କ ଦ୍ୱାରା ନୃତ୍ୟସଂଗୀତ କାର୍ଯ୍ୟକ୍ରମ, ଚାନ୍ଦବାଲି ର ଡାଇମଣ୍ଡ ଡ୍ୟାନ୍ସ ଗ୍ରୁପ ଦ୍ୱାରା ଡ୍ୟାନସ ଡ୍ୟାନସ କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରୁ ହଜାର ହଜାର ଜନସାଧାରଣଙ୍କ ସମାଗମ ହୋଇଥିଲା। କାର୍ଯ୍ୟକ୍ରମକୁ କୁଶ ପରିଡ଼ା, ବଲ୍ଲଭ ଚରଣ ସାହୁ, ପ୍ରଭାକର ଦଳେଇ, ସନାତନ ବେହେରା, ଅର୍ଜୁନ ନାୟକ, କରୁଣାକର ମାଝୀ, ଶଙ୍କର୍ଷଣ ସାହୁ, କେଶବ ବେହେରା, ରମେଶ ଦେହୁରୀ, ନାରାୟଣ ନାଥ, ବାଇଧର ବାରିକ, କୋଦଣ୍ଡ ସା, ଶରତଚନ୍ଦ୍ର ଦେହୁରୀ ଓ ପ୍ରଫୁଲ ପଣ୍ଡାଙ୍କ ସମେତ ଗାୟତ୍ରୀ ପରିବାରର କର୍ମକର୍ତ୍ତା ପରିଚାଳନା କରିଥିଲେ।

## ହାଟଡିହି ବିକାଶ ପରିଷଦ ପକ୍ଷରୁ ବନ୍ଧୁମିଳନ

**ସୋସୋ,୧୩।୩(ସମିସ):** ହାଟଡ଼ିହି ବିକାଶ ପରିଷଦ ପକ୍ଷରୁ ୩୬ନଂ ଜୋନ୍‌ର ଶାଳଣୀଆଠାରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନନ୍ଦଚରଣ ଜେନାଙ୍କ ଅଧ୍ୟକ୍ଷତାରେ ପଦ୍ମନାଭ ଜେନା, ଜିତେନ୍ଦ୍ର ରାଉତ, ବିଭୂତି ଶାସିନି, ସରୋଜ ମଲ୍ଲିକ, ଉଦୟନାଥ ମିଶ୍ର, ବୈଲୋଚନ ନାୟକ, ବାପିନା ଅନ୍ୟକର୍ମୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୫ଶହରୁ ଉର୍ଦ୍ଧ୍ୱ କର୍ମୀ ସାମିଲ ହୋଇଥିଲେ।




# ନନ୍ଦିପଦା ଥାନାର ନୂତନ ଗୃହ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ




**ସୋସୋ /ହାଟଡିହି,୧୩।୩(ସମିସ)**

କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ନନ୍ଦିପଦା ଥାନାର ନୂତନ ଗୃହକୁ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଏସ୍‌ପି ନିତୀନ କୁଶଲକର ଯୋଗଦେଇଥିବାବେଳେ ଡିଏସ୍‌ପି ପ୍ରଶାନ୍ତ କୁମାର ବେହେରା, ଆଡିସିନାଲ ପବ୍ଲିକ ପ୍ରସିକ୍ୟୁଟର ଅଶ୍ୱିନୀ କୁମାର ମଲ୍ଲିକ, ସ୍ପେସାଲ ପିପି ବାଇଧର ସେଠୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ ହାଟଡିହି ଶାଖାର ମ୍ୟାନେଜର ରବୀନ୍ଦ୍ର କୁମାର ମହାକୁଡ, ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ, ଜିଲ୍ଲାପରିଷଦ ସଦସ୍ୟା କୌଶଲ୍ୟା ସେଠୀ, ଜିଲ୍ଲା ପରିଷଦ ସଦସ୍ୟ ବିମ୍ବାଧର ବିଶ୍ୱାଳ, ନନ୍ଦିପଦା ଥାନା ଅଧିକାରୀ ରବୀନ୍ଦ୍ର କୁମାର ପାତ୍ର, ସୋସୋ ଥାନା ଅଧିକାରୀ ବିଜୟ କୁମାର ବିହାରୀ, ସୁଧାଂଶୁଶେଖର ଦକ୍ଷିଣରାୟ, ହାଟଡିହି ସରପଞ୍ଚ ଚିନ୍ମୟ ନାୟକ, ଭଗବାନ ରାଉତ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ନୂତନ ଗୃହ ନିର୍ମିତ ହେବାପରେ ଲୋକମାନଙ୍କର ସୁବିଧା ହେବା ସହିତ ପୁଲିସ ବିଭିନ୍ନ କାର୍ଯ୍ୟକୁ ସୁରୁଖୁରୁରେ କରିପାରିବ ବୋଲି କୁହାଯାଇଥିଲା। ଏହାର ଅଟକଳ ମୂଲ୍ୟ ୨ କୋଟି ୩୪ ଲକ୍ଷ ୨୮ ହଜାର। ଏହା ୮୦୬୩.୫୦ ବର୍ଗଫୁଟ୍ ରେ ଗୃହଟି ନିର୍ମିତ ହୋଇଥିବାବେଳେ ଓଡିଶା ରାଜ୍ୟ ପୁଲିସ ହାଉସିଂ ଏବଂ ୱେଲଫେୟାର କର୍ପୋରେସନ ଲିମିଟେଡ ଦ୍ୱାରା ନିର୍ମିତ ହୋଇଥିଲା। ୨୦୨୧-୨୨ମସିହାରେ ନୂତନ ଗୃହ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବାବେଳେ ୨୦୨୪ ଫେବୃଆରୀ ୨୯ ରେ ଏହାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ଏହି କାର୍ଯ୍ୟକ୍ରମ ସମୟରେ ନନ୍ଦିପଦା ଥାନାର ଏସଆଇ ଲୋହିତରାଜ୍ ନାୟକ, ଏସଆଇ ଅରୂପ କୁମାକର, ଏଏସ୍‌ଆଇ ସୁଷମା ସୁନ୍ଦରୀ ସେଠୀ, ଏଏସ୍‌ଆଇ ଜମ୍ବୁବତୀ ପାତ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିବାବେଳେ ବିରେନ୍ଦ୍ର କୁମାର ବିଶ୍ୱାଳ, ଦୁଶାସନ ସାହୁ, ମାର୍କଣ୍ଡ ଓଝା, କିଶାନ ସାହୁ, ଠିକାଦାର ସୁବାଶ ବାବୁ ଓ ଅନ୍ୟ ବହୁ ବ୍ୟକ୍ତି ଉପସ୍ଥିତ ରହିଥିଲେ।

## ଆମ୍ବେଦକର ସଙ୍ଘ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧନା

**ଆନନ୍ଦପୁର,୧୩।୩(ସମିସ):** ବାବାସାହେବ ଆମ୍ବେଦକର ସେବାସଂଘ ପକ୍ଷରୁ ଆନନ୍ଦପୁର ଉପଖଣ୍ଡରେ ନୂତନଭାବେ କାର୍ଯ୍ୟରେ ଯୋଗ ଦେଇଥିବା ଉପ-ଜିଲ୍ଲାପାଳ ଫାଲଗୁନୀ ମାଝୀଙ୍କୁ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସେବାସଂଘର ସାଧାରଣ ସମ୍ପାଦକ ଆଇନଜୀବୀ ଚତୁର୍ଭୁଜ ଜେନା, ଉପ-ସଭାପତି ପ୍ରାଣନାଥ ଜେନା ଏବଂ ଶ୍ରୀକାନ୍ତ ଜେନା, କୋଷାଧ୍ୟକ୍ଷ ଅମୂଲ୍ୟ ରଞ୍ଜନ ଜେନା, ମୁଖ୍ୟ ଉପଦେଷ୍ଟା ଅକ୍ରୁର ଚରଣ ଜେନା, ଉପଦେଷ୍ଟା ହରିହର ଦାଶ, ବିଦେଶୀ ଚରଣ ଜେନା, ରବୀନ୍ଦ୍ର ପ୍ରସାଦ ଚାନ୍ଦ, ସାଂସ୍କୃତିକ ସମ୍ପାଦକ କଳାକର ଜେନା, ସହ- ସାଧାରଣ ସମ୍ପାଦକ ସୁରେଶ କୁମାର ଜେନା, ସାଂଗଠନିକ ସମ୍ପାଦକ ପ୍ରମୋଦ କୁମାର ଜେନାଙ୍କ ସହିତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ଆନନ୍ଦପୁର ଅଞ୍ଚଳର ଆଇନ ବ୍ୟବସ୍ଥା ସହିତ ସେବାସଂଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉପ-ଜିଲ୍ଲାପାଳ ଶ୍ରୀ ମାଝୀଙ୍କ ସହିତ ଆଲୋଚନା କରାଯାଇଥିଲା।







# ଆଇନଷ୍ଟାଇନ୍‌ଙ୍କ ଭଳି କେଶ

ଅନେକ ସମୟରେ ସୋସିଆଲ ମିଡିଆରେ ବହୁ ଅଜଣା ବ୍ୟକ୍ତିଙ୍କ ବିଷୟରେ ଲୋକେ ଜାଣିବାକୁ ପାଇଥା'ନ୍ତି । ଯେଉଁମାନେ ନିଜର ସ୍ୱତନ୍ତ୍ରତା ପାଇଁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରନ୍ତି । ଏହିକ୍ରମରେ ଏବେ ୩ ବର୍ଷର କୁନି ପିଲାଟିଏ ଏବେ ଚର୍ଚ୍ଚାରେ ରହିଛି । ଏହି କୁନି ପିଲାଟିର କେଶ ବେଶ୍ ଅସାଧାରଣ ଅଟେ । ପିଲାଟିର କେଶ ସର୍ବଦା ଠିଆ ହୋଇ ରହିଥାଏ । ଯେତେ ଚେଷ୍ଟା କଲେ ବି ଏହି ଶିଶୁଟିର ମା' ତା'ର କେଶକୁ କୁଣ୍ଡାଇ ସଜାଇ ପାରନ୍ତି ନାହିଁ । କାରଣ ଶିଶୁଟି ଏକ ଦୁର୍ଲ୍ଲଭ ରୋଗରେ ପୀଡ଼ିତ । ଏହି ଶିଶୁଟିର କେଶ ଧଳା ହେବା ସହ ସବୁବେଳେ ଠିଆ ହୋଇ କି ରହୁଥିବାରୁ ତାକୁ ସମସ୍ତେ ଆଇନଷ୍ଟାଇନ୍ ବୋଲି ଚିଡ଼ାଇଥାଆନ୍ତି । ଲୈଲା ଡେଭିସ୍ ନାମକ ଏହି ଶିଶୁ କନ୍ୟାଟିର କେଶ ପାଇଁ ତାର ସାଙ୍ଗମାନେ ତାକୁ ଫ୍ଲଫି ବୋଲି ଡାକନ୍ତି । ଲୈଲା 'ଅନ୍‌କମ୍ବେବୁଲ୍ ହେୟାର୍ ସିଣ୍ଡ୍ରୋମ' ନାମକ ଏକ ବିରଳ ରୋଗରେ ଆକ୍ରାନ୍ତ । ଲୈଲାର କେଶକୁ ପାନିଆରେ ଯେତେ କୁଣ୍ଡାଇଲେ ବି ସିଧା କରି ହୁଏ ନାହିଁ । ଏହି ରୋଗ ନବଜାତ ଶିଶୁଙ୍କଠାରୁ ଆରମ୍ଭ କରି ୧୨ ବର୍ଷ ପର୍ଯ୍ୟନ୍ତ ପିଲାଙ୍କଠାରେ ଦେଖାଯାଏ । ବିଶ୍ୱରେ ଏମିତି ଶିଶୁ କେବଳ ୧୦୦ ଜଣ ରହିଥିବା ଜଣାପଡ଼ିଛି । ଲୈଲାଙ୍କ ମା ସାରଲେଟ୍ ଡେଭିସ୍ ନିଜ ଝିଅର ଏଭଳି କେଶକୁ ନେଇ କୁହନ୍ତି ଯେ, ତାଙ୍କ ଝିଅର କେଶ ଟିକେ ବଡ଼ ହେଲେ ବି ସାଧାରଣ କେଶ ନୁହେଁ । ପିଲାଟିର କେଶର ଯତ୍ନକୁ ନେଇ ତାଙ୍କୁ ଯେତିକି କଷ୍ଟ ନ ହୁଏ ଅନ୍ୟ ପିଲାମାନେ କେଶକୁ ନେଇ ଚିଡ଼ାଇଲେ ସେ ବ୍ୟସ୍ତ ହୋଇ ପଡ଼ନ୍ତି । ତାଙ୍କ ଝିଅକୁ ତା'ର ସାଙ୍ଗମାନେ ବୋରିସ୍ ଜନ୍‌ସନ୍ ଓ ଆଲବର୍ଟ ଆଇନଷ୍ଟାଇନ୍ ନାମ ମଧ୍ୟ ଦେଇଛନ୍ତି । ଏତେ ସବୁ କଟାକ୍ଷ ପରେ ବି ଲୈଲା ଅନ୍ୟମାନଙ୍କ ସହ କଥା ହେବାକୁ ସଙ୍କୋଚ କରି ନ ଥାଏ । ଏହି ରୋଗ ବୟସ ବଢ଼ିବା ସହ ଠିକ୍ ହୋଇଯାଏ । ଯାହାକୁ ଲୈଲାଙ୍କ ମା' ସଲେଟ୍ ଅପେକ୍ଷା କରିଛନ୍ତି ।

# ବାୟୋପିକ୍‌କୁ ନେଇ ବିମୁଖ ଜିନତ୍



ବଲିଉଡ୍‌ର ଭେଟେରାନ୍ ଅଭିନେତ୍ରୀ ଜିନତ୍ ଅମାନ୍ ତାଙ୍କର ବୋଲ୍ଡ ଅନ୍ଦାଜ ପାଇଁ ବେଶ୍ ଜଣାଶୁଣା । ସେ ସାମାଜିକ ଗଣମାଧ୍ୟମରେ ବେଶ୍ ସକ୍ରିୟ ଥାଆନ୍ତି । ନିକଟରେ ରାଜୀବ ଚୌଧୁରୀ ଜିନତ୍‌ଙ୍କ ଉପରେ ଏକ ଫିଲ୍ମ ନିର୍ମାଣ ପାଇଁ ଘୋଷଣା କରିଛନ୍ତି । ଏଥିରେ ଜିନତ୍‌ଙ୍କ ଭୂମିକାରେ ଅଭିନେତ୍ରୀ ପାୟଲ ଘୋଷ ଦେଖାଯିବେ । କିନ୍ତୁ ଫିଲ୍ମକୁ ନେଇ ଖୁସି ନାହାନ୍ତି ଜିନତ୍ । ନିକଟରେ ନିଜେ ଜିନତ୍ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ ସେୟାର୍ କରି ଏ ବିଷୟରେ ସୂଚନା ଦେଇଛନ୍ତି । ଏଥିରେ ସେ ଲେଖିଛନ୍ତି ଯେ, 'ଆପଣ ଏହାକୁ ଜଣେ ବୁଢ଼ୀ ମହିଳାଙ୍କ ଅଭିଯୋଗ କହି ପ୍ରତ୍ୟାଖ୍ୟାନ କରିପାରିବେ । କିନ୍ତୁ ମୋତେ ସାମିଲ୍ ନ କରି ମୋ କାହାଣୀ ନ ଶୁଣି ମୋର ବାୟୋପିକ୍ ନିର୍ମାଣ କରିବା ମୂର୍ଖାମିର ପରିଚୟ । ଇଣ୍ଟରନେଟ୍‌ରେ ମୋ ଉପରେ ଯେଉଁସବୁ ତଥ୍ୟ ଦିଆଯାଉଛି, ସେଥିରେ କେତେ ସତ୍ୟତା ଅଛି ତାହା କେବଳ ମୁଁ ଜାଣିଛି । ମୋ କଥା ନ ଶୁଣି ମୋ ଜୀବନ ଉପରେ ଗବେଷଣା କରା ନ ଯାଇ ଯଦି କୌଣସି ବାୟୋପିକ୍ ନିର୍ମାଣ କରାଯାଉଛି, ତେବେ ତାହା ବାୟୋପିକ୍ ହେବ ନାହିଁ । ମୁଁ ଯେପରି ମୋ ନିଜକୁ ଜାଣିଛି, ସେପରି ମୋତେ ଆଉ କେହି ଜାଣି ନାହାନ୍ତି ।'

ଜିନତ୍‌ଙ୍କ ଅଭିନୀତ ଫିଲ୍ମ 'ସତ୍ୟମ୍ ଶିବମ୍ ସୁନ୍ଦରମ୍', 'ହରେ ରାମା ହରେ କ୍ରିଷ୍ଣା', 'ଡନ୍' ବକ୍ସ ଅଫିସ୍‌ରେ ହିଟ୍ ସାବ୍ୟସ୍ତ ହୋଇଛି ।

## ଆଜିର ଇତିହାସ

- ୧୮୮୩- ମହାନ୍ ଦାର୍ଶନିକ କାର୍ଲ ମାର୍କସ୍‌ଙ୍କ ଦେହାନ୍ତ ।
- ୧୯୩୧- ପ୍ରଥମ ସବାକ୍ ଚଳଚ୍ଚିତ୍ର 'ଆଲମ୍‌ଆରା'ର ପ୍ରଦର୍ଶନ କଲା ।
- ୧୯୮୮ - ପ୍ରଥମ ଥର ଗଣିତ ପ୍ରେମୀଙ୍କ ଉଦ୍ଦେଶ୍ୟରେ ପାଇ ଡେ'ର ପାଳନ କରାଗଲା ।
- ୧୯୯୮ - ସୋନିଆ ଗାନ୍ଧୀ ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସର ଅଧ୍ୟକ୍ଷା ହେଲେ ।
- ୨୦୧୬- ରୁଷ୍ ସିରିଆରୁ ତାର ସେନା ପ୍ରତ୍ୟାହାର କଲା ।



# ଛତୁଉଠା ବେଙ୍ଗ

ବେଙ୍ଗ ଶରୀରରେ ଛତୁ ଫୁଟିବା ଭଳି ଏକ ଦୁର୍ଲଭ ଘଟଣା ଚର୍ଚ୍ଚାର ପ୍ରସଙ୍ଗ ହୋଇଛି । ନିକଟ ଅତୀତରେ କର୍ଣ୍ଣାଟକରେ ଗୋଟିଏ ବେଙ୍ଗ ଦେଖିବାକୁ ମିଳିଛି, ଯାହାର ଶରୀରର ବାମପାର୍ଶ୍ୱରେ ଛୋଟିଆ ଛତୁଟିଏ ଫୁଟିଛି । ତେବେ ବୈଜ୍ଞାନିକଙ୍କ ଅନୁସାରେ, ଏହା ହେଉଛି ଅତ୍ୟନ୍ତ ବିରଳ ଓ ଦୁର୍ଲଭ ଘଟଣା । କାରଣ ଏଭଳି ଛତୁ ପଚାଶଢ଼ା ଜିନିଷ ଉପରେ ଫୁଟିଥାଏ । ଜୀବିତ ବେଙ୍ଗ ଶରୀରରେ ଛତୁ ଫୁଟିବା ଘଟଣା ସେମାନଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି । କୌଣସି ଜୀବିତ ଉଭୟଚର ପ୍ରାଣୀ ଉପରେ ଫଙ୍ଗସ୍ ବା ଛତୁ ଉଠିବା ଏହା ପ୍ରଥମ ଘଟଣା ବୋଲି ବୈଜ୍ଞାନିକମାନେ କହିଛନ୍ତି । ୱାର୍ଲଡ୍ ୱାଇଲ୍ଡ ଲାଇଫ୍ ଫଣ୍ଡର ବୈଜ୍ଞାନିକମାନେ ପ୍ରଥମେ ଏଭଳି ଆଶ୍ଚର୍ଯ୍ୟକର ଘଟଣା ଦେଖିବାକୁ ପାଇଛନ୍ତି । ତେବେ ଏହି ସୁନେଲି ରଙ୍ଗର ବେଙ୍ଗ କେବଳ କର୍ଣ୍ଣାଟକ,କେରଳ ତଥା ପଶ୍ଚିମଘାଟ ପର୍ବତମାଳାରେ ହିଁ ଦେଖିବାକୁ ମିଳିଥାନ୍ତି । ଗତବର୍ଷ ଜୁନ୍ ୧୯ରେ ବୈଜ୍ଞାନିକମାନେ କର୍ଣ୍ଣାଟକର କରକଳାରେ ଏଭଳି ବିଚିତ୍ର ଘଟଣା ସଂସ୍ପର୍ଶରେ ଆସିଥିଲେ । ସଡ଼କ ନିକଟରେ ଥିବା ଏକ ପୋଖରୀରେ ସେ ସୁନେଲି ରଙ୍ଗର ୪୦ଟି ବେଙ୍ଗ ଦେଖିଥିଲେ । ୪୦ଟି ବେଙ୍ଗ ମଧ୍ୟରୁ କେବଳ ଗୋଟିଏ ବେଙ୍ଗ ଶରୀରରେ ଛତୁ ଫୁଟିଥିବାର ସେମାନେ ଦେଖିଥିଲେ । ଏହି ଛତୁ ଜୀବିତ ଓ ସୁସ୍ଥ ଥିବାରୁ ବୈଜ୍ଞାନିକଙ୍କୁ ଏ ବାବଦରେ ଜାଣିବା ଚ୍ୟାଲେଞ୍ଜପୂର୍ଣ୍ଣ ହୋଇଛି । ବୈଜ୍ଞାନିକମାନେ ଆହୁରି ମଧ୍ୟ କହିଛନ୍ତି ଯେ,ଜଳବାୟୁ ପରିବର୍ତ୍ତନ ପାଇଁ ଏପରି ଘଟଣା ଦେଖିବାକୁ ମିଳୁଛି । ଏଥିସହ ଉଭୟଚର ଓ ଫଙ୍ଗସ୍‌ଙ୍କ ସମ୍ପର୍କ ଉପରେ ନୂଆ ତଥ୍ୟ ଉନ୍ମୋଚିତ ହୋଇଛି । ବେଙ୍ଗ ଉପରେ ନଜର ଆସିଥିବା ଛତୁ ବୋନେଟ ପ୍ରଜାତିର ଅଟେ । ଅନ୍ୟପକ୍ଷରେ ବେଙ୍ଗଟି କୌଣସି ରୋଗରେ ପୀଡ଼ିତ ଥିବାରୁ ଏହା ଉପରେ ଛତୁ ଉଠିଛି ବୋଲି ବୈଜ୍ଞାନିକମାନେ ଅନୁମାନ କରିଛନ୍ତି । ଅନ୍ୟପଟେ ସାମାଜିକ ଗଣମାଧ୍ୟମରେ ବେଙ୍ଗର ଏକ ଭିଡିଓକୁ ସେୟାର୍ କରାଯାଇଛି ।

## ଆଜିର ରାଶିଫଳ

**ମେଷ:** ଦିନଟି ହସଖୁସିରେ ଅତିବାହିତ ହେବ । ଘର ପାଇଁ ନୂଆ ଜିନିଷ କିଣିପାରନ୍ତି । ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ ।

**ବୃଷ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ । ପୈତୃକ ବ୍ୟବସାୟରେ ପରିବର୍ତ୍ତନ ଆଣିବେ । ଅବିବାହିତଙ୍କ ବିବାହ ସ୍ଥିର ହେବ । କର୍ମକ୍ଷେତ୍ରରେ କାର୍ଯ୍ୟଭାର ବଢ଼ିବ । ଆୟ ଓ ବ୍ୟୟ ସମାନ ରହିବ ।

**ମିଥୁନ:** ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ବ୍ୟବସାୟରେ ବନ୍ଧୁଙ୍କ ସାହାଯ୍ୟ ମିଳିପାରେ । ଉଚ୍ଚଶିକ୍ଷା ପାଇଁ ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିପାରନ୍ତି ।

**କର୍କଟ :** ପଡ଼ୋଶୀଙ୍କ ସହ ବିବାଦ ହୋଇପାରେ । ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ । ନୂଆ ଚାକିରିର ସୁଯୋଗ ଜୁଟିବ । ଗୁରୁଜନଙ୍କ ସହଯୋଗ ମିଳିବ । ଅଯଥା ଖର୍ଚ୍ଚ ନ କରିବା ଭଲ ।

**ସିଂହ:** ଦିନଟି ଭଲରେ କଟିବ । ଚାକିରିରେ ପରିବର୍ତ୍ତନ ଆସିବ । କୌଣସି ନୂଆ ଦାୟିତ୍ୱ ତୁଲାଇବେ । ବ୍ୟବସାୟ ସମ୍ବନ୍ଧିତ ଦୂର ସ୍ଥାନକୁ ଯାତ୍ରା କରିବେ । କାର୍ଯ୍ୟକ୍ଷେତ୍ରରେ କିଛି ସମସ୍ୟା ଆସିବ ।

**କନ୍ୟା:** ଘରକୁ ଅତିଥି ଆଗମନ କରିବେ । ଗୁରୁଜନଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ । ଅଟକି ରହିଥିବା ଧନର ଆଗମନ ହେବ । କୌଣସି ନୂଆ ଲୋକଙ୍କ ସହ ସାକ୍ଷାତ କରିବେ । ପୂଜାର୍ଚ୍ଚନାରେ ଦିନ ବିତିବ ।

**ତୁଳା:** ମନର ମଣିଷଙ୍କୁ ନିଜ ମନକଥା କହିବେ । ବନ୍ଧୁଙ୍କ ସହ କୌଣସି ନୂଆ କାର୍ଯ୍ୟର ଯୋଜନା କରିବେ । ପରିବାରରେ ହସ ଖୁସି ଲାଗି ରହିବ । ଉଧାର ଦେଇ ହଇରାଣରେ ପଡ଼ିପାରନ୍ତି । ଶିବ ପୂଜାର୍ଚ୍ଚନା କରନ୍ତୁ ।

**ବିଛା:** ନୂଆ ଚାକିରି ପାଇଁ ଉତ୍ସାହିତ ରହିବେ । କ୍ରୀଡ଼ାବିତ୍‌ଙ୍କୁ ସଫଳତା ପ୍ରାପ୍ତି ହେବ । ଛାତ୍ରଛାତ୍ରୀଙ୍କର ନୂଆ ବିଷୟ ପ୍ରତି ରୁଚି ବଢ଼ିବ । ସାମାଜିକ ଓ ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ ।

**ଧନୁ:** ବ୍ୟାଙ୍କ ଓ ଆଇଟିରେ ସଫଳତା ମିଳିବ । ବ୍ୟବସାୟକୁ ବିସ୍ତାର କରିବେ ଏବଂ ଏହାକୁ ନେଇ କୌଣସି ନୂଆ ସମସ୍ୟା ସୃଷ୍ଟି ହେବ । ଧାର୍ମିକ ସ୍ଥାନକୁ ଯାତ୍ରା କରିବେ । ସତର୍କତା ସହ ଯାନବାହନ ଚଳାନ୍ତୁ ।

**ମକର:** ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରଣ କରିବେ । ପୁରୁଣା ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ । ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ । ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ ।

**କୁମ୍ଭ:** ବ୍ୟବସାୟିକ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବେ । ଉଚ୍ଚଶିକ୍ଷା ପାଇଁ ଉତ୍ତମ ସମୟ । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ଜମି କ୍ରୟ କରିପାରନ୍ତି । କୌଣସି ଦିଗରୁ ଧନ ମିଳିପାରେ ।

**ମୀନ:** ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଡାକ୍ତରଙ୍କ ସହ ପରାମର୍ଶ କରିବେ । ରାଜନୀତିରେ ସଫଳତା ମିଳିବ । ସାଙ୍ଗସାଥୀଙ୍କ ସହ ସମୟ ଅତିବାହିତ କରିବେ । ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ ।



ମୋ ହାଣ୍ଡିଶାଳରୁ...

# ଭେଜ୍ ଫିସ୍ ତରକାରୀ

## ଆବଶ୍ୟକ ସାମଗ୍ରୀ

ସୋୟାବିନ୍ ବଡ଼ି- ୨୦୦ ଗ୍ରାମ୍, ସିଝା ଆଳୁ – ଦୁଇଟା, ଅଦାରସୁଣବଟା – ଏକ ଚାମଚ, ପିଆଜ ବଟା ଅଧା କପ୍, କଟା ପିଆଜ – ଅଳ୍ପ, କନ୍‌ଫ୍ଲୋର୍ – ଏକ ଚାମଚ, ଟମାଟୋ କଟା – ଅଧା କପ୍, ହଳଦୀ ଗୁଣ୍ଡ- ଅଧା ଚାମଚ, ଲଙ୍କା ଗୁଣ୍ଡ- ଅଧା ଚାମଚ, କଟା କଞ୍ଚାଲଙ୍କା- ୨ଟି, ଜିରା - ଅଧା ଚାମଚ, ଗରମମସଲା – ଅଳ୍ପ, ରାଶି- ଅଧା ଚାମଚ, ଗୋଟା ଗରମ ମସଲା- ଅଳ୍ପ, ସ୍ୱାଦ ଅନୁସାରେ- ଲୁଣ, ତେଲ-ଆବଶ୍ୟକତାନୁସାରେ ।

## ପ୍ରସ୍ତୁତି ପ୍ରଣାଳୀ

ଚୁଲି ଲଗାଇ କଡ଼େଇ ବସାନ୍ତୁ । ପ୍ରଥମେ ଗରମ ପାଣି କରି ସେଥିରେ ସୋୟାବିନ୍ ବଡ଼ି ପକାନ୍ତୁ । ସୋୟାବିନ୍‌କୁ ପାଣିରୁ ଛାଣି ଗ୍ରାଇଣ୍ଡିଂ କରି ଏକ ପାତ୍ରରେ ରଖନ୍ତୁ । ସେଥିରେ ଦୁଇଟି ସିଝା ଆଳୁ, କଟା ପିଆଜ, କଟା କଞ୍ଚାଲଙ୍କା, ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଗରମମସଲା ଓ ସ୍ୱାଦାନୁସାରେ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏହି ଚକଟାକୁ ହାତ ସାହାଯ୍ୟରେ ମାଛଖଣ୍ଡ ଆକାର ଦିଅନ୍ତୁ । ଅନ୍ୟ ଏକ ପାତ୍ରରେ ୨ ଚାମଚ, କନ୍‌ଫ୍ଲୋର ଗୁଣ୍ଡ ନିଅନ୍ତୁ, ସେଥିରେ ଅଳ୍ପ ପାଣି ହଳଦିଗୁଣ୍ଡ, ଲଙ୍କାଗୁଣ୍ଡ ଓ ସାମନ୍ୟ ଲୁଣ ପକାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଚୁଲିରେ ତାୱା ବସାଇ ତେଲ ଦିଅନ୍ତୁ । ତେଲ ଗରମ ହୋଇଯିବା ପରେ ସେଥିରେ ଅଳ୍ପ ରାଶି ଦିଅନ୍ତୁ । ଏହା ପରେ ମାଛକୁ କନ୍‌ଫ୍ଲୋର ପେଷ୍ଟରେ ବୁଡ଼ାଇ ତାୱାରେ ଭାଜନ୍ତୁ । ଆଉ ଏକ କଡ଼େଇ ବସାଇ ସେଥିରେ ଅଳ୍ପ ତେଲ ଦିଅନ୍ତୁ । ଏହା ପରେ ଗୋଟା ଗରମମସଲା, ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ ପିଆଜବଟା ପକାଇ ଭାଜନ୍ତୁ । ପରେ ସେଥିରେ ଅଦା ରସୁଣ ବଟା ପକାନ୍ତୁ । ଏହାପରେ କଟା ଟମାଟୋ ପକାଇ ମସାଲାକୁ ଭଲ ଭାବରେ କଷନ୍ତୁ । ମସଲା କଷି ହୋଇଯିବା ପରେ ସେଥିରେ ପାଣିଦେଇ କିଛି ସମୟ ଫୁଟାନ୍ତୁ । ଏହା ପରେ ସେଥିରେ ମାଛଖଣ୍ଡ ଆକୃତିର ସୋୟାବିନ୍ ଚକଟା ସବୁକୁ ପକାନ୍ତୁ । ଏସବୁ ଫୁଟିଯିବା ପରେ ଗରମ ମସଲା ପକାଇ ଗ୍ୟାସ୍ ବନ୍ଦ କରିଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ଭେଜ୍ ଫିସ୍ ତରକାରି' ।

# ବିନା ମେକ୍‌ଅପ୍‌ରେ ଉଜ୍ଜ୍ୱଳ ତ୍ୱଚା



ସାଧାରଣତଃ ସମସ୍ତେ ସୁସ୍ଥ ଓ ଉଜ୍ଜ୍ୱଳ ତ୍ୱଚା ଚାହାଁନ୍ତି । ଏଥିପାଇଁ ମହିଳାମାନେ ପାର୍ଲରରେ ବହୁ ଟଙ୍କା ମଧ୍ୟ ଖର୍ଚ୍ଚ କରିଥାନ୍ତି । ତା'ସହ ଅନେକ ମହିଳା ଘରୋଇ ଉପାୟ ଆପଣାଇଥାନ୍ତି । ଯଦି ପ୍ରାକୃତିକ ଉପାୟରେ ତ୍ୱଚାରେ ଚମକ ଆଣିବାକୁ ଚାହାଁନ୍ତି, ଏଥିପାଇଁ ଦୈନନ୍ଦିନ ଜୀବନରେ କିଛି ଉପାୟ ଆପଣାଇବାକୁ ପଡ଼ିଥାଏ । ଏବେ ଜାଣିବା ସେସବୁ ବିଷୟରେ ।

## ଠିକ୍ ଦିନଚର୍ଯ୍ୟା ଆପଣାନ୍ତୁ

ସୁସ୍ଥ ଓ ଉଜ୍ଜ୍ୱଳମୟ ତ୍ୱଚା ଚାହୁଁଥିଲେ ରାତି ନଅଟାରୁ ଦଶଟା ମଧ୍ୟରେ ଶୋଇବା ଉଚିତ । ସକାଳୁ ଶୀଘ୍ର ଉଠିବା ଅଭ୍ୟାସ କରନ୍ତୁ । ଏପରି କରିବା ଦ୍ୱାରା ପୂରା ଦିନ ଆରାମ ଓ ଚିନ୍ତାମୁକ୍ତ ରହିବେ । ତା'ସହ ସକାଳ ଜଳଖିଆରୁ ଆରମ୍ଭ କରି ରାତ୍ର ଭୋଜନ ପର୍ଯ୍ୟନ୍ତ ଠିକ୍ ଦିନଚର୍ଯ୍ୟାକୁ ଆପଣାନ୍ତୁ ।

## ଗ୍ରୀନ୍-ଟି ପିଅନ୍ତୁ

ପ୍ରତିଦିନ ସକାଳୁ ଉଠି ଚା' ଓ କଫି ପିଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ । ତେଣୁ ଏହା ପରିବର୍ତ୍ତେ ଗ୍ରୀନ୍-ଟି ପିଅନ୍ତୁ । ଏହା ତ୍ୱଚାରେ ଚମକ ଆଣିବା ସହ ଶରୀରକୁ ସୁସ୍ଥ ରଖିଥାଏ ।



## ପ୍ରଚୁର ପାଣି ପିଅନ୍ତୁ

ଶରୀରକୁ ହାଇଡ୍ରେଟ୍ ରଖିବା ପାଇଁ ପ୍ରଚୁର ପରିମାଣର ପାଣି ପିଅନ୍ତୁ । ଏହା ଦ୍ୱାରା ତ୍ୱଚାରେ ଚମକ ଆସିବା ସହ ଶରୀର ସୁସ୍ଥ ରହିଥାଏ ।

## ଗୋଲାପ ଜଳ ଲଗାନ୍ତୁ

ଗୋଲାପ ଜଳ ତ୍ୱଚା ପାଇଁ ଖୁବ୍ ଗୁଣକାରୀ । ଏହାକୁ ପ୍ରତିଦିନ ତ୍ୱଚାରେ ଲଗାଇଲେ ବିଭିନ୍ନ ପ୍ରକାର ତ୍ୱଚା ଜନିତ ସମସ୍ୟା ଦୂର ହୋଇଥାଏ ଏବଂ ମୁହଁରେ ଉଜ୍ଜ୍ୱଳତା ବୃଦ୍ଧି ପାଏ ।

## ସୁଶ୍ରୀ

# ତନ୍ତରେ ତଲ୍ଲୀନ କଳ୍ପନା





**ଏକାଧାରାରେ ସେ ଜଣେ ସଂଗଠିକା, ସମାଜସେବୀ ଓ ତନ୍ତ କାରିଗର । ତେବେ ବୟନକଳା ଦେଇଛି ତାଙ୍କୁ ସ୍ୱତନ୍ତ୍ର ପରିଚୟ । ଏ କ୍ଷେତ୍ରରେ ସେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ମହିଳାଙ୍କୁ ମଧ୍ୟ ରୋଜଗାରକ୍ଷମ କରିବାରେ ସାହାଯ୍ୟ କରିଛନ୍ତି । ନାବାର୍ଡ ପକ୍ଷରୁ ମନୋନୀତ ଦୁଇଜଣ ଶ୍ରେଷ୍ଠ ବୁଣାକାରଙ୍କ ମଧ୍ୟରେ ସେ ସମ୍ମାନିତ ହୋଇଛନ୍ତି । ଏହି ମହିଳା ଜଣଙ୍କ ହେଲେ ମୟୂରଭଞ୍ଜ ଜିଲ୍ଲା ଗୋପବନ୍ଧୁନଗର ବ୍ଲକ୍ ଭଣ୍ଡଗାଁର ୩୨ ବର୍ଷିୟା କଳ୍ପନା ପାତ୍ର ।**

## କୌଳିକ ବୃତ୍ତିର ପୁନରୁଦ୍ଧାର

ପୂର୍ବରୁ ଅଧିକାଂଶ ଲୋକ ହସ୍ତତନ୍ତରେ ବୁଣାବୁଣି କରି ଜୀବିକା ନିର୍ବାହ କରୁଥିଲେ । ବୟନକଳା ଥିଲା ସେମାନଙ୍କର କୌଳିକ ବୃତ୍ତି । କିନ୍ତୁ,ପରବର୍ତ୍ତୀ ପର୍ଯ୍ୟାୟରେ ପାୱାରଲୁମ୍ ଆସିବା ଫଳରେ ହସ୍ତତନ୍ତର ଚାହିଦା କମିଯାଇଥିଲା । ଦୀର୍ଘ ୩୦ ବର୍ଷ ଧରି ପରିତ୍ୟକ୍ତ ଅବସ୍ଥାରେ ଥିବା ହସ୍ତତନ୍ତ କେନ୍ଦ୍ରକୁ ୨୦୨୨ ମସିହାରେ ମୌନଧ୍ୱନି ଫାଉଣ୍ଡେସନ ସହାୟତାରେ ପୁନରୁଦ୍ଧାର କରିଥିଲେ କଳ୍ପନା । ମହିଳାଙ୍କୁ ହସ୍ତତନ୍ତରେ ବୁଣାବୁଣି ପ୍ରଶିକ୍ଷଣ ଦେଇ ଅର୍ଥ ଉପାର୍ଜନ କରିବା ଦିଗରେ ସେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥିଲେ ।

## ବୁଣା କାର୍ଯ୍ୟରୁ ମହିଳା ସ୍ୱାବଲମ୍ବୀ

କଳ୍ପନାଙ୍କ ସମେତ ଗାଁ ର ଅନ୍ୟ ୨୫ ଜଣ ମହିଳା ଏକତ୍ର ହୋଇ ହସ୍ତତନ୍ତ ମୌଳିକ ତାଲିମ୍ ନେଇ ଗାମୁଛା, ଷ୍ଟଲ୍, ଶାଢ଼ି, ଡାଏରୀ କଭର, ବେଡ୍‌ସିଟ୍ ଆଦି ବୁଣି ବେଶ୍ ଦୁଇ ପଇସା ରୋଜଗାର କରିପାରୁଛନ୍ତି । ସୂତା କିମ୍ବା ତନ୍ତ ବିଷୟରେ କିଛି ଧାରଣା ନଥିବା ମହିଳାମାନେ ଏହି କାର୍ଯ୍ୟ କରି ରୋଜଗାରକ୍ଷମ ହୋଇପାରିଛନ୍ତି । କଳ୍ପନା ମୌନଧ୍ୱନି ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ତନ୍ତସାଥୀ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମରେ ୮ମାସ ପ୍ରଶିକ୍ଷଣ ନେଇ ଗ୍ରାମର ହସ୍ତତନ୍ତ କେନ୍ଦ୍ରର ପରିଚାଳନା ଦାୟିତ୍ୱ ନିର୍ବାହ କରୁଛନ୍ତି । ଏଥି ସହ ଅନ୍ୟ ଏକ ଗ୍ରାମରେ ମଧ୍ୟ ନୂତନ ହସ୍ତତନ୍ତ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନା ପାଇଁ ନେତୃତ୍ୱ ନେଇ କାର୍ଯ୍ୟ କରି ଆସୁଛନ୍ତି ।



## ବହୁମୁଖୀ କାର୍ଯ୍ୟରେ ଯୋଗଦାନ

ନିଜକୁ କେବଳ ହସ୍ତତନ୍ତ କଳାରେ ସୀମିତ ରଖିନାହାନ୍ତି ଗାଁ କୁ ନିଶାମୁକ୍ତ କରିବା ସହ ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷାପ୍ରଦାନ କରିବାରେ କଳ୍ପନା ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି । ଏଥିସହିତ ସେ ନିଜ ଗାଁ ତଥା ଆଖପାଖ ଗ୍ରାମର ମହିଳାଙ୍କୁ ନେଇ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ ଯଥା ଜଙ୍ଗଲପୋଡ଼ି ରୋକିବା, ବୃକ୍ଷରୋପଣ, ଜଳ ସଂରକ୍ଷଣ, ରକ୍ତଦାନ, ସଡ଼କସୁରକ୍ଷା ଆଦି ସହିତ ସେ ଗାଁ ଲୋକଙ୍କ ଦୁଃଖସୁଖରେ ସେ ନିଜକୁ ସାମିଲ ହୋଇ ଦୁଃଖ ବୁଝିଥାନ୍ତି ।

## ଆଗାମୀ ଲକ୍ଷ୍ୟ

କଳ୍ପନା କେବେ କଳ୍ପନା କରିନଥିଲେ ଯେ ହସ୍ତତନ୍ତରେ ସିଦ୍ଧହସ୍ତ ହୋଇ ବୁଣାକାର ଭାବେ ନିଜର ଏକ ପରିଚୟ ତିଆରି କରିପାରିବେ । ତାଙ୍କର ନିଷ୍ଠା, ଏକାଗ୍ରତା ଓ ଦୃଢ଼ ମନୋବଳ ପାଇଁ ଏସବୁ ସମ୍ଭବ ହୋଇଛି । ଭବିଷ୍ୟତରେ ସେ ମାଷ୍ଟରଟ୍ରେନର ଭାବେ ନୂଆ ବୁଣାକାରମାନଙ୍କୁ ପ୍ରଶିକ୍ଷଣ ଦେବାପାଇଁ ପ୍ରତିଶ୍ରୁତିବଦ୍ଧ । ନିଜ ଗାଁ ସମେତ ଆଖପାଖ ଗାଁ ଓ ମୟୂରଭଞ୍ଜ ଜିଲ୍ଲାର ଅଧିକରୁ ଅଧିକ ମହିଳାଙ୍କୁ ହସ୍ତତନ୍ତରେ ଯୋଡ଼ିବାକୁ ସେ ପ୍ରଚେଷ୍ଟାରତ ।

- ମନୋଜ ପଣ୍ଡା, ବାରିପଦା

### ପ୍ୟାରିସ୍ ଅଲିମ୍ପିକ୍ସ ଲାଗି କିଶୋର ଜେନାଙ୍କ ଆଶା

# ଜାଭେଲିନ୍‌ରେ ଭାରତ ଏକାଧିକ ପଦକ ଜିତିପାରିବ

**ଚଣ୍ଡିଗଡ, ୧୩।୩(ଏଜେନ୍ସି)**

ଜାଭେଲିନ୍ ଖେଳରେ ଭାରତ ଏବେ ଏକ ଶକ୍ତିରେ ପରିଣତ ହୋଇଛି। ଆମ ନିକଟରେ ଏକାଧିକ ପ୍ରତିଭାବାନ ଖେଳାଳି ରହିଛନ୍ତି। ସବୁଯଦି ଠିକ୍ ଠାକ୍ ଚାଲେ ତେବେ ଆସନ୍ତା ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତ ଏକାଧିକ ପଦକ ଜିତିବ ବୋଲି ଆଶା ପ୍ରକାଶ କରିଛନ୍ତି ଉଦୀୟମାନ ଜାଭେଲିନ୍ ତାରକା କିଶୋର କୁମାର ଜେନା। ଏଠାରେ ମଙ୍ଗଳବାର ଅନୁଷ୍ଠିତ ଖେଲୋ ଇଣ୍ଡିଆ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁରଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେବା ଅବସରରେ ଓଡ଼ିଶାର ଏହି ନମ୍ବରୱାନ୍ ଆଥ୍‌ଲେଟ କିଶୋର ଜେନା ଏହି ମତପ୍ରକାଶ କରିଛନ୍ତି। ଏହା ସହ ପ୍ୟାରିସ୍ ଅଲିମ୍ପିକ୍ସ ଲାଗି କିଶୋରଙ୍କୁ ମନ୍ତ୍ରୀ ଠାକୁର ଶୁଭକାମନ ଜଣାଇବା ସହ ତାଙ୍କ ସଫଳତା କାମନା କରିଛନ୍ତି।



ପ୍ୟାରିସ୍‌ରେ ହେବାକୁ ଯାଉଥିବା ଗ୍ରୀଷ୍ମକାଳୀନ ଅଲିମ୍ପିକ୍ ଆଉ ମାତ୍ର ୧୩୦ରୁ କିଛି ଅଧିକ ଦିନ ରହିଛି। ଏସିଆନ ଗେମ୍ସ ରୌପ୍ୟ ପଦକ ବିଜେତା କିଶୋର ଜେନା ବିଶ୍ୱର ଏହି ଶ୍ରେଷ୍ଠ କ୍ରୀଡ଼ା ପ୍ରତିଯୋଗିତା ଲାଗି ଜୋରଦାର ଅଭ୍ୟାସ କରୁଛନ୍ତି। ଏହି ଅଲିମ୍ପିକ୍ସକୁ ସ୍ମରଣୀୟ କରିବା ଲାଗି ଉଭୟ କିଶୋର ଓ ସ୍ୱର୍ଣ୍ଣ ପଦକ ବିଜେତା ନୀରଜ ଚୋପ୍ରା କଠିନ ଅଭ୍ୟାସ କରୁଛନ୍ତି। ଏବେ ପଟିଆଲାର ନେତାଜୀ ଇନଷ୍ଟିଚ୍ୟୁଟ ଅଫ୍ ସ୍ପୋର୍ଟ୍ସରେ କିଶୋର ଅଭ୍ୟାସ କରୁଛନ୍ତି। ଉଭୟ ପ୍ରତିଯୋଗୀ ପୁରୁଷ ଜାଭେଲିନ୍ ଥ୍ରୋ'ରେ ପ୍ୟାରିସ୍‌ରେ ପଦକ ଆଶା କରୁଛନ୍ତି। ଏହା ମଧ୍ୟ ସମ୍ଭବ ହେବ ବୋଲି କିଶୋର କହିଛନ୍ତି।

ବୁଦାପେଷ୍ଟ ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିଅନସିପ୍‌କୁ ନୀରଜଙ୍କ ସହ ଜାଭେଲିନ୍ ଥ୍ରୋ'ରେ ଯୋଗ୍ୟତା ଅର୍ଜନ କରି ସମସ୍ତଙ୍କ ନଜରକୁ ଆସିଥିଲେ। ଏହା ପରେ ୨୦୨୩ ହାଙ୍ଗଝୋଉ ଏସିଆନ ଗେମ୍ସରେ ନୀରଜ ଚୋପ୍ରାଙ୍କ ସହ ୧-୨ ସ୍ଥାନ ଲାଗି ଲଢ଼େଇ ତାଙ୍କ ଜଣେ ଶ୍ରେଷ୍ଠ ଆଥଲେଟ୍‌ରେ ପରିଣତ କରିବା ସହ ଦେଶରେ ଲୋକପ୍ରିୟ କରାଇଥିଲା। ପ୍ରଥମେ କିଶୋର ଆଗୁଆ ରହିଥିଲେ ମଧ୍ୟ ନୀରଜ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଏଥିରେ ୮୭.୫୪ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗି କିଶୋର ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଏସିଆନ ଗେମ୍ସ ଇତିହାସର ପୁରୁଷ ଜାଭେଲିନ୍ ଥ୍ରୋ'ରେ ପ୍ରଥମଥର ଭାରତର ଦୁଇ ପ୍ରତିଯୋଗୀ ପଦକ ଜିତିବାରେ ସମର୍ଥ ହୋଇଥିଲେ।

କିଶୋରଙ୍କ ମତରେ ୨୦୨୪ ମୋ ଲାଗି ଭଲ ରହିଛି। ଏହି ବର୍ଷ ଭଲ ଅଭ୍ୟାସ ହେଉଛି। ମୋତେ ସବୁଆଡୁ ସମର୍ଥନ ଓ ସହଯୋଗ ମିଳୁଛି। ସାଇ, ଟପ୍ସ ଓ ଆଥଲେଟିକ୍ ଫେଡେରେସନ ଅଫ୍ ଇଣ୍ଡିଆ ନିକଟରୁ ସମର୍ଥନ ମିଳିଛି। ମୁଁ ଦୃଢ଼ ନିଶ୍ଚିତ ଯେ ମୋର ପ୍ରଦର୍ଶନରେ ଢ଼େର ଉନ୍ନତି ଘଟିଛି। ସବୁ ଠିକ୍ ଠାକ ଚାଲିଛି। ବାକି ସବୁ ଈଶ୍ୱରଙ୍କ ଉପରେ ବୋଲି କିଶୋର କହିଛନ୍ତି। ଚଳିତ ବର୍ଷ ଡାଏମଣ୍ଡ ଲିଗ୍‌ରୁ କିଶୋର ତାଙ୍କ ଅଭିଯାନ ଆରମ୍ଭ କରିବେ। ଏହି ପ୍ରତିଯୋଗିତା ମେ' ମାସ ଦୋହାରୁ ଆରମ୍ଭ ହେବ। ଦୋହା ଲିଗ୍‌ରେ ଭଲ କରିବାକୁ କିଶୋର ଆଶାବାଦୀ ଅଛନ୍ତି। ନିକଟରେ ସେ ତାଙ୍କ ପ୍ରଶିକ୍ଷକ ସିମରନଜିତ ସିଂ ମାଲିଙ୍କ ସହ ଅଷ୍ଟ୍ରେଲିଆର ଗୋଲ୍ଡ କୋଷ୍ଟରେ ପ୍ରଶିକ୍ଷଣ ନେଇ ଫେରିଛନ୍ତି। ଏଠାରେ ପ୍ରଶିକ୍ଷଣ ସମୟରେ କିଛି ଟେକ୍‌ନିକ ପରିବର୍ତ୍ତନ ଓ କାନ୍ଧରେ ଶକ୍ତି ବୃଦ୍ଧି ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ପ୍ୟାରିସ୍ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ କରିବାରେ କିଶୋର ପ୍ରଥମ ଓଡ଼ିଆ ଜାଭେଲିନ୍ ଫିଙ୍ଗାଳି ହୋଇଛନ୍ତି।

## ଫାଇନାଲରେ ଦିଲ୍ଲୀ କ୍ୟାପିଟାଲ୍ସ

**ନୂଆଦିଲ୍ଲୀ, ୧୩।୩ (ଏଜେନ୍ସି):** ଯୁବ ଓପନର ଶେଫାଳି ବର୍ମା (୩୭ ବଲ୍‌ରେ ୭୧ ରନ୍, ୭ ଚୌକା, ୫ଛକା) ଓ ଜେମିମା ରୋଡ୍ରିଗ୍ସେଜ୍ (୨୮ ବଲ୍‌ରେ ୩୮*)ଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଗୁଜରାଟ ଜାଏଣ୍ଟସକୁ ୭ ୱିକେଟରେ ହରାଇ ଦିଲ୍ଲୀ କ୍ୟାପିଟାଲ୍ସ ମହିଳା ପ୍ରିମିୟର ଲିଗ୍‌ର ଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ୍ ପରେ ଦିଲ୍ଲୀ ୮ମ ମୁକାବିଲାରୁ ୬ଷ୍ଠ ବିଜୟ ସହ

**ମହିଳା ପ୍ରିମିୟର ଲିଗ୍**

ଦିଲ୍ଲୀ ୧୨ ପଏଣ୍ଟ ହାସଲ କରି ପଏଣ୍ଟ ସାରଣୀରେ ପ୍ରଥମ ସ୍ଥାନରେ ରହିଛି। ପଏଣ୍ଟ ସାରଣୀର ଦ୍ୱିତୀୟ ସ୍ଥାନରେ ଥିବା ମୁମ୍ବାଇ ଇଣ୍ଡିଆନ୍ସ ଓ ତୃତୀୟ ସ୍ଥାନରେ ଥିବା ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ୧୫ ତାରିଖ ଏଲିମିନେଟର ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ସହ ଦିଲ୍ଲୀ ୧୭ ତାରିଖ ରବିବାର ଫାଇନାଲ ଖେଳିବ। ଏଠାରେ ପ୍ରଥମେ ବ୍ୟାଟିଂ କରି ଗୁଜରାଟ ୯ ୱିକେଟରେ ୧୨୬ ରନ୍ କରିଥିଲା। ଜବାବରେ ଦିଲ୍ଲୀ ୧୩.୧ ଓଭରରେ ୩ ୱିକେଟ ହରାଇ ବିଜୟୀ ହୋଇଥିଲା।

**● ଆଇସିସି ଟେଷ୍ଟ ମାନ୍ୟତା**

## ବୁମ୍‌ରାଙ୍କୁ ହଟାଇ ଅଶ୍ୱିନ ନଂ ୧

**ଦୁବାଇ,୧୩।୩(ଏଜେନ୍ସି):** ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଟେଷ୍ଟ ମାନ୍ୟତାରେ ଭାରତୀୟ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ବୋଲିଂ ତାଲିକାର ଶୀର୍ଷ ସ୍ଥାନ ଅକ୍ତିଆର କରିଛନ୍ତି। ସେ ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରାଙ୍କୁ ହଟାଇ ନଂ ୧ ସ୍ଥାନ ହାସଲ କରିଛନ୍ତି। ଗତ ସପ୍ତାହରେ ସେ ଧର୍ମଶାଳାରେ କ୍ୟାରିୟରର ୧୦୦ତମ ଟେଷ୍ଟ ଖେଳିଥିଲେ। ବୁମ୍‌ରା ଦୁଇଟି ସ୍ଥାନ ତଳକୁ ଖସି ତୃତୀୟ ସ୍ଥାନକୁ ଖସିଛନ୍ତି। ଅଷ୍ଟ୍ରେଲିଆର ଜୋଶ ହାଜଲେଉଡ୍ ଦ୍ୱିତୀୟ, ଦକ୍ଷିଣ ଆଫ୍ରିକା କାଗିସୋ ରାବାଡ଼ା ଚତୁର୍ଥ, ଅଷ୍ଟ୍ରେଲିଆର ପ୍ୟାଟ କମିନ୍ସ ୫ମ ସ୍ଥାନରେ ରହିଛନ୍ତି। ସେହିପରି ସ୍ପିନର ରବିନ୍ଦ୍ର ଜାଡେଜା ୭ମ ସ୍ଥାନରେ ରହିଛନ୍ତି। ବୋଲିଂ ତାଲିକାରେ ଶ୍ରେଷ୍ଠ-୧୦ରେ ୩ଜଣ ଭାରତୀୟ ସ୍ଥାନିତ ହୋଇଛନ୍ତି।



### ଅଶ୍ୱିନ ଷଷ୍ଠଥର ପାଇଁ ଶୀର୍ଷରେ ପହଞ୍ଚିଲେ

ଏଥିସହ ଅଶ୍ୱିନ ଷଷ୍ଠଥର ପାଇଁ ଶୀର୍ଷସ୍ଥାନ ଅଧିକାର କରିଛନ୍ତି। ସେ ପ୍ରଥମଥର ପାଇଁ ୨୦୧୬ରେ ନଂ୧ ସ୍ଥାନରେ ପହଞ୍ଚିଥିଲେ। ଇଂଲଣ୍ଡ ବିପକ୍ଷ ୫ମ ଟେଷ୍ଟରେ ସେ ମୋଟ୍ ଉପରେ ୯ଟି ୱିକେଟ ନେଇଥିଲେ। ଭାରତ ଏହି ସିରିଜରେ ୪-୧ରେ ବିଜୟୀ ହୋଇଥିଲା। ଅନ୍ୟତମ ସ୍ପିନର କୁଲଦୀପ ଯାଦବ ୧୫ଟି ପାହାଚ ଉପରକୁ ଉଠି ୧୬ତମ ସ୍ଥାନରେ ପହଞ୍ଚିଛନ୍ତି।

### ବ୍ୟାଟିଂ ତାଲିକାରେ ରୋହିତ, ଗିଲ, ଯଶସ୍ୱୀଙ୍କ ଉନ୍ନତି

ଟେଷ୍ଟ ମାନ୍ୟତାର ବ୍ୟାଟିଂ ତାଲିକାରେ ଅଧିନାୟକ ରୋହିତ ଶର୍ମା, ଓପନର ଯଶସ୍ୱୀ ଜୟସ୍ୱାଲ ଓ ଶୁବମାନ ଗିଲଙ୍କ ଉନ୍ନତି ହୋଇଛି। ରୋହିତ ୫ଟି ସ୍ଥାନ ଉପରକୁ ଉଠି ଷଷ୍ଠ ସ୍ଥାନରେ ପହଞ୍ଚିଛନ୍ତି। ସେହିପରି ଗିଲ୍ ୧୧ଟି ସ୍ଥାନ ଉପରକୁ ଉଠି ବିଂଶତମ ସ୍ଥାନରେ ପହଞ୍ଚିଛନ୍ତି। ସେହି ଜୟସ୍ୱାଲ ଦୁଇଟି ସ୍ଥାନ ଉପରକୁ ଉଠି ଷଷ୍ଠ ସ୍ଥାନରେ ପହଞ୍ଚିଛନ୍ତି। ସୁପରଷ୍ଟାର ବିରାଟ କୋହଲି ୯ମ ସ୍ଥାନରେ ସ୍ଥିର ରହିଛନ୍ତି। ବ୍ୟାଟିଂ ତାଲିକାରେ ଶ୍ରେଷ୍ଠ ୧୦ରେ ୩ଜଣ ଭାରତୀୟ ରହିଛନ୍ତି।

### ଅଲରାଉଣ୍ଡର ମାନ୍ୟତାରେ ୩ ଭାରତୀୟ

ଅଲରାଉଣ୍ଡର ମାନ୍ୟତାରେ ୩ଜଣ ଭାରତୀୟ ସ୍ଥାନ ବଜାୟ ରଖିଛନ୍ତି। ରବିନ୍ଦ୍ର ଜାଡେଜା ଶୀର୍ଷ ସ୍ଥାନରେ ରହିଥିବା ବେଳେ ଅଶ୍ୱିନ ଦ୍ୱିତୀୟ ଓ ଅକ୍ଷର ପଟେଲ ଷଷ୍ଠ ସ୍ଥାନରେ ରହିଛନ୍ତି। ବାଂଲାଦେଶ ସାକିବ ଅଲ ହାସନ ତୃତୀୟ ସ୍ଥାନରେ ରହିଛନ୍ତି।

## ଆଇପିଏଲ୍‌ରୁ ଓହରିଲେ ହ୍ୟାରି ବ୍ରୁକ୍

**ନୂଆଦିଲ୍ଲୀ,୧୩।୩(ଏଜେନ୍ସି):** ଇଂଲଣ୍ଡ ତାରକା ବ୍ୟାଟର ହ୍ୟାରି ବ୍ରୁକ୍ ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରୁ ଓହରିଯିବାକୁ ନିଷ୍ପତ୍ତି ନେଇଛନ୍ତି। ସେ ବୁଧବାର ବ୍ୟକ୍ତିଗତ କାରଣ ଦର୍ଶାଇ ବିଶ୍ୱର ସବୁଠାରୁ ଏହି ଧନୀ କ୍ରିକେଟ ଲିଗ୍‌ରୁ ନିଜର ନାମ ଫେରାଇ ନେଇଛନ୍ତି। ଫଳରେ ଋଷଭ ପନ୍ତଙ୍କ ନେତୃତ୍ୱାଧୀନ ଦିଲ୍ଲୀ କ୍ୟାପିଟାଲ୍ସକୁ ଶକ୍ତ ଧକ୍କା ଲାଗିଛି। ଇଂଲଣ୍ଡର ଚତୁର୍ଥ କ୍ରିକେଟର ଭାବେ ସେ ଆଇପିଏଲରୁ ଓହରିଯାଇଛନ୍ତି। ୨୫ ବର୍ଷୀୟ ବ୍ରୁକ୍‌ଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ ଗତ ନୀଲାମିରେ ୪ କୋଟି ଟଙ୍କା ବିନିମୟରେ କ୍ରୟ କରିଥିଲା। ଦିଲ୍ଲୀ କ୍ୟାପିଟାଲ୍ସ ଏପର୍ଯ୍ୟନ୍ତ ତାଙ୍କ ବଦଳ ଖେଳାଳିଙ୍କ ନାମ ଘୋଷଣା କରିନାହିଁ।



## ରିଚାର୍ଡ ହାଡ୍‌ଲି ପଦକ ଜିତିବାରେ ରଚିନ ସର୍ବକନିଷ୍ଠ

**ୱେଲିଂଟନ,୧୩।୩(ଏଜେନ୍ସି):** ନ୍ୟୁଜିଲାଣ୍ଡ ଅଲରାଉଣ୍ଡର ରଚିନ ରବିନ୍ଦ୍ର ସମ୍ମାନଜନକ ସାର୍ ରିଚାର୍ଡ ହାଡଲି ପଦକ ତଥା ପୁରସ୍କାର ହାସଲ କରିଛନ୍ତି। ଏହି ପଦକ ହାସଲ କରିବାରେ ରଚିନ ସର୍ବକନିଷ୍ଠ ସାବ୍ୟସ୍ତ ହୋଇଛନ୍ତି। ୨୪ ବର୍ଷୀୟ ରଚିନ୍ ନିଜକୁ ରେଡ୍ ଓ ହ୍ୱାଇଟ୍ ବଲ୍ କ୍ରିକେଟରେ ନ୍ୟୁଜିଲାଣ୍ଡ ପାଇଁ ଜଣେ ଗୁରୁତ୍ୱପୂର୍ଣ୍ଣ ଖେଳାଳିଭାବେ ପ୍ରତିଷ୍ଠିତ କରିଛନ୍ତି। ଭାରତରେ ଅନୁଷ୍ଠିତ ଗତ ଦିନିକିଆ ବିଶ୍ୱକପ୍‌ରେ ସେ ୬୪ ରନ ହାରରେ ମୋଟ୍ ଉପରେ ୫୭୮ ରନ ସଂଗ୍ରହ କରିଛନ୍ତି। ଏଥିରେ ତାଙ୍କର ୩ଟି ଶତକ ଓ ଦୁଇଟି ଅର୍ଦ୍ଧଶତକ ସାମିଲ ରହିଛି। ଇଂଲଣ୍ଡ ବିପକ୍ଷ ପ୍ରଥମ ମୁକାବିଲାରେ ସେ ଅପରାଜିତ ୧୨୩ ରନର ଶତକୀୟ ପାଳି ଖେଳିଥିଲେ।







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA